# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-336 ♦THURSDAY ♦4 JUNE 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୩୬ ♦ଗୁରୁବାର ♦୪ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଶାହରୁଖ୍‌ଙ୍କ ସବୁଠୁ ବଡ଼ ମ୍ୟୁଜିକ୍ ଡିଲ୍

▶ପୃଷ୍ଠା ୧୧ ଦେଖନ୍ତୁ...

# ଦିଲ୍ଲୀ ହୋଟେଲରେ ଅଗ୍ନିକାଣ୍ଡ; ୨୧ ମୃତ

## ମୃତକଙ୍କ ମଧ୍ୟରେ ୧୮ ବିଦେଶୀ

## ପିଲାଙ୍କୁ ଧରି ଡେଇଁଲେ ମହିଳା

■ ନୂଆଦିଲ୍ଲୀ, ୩।୬(ଏଜେନ୍ସି): ଦକ୍ଷିଣ ଦିଲ୍ଲୀର ମାଲବ୍ୟ ନଗର ଅଞ୍ଚଳରେ ଥିବା ଏକ ହୋଟେଲରେ ବୁଧବାର ସକାଳେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଅତିକମରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାରେ ୪୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ନିଆଁ ଓ କଳା ଧୂଆଁର ଆସ୍ତରଣ ମଧ୍ୟରେ ଫସି ରହିଥିବା ମହିଳା ପିଲାଙ୍କୁ କୋଳରେ ଧରି ଜୀବନ ବଞ୍ଚାଇବା ପାଇଁ କୋଠାରୁ ତଳକୁ ଡେଇଁପଡୁଥିବାର ହୃଦୟବିଦାରକ ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି ।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟା ସମୟରେ ଏହି ଅଗ୍ନିକାଣ୍ଡ ସମ୍ପର୍କରେ ଦମକଳ ବାହିନୀକୁ ଖବର ମିଳିଥିଲା । ଏହାପରେ ପ୍ରାୟ ୮ଟି ଦମକଳ ଗାଡ଼ି ଏବଂ ଜରୁରୀକାଳୀନ ସେବା ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ମୃତକଙ୍କ ମଧ୍ୟରେ ୧୮ ଜଣ ବିଦେଶୀ ନାଗରିକ ଥିବା ଜଣାପଡ଼ିଛି, ଯେଉଁମାନେ ମୁଖ୍ୟତଃ ଆଫ୍ରିକା ଏବଂ ମଧ୍ୟ ଏସିଆର ବିଭିନ୍ନ ଦେଶରୁ ଆସିଥିଲେ । ଅନେକ ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା କରାଯାଉଛି । ଅନେକ ମୃତଦେହ ପୋଡ଼ିଯାଇଥିବାରୁ ସେମାନଙ୍କୁ ଚିହ୍ନଟ କରିବା ସମ୍ଭବ ହେଉନାହିଁ ।

ଏହି ଦୁର୍ଘଟଣା ପଛରେ ହୋଟେଲ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଏବଂ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ ସାମ୍ନାକୁ ଆସିଛି । ସରକାରୀ ସୂତ୍ର ଅନୁସାରେ, ଉକ୍ତ ହୋଟେଲକୁ ମାତ୍ର ୬ଟି କୋଠରି ପାଇଁ ଅନୁମତି ମିଳିଥିଲା, କିନ୍ତୁ ସେଠାରେ ବେଆଇନ ଭାବେ ୨୫ଟି କୋଠରି ଥିଲା । ଏପରିକି ହୋଟେଲର ମାଟିତଳ ମହଲା ବା ବେସମେଣ୍ଟରେ ମଧ୍ୟ କୋଠା ନିର୍ମାଣ କରାଯାଇଥିଲା, ଯେଉଁଠାରୁ ତିନିଜଣଙ୍କୁ ଉଦ୍ଧାର କରାଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ସମଗ୍ର ବିଲ୍ଡିଂରେ ଯାତାୟାତ ପାଇଁ ମାତ୍ର ଗୋଟିଏ ପ୍ରବେଶ ଏବଂ ପ୍ରସ୍ଥାନ ଦ୍ୱାର ଥିଲା । ଇତିମଧ୍ୟରେ ହୋଟେଲର ମାଲିକ ଲବକେଶ ବଜାଜଙ୍କୁ ପୁଲିସ ଆଜି ରାତିରେ ଗିରଫ କରିଛି ।



# ମମତାଙ୍କୁ ଝଟ୍‌କା
# ଟିଏମ୍‌ସି ଦୁଇଫାଳ

## ୫୮ ବିଧାୟକଙ୍କୁ ନେଇ ନୂଆ ଗୋଷ୍ଠୀ ଗଢ଼ିଲେ ରତବ୍ରତ

■ କୋଲକାତା, ୩।୬ (ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ତୃଣମୂଳ କଂଗ୍ରେସ (ଟିଏମସି) ସୁପ୍ରିମୋ ମମତା ବାନାର୍ଜୀଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି । ରାଜ୍ୟରେ ବ୍ୟାପକ ହିଂସା ଏବଂ ଦଳୀୟ କାଉନସିଲରଙ୍କ ଇସ୍ତଫା ଯୋଗୁଁ ଅକଳରେ ପଡ଼ିଥିବା ମମତାଙ୍କୁ ଆଜି ତାଙ୍କ ରାଜନୈତିକ ଜୀବନର ସବୁଠାରୁ ବଡ଼ ଝଟକା ଲାଗିଛି । ତାଙ୍କ ନାମରେ ବିଧାନସଭାକୁ ନିର୍ବାଚିତ ହୋଇଥିବା ୮୦ ବିଧାୟକଙ୍କ ମଧ୍ୟରୁ ୫୮ ବିଧାୟକ ଆଜି ବିଦ୍ରୋହ କରିଛନ୍ତି । ମମତାଙ୍କ ହାତ ଛାଡ଼ି ସେମାନେ ସ୍ୱତନ୍ତ୍ର ଗୋଷ୍ଠୀ ଗଠନ କରିବା ସହିତ ନିଜକୁ ପ୍ରକୃତ ଟିଏମ୍‌ସି ବୋଲି ଦାବି କରିଛନ୍ତି । କେବଳ ଏତିକି ନୁହେଁ, ଦଳରୁ ବହିଷ୍କୃତ ହୋଇଥିବା ନବନିର୍ବାଚିତ ବିଧାୟକ ରତବ୍ରତ ବାନାର୍ଜୀଙ୍କୁ ଏହି ଗୋଷ୍ଠୀ ଏହାର ନେତା ନିର୍ବାଚିତ କରିଛି । ବାଚସ୍ପତି ମଧ୍ୟ ତାଙ୍କୁ ବିରୋଧୀ ଦଳ ନେତାର ମାନ୍ୟତା ପ୍ରଦାନ କରିଛନ୍ତି । ବିବାଦୀୟ ପରିସ୍ଥିତି ମଧ୍ୟରେ ରତବ୍ରତଙ୍କୁ ବାଚସ୍ପତି ମାନ୍ୟତା ପ୍ରଦାନ କରିବା ପରେ ପଶ୍ଚିମ ବଙ୍ଗ ରାଜନୀତିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ଟିଏମ୍‌ସିର ୨୮ ବର୍ଷର ଇତିହାସରେ ଆଜି ପ୍ରଥମ ଥର ଲାଗି ଏଭଳି ବି।।ଦ୍ରୋହ ମମତାଙ୍କ ରାଜନୀତି ପ୍ରତି ଚାଲେଞ୍ଜ ହୋଇଛି ।



ରାଜ୍ୟ ବିଧାନସଭାକୁ ପ୍ରଥମ ଥର ଲାଗି ନିର୍ବାଚିତ ହୋଇଥିବା ରତବ୍ରତଙ୍କ ନେତୃତ୍ୱରେ ଆଜି ଟିଏମ୍‌ସିର କେତେକ ବିଧାୟକ ବାଚସ୍ପତିଙ୍କୁ ଭେଟି ଏକ ପତ୍ର ପ୍ରଦାନ କରିଥିଲେ । ଏଥିରେ ପାର୍ଟିର ୫୮ ଜଣ ବିଧାୟକଙ୍କ ସ୍ୱାକ୍ଷର ଥିଲା । ରତବ୍ରତଙ୍କୁ ବିରୋଧୀ ଦଳର ନେତାର ମାନ୍ୟତା ଦେବାଲାଗି ପତ୍ରରେ ଅନୁରୋଧ କରାଯାଇଥିଲା । ବାଚସ୍ପତି ତତକ୍ଷଣାତ୍ ଏହି ପତ୍ର ସ୍ୱୀକାର କରି ରତବ୍ରତଙ୍କୁ ବିରୋଧୀ ଦଳର ମାନ୍ୟତା ପ୍ରଦାନ କରିଛନ୍ତି । ଏହାପରେ ଏକ ସାମ୍ବାଦିକ ସମ୍ମିଳନୀରେ ରତବ୍ରତ କହିଛନ୍ତି ଯେ ମମତା ବାନାର୍ଜୀ ତାଙ୍କ ଦଳର ମୁଖ୍ୟ ହୋଇ ▶ପୃଷ୍ଠା-୭

# ରାମେଶ୍ୱର-ପାରାଦ୍ୱୀପ ଉପକୂଳ ରାଜପଥକୁ ମଞ୍ଜୁରୀ

■ ଭୁବନେଶ୍ୱର, ୩।୬ (ସମିସ): ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ବୈଠକରେ ଓଡ଼ିଶାର ଉପକୂଳ ରାଜପଥ ପ୍ରକଳ୍ପକୁ ମିଳିଛି ମଞ୍ଜୁରୀ । ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ୧୬୦.୧୮ କିଲୋମିଟର ପ୍ରକଳ୍ପ ଲାଗି ୮,୩୦୦.୭୯ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି ।



୧୬୦ କିମି ରାସ୍ତା ପାଇଁ ଖର୍ଚ୍ଚ ହେବ ୮୩୦୦ କୋଟି

ନୂତନ ଉପକୂଳ ରାଜପଥ ବର୍ତ୍ତମାନ ୧୬ ନମ୍ବର ଜାତୀୟ ରାଜପଥର ନେଟୱାର୍କ ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପର ଏକ ଅଂଶବିଶେଷ । ଏହା ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଜିଲ୍ଲା ଦେଇ ଯିବାର ପ୍ରସ୍ତାବ ରହିଛି । ୬ ଲେନ୍ ବିଶିଷ୍ଟ ଏନଏଚ୍-୧୬ ପୂର୍ବରୁ ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ଆଦି ପ୍ରମୁଖ ସହରକୁ ଯୋଡ଼ି ସାରିଛି । ସେହିପରି ଏନଏଚ-୩୧୬ ଭୁବନେଶ୍ୱର-ପୁରୀକୁ ସଂଯୋଗ କରିବା ସହିତ ସାତପଡ଼ା ଓ କୋଣାର୍କକୁ ସଂଯୋଗ କରୁଛି । ତେବେ ପୁରୀ-ସାତପଡ଼ା ଓ ପୁରୀ-କୋଣାର୍କ ଭାଗରେ ସଡ଼କର ଜ୍ୟାମିତିକ ଢାଞ୍ଚା ଖରାପ ରହିଛି । ଏହି ରାଜପଥ ପାଶ୍ୱର୍ରେ ଅନେକ ନିର୍ମାଣ କାର୍ଯ୍ୟ ହୋଇଛି ଏବଂ ରାସ୍ତାକଡ଼ରେ ସ୍ଥାନୀୟ ଯାତ୍ରୀଙ୍କ ଭିଡ଼ ବହୁତ ଅଧିକ ହୋଇ ଆସୁଛି । ଏସବୁ କାରଣରୁ ଦୀର୍ଘ ଦୂରଗାମୀ ଯାନବାହନ ଚଳାଚଳ ପାଇଁ ଏହି ମାର୍ଗ ଅତ୍ୟନ୍ତ ଅନୁପଯୁକ୍ତ ହୋଇପଡ଼ିଛି । ପ୍ରସ୍ତାବିତ ଯୋଜନା ଅନୁଯାୟୀ ପ୍ୟାକେଜ୍ ୧ରେ ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ସଡ଼କ ନିର୍ମାଣ ▶ପୃଷ୍ଠା-୭

## ଅହଂକାରର ସୀମା ଟପୁଛନ୍ତି ପ୍ରଶାସନିକ ଅଧିକାରୀ

# ଜିଲ୍ଲା ପରିଷଦ ବୈଠକରେ ସଦସ୍ୟଙ୍କ ଆତ୍ମାହୁତି ଉଦ୍ୟମ

■ଖୋର୍ଦ୍ଧା, ୩।୬ (ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଘଟିଛି ଏକ ଅଭାବନୀୟ ଘଟଣା । ନିର୍ବାଚିତ ପ୍ରତିନିଧିମାନଙ୍କୁ ବୋଲଗଡ ବିଡିଓ ସୁମନସୁଧା କୁଣ୍ଡୁଙ୍କ ଦୁର୍ବ୍ୟବହାର ଏବଂ ଅସହଯୋଗ ମନୋଭାବ ପ୍ରତିବାଦରେ ୨୭ ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ ବୈଠକରେ



୭ ଦିନ ଭିତରେ ସମାଧାନ ନ କଲେ ଆନ୍ଦୋଳନ ଚେତାବନୀ

ପେଟ୍ରୋଲ ଢାଳିହୋଇ ଆତ୍ମାହୁତି ଉଦ୍ୟମ କରିଛନ୍ତି । ବୈଠକରେ ଉପସ୍ଥିତ ଅନ୍ୟ ସଦସ୍ୟମାନେ ତାଙ୍କୁ କାବୁ କରି ନେବାରୁ ଅଳ୍ପକେ ଏକ ଅଘଟଣ ଟଳି ଯାଇଛି । ତେବେ ବୈଠକରେ ଖୋଦ୍ ଜିଲ୍ଲାପାଳ ଏବଂ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ହେଁ, ସଦସ୍ୟଙ୍କ ଆତ୍ମାହୁତି ଉଦ୍ୟମ ବେଳେ ନୀରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଥିଲା । ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ସଭାପତି ପ୍ରଶାନ୍ତ ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁଙ୍କ ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲେ ହେଁ ୭ ଦିନରେ ସମାଧାନ ନ ହେଲେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସଦସ୍ୟମାନେ ଚେତାବନୀ ଦେଇଛନ୍ତି ।

ବୁଧବାର ଦିନ ପ୍ରାୟ ୧୧ଟାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁଙ୍କ ସ୍ୱାଗତ ଭାଷଣ ପରେ ବୈଠକ ଆରମ୍ଭ ହୋଇଥିଲା । ବେଗୁନିଆ ବିଧାୟକ ପ୍ରଦୀପ ସାହୁଙ୍କ ବକ୍ତବ୍ୟ ସରିବା ପରେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ ମୋର କିଛି କହିବାର ଅଛି କହି ଠିଆ ହୋଇଥିଲେ । ମାତ୍ର କେହି କିଛି ବୁଝିବା ପୂର୍ବରୁ ପାଖରେ ରଖିଥିବା ଏକ ବ୍ୟାଗରୁ ପେଟ୍ରୋଲ ବୋତଲ ବାହାର କରି ନିଜ ଦେହରେ ଢାଳିହୋଇ ପଡ଼ିଥିଲେ ଓ ଦିଆସିଲି ଲଗାଇବାକୁ ଉଦ୍ୟମ କରିଥିଲେ । ଅନ୍ୟମାନେ ତାଙ୍କଠାରୁ ଦିଆସିଲି ଛଡ଼ାଇ ନେଇଥିଲେ । ବୋଲଗଡ଼ ବିଡ଼ିଓଙ୍କ ଦୁର୍ବ୍ୟବହାର, ଉପେକ୍ଷା ଓ ଅସହଯୋଗକୁ ବିରୋଧ କରି ସେ ଆତ୍ମାହୁତି ଦେଉଥିବା ଶ୍ରୀ ଛୋଟରାୟ କହିଥିଲେ । ଏହାକୁ ନେଇ ବୈଠକର ପ୍ରବଳ ହୋ-ହଲ୍ଲା ହୋଇଥିଲା । ସେଠାରେ ଉପସ୍ଥିତ ଥିବା ବୋଲଗଡ ଅଂଚଳର ଅନ୍ୟ ଜନ ପ୍ରତିନିଧିମାନେ ମଧ୍ୟ ବିଡିଓଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ▶ପୃଷ୍ଠା-୭

# ପୁରୀରେ ବ୍ରିକ୍ସ ସମ୍ମିଳନୀ ଆରମ୍ଭ


## ବିପର୍ଯ୍ୟୟ ପରିଚାଳନା ପାଇଁ ୧୧ ଦେଶର ପ୍ରତିନିଧିଙ୍କ ମାନସମନ୍ଥନ




## ଆଜି ଯୋଗଦେବେ ମୁଖ୍ୟମନ୍ତ୍ରୀ

■ ପୁରୀ, ୩।୬ (ସମିସ): ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସହଯୋଗ ଓ ଜ୍ଞାନ ବିନିମୟକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ବୁଧବାରଠାରୁ ପୁରୀରେ ବ୍ରିକ୍ସ-୨୦୨୬ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀ (ଡିଆର୍‌ଆର୍‌ଜି)ର ବୈଠକ ଆରମ୍ଭ ହୋଇଛି । ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପକ୍ଷରୁ ଆୟୋଜିତ ଏହି ତିନିଦିନିଆ ଆନ୍ତର୍ଜାତିକ ବୈଠକରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରମାନଙ୍କ ପ୍ରତିନିଧି ଓ ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞମାନେ ଯୋଗଦେଇଛନ୍ତି । 'ପ୍ରତିରୋଧ କ୍ଷମତା, ନୂତନ ଜ୍ଞାନକୌଶଳ, ପାରସ୍ପରିକ ସହଯୋଗ ତଥା ସମନ୍ୱୟ ଏବଂ ନିରନ୍ତର ଧାରଣୀୟ ବିକାଶର ନିର୍ମାଣ' ଶୀର୍ଷକରେ ଆୟୋଜିତ ▶ପୃଷ୍ଠା-୭

# ବ୍ରିକ୍ସ ପ୍ରତିନିଧିଙ୍କୁ ନବୀନଙ୍କ ସ୍ୱାଗତ



## ରେଖାଙ୍କିତ କଲେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଯାତ୍ରା

## ନବୀନ ଆଣିଥିଲେ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ନୀତି

■ ଭୁବନେଶ୍ୱର, ୩।୬ (ସମିସ): ପୁରୀରେ ୩ ଦିନିଆ ବ୍ରିକ୍ସ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟଗୋଷ୍ଠୀ ବୈଠକ ଆରମ୍ଭ ହୋଇଛି । ଏହି ବୈଠକରେ ଯୋଗ ଦେବାକୁ ଓଡ଼ିଶା ଆସିଥିବା ବ୍ରିକ୍ସ ଦେଶ ଓ ବିଭିନ୍ନ ରାଜ୍ୟର ପ୍ରତିନିଧିମାନଙ୍କୁ ଏକ୍ସ ଯୋଗେ ସ୍ୱାଗତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହାସହିତ ୧୯୯୯ ମସିହା ପରଠାରୁ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ଯାତ୍ରାକୁ ରେଖାଙ୍କିତ କରିଛନ୍ତି । ଏକ୍ସରେ ନବୀନ କହିଛନ୍ତି ଯେ ବ୍ରିକ୍ସ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟଗୋଷ୍ଠୀ ବୈଠକ ପୁରୀରେ ଆୟୋଜନ ହେଉଥିବା ଦେଖି ଗର୍ବ ଅନୁଭବ କରୁଛି । ୧୯୯୯ ମହାବାତ୍ୟା ପରଠାରୁ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ଗୁଡ଼ିକୁ ଗୋଟିଏ ନୀତି 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ଦ୍ୱାରା ସାହସ ଏବଂ ଦୃଢ଼ ବିଶ୍ୱାସର ସହ ସମ୍ମୁଖୀନ ▶ପୃଷ୍ଠା-୭

# ଗୁଣିଆକୁ ପିଟିପିଟି ମାରିଦେଲେ

■ ବୈପାରୀଗଡ଼ା, ୩।୬ (ସମିସ): ଗୋଟିଏ ପରିବାର ୩ ଜଣଙ୍କ ଅପମୃତ୍ୟୁ ପରେ ଗୁଣିଆକୁ ପିଟି ପିଟି ହତ୍ୟା କରାଯାଇଛି । କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନା ଅନ୍ତର୍ଗତ ଘୁମର ପଞ୍ଚାୟତର ଝଡିଗୁଡା ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା । ମୃତକ ସେହି ଗାଁର ନାରାୟଣ ମିନରବାଲିଆ ବୋଲି ଜଣାପଡ଼ିଛି । ତାଙ୍କୁ କାଠଫାଳିଆରେ ପିଟି ପିଟି ହତ୍ୟା କରାଯାଇଥିବା ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅପରପକ୍ଷେ ହତ୍ୟା ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଛି । ପୁଲିସ ଦୁଇଟି ହତ୍ୟା ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ସତର୍କ କଲା ଜାତିସଂଘ
# ଦୁର୍ବଳ ମୌସୁମୀ; ମରୁଡ଼ି ଆଶଙ୍କା

## ସମୁଦ୍ରର ଜଳସ୍ତର ସ୍ୱାଭାବିକଠାରୁ ୬ ଡିଗ୍ରୀ ଅଧିକ ଉତ୍ତପ୍ତ

## ପ୍ରସ୍ତୁତ ରହିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ର କୃଷିମନ୍ତ୍ରୀଙ୍କ ପରାମର୍ଶ



■ ନୂଆଦିଲ୍ଲୀ, ୩।୬ (ଏଜେନ୍ସି): ସମୁଦ୍ରର ଜଳସ୍ତର ସ୍ୱାଭାବିକ ତାପମାତ୍ରାଠାରୁ ୬ ଡ଼ିଗ୍ରୀ ଅଧିକ ଉତ୍ତପ୍ତ ରହିଛି । ଜାତିସଂଘ ସହ ସଂପୃକ୍ତ ବିଶ୍ୱ ପାଣିପାଗ ସଂଗଠନ ଏହାକୁ ନେଇ ଚିନ୍ତାପ୍ରକଟ କରିବା ସହିତ ୨୦୨୬ରେ ମୌସୁମୀ ସବୁଠାରୁ ଦୁର୍ବଳ ରହିବ ଆଶଙ୍କା ପ୍ରକାଶ କରିଛି । ଏଲ୍-ନିନୋ ପରିସ୍ଥିତି ଯୋଗୁଁ ଚଳିତ ବର୍ଷ ଭାରତ ସମେତ କିଛି ଦେଶ।।ରେ କମ୍ ବର୍ଷା ହୋଇପାରେ ବୋଲି ଆକଳନ କରିଛି । ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ଏଲ୍-ନିନୋ ସକ୍ରିୟ ହେବାର ସମ୍ଭାବନା ୮୦ ପ୍ରତିଶତ ରହିଛି ଓ ଏହା ନଭେମ୍ବର ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ୯୦ ପ୍ରତିଶତ ଅଧିକ । ଏହାଫଳରେ ଉଷ୍ଣପ୍ରବାହ, ମରୁଡ଼ି, ଅସ୍ୱାଭାବିକ ବର୍ଷା ଓ ଅନ୍ୟାନ୍ୟ ଚରମ ପାଣିପାଗ ଘଟଣା ବୃଦ୍ଧି ପାଇପାରେ ବୋଲି ବିଶ୍ୱ ପାଣିପାଗ ସଂଗଠନ ଆକଳନ କରିଛି । ସେଥିପାଇଁ ସମସ୍ତ ପ୍ରଭାବିତ ଦେଶର ସରକାର, କୃଷି, ସ୍ୱାସ୍ଥ୍ୟ ଓ ଶକ୍ତି ବିଭାଗକୁ ପୂର୍ବରୁ ପ୍ରସ୍ତୁତ ରହିବାକୁ ସଂଗଠନ ପରାମର୍ଶ ଦେଇଛି ।

ବିଶେଷଜ୍ଞମାନଙ୍କ ମତରେ ଏଲ୍-ନିନୋ ଶକ୍ତିଶାଳୀ ହେବାଦ୍ୱାରା ୨୦୨୬ର ମୌସୁମୀ ବର୍ଷା ଗତ ୧୧ ବର୍ଷ ମଧ୍ୟରେ ସବୁଠାରୁ ଦୁର୍ବଳ ହୋଇପାରେ । ଏହା କୃଷି ଉତ୍ପାଦନ, ଜଳ ସଂରକ୍ଷଣ, ଗ୍ରାମୀଣ ଅର୍ଥନୀତି ଏବଂ ଖାଦ୍ୟ ମୂଲ୍ୟ ଉପରେ ସିଧାସଳଖ ପ୍ରଭାବ ପକାଇପାରେ । ବିଶ୍ୱକୁ ଏକ ସମ୍ଭାବ୍ୟ ଶକ୍ତିଶାଳୀ ଏଲ୍-ନିନୋ ପାଇଁ ପ୍ରସ୍ତୁତ ହେବା ଦରକାର, କାରଣ ଏହା ମରୁଡ଼ି ଓ ତାପପ୍ରବାହର ବିପଦକୁ ଆହୁରି ବଢ଼ାଇବାର ଆଶଙ୍କା ରହିଛି । ଫଳରେ କୃଷି ଉତ୍ପାଦନ, ପାନୀୟ ଜଳ ଯୋଗାଣ ଏବଂ ବିଦ୍ୟୁତ ଉତ୍ପାଦନ ଏହାଫଳରେ ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି ।

ଜାତିସଂଘର ଏପରି ସତର୍କ ସୂଚନାକୁ ଅତ୍ୟନ୍ତ ଗମ୍ଭୀର ଭାବରେ ନେଇଛନ୍ତି କେନ୍ଦ୍ର ସରକାର । ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର କୃଷି ମନ୍ତ୍ରାଳୟ ସମସ୍ତ ରାଜ୍ୟ ସରକାର ଏବଂ ସମ୍ପୃକ୍ତ ଏଜେନ୍ସିମାନଙ୍କୁ ଜିଲ୍ଲାସ୍ତରରେ ପୂର୍ବ ପ୍ରସ୍ତୁତି ଯୋଜନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛି । କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ମଧ୍ୟ ରାଜ୍ୟଗୁଡ଼ିକ ଏଥିପାଇଁ ଆଗୁଆ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି । ବିଶ୍ୱ ପାଣିପାଗ ▶ପୃଷ୍ଠା-୭

# ଖାନ୍ ସାର୍ଙ୍କ କୋଚିଂ ସେଣ୍ଟର ଉପରେ ଆକ୍ରମଣ



ପାଟନା, ୩।୬(ଏଜେନ୍ସି): ବିହାରର ରାଜଧାନୀ ପାଟନାରେ ରହୁଥିବା ଦେଶର ଜଣାଶୁଣା ଶିକ୍ଷାବିତ୍ ଖାନ୍ ସାର୍ଙ୍କ ଶିକ୍ଷାନୁଷ୍ଠାନ ଉପରେ ମଙ୍ଗଳବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। କଦମକୁଆଁ ଥାନା ଅନ୍ତର୍ଗତ 'ଖାନ୍ ଗ୍ଲୋବାଲ କୋଚିଂ ଇନଷ୍ଟିଚ୍ୟୁଟ୍' ପରିସରରେ ଏହି ବ୍ୟାପକ ଭଙ୍ଗାରୁଜା ଏବଂ ପଥରମାଡ଼ କରାଯାଇଥିବା ପୁଲିସ୍ ସୂଚନା ଦେଇଛି। ଏହି ହିଂସାକାଣ୍ଡ ପଛରେ ଏକ ପ୍ରତିଦ୍ୱନ୍ଦ୍ୱୀ କୋଚିଂ ସେଣ୍ଟରର ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ଖାନ୍ ସାର୍ଙ୍କ କହିବା ଅନୁଯାୟୀ, ନିକଟସ୍ଥ ଏକ କୋଚିଂ ସେଣ୍ଟରର ୧୫ ରୁ ୨୦ ଜଣ ଅସାମାଜିକ ତତ୍ତ୍ୱ କାନ୍ଥ ଡେଇଁ ସଂସ୍ଥା ଭିତରକୁ ପଶିବା ସହ ସେଠାରେ ଥିବା ଜଗୁଆଳିଙ୍କୁ ନିର୍ଦ୍ଦୟ ମାଡ଼ ମାରିଥିଲେ। ଏପରିକି ସେମାନେ ସେଠାରେ ଗୁଳି ଚାଳନା ମଧ କରିଥିବା ସେ ଅଭିଯୋଗ କରିଛନ୍ତି। ବିହାର ପୁଲିସ୍ ନିଯୁକ୍ତି ପରୀକ୍ଷାରେ ତାଙ୍କ ସଂସ୍ଥାର ଉଲ୍ଲେଖନୀୟ ସଫଳତା ଏବଂ ସେ ଖୁବ୍ କମ୍ ଫିସ୍‌ରେ ପିଲାମାନଙ୍କୁ ପଢ଼ାଉଥିବାରୁ ଈର୍ଷାନ୍ୱିତ ହୋଇ ଅନ୍ୟ ସଂସ୍ଥାର ଲୋକେ ଏଭଳି କାଣ୍ଡ ଘିଆଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ୍ ତୁରନ୍ତ ତଦନ୍ତ ଆରମ୍ଭ କରିଛି।



# କୋଲକାତା କଲେଜରୁ ୧ କୋଟି ଟଙ୍କା, ବନ୍ଧୁକ ଓ ମଦ ବୋତଲ ଜବତ

କୋଲକାତା, ୩।୬(ଏଜେନ୍ସି): ପଶ୍ଚିମବଙ୍ଗର ଅନ୍ୟତମ ପ୍ରତିଷ୍ଠିତ ଏବଂ ପୁରାତନ ଶିକ୍ଷାନୁଷ୍ଠାନ ସୁରେନ୍ଦ୍ରନାଥ କଲେଜ'ରୁ ମିଳିଥିବା କେତେକ ଆପତ୍ତିଜନକ ସାମଗ୍ରୀ ଏବେ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କଲେଜର ଛାତ୍ର ସଂସଦ ଗୃହରୁ ପ୍ରାୟ ୧ କୋଟି ଟଙ୍କାର ଉଇ ଚରିଯାଇଥିବା ନଗଦ ଟଙ୍କା ଏବଂ ଏକ ବନ୍ଧୁକ ଜବତ କରାଯାଇଛି। ଏହା ସହିତ କଲେଜ ପରିସରରୁ ଦୁଇଟି ଶୀତତାପ ନିୟନ୍ତ୍ରିତ ଶୋଇବା ଘର, ମଦ ବୋତଲ ଏବଂ ଅନ୍ୟାନ୍ୟ ଅସାମାଜିକ ସାମଗ୍ରୀ ମଧ ମିଳିଛି, ଯାହା ଶିକ୍ଷାନୁଷ୍ଠାନର ପବିତ୍ରତା ତଥା ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ସରକାରୀ ଅଡିଟ୍ ପ୍ରକ୍ରିୟା ଅନୁଯାୟୀ ମଙ୍ଗଳବାର ଦିନ ପ୍ରାୟ ଏକ ବର୍ଷ ଧରି ବନ୍ଦ ରହିଥିବା ଛାତ୍ର ସଂସଦ ଗୃହକୁ ସଫା କରିବା ପାଇଁ ଖୋଲାଯାଇଥିଲା। ଏହି ସମୟରେ ଏକ ପୁରୁଣା ଆଲମିରାରୁ ଦୁଇଟି ବାକ୍ସ ଭର୍ତ୍ତି ଟଙ୍କା ମିଳିଥିଲା। ପରବର୍ତ୍ତୀ ସମୟରେ କରାଯାଇଥିବା ସେହିପରି ତଲାସୀ ଅଭିଯାନରେ କ୍ୟାମ୍ପସ ଭିତରେ ସମସ୍ତ ସୁବିଧା ସୁଯୋଗ ଥାଇ ଦୁଇଟି ଗୁପ୍ତ ଶୋଇବା ଘର ଥିବା ଜଣାପଡ଼ିଥିଲା। କଲେଜ କର୍ତ୍ତୃପକ୍ଷଙ୍କ ଅଭିଯୋଗ ଅନୁଯାୟୀ, ଶାସକ ଦଳର ଜଣେ ପ୍ରଭାବଶାଳୀ ନେତା ଓ ତାଙ୍କ ପୁଅ ଏହି ରୁମକୁ ନିଜର ବ୍ୟକ୍ତିଗତ କାର୍ଯ୍ୟ ପାଇଁ ବ୍ୟବହାର କରୁଥିଲେ ଏବଂ କଲେଜ କର୍ମଚାରୀମାନଙ୍କୁ ସେଠାରେ ସେବା କରିବାକୁ ବାଧ୍ୟ କରାଯାଉଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟରେ ତୀବ୍ର ରାଜନୈତିକ ବିବାଦ ଆରମ୍ଭ ହୋଇଯାଇଛି।

## ଭାରତୀୟ ଛାତ୍ରୀଙ୍କୁ କାନାଡ଼ାର ଶ୍ରେଷ୍ଠ ବିଜ୍ଞାନ ପୁରସ୍କାର

ଲୁଧିଆନା, ୩।୬(ଏଜେନ୍ସି): ଚିକିତ୍ସା କ୍ଷେତ୍ରରେ ବ୍ୟବହୃତ ହେଉଥିବା ପ୍ରାୟ ୫୩ ବର୍ଷର ପୁରୁଣା ସାଧନ 'ପଲ୍ସ ଅକ୍ସିମିଟର'ର ଏକ ବଡ଼ ଗାଣିତିକ ତ୍ରୁଟିକୁ ଦୂର କରି ବିଶ୍ୱକୁ ଚକିତ କରିଛନ୍ତି ୧୭ ବର୍ଷୀୟା ଭାରତୀୟ ଛାତ୍ରୀ ଗୁରନୁର କୌର। କାନାଡାରେ ରହୁଥିବା ଏହି ଏକାଦଶ ଶ୍ରେଣୀର ଛାତ୍ରୀ ଜଣକ ଅକ୍ସିମିଟରରେ ଥିବା ବର୍ଣ୍ଣବୈଷମ୍ୟ ବା ରଙ୍ଗ ଭେଦଭାବ ସମସ୍ୟାର ସମାଧାନ କରିଛନ୍ତି। ପାରମ୍ପରିକ ଅକ୍ସିମିଟର କଳା କିମ୍ବା ଶ୍ୟାମଳ ରଙ୍ଗର ଚର୍ମ ଥିବା ରୋଗୀଙ୍କ ଶରୀରରେ ସଠିକ୍ ଅମ୍ଳଜାନ ସ୍ତର ଦେଖାଉନଥିଲା। ଏହା ଚର୍ମର ଗୋରା ରଙ୍ଗ ଆଧାରରେ ହିଁ ସଠିକ୍ ତଥ୍ୟ ଦେଉଥିବା ବେଳେ କୃଷ୍ଣକାୟ ରୋଗୀଙ୍କ କ୍ଷେତ୍ରରେ ଭୁଲ୍ ତଥ୍ୟ ଦେଖାଉଥିଲା, ଯାହାଦ୍ୱାରା ଅନେକ ସମୟରେ ରୋଗୀଙ୍କ ମୃତ୍ୟୁ ମଧ ହେଉଥିଲା। ଗୁରନୁର ପ୍ରକାଶ କରିଛନ୍ତି ଯେ ଏହା ତଥ୍ୟର ଅଭାବ ଯୋଗୁଁ ନୁହେଁ, ବରଂ ମେସିନର ଗାଣିତିକ ସୂତ୍ରରେ ତ୍ରୁଟି ଯୋଗୁଁ ହେଉଥିଲା। ସେ ଏଥିପାଇଁ 'ଆଇଗେନପଲ୍ସ' ନାମକ ଏକ ନୂଆ ମଡେଲ୍ ଏବଂ ଗାଣିତିକ ସୂତ୍ର ପ୍ରସ୍ତୁତ କରିଛନ୍ତି, ଯାହା ଚର୍ମର ରଙ୍ଗକୁ ନଜରରେ ନରଖି ୧୦୦ ପ୍ରତିଶତ ସଠିକ୍ ପରିଣାମ ଦେବ। ଏହି ଐତିହାସିକ ଆବିଷ୍କାର ପାଇଁ ଗୁରନୁରଙ୍କୁ କାନାଡାର ସବୁଠାରୁ ବଡ଼ ବିଜ୍ଞାନ ମେଳା 'କାନାଡା-ୱାଇଡ୍ ସାଇନ୍ସ ଫେୟାର୍'ରେ ସର୍ବୋଚ୍ଚ ପୁରସ୍କାର 'ବେଷ୍ଟ ପ୍ରୋଜେକ୍ଟ ଆୱାର୍ଡ ଫର୍ ଇନୋଭେସନ' ପ୍ରଦାନ କରାଯାଇଛି।

## ଦଲାଇ ଲାମାଙ୍କୁ 'ଗ୍ରାମୀ' ସମ୍ମାନ



ଧର୍ମଶାଳା, ୩।୬(ଏଜେନ୍ସି): ତିବ୍ବତୀୟ ଆଧ୍ୟାତ୍ମିକ ଗୁରୁ ଚତୁର୍ଦ୍ଦଶ ଦଲାଇ ଲାମାଙ୍କୁ ସଙ୍ଗୀତ ଜଗତର ସବୁଠାରୁ ପ୍ରତିଷ୍ଠିତ 'ଗ୍ରାମୀ ଆୱାର୍ଡ' ପ୍ରଦାନ କରାଯାଇଛି। ତାଙ୍କର ଅଡିଓ ଆଲବମ୍ 'ମେଡିଟେସନ୍ସ: ଦି ରିଫ୍ଲେକ୍ସନ୍ସ ଅଫ୍ ହିଜ୍ ହୋଲିନେସ୍ ଦି ଦଲାଇ ଲାମା' ପାଇଁ ତାଙ୍କୁ ଏହି ବିଶ୍ୱସ୍ତରୀୟ ସମ୍ମାନ ମିଳିଛି। ଧର୍ମଶାଳାସ୍ଥିତ ସରକାରୀ ବାସଭବନରେ ବିଶିଷ୍ଟ ସରୋଦ ବାଦକ ଉସ୍ତାଦ ଅମଜଦ ଅଲ୍ଲୀ ଖାନ୍ ଏବଂ ତାଙ୍କର ଦୁଇ ପୁଅ ଅମାନ ଓ ଅୟାନ ଅଲ୍ଲୀ ବାଙ୍ଗାଶ ଦଲାଇ ଲାମାଙ୍କୁ ଏହି ପୁରସ୍କାର ହସ୍ତାନ୍ତର କରିଛନ୍ତି। ଏହି ଆଲବମଟି ଦଲାଇ ଲାମାଙ୍କ ମାନବିକତା, ଶାନ୍ତି, କରୁଣା ଓ ଆତ୍ମ-ସଚେତନତା ଉପରେ ଆଧାରିତ ଚିନ୍ତାଧାରା ଏବଂ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଏକ ଅପୂର୍ବ ମିଶ୍ରଣରେ ପ୍ରସ୍ତୁତ ହୋଇଛି। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଆଲବମର ସହ-ପ୍ରଯୋଜକ ତଥା ବିଶିଷ୍ଟ ଭାରତୀୟ-ଆମେରିକୀୟ ଲେଖକ କବୀର ସେହଗଲ ମଧ ଉପସ୍ଥିତ ଥିଲେ। ଏହି ଅବସରରେ ଉସ୍ତାଦ ଅମଜଦ ଅଲ୍ଲୀ ଖାନ୍ ଏବଂ ତାଙ୍କ ପୁତ୍ରଦ୍ୱୟ ଦଲାଇ ଲାମାଙ୍କ ସମ୍ମାନାର୍ଥେ ସ୍ୱତନ୍ତ୍ର ସରୋଦ ବାଦନ କରିଥିଲେ।

## ୪ ମାସ ପରେ ଖାମେନେଇଙ୍କ ଅନ୍ତ୍ୟେଷ୍ଟି

ତେହରାନ, ୩।୬(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ମୃତ୍ୟୁର ପ୍ରାୟ ଚାରି ମାସ ପରେ ଆସନ୍ତା ଜୁନ୍ ୨୧ ତାରିଖ ପାଖାପାଖି ତାଙ୍କର ଶେଷ ସତ୍କାର କରାଯିବ। ତାଙ୍କର ଶେଷ ଇଚ୍ଛା ଅନୁଯାୟୀ, ଇରାନର ପବିତ୍ର ସହର ମସହାଦରେ ଥିବା ଇମାମ ରେଜାଙ୍କ ସମାଧି ପୀଠ ନିକଟରେ ତାଙ୍କୁ କବର ଦିଆଯିବ। ଗତ ଫେବ୍ରୁଆରୀ ୨୮ ତାରିଖରେ ଆମେରିକା ଓ ଇସ୍ରାଏଲର ଏକ ମିଳିତ ସାମରିକ ଆକ୍ରମଣରେ ଖାମେନେଇଙ୍କ ମୃତ୍ୟୁ ଘଟିଥିଲା, କିନ୍ତୁ ଯୁଦ୍ଧ ପରିସ୍ଥିତି ଯୋଗୁଁ ଏହି ଅନ୍ତ୍ୟେଷ୍ଟି ପ୍ରକ୍ରିୟା ବିଳମ୍ବ ହୋଇଥିଲା। ଏହି ଶେଷ ବିଦାୟ ସମାରୋହରେ ପ୍ରାୟ ୨ କୋଟି ଶୋକାକୁଳ ଜନସାଧାରଣ ଯୋଗଦେବାର ସମ୍ଭାବନା ରହିଛି। ପ୍ରଥମେ ତେହେରାନରେ ମୁଖ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହେବ, ଯାହା ପ୍ରାୟ ୨୪ ଘଣ୍ଟା ଚାଲିବ। ଏହାପରେ ମରଶରୀରକୁ ପବିତ୍ର ସହର କୁମ୍ ଏବଂ ଶେଷରେ ମସହାଦକୁ ନିଆଯିବ। ଜନସାଧାରଣଙ୍କ ଶେଷ ଦର୍ଶନ ପାଇଁ ସରକାରଙ୍କ ପକ୍ଷରୁ ତିନି ଦିନ ସମୟ ଧାର୍ଯ୍ୟ କରାଯାଇଛି।



## ହତ୍ୟା ପରେ ବନ୍ଧୁକଧାରୀର ଆତ୍ମହତ୍ୟା

ମୁସ୍କାଟିନ୍, ୩।୬(ଏଜେନ୍ସି): ଆମେରିକାର ଆଇଓ୍ୱା ରାଜ୍ୟର ମୁସ୍କାଟିନ୍ ସହରରେ ଏକ ସାଂଘାତିକ ଗଣ-ଗୁଳିକାଣ୍ଡ ଘଟିଛି। ଏକ ପାରିବାରିକ କଳହ ଯୋଗୁଁ ୫୨ ବର୍ଷୀୟ ବନ୍ଧୁକଧାରୀ ରାଇନ୍ ୱିଲିସ୍ ମ୍ୟାକଫାରଲ୍ୟାଣ୍ଡ ନିଜ ପରିବାରର ୬ ଜଣ ସଦସ୍ୟଙ୍କୁ ବିଭିନ୍ନ ସ୍ଥାନରେ ଗୁଳି କରି ନିର୍ମମ ଭାବେ ହତ୍ୟା କରିଛି। ପରେ ପୁଲିସ୍ ଘେରାବନ୍ଦୀ ସମୟରେ ସେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛି। ଏହି ଘଟଣାରେ ଆକ୍ରମଣକାରୀ ସହ ମୋଟ ୭ ଜଣଙ୍କର ମୃତ୍ୟୁ ହୋଇଛି। ପୁଲିସ୍ ସୂଚନା ଅନୁଯାୟୀ, ଗତକାଲି ମଧ୍ୟାହ୍ନରେ ଏକ ସ୍ଥାନୀୟ ଘରୁ ଗୁଳିଫୁଟିବା ଖବର ପାଇ ପୁଲିସ୍ ସେଠାରେ ପହଞ୍ଚିବା ପରେ ୪ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲା। ଏହାପରେ ଆକ୍ରମଣକାରୀ ରାଇନ୍‌କୁ ଧରିବା ପାଇଁ ପୁଲିସ୍ ଖୋଜାଖୋଜି କରୁଥିବା ବେଳେ ସେ ନିଜ ଜୀବନ ହାରିଥିଲା। ପରବର୍ତ୍ତୀ ତଦନ୍ତ ସମୟରେ ପୁଲିସ୍ ଅନ୍ୟ ଏକ ବାସଭବନ ଏବଂ ଏକ ବ୍ୟବସାୟିକ ପ୍ରତିଷ୍ଠାନରୁ ଆଉ ଦୁଇଜଣ ପୁରୁଷଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର କରିଛି, ଯେଉଁମାନେ ସମ୍ପୃକ୍ତ ପରିବାରର ସଦସ୍ୟ ଥିଲେ। ମୁସ୍କାଟିନ୍ ପୁଲିସ୍ ମୁଖ୍ୟ ଆନ୍‌ଥୋନୀ କିସ୍ ଏହି ଘଟଣାକୁ ଅତ୍ୟନ୍ତ ଦୁଃଖଦାୟକ ଏବଂ ଏକ ବର୍ବର କାର୍ଯ୍ୟ ବୋଲି ଅଭିହିତ କରିଛନ୍ତି। ମୃତକଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଉଥିବାରୁ ଏପର୍ଯ୍ୟନ୍ତ ସେମାନଙ୍କ ପରିଚୟ ସାର୍ବଜନୀନ କରାଯାଇ ନାହିଁ।

# ମୌସୁମୀ କେବେ ବି ନିରାଶ କରିନାହିଁ

ନୂଆଦିଲ୍ଲୀ, ୩।୬(ଏଜେନ୍ସି): ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗମନରେ କିଛିଟା ଅନିଶ୍ଚିତତା ଦେଖାଦେଇଛି। କେରଳ ଛୁଇଁବାରେ ଏହା ବିଳମ୍ବ କରିଥିବା ବେଳେ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି ଯେ ଏଥର ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ। ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଚଳିତ ବର୍ଷ ମୌସୁମୀ ପ୍ରକ୍ରିୟା ସାମାନ୍ୟ ଦୁର୍ବଳ ରହିବ। ବିଶ୍ୱ ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ କାରଣରୁ ମୌସୁମୀର ଭବିଷ୍ୟତକୁ ନେଇ ସାରା ଦେଶରେ ଚିନ୍ତା ପ୍ରକଟ ପାଇଥିବା ବେଳେ ଜଣେ ବିଶିଷ୍ଟ ଭୂତାତ୍ତ୍ୱିକ ବିଜ୍ଞାନୀ ଏକ ଆଶ୍ୱାସନାପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆଣିଛନ୍ତି। ଖଡ଼ଗପୁର ଆଇଆଇଟିର ପ୍ରାକ୍ତନ ନିର୍ଦ୍ଦେଶକ ତଥା ପ୍ରଫେସର ଅନିଲ କୁମାର ଗୁପ୍ତା କହିଛନ୍ତି ଯେ ମୌସୁମୀ ସମ୍ପୂର୍ଣ୍ଣ ଗାୟବ ହୋଇଯିବାର କୌଣସି ଭୟ ନାହିଁ। ତାଙ୍କର ଦୀର୍ଘ ବର୍ଷର ଗବେଷଣା ପ୍ରମାଣିତ କରିଛି ଯେ ଭାରତୀୟ ଉପମହାଦେଶର ଭୌଗଳିକ ସ୍ଥିତି ସହିତ ମୌସୁମୀର ସମ୍ପର୍କ ଅତି ନିବିଡ଼। ପ୍ରାୟ ଏକ କୋଟି ୩୦ ଲକ୍ଷ ବର୍ଷ ହେବ ଏହି ଭୂଭାଗରେ ମୌସୁମୀ ବାୟୁ ସକ୍ରିୟ ରହିଆସିଛି। ଉତ୍ତରରେ ଥିବା ବିଶାଳ ହିମାଳୟ ପର୍ବତମାଳା ଏବଂ ଦକ୍ଷିଣରେ ଥିବା ଦ୍ୱୀପକଳ୍ପର ସ୍ଥିତି ଯୋଗୁଁ ଋତୁଭିତ୍ତିକ




ପବନର ଦିଗ ପରିବର୍ତ୍ତନ ହୋଇ ବର୍ଷା ହୋଇଥାଏ। ଯେପର୍ଯ୍ୟନ୍ତ ଏହି ଭୌଗଳିକ ସଂରଚନା ବଦଳିନାହିଁ, ସେପର୍ଯ୍ୟନ୍ତ ଭାରତରୁ ମୌସୁମୀ ଋତୁ ଗାୟବ ହେବାର ପ୍ରଶ୍ନ ଉଠୁନାହିଁ। ତେବେ ମୌସୁମୀର ଏହି ନିରନ୍ତରତା ଭିତରେ ଅନେକ ବଡ଼ ପରିବର୍ତ୍ତନ ମଧ ଦେଖିବାକୁ ମିଳିଛି। ଅତୀତର ଜଳବାୟୁ ରେକର୍ଡ ଅନୁସାରେ, ପ୍ରାୟ ୪, ୨୦୦ ବର୍ଷ ପୂର୍ବେ ସମଗ୍ର ଏସିଆ ମହାଦେଶରେ ଏକ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା, ଯାହା ଫଳରେ ବ୍ୟାପକ ଜନପ୍ରବାସ ହୋଇଥିଲା। ଏହି ସମସ୍ତ ପରିବର୍ତ୍ତନ ମାନବୀୟ କାର୍ଯ୍ୟକଳାପ ପୂର୍ବରୁ କେବଳ ପ୍ରାକୃତିକ କାରଣରୁ ହିଁ ଘଟିଥିଲା। ପ୍ରଫେସର ଗୁପ୍ତାଙ୍କ ମତରେ, ପ୍ରାକୃତିକ ପରିବର୍ତ୍ତନ ତୁଳନାରେ ମଣିଷ ଦ୍ୱାରା ହେଉଥିବା ଜଳବାୟୁ ପ୍ରଦୂଷଣର ପ୍ରଭାବ ଏତେଟା ଭୟାବହ ନୁହେଁ। ଅତୀତରେ ବିନା ମାନବୀୟ ହସ୍ତକ୍ଷେପରେ ମଧ ମୌସୁମୀରେ ବଡ଼ ଧରଣର ବିପର୍ଯ୍ୟୟ ଆସିଛି। ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ମୌସୁମୀ ନଷ୍ଟ ହେବନାହିଁ, ବରଂ ଏହା ଆହୁରି ଉଗ୍ର ରୂପ ଧାରଣ କରିବ। ତାପମାତ୍ରା ବୃଦ୍ଧି ପାଇଲେ ପବନର ଗତି ବଢ଼ିବ ଏବଂ ଅଧିକ ବର୍ଷା ହେବ। କିନ୍ତୁ ଏହି ବର୍ଷାର ବିତରଣ ଅସମାନ ହେବ। ଦେଶର କେତେକ ଅଞ୍ଚଳରେ ପ୍ରବଳ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଘୋର ମରୁଡ଼ି ଦେଖାଯାଇପାରେ। ଭାରତ ଭଳି ଏକ କୃଷିପ୍ରଧାନ ଏବଂ ଜଳ ସମ୍ପଦ ଉପରେ ନିର୍ଭରଶୀଳ ଦେଶ ପାଇଁ ଏହି ଗବେଷଣା ଉଭୟ ଆଶ୍ୱାସନା ଏବଂ ସତର୍କତାର ବାର୍ତ୍ତା ବହନ କରେ।

## ଆମେରିକୀୟ ଘାଟି ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼

## କୁଏତ, ବାହରିନ ଥରହର: ଜଣେ ଭାରତୀୟ ମୃତ

ତେହରାନ, ୩।୬(ଏଜେନ୍ସି): ପାରସ୍ୟ ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ନିଜର ଦ୍ୱୀପ ଉପରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଇରାନ ସେନା ପକ୍ଷରୁ କୁଏତ ଏବଂ ବାହରିନରେ ଅବସ୍ଥିତ ଆମେରିକୀୟ ସେନାଘାଟିଗୁଡ଼ିକୁ ଟାର୍ଗେଟ କରାଯାଇଛି। ବୁଧବାର ସକାଳୁ ଇରାନ ପକ୍ଷରୁ ଏହି ଦୁଇ ଦେଶ ଉପରକୁ ପ୍ରବଳ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ କରାଯାଇଥିବା ସୂଚନା ମିଳିଛି। ଆମେରିକାର ପଞ୍ଚମ ନୌସେନା ବାହିନୀ ଏବଂ ବାୟୁସେନା ଘାଟିକୁ ଲକ୍ଷ୍ୟ କରି ଏହି ଶକ୍ତିଶାଳୀ ଆକ୍ରମଣ କରାଯାଇଛି, ଯାହା ଫଳରେ ସମଗ୍ର ଅଞ୍ଚଳରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଥିବା ନେଇ କୁଏତରେ ଥିବା ଭାରତୀୟ ଦୂତାବାସ ସ୍ପଷ୍ଟ କରିଛି। ଏହା ସହ ଅତିକମରେ ୬୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆକ୍ରମଣ ଯୋଗୁଁ ବିମାନବନ୍ଦରରେ ସେବା କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିବା ବେଳେ ସମଗ୍ର ଅଞ୍ଚଳରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଗତକାଲି ଆମେରିକା ପକ୍ଷରୁ ଇରାନର କେଶମ ଦ୍ୱୀପ ସ୍ଥିତ ଏକ ଯୋଗାଯୋଗ କେନ୍ଦ୍ର ଏବଂ ଏକ ତେଲ ବାହୀ ଜାହାଜ ଉପରେ ଆକ୍ରମଣ କରାଯାଇଥିଲା। ଏହାର ଜବାବରେ ଇରାନ ପୂର୍ବରୁ ଦେଇଥିବା ଚେତାବନୀ ଅନୁସାରେ ଏହି ଭୟାବହ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅପରପକ୍ଷରେ, ଆମେରିକାର କେନ୍ଦ୍ରୀୟ ସେନା କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଇରାନର ଡ୍ରୋନ୍ ନିୟନ୍ତ୍ରଣ କେନ୍ଦ୍ରକୁ ନଷ୍ଟ କରିବା ପାଇଁ ସେମାନେ ପ୍ରତିରକ୍ଷାମୂଳକ ପଦକ୍ଷେପ ନେଇଥିଲେ। ମାତ୍ର ଆମେରିକା ବର୍ତ୍ତମାନ ନିଜ ସେନାଘାଟି ଉପରେ ହୋଇଥିବା ବ୍ୟାପକ କ୍ଷୟକ୍ଷତିର ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ଏହି ଆକ୍ରମଣ ପରେ କୁଏତ ଏବଂ ବହରିନରେ ସ୍ଥିତି ଗମ୍ଭୀର ହୋଇପଡ଼ିଛି। କୁଏତ ସେନା ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ସେମାନଙ୍କର ଆକାଶମାର୍ଗ ପ୍ରତିରକ୍ଷା ବ୍ୟବସ୍ଥା ସକ୍ରିୟ ରହି ଶତ୍ରୁପକ୍ଷର ଅନେକ କ୍ଷେପଣାସ୍ତ୍ର ଏବଂ ଡ୍ରୋନକୁ ଆକାଶରେ ହିଁ ଧ୍ୱଂସ କରିଦେଇଛି। ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦରେ କୁଏତର ସହରଗୁଡ଼ିକ କମ୍ପିଉଠିଥିଲା।



## ଶପଥ ନେଲେ ଶିବକୁମାର

ବେଙ୍ଗାଲୁରୁ, ୩।୬(ଏଜେନ୍ସି): କର୍ଣ୍ଣାଟକରେ କଂଗ୍ରେସର ବରିଷ୍ଠ ନେତା ଡିକେ ଶିବକୁମାର ବୁଧବାର ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ବେଙ୍ଗାଲୁରୁର ଲୋକ ଭବନଠାରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ସେ ସମ୍ବିଧାନର ଏକ କପି ହାତରେ ଧରି ଏବଂ ନିଜର ଆଧ୍ୟାତ୍ମିକ ଗୁରୁ ଗଙ୍ଗାଧର ଅଜ୍ଜାଙ୍କ ନାମରେ ଶପଥ ପାଠ କରିଥିଲେ। ଏହି ଉତ୍ସବରେ ବରିଷ୍ଠ ନେତା ଜି. ପରମେଶ୍ୱର ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶିବକୁମାରଙ୍କ କ୍ୟାବିନେଟରେ ସତୀଶ ଜାରକିହୋଳି, କୃଷ୍ଣ ବାୟରେ ଗୌଡ଼ା, ପ୍ରିୟାଙ୍କ ଖାର୍ଗେ, ୟୁଟି. ଖାଦର ଏବଂ ଯତିନ୍ଦ୍ର ସିଦ୍ଧରମୈୟାଙ୍କ ଭଳି ପ୍ରାୟ ୧୦ ରୁ ୧୩ ଜଣ ବରିଷ୍ଠ ଓ ଯୁବ ନେତା ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏହାସହ ବରିଷ୍ଠ ନେତା ବିକେ. ହରିପ୍ରସାଦଙ୍କୁ କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟି (କେପିସିସି)ର ନୂତନ ସଭାପତି ଭାବେ ନିଯୁକ୍ତ କରାଯାଇଛି। ସେ ଶିବକୁମାରଙ୍କ ସ୍ଥାନରେ ଦଳକୁ ସୁସଂଗଠିତ କରିବାର ଦାୟିତ୍ୱ ତୁଲାଇବେ। ଶପଥ ଗ୍ରହଣ ପରେ ମୁଖ୍ୟମନ୍ତ୍ରୀ ଶିବକୁମାର ସିଧାସଳଖ ବିଧାନସୌଧ ଯାଇଥିଲେ। ସେଠାରେ ମହାତ୍ମା ଗାନ୍ଧୀ ଏବଂ ବେଙ୍ଗାଲୁରୁର ପ୍ରତିଷ୍ଠାତା କେମ୍ପେ ଗୌଡ଼ାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଶିବକୁମାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନୂଆ ସରକାରରେ ପ୍ରିୟାଙ୍କ ଖାର୍ଗେଙ୍କୁ ଗୃହ ବିଭାଗ, ଜି. ପରମେଶ୍ୱରଙ୍କୁ ରାଜସ୍ୱ ଏବଂ କେ. ରାମଲିଙ୍ଗା ରେଡ୍ଡୀଙ୍କୁ ବେଙ୍ଗାଲୁରୁ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ ବୋଲି ଆଶା କରାଯାଉଛି।

# ସିନ୍ଦେ, ଅଜିତଙ୍କ ପରେ ଏବେ ଋତବ୍ରତ ବାନାର୍ଜୀ




### ବିଶ୍ୱାସରେ ବିଷ

କୋଲକାତା, ୩।୬(ଏଜେନ୍ସି): ୨୦୨୨ ମସିହା। ମହାରାଷ୍ଟ୍ର ରାଜନୀତିରେ ଆଣିଥିଲା କମ୍ପନ। ଶିବ ସେନା ମୁଖ୍ୟ ଉଦ୍ଧବ ଠାକରେଙ୍କ ଘନିଷ୍ଠ ସହଯୋଗୀ ଏକନାଥ ସିନ୍ଦେ ବିଦ୍ରୋହ କରି ଠାକରେ ପରିବାର ହାତରୁ ଛଡ଼ାଇନେଇଥିଲେ ଶିବ ସେନାକୁ। ସେହିଭଳି ଏନ୍‌ସିପିର ପ୍ରତିଷ୍ଠାତା ଶରଦ ପାୱାରଙ୍କ ହାତରୁ ଦଳକୁ ଛଡ଼ାଇ ନେଇଥିଲେ ତାଙ୍କର ପୁତୁରା ଅଜିତ ପାୱାର। ଏହାପରେ ଉଦ୍ଧବ ଏବଂ ଶରଦ ଏବେ ବି ନିଜର ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛନ୍ତି। ବିଦ୍ରୋହ/ବିଶ୍ୱାସଘାତ ଜରିଆରେ ମହାରାଷ୍ଟ୍ରରେ ଯାହା କରିଥିଲେ ଏକନାଥ ସିନ୍ଦେ ଏବଂ ଅଜିତ ପାୱାର, ଆଜି ପଶ୍ଚିମ ବଙ୍ଗ ରାଜନୀତିରେ ତାହାର ପୁନରାବୃତ୍ତି କରିଛନ୍ତି ଋତବ୍ରତ ବାନାର୍ଜୀ। ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀଙ୍କ ଅତ୍ୟନ୍ତ ବିଶ୍ୱସ୍ତ ରୂପେ ପରିଚିତ ଋତବ୍ରତ ବିଦ୍ରୋହ କରି ମମତାଙ୍କ ହାତରୁ ଛଡ଼ାଇ ନେଇଛନ୍ତି ଟିଏମସି ବିଧାୟକ ଦଳକୁ। ସିପିଏମ୍ ସହ ସଂପର୍କରୁ ଛାତ୍ର ରାଜନୀତି ଆରମ୍ଭ କରିଥିବା ଋତବ୍ରତ ଟିଏମସିରେ ଯୋଗଦେଇ ମମତାଙ୍କ ଅତି ବିଶ୍ୱସ୍ତ ପାଲଟିଯାଇଥିଲେ। ମମତା ତାଙ୍କୁ ଟିଏମସିର ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅର୍ପଣ କରିଥିଲେ। ତେବେ ତାଙ୍କର ରାଜନୈତିକ ଜୀବନ ବିବାଦୀୟ ରହିଆସିଛି। ଋତବ୍ରତ ବାନାର୍ଜୀ ମୁଖ୍ୟତଃ ପଶ୍ଚିମବଙ୍ଗ ରାଜନୀତି ସହ ଜଡ଼ିତ। ସେ ନିଜର ପ୍ରଖର ଭାଷଣ ଦେବାର ଶୈଳୀ ଏବଂ ଯୁବ ନେତୃତ୍ୱ ପାଇଁ ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଥିଲେ। ଋତବ୍ରତ ନିଜର ରାଜନୈତିକ କ୍ୟାରିୟର ଛାତ୍ର ଜୀବନରୁ ଆରମ୍ଭ କରିଥିଲେ। ସେ ସିପିଆଇ(ଏମ୍)ର ଛାତ୍ର ସଂଗଠନ ଏସ୍‌ଏଫ୍‌ଆଇ ସହ ଜଡ଼ିତ ଥିଲେ। ୨୦୧୪ ମସିହାରେ ମାତ୍ର ୩୪-୩୫ ବର୍ଷ ବୟସରେ ସେ ସିପିଆଇ(ଏମ୍) ଦଳ ପକ୍ଷରୁ ପଶ୍ଚିମବଙ୍ଗରୁ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୭ ରେ ଦଳୀୟ ଅନୁଶାସନ ଭଙ୍ଗ ଏବଂ କିଛି ବ୍ୟକ୍ତିଗତ ବିବାଦକୁ କେନ୍ଦ୍ର କରି ସିପିଆଇ(ଏମ୍) ତାଙ୍କୁ ଦଳରୁ ବହିଷ୍କାର କରିଥିଲା। ଏହାପରେ ସେ ସ୍ୱାଧୀନ ସାଂସଦ ଭାବେ କିଛି ଦିନ କାର୍ଯ୍ୟ କରିବା ସହ ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପ୍ରତି ନିଜର ସମର୍ଥନ ଜଣାଇଥିଲେ।

## ମୁଖପାତ୍ରଙ୍କୁ ନିଯୁକ୍ତ କଲା 'କକ୍ରୋଚ୍ ପାର୍ଟି'

ନୂଆଦିଲ୍ଲୀ, ୩।୬(ଏଜେନ୍ସି): ଭାରତୀୟ ରାଜନୀତିରେ ଚର୍ଚ୍ଚାରେ ରହିଥିବା 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ବୁଧବାର ତିନିଜଣ ଅଫିସିଆଲ୍ ମୁଖପାତଙ୍କ ନାମ ଘୋଷଣା କରିଛି। ସୋସିଆଲ ମିଡିଆରୁ ଏକ ବଡ଼ ରାଜନୈତିକ ସଂଗଠନର ରୂପ ନେଇଥିବା ସିଜେପି ସୌରଭ ଦାସ, ବିଜେତା ଦାହିୟା ଏବଂ ଆଶୁତୋଷ ରାଙ୍କାଙ୍କୁ ନିଜର ପ୍ରବକ୍ତା ଭାବେ ନିଯୁକ୍ତ କରିଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ସୋନମ ୱାଙ୍ଗଚୁକ୍ ଏହି ଅନଲାଇନ୍ ଆନ୍ଦୋଳନରେ ସାମିଲ ହେବାର ଦିନକ ପରେ ଦଳ ପକ୍ଷରୁ ଏହି ବଡ଼ ପଦକ୍ଷେପ ନିଆଯାଇଛି। ଜୁନ୍ ୩ ତାରିଖରେ ଦଳ ପକ୍ଷରୁ ପ୍ରଥମ ସାମ୍ବାଦିକ ସମ୍ମିଳନୀ କରାଯାଉଥିବା ବେଳେ ଏହି ମୁଖପାତ୍ରମାନେ ଆସନ୍ତା ଜୁନ୍ ୬ରେ ହେବାକୁ ଥିବା ପ୍ରସ୍ତାବିତ ବିକ୍ଷୋଭ ପ୍ରଦର୍ଶନର ରୂପରେଖ ସମ୍ପର୍କରେ ସୂଚନା ଦେବେ। ଦଳର ପ୍ରତିଷ୍ଠାତା ଅଭିଜିତ ଦୀପକେ ଆସନ୍ତା ଜୁନ୍ ୬ରେ ଆମେରିକାରୁ ଫେରୁଥିବା ବେଳେ ସେ ସମସ୍ତ ସମର୍ଥକଙ୍କୁ ଏହି ଗଣ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି।

## ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ, 'ଆଇଆଇଟି' ବାବା ଗିରଫ



ମଥୁରା, ୩।୬(ଏଜେନ୍ସି): ଉତ୍ତର ପ୍ରଦେଶର ମଥୁରା ଜିଲ୍ଲାରେ ଓଡ଼ିଶାର ଜଣେ ଉଚ୍ଚଶିକ୍ଷିତ ଯୁବକ ସାଧୁ ବେଶରେ ରହି ଯୁବତୀମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ସାମ୍ନାକୁ ଆସିଛି। ଆଇଆଇଟିରୁ ପାସ୍ ହୋଇ ମଧ ଅଧ୍ୟାତ୍ମିକତାର ଆଢୁଆଳରେ ଅଭିଯୁକ୍ତ ଜଣକ ଯୁବତୀମାନଙ୍କ ବ୍ରେନୱାସ୍ କରିବା ସହ ଦୁଷ୍କର୍ମ ଭଳି ଜଘନ୍ୟ କାଣ୍ଡ କରୁଥିଲା। ଏହି ଟେକ୍-ସାଧୁ ଅଭିଯୁକ୍ତଙ୍କ ନାମ ଅଭିଷେକ ମିଶ୍ର ଓରଫ୍ ଆଦିକର୍ତ୍ତା ନାରାୟଣ ଦାସ (୩୦)। ସେ ମୂଳତଃ ଓଡ଼ିଶାର ବାସିନ୍ଦା ଏବଂ ଜଣେ ଆଇଆଇଟି ପାସ୍‌ଆଉଟ୍ ଛାତ୍ର। ଗତ ୩ ବର୍ଷ ଧରି ସେ ମଥୁରା ଗୋବର୍ଦ୍ଧନ ଥାନା ଅନ୍ତର୍ଗତ ରାଧା କୁଣ୍ଡରେ ଥିବା ଶେରଗଡ଼ରିଆ ଆଶ୍ରମରେ ସାଧୁ ବେଶରେ ରହୁଥିଲେ। ଅଭିଯୋଗ ଅନୁଯାୟୀ, ଅଭିଷେକ ଆଶ୍ରମକୁ ଆସୁଥିବା ଶିକ୍ଷିତ ଯୁବକ ଓ ଯୁବତୀମାନଙ୍କୁ ନିଜ କଥାରେ ମୋହିତ କରି ସେମାନଙ୍କର ବ୍ରେନୱାଶ୍ କରୁଥିଲେ। ଏହାର ସୁଯୋଗ ନେଇ ସେ ଯୁବତୀମାନଙ୍କ ସହ ଅଶ୍ଳୀଳ କାର୍ଯ୍ୟ କରିବା ସହ ଶାରୀରିକ ସମ୍ପର୍କ ରଖୁଥିଲା। ଛତିଶଗଡ଼ର ଜଣେ ଯୁବତୀ ଏହି ତଥାକଥିତ ସାଧୁଙ୍କ ବିରୋଧରେ ଦୁଷ୍କର୍ମର ସଙ୍ଗୀନ ଅଭିଯୋଗ ଆଣିବା ପରେ ଏହି ସମସ୍ତ ଘଟଣା ପଦାକୁ ଆସିଛି। ପୀଡ଼ିତା ଯୁବତୀଜଣକ ଗତ ମେ' ୨୫ରେ ଗୋବର୍ଦ୍ଧନ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବର୍ତ୍ତମାନ ଅଭିଯୁକ୍ତ ଅଭିଷେକକୁ ଗିରଫ କରାଯାଇ ଜେଲ୍ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

### ବ୍ରିଟେନ ସଂସଦରେ ପୀଡ଼ିତାଙ୍କ ସ୍ୱର

# ୧୩ ବର୍ଷର ନାବାଳିକାକୁ ୭୦୦ ପୁରୁଷ କରିଥିଲେ ଦୁଷ୍କର୍ମ



ଲଣ୍ଡନ, ୩।୬(ଏଜେନ୍ସି): ବ୍ରିଟେନରେ ନାବାଳିକା ଓ କିଶୋରୀମାନଙ୍କୁ ପ୍ରଲୋଭିତ କରି ବ୍ୟାପକ ଯୌନ ଶୋଷଣ କରୁଥିବା ଏକ ସଂଗଠିତ ଚକ୍ର (ଗ୍ରୁମିଙ୍ଗ୍ ଗ୍ୟାଙ୍ଗ୍)ର ଭୟାବହ କଳା କାରନାମା ଏବେ ବ୍ରିଟେନ ସଂସଦରେ ଆଲୋଡ଼ନ ସୃଷ୍ଟି କରିଛି। ବ୍ରିଟିଶ ସାଂସଦ ରୁପର୍ଟ ଲୋ ଏହି ଯୌନ ନିର୍ଯାତନାରୁ ବର୍ତ୍ତି ଯାଇଥିବା ପୀଡ଼ିତାମାନଙ୍କର ଅତ୍ୟନ୍ତ ଦୁଃଖଦ ଓ ଚାଞ୍ଚଲ୍ୟକର ବୟାନ ସଂସଦରେ ପାଠ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଧିକାଂଶ ଅଭିଯୁକ୍ତ ପାକିସ୍ତାନୀ ବଂଶୋଦ୍ଭବ ବୋଲି ସାଂସଦ ଦାବି କରିଛନ୍ତି। ସଂସଦରେ ଦିଆଯାଇଥିବା ବୟାନ ଅନୁଯାୟୀ, ଜଣେ ପୀଡ଼ିତା ପ୍ରକାଶ କରିଛନ୍ତି ଯେ ଯେତେବେଳେ ତାଙ୍କୁ ମାତ୍ର ୧୩ ବର୍ଷ ବୟସ ହୋଇଥିଲା, ସେବେଠାରୁ ପ୍ରାୟ ତିନି ବର୍ଷ ମଧ୍ୟରେ ଅତିକମରେ ୬୦୦ ରୁ ୭୦୦ ଜଣ ଭିନ୍ନ ଭିନ୍ନ ପୁରୁଷ ତାଙ୍କୁ ଦୁଷ୍କର୍ମ କରିଥିଲେ। ଅନ୍ୟ ଜଣେ ପୀଡ଼ିତା ନିଜର କୋହଭରା କାହାଣୀ ଶୁଣାଇ କହିଛନ୍ତି ଯେ, ସେତେବେଳେ ସେ ୧୨-୧୩ ବର୍ଷର ଥିଲେ ଏବଂ ଦୁଷ୍କର୍ମ ପରେ ଅଭିଯୁକ୍ତମାନେ କାଚ ବୋତଲ ସାହାଯ୍ୟରେ ତାଙ୍କୁ ମରଣାନ୍ତକ ନିର୍ଯାତନା ଦେଇଥିଲେ। ବିରୋଧ କଲେ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାର ଧମକ ଦିଆଯାଉଥିଲା। ଏପରିକି ବ୍ରିଟେନର ପ୍ରାୟ ୮୫ଟି ଅଞ୍ଚଳରେ ଏଭଳି ନେଟୱର୍କ ସକ୍ରିୟ ଥିବା ଜଣାପଡ଼ିଛି। ତଦନ୍ତ ପ୍ରକ୍ରିୟାରୁ ଏକ ସାଂଘାତିକ ମାନସିକତା ସାମ୍ନାକୁ ଆସିଛି, ଯେଉଁଥିରେ ଅଭିଯୁକ୍ତମାନେ ଅଣ-ମୁସଲିମ୍ ଏବଂ ଖ୍ରୀଷ୍ଟିଆନ ଝିଅମାନଙ୍କୁ ସେମାନଙ୍କର ଧାର୍ମିକ ପରିଚୟକୁ ନେଇ କମ୍ ସମ୍ମାନଜନକ ମନେକରୁଥିଲେ ଏବଂ ଏହାକୁ ନିଜର ବର୍ବରତା ପାଇଁ ଏକ ବାହାନା କରୁଥିଲେ। ଏପରିକି କେତେକ ପୁଲିସ ଅଧିକାରୀ ମଧ ଏହି ଜଘନ୍ୟ ଅପରାଧରେ ସାମିଲ ଥିବା ପୀଡ଼ିତାମାନେ ଅଭିଯୋଗ କରିଛନ୍ତି। ସବୁଠାରୁ ଦୁଃଖର କଥା ହେଉଛି, ପୀଡ଼ିତାମାନେ ହସ୍ପିଟାଲକୁ ଯାଇଥିଲେ ମଧ ସେଠାକାର କର୍ମଚାରୀ କୌଣସି ପ୍ରଶ୍ନ ନପଚାରି କେବଳ ଔଷଧ ଦେଇ ସେମାନଙ୍କୁ ବିଦା କରିଦେଇଥିଲେ। ଏହି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିବା ପରେ ବ୍ରିଟେନରେ ପ୍ରଶାସନିକ ଏବଂ ସାମାଜିକ ବ୍ୟବସ୍ଥାର ବିଫଳତା ପଦାରେ ପଡ଼ିଛି। ନାବାଳିକାଙ୍କ ସୁରକ୍ଷା ପାଇଁ ଏବଂ ଦୋଷୀମାନଙ୍କୁ କଠୋର ଦଣ୍ଡ ଦେବା ପାଇଁ ବ୍ରିଟିଶ ସରକାର ଏହି ମାମଲାର ଏକ ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ କରିବା ଅତ୍ୟନ୍ତ ଆବଶ୍ୟକ, ଯେପରି କୌଣସି ଶିଶୁ ଭବିଷ୍ୟତରେ ଏଭଳି ନର୍କ ଯନ୍ତ୍ରଣାର ଶିକାର ନହୁଏ।

# ଖଣି ଅଧିକାରୀ, ପୁଲିସକୁ ଗୋଡ଼େଇ ଗୋଡ଼େଇ ପିଟିଲେ ବାଲିମାଫିଆ

ରାଉରକେଲା, ୩।୬ (ସମିସ): ରାଜ୍ୟରେ ବିଗିଡ଼ି ଚାଲିଛି ଆଇନ ଶୃଙ୍ଖଳା। ପୁଲିସ, ପ୍ରଶାସନକୁ ଡରୁ ନାହାନ୍ତି। ଏନକାଉଣ୍ଟରକୁ ବି ଖାତିର କରୁନାହାନ୍ତି। ଓଲଟି ପୁଲିସ ଉପରକୁ ଆକ୍ରମଣ କରିବାକୁ ପଛାଉ ନାହାନ୍ତି ମାଫିଆ ଏବଂ ଅପରାଧୀ। ଆଜି ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ସୁନ୍ଦରଗଡ଼ରେ। ବେଆଇନ ବାଲି ଖନନ ଓ ଚୋରା ଚାଲାଣ ଉପରେ

## ଛଡ଼ାଇନେଲେ ୩ ଜବତ ଟ୍ରାକ୍ଟର

ଚଢଉ କରିବାକୁ ଯାଇଥିବା ଖଣି ଅଧିକାରୀ ଓ ସୁନ୍ଦରଗଡ ଟାଉନ ଥାନାର ପୁଲିସ କର୍ମଚାରୀଙ୍କୁ ବାଲି ମାଫିଆମାନେ ଗୋଡ଼ାଇ ଗୋଡ଼ାଇ ପିଟିଛନ୍ତି। କେବଳ ସେତିକି ନୁହେଁ ଖଣି କର୍ମଚାରୀ ଜବତ କରିଥିବା ୪ଟି ବାଲି ବୋଝେଇ ଟ୍ରାକ୍ଟର ମଧ୍ୟରୁ ୩ଟି ଟ୍ରାକ୍ଟରକୁ ମାଫିଆମାନେ ପୁଲିସ ହାତରୁ ଜୋରଜବରଦସ୍ତ ଛଡେଇ ନେଇଛନ୍ତି। ସେମାନଙ୍କ ଆକ୍ରମଣରୁ ବର୍ତ୍ତିବା ଲାଗି ଅପରାଧୀଙ୍କ ଆଗରେ ପୁଲିସ ନେହୁରା ହୋଇଛି, ଯାହାର ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସେପଟେ ଖଣି ଅଧିକାରୀଙ୍କ ଏତଲାକୁ ଭିତ୍ତି କରି ସୁନ୍ଦରଗଡ ଟାଉନ ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହିତ ବାଲି ମାଫିଆଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି।

ସୂଚନା ମୁତାବକ ସୁନ୍ଦରଗଡ଼ ଟାଉନ୍ ଥାନା ଅନ୍ତର୍ଗତ ଅମଲିପାଲି ବାଲି ଘାଟରେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ମିଳିବା ପରେ ଆଜି ସକାଳେ ଖଣି ଅଧିକାରୀ ଟାଉନ ଥାନା ପୁଲିସ ସହାୟତାରେ ଚଢଉ କରିବା ପାଇଁ ଯାଇଥିଲେ। ଆମଲିପାଲି ଘାଟରେ ପହଞ୍ଚି ୪ଟି ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ ତାର ବୈଧ କାଗଜପତ୍ର ଯାଞ୍ଚ କରିବାରୁ ଉତ୍ତେଜନା ଆରମ୍ଭ ହୋଇଯାଇଥିଲା। କାଗଜ ପତ୍ର ଦେବା ତ ଦୂରର କଥା, ଓଲଟି ବାଲି ମାଫିଆମାନେ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ବିଟ୍ ରାସ୍ତାରେ ସ୍ପଷ୍ଟ ଦିବାଲୋକରେ ବାଲି ମାଫିଆ ଓ ସେମାନଙ୍କ ସହଯୋଗୀମାନେ ଖଣି ଅଧିକାରୀ ଏବଂ ପୁଲିସ କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବିଧା, ଗୋଇଠା ମାରିବା ସହ ଗଛ ଡାଳ ଭାଙ୍ଗି ଉକ୍ତ ଡାଳରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ସେପଟେ



ଗଣ୍ଡଗୋଳର ସୁଯୋଗ ନେଇ, ଅଭିଯୁକ୍ତମାନେ ୪ଟି ଟ୍ରାକ୍ଟର ଧରି ପଳାଇ ଯାଉଥିବା ବେଳେ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରକୁ ପୁଲିସ ଜବତ କରିବାରେ ସଫଳ ହୋଇଥିଲେ। ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜୋରଜବରଦସ୍ତ ନେଇ ଘଟଣା ପରେ ବାଲି ମାଫିଆମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା ବେଳେ ପୁଲିସ ଦୁଇ ଜଣଙ୍କୁ କାବୁ କରି ପଚରାଉଚରା କରୁଥିବା ସୂଚନା ମିଳିଛି।

ଘଟଣା ସମ୍ପର୍କରେ ଖଣି ଅଧିକାରୀ ସୁନ୍ଦରଗଡ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସେପଟେ ସୁନ୍ଦରଗଡ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତ ବାଲି ମାଫିଆମାନଙ୍କୁ ଗିରଫ କରିବା ପାଇଁ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ସ୍କ୍ୱାଡ୍ ଗଠନ କରାଯାଇଛି। ଆକ୍ରମଣରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନାରେ ଚଢଉ ଜାରି ରହିଛି।

ତେବେ ପ୍ରଶ୍ନ ହେଉଛି ପୁଲିସ ଏବଂ ଖଣି ଅଧିକାରୀଙ୍କୁ ଆକ୍ରମଣ କରିବା ପାଇଁ ବାଲି ମାଫିଆମାନଙ୍କର ଏତେ ବଡ ସାହସ ଆସିଲା କେଉଁଠୁ? ସେମାନଙ୍କ ମୁଣ୍ଡରେ କାହାର ଆଶୀର୍ବାଦ ରହିଛି। ଯାହାଫଳରେ ସେମାନେ ଆଇନକୁ ସାମାନ୍ୟତମ ଭ୍ରୂକ୍ଷେପ ନ କରି ଆଇନକୁ ସିଧାସଳଖ ହାତକୁ ନେବା ସହ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି।

# ଆହୁରି ୪ ଦିନ ଗୁଳୁଗୁଳି ସହ କାଳବୈଶାଖୀ

ଭୁବନେଶ୍ୱର,୩।୬(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଳୁଗୁଳି ସହ କାଳବୈଶାଖୀ ଜନିତ ବର୍ଷା ଜାରି ରହିଛି। ଏଭଳି ସ୍ଥିତି ୩-୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱର ସମେତ ଅନେକ ଉପକୂଳବର୍ତ୍ତୀ ଜିଲ୍ଲାରେ କାଳବୈଶାଖୀଜନିତ ବର୍ଷା ଅନୁଭୂତ ହୋଇଥିବା ବେଳେ ଗୁରୁବାର ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କାଳବୈଶାଖୀ ନେଇ ପାଣିପାଗ କେନ୍ଦ୍ର କହିଛି।

ଅନ୍ୟପଟେ ଓଡ଼ିଶା ବର୍ତ୍ତମାନ ପ୍ରାକ୍-ମୌସୁମୀର ଏକ ପରିବର୍ତ୍ତନଶୀଳ ପର୍ଯ୍ୟାୟ ଜାରି ରହିଛି ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି। ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଅତ୍ୟଧିକ ଗୁଳୁଗୁଳି, ଗରମ ରାତି, ବଢୁଥିବା ମେଘମାଳା ଏବଂ ବାରମ୍ବାର ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେଉଛି। ପଶ୍ଚିମ ଓଡ଼ିଶାରେ ସାମୟିକ କାଳବୈଶାଖୀ ସତ୍ତ୍ୱେ ମଝିରେ ମଝିରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି ଏବଂ ତାପମାତ୍ରା କେତେକ ସ୍ଥାନରେ ୩୮-୪୨ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚୁଛି। ବର୍ତ୍ତମାନର ବାୟୁମଣ୍ଡଳୀୟ ସ୍ଥିତି ଅନୁଯାୟୀ, ଓଡ଼ିଶାରେ ମୌସୁମୀ ଜନିତ ପାଗର ପରିବର୍ତ୍ତନ ସମଗ୍ର ରାଜ୍ୟରେ ଏକାସଙ୍ଗେ ନହୋଇ ପର୍ଯ୍ୟାୟକ୍ରମେ ହେବ ବୋଲି ଅନୁମାନ କରାଯାଉଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ୧୦-୧୫ ତୁଳନାରେ ଉପକୂଳ ଏବଂ ଦକ୍ଷିଣ ଜିଲ୍ଲାଗୁଡ଼ିକରେ କିଛି ଦିନ ପୂର୍ବରୁ ଅର୍ଥାତ ୮-୧୨ ଭିତରେ ମୌସୁମୀ ପାଗ ଆରମ୍ଭ ହୋଇଯିବାର ସମ୍ଭାବନା ରହିଛି। ଅନ୍ୟପଟେ ଓଡ଼ିଶା ପାଇଁ ଏବେ କେରଳର ମୌସୁମୀ ଆଗମନ ତାରିଖ ଅପେକ୍ଷା ବଙ୍ଗୋପସାଗରର ସ୍ଥିତି ଓ ବିକାଶ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ବଙ୍ଗୋପସାଗରରେ ଆର୍ଦ୍ରତା ବ୍ୟାପକ ଅଞ୍ଚଳରେ ରହିଥିଲେ ମଧ୍ୟ କୌଣସି ଶକ୍ତିଶାଳୀ ଲଘୁଚାପ ପ୍ରକ୍ରିୟା ସୃଷ୍ଟି ହୋଇନାହିଁ। ବର୍ତ୍ତମାନର ମଡେଲ୍ ସୂଚନା ଅନୁଯାୟୀ ଜୁନ୍ ଦ୍ୱିତୀୟ ସପ୍ତାହରେ ଏହା ଧୀରେ ଧୀରେ ସୁସଂଗଠିତ ହେବାର ସମ୍ଭାବନା ଅଛି, କିନ୍ତୁ ଉତ୍ତର ବଙ୍ଗୋପସାଗରରେ କୌଣସି ତୀବ୍ର ଅବପାତ ସୃଷ୍ଟି ହେବାର ସ୍ପଷ୍ଟ ସଙ୍କେତ ଏପର୍ଯ୍ୟନ୍ତ ମିଳିନାହିଁ। ଯଦି ଏକ ଶକ୍ତିଶାଳୀ ଲଘୁଚାପ କ୍ଷେତ୍ର ବିକଶିତ ହୁଏ, ତେବେ ମୌସୁମୀର ଆଗମନ ଏବଂ ଗରମରୁ ଆଶ୍ୱସ୍ତି କିଛି ଦିନ ପୂର୍ବରୁ ମିଳିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

# ବିଦ୍ୟୁତ୍ ତାର ଲାଗି ମାଈ ହାତୀ ମୃତ

## ଫାର୍ମର ଚାରିଆଡ଼େ ଲାଗିଛି ତାର; ଅନେକ ଜନ୍ତୁ ମରିଥିବା ସନ୍ଦେହ

ସମ୍ବଲପୁର,୩।୬(ସମିସ):ପୁଣି କିଛି ଦିନ ପରେ ସମ୍ବଲପୁରରେ ପୁଣି ହାତୀ ମୃତ୍ୟୁ , ବିଦ୍ୟୁତ୍ ତାର ଲାଗି ଏକ ମାଈ ହାତୀ ମୃତ୍ୟୁବରଣ କରିଥିବା ଜଣାପଡିଛି। ସମ୍ବଲପୁର ସଦରରେଞ୍ଜ ଅନ୍ତର୍ଗତ ବଦୁଆପାଲି ଡେରା ନିକଟସ୍ଥ ଏକ ଫାର୍ମହାଉସର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀ ମୃତ୍ୟୁବରଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଫାର୍ମହାଉସର ଚାରିଆଡେ ବିଦ୍ୟୁତ୍ ତାର ବାଡ଼ ଦିଆଯାଇଥିଲା। ବିଦ୍ୟୁତ୍ ତାରରେ ମାଈ ହାତୀର ଶୁଣ୍ଢ ଲାଗି ମୃତ୍ୟୁବରଣ କରିଥିବା ବୁଧବାର ସକାଳୁ ଦେଖିବାକୁ ମିଳିଥିଲା।ସୂଚନା ଅନୁଯାୟୀ, ସମ୍ବଲପୁର ସଦର ରେଞ୍ଜ ବଦୁଆପାଲି ଡେରା ନିକଟରେ ଥିବା ଏକ ଫାର୍ମହାଉସ ଚାରିପାଖରେ ଲଗାଯାଇଥିବା ବିଦ୍ୟୁତ ତାର ବାଡ଼ରେ ହାତୀ ଫସି ଯାଇଥିଲା। ଫଳରେ ବିଦ୍ୟୁତ୍ ଆଘାତ ଲାଗି ଘଟଣାସ୍ଥଳରେ ହିଁ ତାହାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ମାଈ ହାତୀର ବୟସ ପ୍ରାୟ ୧୫ ବର୍ଷ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।ଖବର ପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀକୁ ଜବତ କରିଛନ୍ତି। ଆସନ୍ତାକାଲି(ଗୁରୁବାର) ହ ବ୍ୟବଚ୍ଛେଦ କରାଯିବା ସହ ମୃତ୍ୟୁର ସଠିକ କାରଣ ସମ୍ପର୍କରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ସଦର ଡିଏଫଓ କହିଛନ୍ତି।

ସେପଟେ ବନବିଭାଗ ପକ୍ଷରୁ ହାତୀ ସୁରକ୍ଷା ନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ପାଟ୍ରୋଲିଂ ମଧ୍ୟ କରାଯାଉଥିବା ବିଭାଗ ସବୁବେଳେ କହୁଛି। ଉକ୍ତ



ଫାର୍ମରେ ତାର ଚାରି ପଟରେ ବାଡ଼ ଦିଆଯାଇଛି। ଉକ୍ତ ତାରରେ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଜଙ୍ଗଲ ପାଖରେ ଏହି ଫାର୍ମରେ ବିଦ୍ୟୁତ୍ ତାର ଲାଗିଥିବା ନେଇ ବନ ବିଭାଗ ପାଖରେ କିପରି ଖବର ପହଞ୍ଚିପାରିନଥିଲା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।ବଦୁଆପାଲିରେ ଦୁଇ ବର୍ଷ ପୂର୍ବରେ ଏକ ମାଈ ହାତୀର ମୃତ୍ୟୁ ହୋଇଥିଲା। ମାଈ ହାତୀ ଗର୍ଭବତୀ ଥିବା ଶବ ବ୍ୟବେଚ୍ଛଦ ପରେ ଜଣାପଡ଼ିଥିଲା। ଆଜିର ଘଟଣାରେ ହାତୀର ଶୁଣ୍ଢ ବିଦ୍ୟୁତ୍ ତାରରେ ଲାଗି ରହିଥିଲା। ପରେ ହାତୀଟିର ମୃତ୍ୟୁ ହୋଇଥିଲା। ଉକ୍ତ ହାତୀ ମଧ୍ୟ ଗର୍ଭବତୀ ଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି। ପୂର୍ବ ଘଟଣା ପରେ ମଧ୍ୟ ବନ ବିଭାଗ ସଜାଗ ହୋଇ ପାରିନଥିବା ପରିଲିକ୍ଷିତ ହେଉଛି। ପୂର୍ବରୁ ବିଦ୍ୟୁତ୍ ତାର ସାହାଯ୍ୟରେ ଅନେକ ବନ୍ୟଜନ୍ତୁଙ୍କ ଶିକାର ମଧ୍ୟ କରାଯାଉଛି। ଶିକାର ପରେ ମାଂସ, ଚମଡ଼ା ଇତ୍ୟାଦି ଚଢ଼ା ଦରରେ ବିକ୍ରି ହେଉଛି। ଆଇନ ବ୍ୟବସ୍ଥା ପାଇଁ ଶିକାରୀମାନେ ମଧ୍ୟ ସହଜରେ ବେଲରେ ଆସି ପୁଣି ଶିକାର କରୁଥିବା ନଜିର ରହିଛି। ବନ ବିଭାଗ ଏ ଦିଗରେ ଧ୍ୟାନ ଦେବାକୁ ଦାବି ହୋଇଛି।

# ସୁଧାଂଶୁ ଶେଖର ବଡ଼ପଣ୍ଡା ଓଇଆର୍‌ସି ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୩।୬(ସମିସ): ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)ର ସଦସ୍ୟ ଭାବେ ସୁଶାଂଶୁ ଶେଖର ବଡ଼ପଣ୍ଡାଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ବୁଧବାର ଏନେଇ ଶକ୍ତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ଶ୍ରୀ ବଡ଼ପଣ୍ଡା କେନ୍ଦ୍ରୀୟ ସଂସ୍ଥା ଗ୍ରୀଡ଼ କଣ୍ଟ୍ରୋଲର ଅଫ୍ ଇଣ୍ଡିଆ ଲିମିଟେଡର ନିର୍ଦ୍ଦେଶକ(ମାର୍କେଟ ଅପରେସନ) ଭାବେ ପୂର୍ବରୁ କାର୍ଯ୍ୟ କରି ସାରିଛନ୍ତି। ଶକ୍ତି କ୍ଷେତ୍ରରେ ତାଙ୍କର ଦୀର୍ଘବର୍ଷର ଅଭିଜ୍ଞତାକୁ ଆଧାର କରି ରାଜ୍ୟ ସରକାର ଏହି ନୂଆ ନିଯୁକ୍ତି ପ୍ରଦାନ କରିଛନ୍ତି। ଅପରପକ୍ଷେ ଶ୍ରୀ ବଡ଼ପଣ୍ଡାଙ୍କ ନିଯୁକ୍ତି ଦ୍ୱାରା ଏକପ୍ରକାର ଅଚଳ ହୋଇ ପଡ଼ିଥିବା ଓଇଆରସି ପୁଣିଥରେ ସଚଳ ହୋଇଛି। ନିକଟରେ ଓଇଆରସି ଅଧକ୍ଷ ପ୍ରଦୀପ କୁମାର ଜେନା ଇସ୍ତଫା ଦେଇଥିଲେ। ଫଳରେ ତିନି ବ୍ୟକ୍ତି ବିଶିଷ୍ଟ ଆୟୋଗରେ ବର୍ତ୍ତମାନ କେବଳ ଜଣେ ନ୍ୟାୟିକ ସଭ୍ୟ ଭାବେ ବିଶ୍ୱଜିତ୍ ମହାନ୍ତି ରହିଥିଲେ। ବିଦ୍ୟୁତ୍ ନିୟାମକ ପ୍ରକ୍ରିୟାରେ ଥିବା ବିଧି ବ୍ୟବସ୍ଥା ଅନୁସାରେ ଜଣେ ସଭ୍ୟ ଦ୍ୱାରା କୌଣସି ଆଦେଶ ବା ନିର୍ଦ୍ଦେଶ ଜାରି କରାଯାଇ ପାରିବ ନାହିଁ କି କୌଣସି ମାମଲା ଶୁଣାଣି ହେବ ନାହିଁ। ଏହିଦୃଷ୍ଟିରୁ ଓଇଆରସି ଏକପ୍ରକାର ଅଚଳ ହୋଇ ପଡ଼ିଥିଲା।

## କବିସୂର୍ଯ୍ୟନଗର ଥାନାରେ ହାଜତରେ ଭିନ୍ନକ୍ଷମଙ୍କ ମୃତ୍ୟୁ ଘଟଣା

# ମାନବାଧିକାର କମିଶନଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

ଭୁବନେଶ୍ୱର,୩।୬(ସମିସ): କବିସୂର୍ଯ୍ୟନଗର ଥାନା ହାଜତରେ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କୁ ଅକଥନୀୟ ନିର୍ଯାତନାରେ ମୃତ୍ୟୁ ଘଟଣାରେ ବୁଧବାର ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟିଛନ୍ତି। ଯେଉଁ ପୁଲିସ ଅଧିକାରୀଙ୍କ ନିର୍ଯାତନା ଫଳରେ

- ■ ପୁଲିସ ବିରୋଧରେ କାହିଁକି ମାମଲା ରୁଜୁ ହେଉ ନାହିଁ?
- ■ ସୁଶାନ୍ତଙ୍କ ପତ୍ନୀ ଦେଇଥିବା ଏଫ୍ଆଇଆର କୁଆଡେ ଗଲା ?
- ■ ସୁଶାନ୍ତର ପରିବାରକୁ ସରକାରୀ ସହାୟତା ପାଇଁ ଦାବି

ସୁଶାନ୍ତଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ବିରୋଧରେ କାହିଁକି ବର୍ତ୍ତମାନ ସୁଦ୍ଧା ମାମଲା ରୁଜୁ ହୋଉନାହିଁ ବୋଲି ବିଜେଡି ଅଭିଯୋଗ କରିଛି। ସୁଶାନ୍ତ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ। ତାଙ୍କର ବିଧବା ପତ୍ନୀ, ଦୁଇଟି ଛୋଟ ଛୁଆ ଓ ପରିବାର ବେସାହାରା ହୋଇପଡିଛନ୍ତି। ସେମାନଙ୍କୁ ଦୀର୍ଘମିଆଦୀ ସରକାରୀ ସହାୟତା ଦେବା ସହ ପରିବାରକୁ ସୁରକ୍ଷା ଦେବା ପାଇଁ ବିଜେଡି ମାନଧିକାର କମିଶନଙ୍କ ନିକଟରେ ଦାବି କରିଛି।

ବିଜେଡି ପକ୍ଷରୁ କୁହାଯାଇଛି ଯେ ବିନା କୌଣସି ଅଭିଯୋଗ ଆଧାରରେ ସୁଶାନ୍ତଙ୍କୁ ଥାନାକୁ ଆଣି ଏକ ସପ୍ତାହ ପର୍ଯ୍ୟନ୍ତ ଶାରୀରିକ ନିର୍ଯାତନା ଦେବା ଫଳରେ ସେ ଗୁରୁତର ହୋଇଯାଇଥିଲେ। ଚିକିତ୍ସା ପାଇଁ ମେଡିକାଲ ନେବା ପରିବର୍ତ୍ତେ ସୁଶାନ୍ତଙ୍କୁ ତାଙ୍କ ପରିବାର ନିକଟରେ ଛାଡ଼ିଦେଇଥିଲା ପୁଲିସ। ସୁଶାନ୍ତଙ୍କୁ ପରିବାର ଲୋକମାନେ ଏମକେସିଜି ମେଡିକାଲ ନେବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୁଶାନ୍ତଙ୍କ ପତ୍ନୀ ଦେଇଥିବା ଏଫ୍ଆଇଆର ପୁଲିସ କାହିଁକି ରୁଜୁ କରୁନାହିଁ ବୋଲି ବିଜେଡି ଅଭିଯୋଗ କରିଛି। ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ପୂର୍ବତନ ବିଧାୟକ ଡ. ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ସାଧାରଣ ସମ୍ପାଦକ ବିଜୟ ନାୟକ, ଗଞ୍ଜାମ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟକ ଲତିକା ପ୍ରଧାନ, ସୂର୍ଯ୍ୟମଣି ବୈଦ୍ୟ, ବିପ୍ଳବ ପାତ୍ର, ସୁବାସ ମହାରଣା, ରଞ୍ଜିତା ସାହୁ, ନଚିକେତା ସ୍ୱାଇଁ, ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ଓ ତୁମ୍ବନାଥ ପଣ୍ଡା ପ୍ରମୁଖ ରହିଥିଲେ।

# ଗଞ୍ଜାମ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା

ଛତ୍ରପୁର,୩।୬(ସମିସ): ଜାତୀୟସ୍ତରରେ ଗଞ୍ଜାମ ଜିଲ୍ଲା ପୁରସ୍କୃତ ହେବାର ଧାରା ବଜାୟ ରଖିଛି। ପୁଣି ଥରେ ଗଞ୍ଜାମ ଜିଲ୍ଲା ଦେଶର ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା ଭାବେ ଜାତୀୟ ପୁରସ୍କାର ପାଇଛି। ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାର



ପୁରସ୍କାର ଯୋଜନାରେ ଦେଶର ଦ୍ୱିତୀୟ ଶେଷ୍ଠ ଜିଲ୍ଲା ଭାବେ ପଞ୍ଚାୟତ ଆୱାର୍ଡ-୨୦୨୬ ପୁରସ୍କାର ଲାଭ କରିଛି। ଏନେଇ ଆଜି ଦିଲ୍ଲୀଠାରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ପରିଷଦର ସିଡିଓ ସମୀର କୁମାର ଜେନା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା ଉପସ୍ଥିତ ରହି ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହାସହ ୩ କୋଟି ଟଙ୍କା ମଧ୍ୟ ଗଞ୍ଜାମ ଜିଲ୍ଲାକୁ ମିଳିଛି। ବିଭିନ୍ନ ମହଲରୁ ଗଞ୍ଜାମ ଜିଲ୍ଲା ପ୍ରଶାସନକୁ ଶୁଭେଚ୍ଛାର ସୁଅ ଛୁଟିଛି। ଗଞ୍ଜାମ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ୨୦୨୪-୨୫ ବର୍ଷରେ ପଞ୍ଚାୟତିରାଜ ବିଭାଗର ଗଞ୍ଜାମ ଜିଲ୍ଲାର ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀଙ୍କୁ ବିଭିନ୍ନ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବାବେଳେ ଏହି ବାବଦରେ ରାଜସ୍ୱ ଆଦାୟରେ ମଧ୍ୟ ବେଶ୍ ସହାୟକ ହୋଇପାରିଛି। ଫଳରେ ଜାତୀୟ ପୁରସ୍କାର ପାଇଁ ଜିଲ୍ଲା ହକଦାର ହୋଇଛି। ମିଳିଥିବା ସୂଚନାନୁସାରେ, ଏହି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରରେ ୪୪୩ ବ୍ୟାଚକୁ ପ୍ରଶିକ୍ଷଣ ଦିଆଯାଇଛି। ୨୪ ହଜାର ୬୧୨ ଜଣ ପ୍ରଶିକ୍ଷଣ ନେଇଥିବା ବେଳେ ସେଥିମଧ୍ୟରୁ ୮ ହଜାର ୫୫୯ ଜଣ ପଞ୍ଚାୟତ ପ୍ରତିନିଧି ରହିଥିବା ବେଳେ ୧୬ ହଜାର ୫୩ ଜଣ ବିଭିନ୍ନ କର୍ମଚାରୀ ଓ ଅଧିକାରୀ ରହିଛନ୍ତି। ଏହି ବାବଦରେ ପ୍ରାୟ ୫୮ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇପାରିଛି।

# ପୋଟଲମପୁରକୁ ଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ପୁରସ୍କାର



ଛତ୍ରପୁର,୩।୬(ସମିସ): ଗଞ୍ଜାମ ଜିଲ୍ଲା ତଥା ସମଗ୍ର ରାଜ୍ୟ ପାଇଁ ଏକ ଗର୍ବ ଓ ଆନନ୍ଦର ବିଷୟ। ବୁଧବାର ନୂଆଦିଲ୍ଲୀର ସ୍କୋପ୍ କନ୍‌ଭେନ୍‌ସନ ସେଣ୍ଟରଠାରେ ଆୟୋଜିତ ଜାତୀୟ ପଞ୍ଚାୟତ ପୁରସ୍କାର ସମାରୋହରେ ଜିଲ୍ଲା ତିନୋଟି ପ୍ରତିଷ୍ଠିତ ପୁରସ୍କାର ହାସଲ କରିଛି। ଏହି ସମାରୋହରେ 'ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର-୨୦୨୫' ଅନ୍ତର୍ଗତ ଗଞ୍ଜାମ ଜିଲ୍ଲା ଦ୍ୱିତୀୟ ଶ୍ରେଷ୍ଠ ପୁରସ୍କାର ଲାଭ କରିଛି। ସେହିପରି 'ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର ୨୦୨୫' ଅଧୀନରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ପୋଟଲମପୁର ପଞ୍ଚାୟତ ଦେଶର ଶ୍ରେଷ୍ଠ 'ସୁସ୍ଥ ପଞ୍ଚାୟତ' ଭାବେ ବିବେଚିତ ହୋଇଛି। ପୋଟଲାମପୁରକୁ ଦେଶର ୩ୟ ସୁସ୍ଥ ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଛି। ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ ଓ ପିଇଓ ରୋଜାଲିନ ବେହେରା ପ୍ରମୁଖ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପୁରସ୍କାର ସହ ୨୫ ଲକ୍ଷ ଟଙ୍କାର ଅନୁଦାନ ରାଶି ମିଳିଛି। ଏନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି 'ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର-୨୦୨୫' ଅନ୍ତର୍ଗତ 'ସାମାଜିକ ନ୍ୟାୟ ଏବଂ ସାମାଜିକ ସୁରକ୍ଷିତ ପଞ୍ଚାୟତ' ଶ୍ରେଣୀରେ ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତ ଦ୍ୱିତୀୟ ସ୍ଥାନ ହାସଲ କରିଛି। ମନ୍ଦାର ସରପଞ୍ଚଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ପୁରସ୍କାର ଗ୍ରହଣ ସମାରୋହରେ ଉପସ୍ଥିତ ଥିଲେ।

# ବିଜ୍ଞାନ ଶିକ୍ଷାରେ ନିପୁଣ ହେବେ ଆଦିବାସୀ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୩।୬(ସମିସ): ବିଜ୍ଞାନ ଶିକ୍ଷାରେ ନିପୁଣ ହେବେ ଆଦିବାସୀ ଛାତ୍ରଛାତ୍ରୀ। ମହାକାଶ ବିଜ୍ଞାନ ସମେତ ରୋବୋଟିକ୍ସ, ସାଟେଲାଇଟ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ-ଚାଳିତ ଶିକ୍ଷା ଭଳି ଅତ୍ୟାଧୁନିକ ବିଷୟରେ ଅବଗତ ହେବେ। ଏଥିପାଇଁ ସମଗ୍ର ଦେଶର ୭୫ଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ (ଇଏମଆରଏସ)ରେ "ମହାକାଶ ପ୍ରୟୋଗଶାଳା ବା ସ୍ପେସ ଲ୍ୟାବ' ଖୋଲିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରୁ ଭର୍ଚୁଆଲ ମାଧ୍ୟମରେ ଆଜି ଉଦଘାଟନ କରିଥିବାବେଳେ ଓଡ଼ିଶାର ୧୩ଟି ଏକଲବ୍ୟ ବିଦ୍ୟାଳୟ ମଧ୍ୟ ଅଥିରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ସର୍ବାଧିକ ୮ଟି ବିଦ୍ୟାଳୟ ଯଥା ରାଇରଙ୍ଗପୁର, ଠାକୁରମୁଣ୍ଡା, ବାରିପଦା, ବଡ଼ସାହି, କପ୍ତିପଦା, କୋଲିଆନା, ରାସଗୋବିନ୍ଦପୁର ଓ ଉଦଳା ଏକଲବ୍ୟ ବିଦ୍ୟାଳୟ ରହିଛି। ସେହିପରି କୋରାପୁଟ ଜିଲ୍ଲାର କୋଟପାଡ ଓ କୁନ୍ଦ୍ରା, ମାଲକାନଗିରିର ମାଥିଲି, କଳାହାଣ୍ଡିର ଥୁଆମୁଳ ରାମପୁର ଏବଂ କେନ୍ଦୁଝର ଜିଲ୍ଲାର ପାଟନା ବିଦ୍ୟାଳୟରେ ମଧ୍ୟ ଏହି ଅତ୍ୟାଧୁନିକ ବ୍ୟବସ୍ଥା ଆରମ୍ଭ

- ■ ଓଡ଼ିଶାର ୧୩ ବିଦ୍ୟାଳୟରେ ଖୋଲିଲା 'ସ୍ପେସ ଲ୍ୟାବ'
- ■ ଉଦ୍‌ଘାଟନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ହୋଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଆଲ ଓରାମ ଏବଂ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଦୁର୍ଗାଦାସ ଉଇକେ ପ୍ରମୁଖ ଉପସ୍ଥିତ ରହି ଆଦିବାସୀ ବହୁଳ ଅଞ୍ଚଳରେ ଡିଜିଟାଲ ଶିକ୍ଷା ଓ ଉନ୍ନତ ବୈଜ୍ଞାନିକ ସୁଯୋଗ ବିସ୍ତାର କରିବା ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧ ଥିବା ଦର୍ଶାଇଛନ୍ତି।




## ସ୍ୱାସ୍ଥ୍ୟସେବାର ଚରମ ଅବ୍ୟବସ୍ଥା

# ପିଆର୍‌ଏମ୍‌ରେ ଅସୁସ୍ଥ ସ୍ତ୍ରୀଙ୍କୁ କାନ୍ଧରେ ବୋହିଲେ ସ୍ୱାମୀ

ବାରିପଦା,୩।୬(ସମିସ): ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ଦାବି କରୁଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଚିକିତ୍ସାଳୟ ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ୍) ମେଡିକାଲ କଲେଜ ଓ ହସ୍ପିଟାଲରୁ ସ୍ୱାସ୍ଥ୍ୟ ସେବାର ଏକ ବିକଳ ଚିତ୍ର ସାମ୍ନାକୁ ଆସିଛି। ଭିଡ଼ିଓ ମାଧ୍ୟମରେ ଭାଇରାଲ୍ ହୋଇଥିବା ଏହି ଘଟଣା ସାରା ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ହସ୍ପିଟାଲ୍ ପରିସରରେ ଜଣେ ଅସୁସ୍ଥ ମହିଳାଙ୍କୁ ଚିକିତ୍ସା ପାଇଁ ଷ୍ଟ୍ରେଚର୍ କିମ୍ବା ହ୍ୱିଲ୍ ଚେୟାର ମିଳିପାରି ନାହିଁ, ଯାହା ଫଳରେ ଜଣେ ବୃଦ୍ଧ ତାଙ୍କ ସ୍ତ୍ରୀଙ୍କୁ କାନ୍ଧରେ ବୋହି ମେଡିକାଲ୍ ଭିତରେ ବୁଲୁଥିବାର ଦେଖିବାକୁ ମିଳିଛି।

ବାଙ୍ଗିରିପୋଷି ଅଞ୍ଚଳର ଡୋମିମଣି ପାତ୍ର (୭୫) ଗୁରୁତର ଅସୁସ୍ଥ ହୋଇ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେ ମେଡିକାଲର ୟୁନିଟ୍-୧, ଫିମେଲ୍ ମେଡିସିନ୍ ୱାର୍ଡର ୪୦ ନମ୍ବର ବେଡ୍‌ରେ ଚିକିତ୍ସିତ ହେଉଥିଲେ। ଡାକ୍ତର ତାଙ୍କର ଏକ୍ସ-ରେ ଏବଂ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। ରୋଗୀ ଜଣକ ଚାଲିବା ସ୍ଥିତିରେ



ନଥିବାରୁ ତାଙ୍କ ପରିବାର ଲୋକେ ୱାର୍ଡରେ ଉପସ୍ଥିତ କର୍ମଚାରୀଙ୍କୁ ଏକ ଷ୍ଟ୍ରେଚର୍ କିମ୍ବା ଟ୍ରଲି ଯୋଗାଇଦେବାକୁ ବାରମ୍ବାର ନେହୁରା ହୋଇଥିଲେ। ମାତ୍ର ମେଡିକାଲ୍ କର୍ତ୍ତୃପକ୍ଷ କିମ୍ବା କୌଣସି ଆଟେଣ୍ଡାଣ୍ଟଙ୍କ ତରଫରୁ ଏଥିପାଇଁ କୌଣସି ସହଯୋଗ ମିଳିନଥିଲା। ଶେଷରେ କୌଣସି ଉପାୟ ନପାଇ, ଡୋମୀ ମଣିଙ୍କ ସ୍ୱାମୀ ନିଜ ଅସୁସ୍ଥ ସ୍ତ୍ରୀଙ୍କୁ ପିଠି ଏବଂ କାନ୍ଧରେ ବୋହି ପ୍ରଖର ଖରାରେ ପ୍ରାୟ ଅଧ କିଲୋମିଟର ଦୂରରେ ଥିବା ରେଡିଓଡାଇଗ୍ନୋସିସ୍ ବିଭାଗକୁ ନେଇଥିଲେ। ଏ ନେଇ ପୁଣି ଥରେ ସାଧାରଣରେ ତୀବ୍ର ଜନ ଅସନ୍ତୋଷ ଦେଖାଦେଇଛି ଏହି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିବା ପରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା 'ଏକ୍ସ' ଯୋଗେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତା ପିଆରଏମ୍ ମେଡିକାଲ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଏହି ଘଟଣାରେ ସ୍ପଷ୍ଟୀକରଣ ରଖିଛନ୍ତି ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ

## ମିଳୁନି ଟ୍ରଲି କି ଷ୍ଟ୍ରେଚର୍

ଡା. ଧନୁର୍ଜୟ ମହାନ୍ତ। ସେ କହିଛନ୍ତି ଯେ ଡୋମିମଣିଙ୍କୁ ଷ୍ଟ୍ରେଚର ଯାଚିବା ସତ୍ତ୍ୱେ ସେ ନିଜେ ଚାଲି ଚାଲି ଯାଇପାରିବେ ବୋଲି କହିଥିଲେ। ସେ ସିଡିଏମ୍‌ଓ କ୍ୱାର୍ଟର ସାମ୍ନା ପର୍ଯ୍ୟନ୍ତ ନିଜେ ଚାଲି ଚାଲି ଆସିଥିବା ସିସିଟିଭି କ୍ୟାମେରାରେ ମଧ୍ୟ କଏଦ ହୋଇଛି। ତେବେ ବ୍ୟାଟେରୀ ଗାଡ଼ିଟି ଅନ୍ୟ ରୋଗୀଙ୍କୁ ଓହ୍ଲାଉଥିବା ବେଳେ, ଶୀଘ୍ର ଏକ୍ସ ରେ' କରିବା ପାଇଁ ରୋଗୀଙ୍କ ସମ୍ପର୍କୀୟ ତାଙ୍କୁ କାନ୍ଧରେ ବୋହି ନେଇଥିଲେ।

## ଲୋକମେଳା ଓ କୃଷି ମେଳାର ଦ୍ୱିତୀୟ ସନ୍ଧ୍ୟା

# ଏକତାର ପ୍ରତୀକ ହିଁ ଲୋକମେଳା ଓ ଲୋକ ସଂସ୍କୃତି

ପୁରୀ,୩।୬(ସମିସ)

ବିବିଧତା ମଧ୍ୟରେ ଏକତାର ପ୍ରତୀକ ହିଁ ଲୋକମେଳା ଓ ଲୋକ ସଂସ୍କୃତି। ଭାରତବର୍ଷର ଅନ୍ୟତମ ଆଧ୍ୟାତ୍ମିକ ରାଜଧାନୀ ପୁରୀର ବିଶ୍ୱଦେବତା ଶ୍ରୀଜଗନ୍ନାଥ। ଏହାର ମଣିଷ, ପବିତ୍ର ମାଟି, ଆଧ୍ୟାତ୍ମିକ ଚେତନା, ଲୋକ ଚେତନା ବିଶ୍ୱର ଗୌରବ ବୋଲି କହିଛନ୍ତି କେନ୍ଦ୍ର ସରକାରଙ୍କ ବୈଦେଶିକ ଓ ବୟନ ଶିଳ୍ପ ମନ୍ତ୍ରୀ ପବିତ୍ର ମାରଘେରିଟା। ପୁରୀର ସ୍ୱର୍ଣ୍ଣିମ ବେଳାଭୂମିରେ ଶ୍ରୀକ୍ଷେତ୍ର ସୂଚନା ପୁରୀ ପକ୍ଷରୁ ଅନୁଷ୍ଠିତ ୨୪ତମ ଜାତୀୟ ଲୋକମେଳା ଏବଂ ୧୭ତମ ଜାତୀୟ କୃଷିମେଳାର ବୁଧବାର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଥିଲେ, ଏହାର ରୌପ୍ୟ ଜୟନ୍ତୀ ବର୍ଷରେ "ମୁଁ ନିଶ୍ଚୟ ଆସିବି ଓ ମୋ ବିଭାଗର ଏଥିପ୍ରତି






ସମସ୍ତ ସହଯୋଗ ରହିବ'। ମୁଖ୍ୟବକ୍ତା ସାଂସଦ ଡ. ସମ୍ବିତ୍ ପାତ୍ର ଲୋକମେଳାକୁ ଦେଶର ଜନଜାତି ଓ ଲୋକ ପରମ୍ପରାର ଏକ ସଶକ୍ତ ଜାତୀୟ ମଞ୍ଚ ବୋଲି ବର୍ଣ୍ଣନା କରିଥିଲେ। ପୁରୀର ସାଂସ୍କୃତିକ ପରିଚୟକୁ ଜାତୀୟସ୍ତରରେ ପହଞ୍ଚାଇବାରେ ଏହାର ଭୂମିକାକୁ ପ୍ରଶଂସା କରିବା ସହ ରୌପ୍ୟ ଜୟନ୍ତୀର ସଫଳତା କାମନା କରିଥିଲେ।

ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ହରେକୃଷ୍ଣ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀକ୍ଷେତ୍ର ସୂଚନାର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅଧିବେଶନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଡ. ସତ୍ୟନାରାୟଣ ଆଚାର୍ଯ୍ୟ, ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ଗୀତିକାର ଡ. ବଦ୍ରି ମିଶ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବିଦ୍ରୋହ ସିଂହ, ସତ୍ୟବ୍ରତ ଦାସ ଓ ଶ୍ୟାମପ୍ରକାଶ ସେନାପତି ଅତିଥି ଭାବେ ଯୋଗଦେଇ ଲୋକମେଳା ଓ କୃଷିମେଳାର ସାଂସ୍କୃତିକ, ସାମାଜିକ ଓ ଜାତୀୟ ମହତ୍ତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଲୋକ ଓ ଜନଜାତି କଳାକାରମାନଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନଙ୍କୁ ମଧ୍ୟ ସ୍ମାରକ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ରାଜସ୍ଥାନର କାଳବେଲିଆ ଓ ଘୁମର ନୃତ୍ୟ, ପଶ୍ଚିମବଙ୍ଗର ପୁରୁଲିଆ ଛଉ ନୃତ୍ୟ, ମଣିପୁରର ମଣିପୁରୀ ରାସ ନୃତ୍ୟ, ପଞ୍ଜାବର ଭାଙ୍ଗଡ଼ା, ଗୁଜରାଟର ଦାଣ୍ଡିଆ, ଝାଡ଼ଖଣ୍ଡର ସାନ୍ତାଳୀ ଓ ଝୁମର ନୃତ୍ୟ, ଛତିଶଗଡ଼ର ଧୁମୁସା ନୃତ୍ୟ, ଆସାମ ବିହୁ, ଜମ୍ମୁ-କାଶ୍ମୀରର ଲୋକନୃତ୍ୟ, ହରିୟାଣାର ଲୋକନୃତ୍ୟ, ଗୋଆର ଫୁଗଡ଼ି ନୃତ୍ୟ ଏବଂ ଓଡ଼ିଶାର ଓଡ଼ିଶୀ ଓ ଲୋକନୃତ୍ୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରଙ୍ଗବେରଙ୍ଗ ପୋଷାକ, ପାରମ୍ପରିକ ବାଦ୍ୟଯନ୍ତ୍ର ଓ ଲୋକସଙ୍ଗୀତର ତାଳେ ତାଳେ ମହୋଦଧି ବେଳାଭୂମି ଉତ୍ସବମୁଖର ହୋଇଉଠିଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଭବାନୀ ଶଙ୍କର ସାହୁ, ରୀତେଶ ମହାନ୍ତି ଓ ନାରାୟଣ ପାତ୍ର।

## ସାକ୍ଷୀଗୋପାଳ ଓଭରବ୍ରିଜ୍ ସର୍ଭିସ୍ ରୋଡ୍ ଦୁରବସ୍ଥା; ମରାମତି ଦାବି

ସାକ୍ଷୀଗୋପାଳ,୩।୬(ସମିସ): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସାକ୍ଷୀଗୋପାଳ ଓଭରବ୍ରିଜ୍ ସଂଲଗ୍ନ ସର୍ଭିସ ରୋଡ୍‌ର ମରାମତି ନିମନ୍ତେ ପୂର୍ବରୁ ଖାଲଖମାପୂର୍ଣ୍ଣ ଥିବା ପିଚୁ ରାସ୍ତାକୁ ଖୋଳି ଦିଆଯାଇଛି। ମାତ୍ର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଏହି ସର୍ଭିସ ରୋଡ୍ ଉପରେ ପିଚୁ ପକାଯାଇ ପାରିନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଓ ଯାତାୟାତକାରୀମାନେ ନାନା ପ୍ରକାର ଅସୁବିଧାର



ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଦୁଇଚକିଆ ଯାନ ଚାଳକମାନେ ଏହି ରାସ୍ତାରେ ଅଧିକ ଅସୁବିଧାରେ ପଡୁଛନ୍ତି। ବସ୍, ଟ୍ରକ୍ ଭଳି ବଡ଼ ଗାଡ଼ିକୁ ଅତିକ୍ରମ କରିବା ସମୟରେ ଖୋଳାଯାଇଥିବା କାଲଖମା ରାସ୍ତା ଯୋଗୁଁ ଚକା ଦୋହଲି ଯାଉଥିବାରୁ ଯାନର ଭାରସାମ୍ୟ ରହୁନାହିଁ ଏବଂ ଦୁର୍ଘଟଣା ଘଟୁଛି। କାଞ୍ଜିଆଠାରୁ ନୂଆଗାଁ ଛକ ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ଲମ୍ବା ଏହି ସର୍ଭିସ୍ ରୋଡ୍‌ର ଅବସ୍ଥା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ, ମରାମତି ନାମରେ ରାସ୍ତା ଖୋଳାଯାଇଥିଲେ ମଧ୍ୟ ଦୀର୍ଘ ସମୟ ଧରି କାମ ବନ୍ଦ ରହିଛି। ଏହା ଯୋଗୁଁ ଧୂଳିଧୂସର ପରିବେଶ ସୃଷ୍ଟି ହେବା ସହ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବାର ଅଭିଯୋଗ ହେଉଛି। ଏହି ପରିସ୍ଥିତିରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ରାସ୍ତା ମରାମତି କାମ ଶେଷ କରି ଯାତାୟାତକୁ ସୁରକ୍ଷିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦୁର୍ଗେଶ ପ୍ରସାଦ ମିଶ୍ର ଏନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ 'ଏକ୍ସ'ରେ ଅଭିଯୋଗ କରିଛନ୍ତି।

## କେନାଲର ପୁନଃଉଦ୍ଧାର ପାଇଁ ଦାବି

ବଳଙ୍ଗା,୩।୬(ସମିସ): ଜଳସେଚନ ନିମନ୍ତେ କେନାଲଗୁଡ଼ିକ ମୁଖ୍ୟ ଭୂମିକା ଗ୍ରହଣ କରିଥା'ନ୍ତି। କିନ୍ତୁ ଦୀର୍ଘ ବର୍ଷ ଧରି ଅନେକ କେନାଲ ଖୋଳାଯାଇ ନ ଥିବାରୁ ପ୍ରାୟତଃ ଅଧିକାଂଶ କେନାଲ ଶେଷ ମୁଣ୍ଡକୁ ପାଣି ଯାଉନାହିଁ। ଜଳ ପ୍ରବାହ ନ ହେବାରୁ ଅନେକ ସ୍ଥାନରେ କେନାଲ ସତ୍ତା ହରାଇଲେଣି। ପୂର୍ବରୁ ତାହା କେଉଁ ସ୍ଥାନରେ ଥିଲା ଜାଣିବା ସମ୍ଭବପର ହେଉନାହିଁ। ଅନେକ ସ୍ଥାନରେ କେନାଲ ଉପରେ ଜବରଦଖଲ କରାଯାଇ ଗୃହ ନିର୍ମାଣ ହୋଇଥିବା ଏକ ବଡ଼ ସମସ୍ୟା ଭାବରେ ଦେଖାଦେଇଛି। ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଅଧିକାଂଶ କେନାଲ ବନ୍ଧ ରାସ୍ତା ନିର୍ମାଣ ହେବାରୁ କେନାଲ ସଙ୍କୁଚିତ ହୋଇଯାଉଛି। ବଳଙ୍ଗା ଜଳ ସମ୍ପଦ ଉପଖଣ୍ଡ ଅଧୀନରେ ନିମାପଡ଼ା, ପିପିଲି, ସତ୍ୟବାଦୀ, ଜୟଦେବ ନିର୍ବାଚନମଣ୍ଡଳୀର ୭ଟି ମୁଖ୍ୟ କେନାଲ ଓ ୫୫ଟି ଶାଖା କେନାଲ ରହିଥିବାବେଳେ ୧୧ ହଜାର ହେକ୍ଟର ଚାଷଜମି ଜଳ ଯୋଗାଣ ନିମନ୍ତେ ଉଦ୍ଦିଷ୍ଟ ରହିଛି। ନୂଆଗାଁ ମୁଖ୍ୟ କେନାଲରେ



କାର୍ଯ୍ୟ ଚାଲିଥିବାବେଳେ ଚନ୍ଦନପୁର କେନାଲ ଅଧିକାଂଶ ସ୍ଥାନରେ ପୋତି ହୋଇଗଲାଣି। ସେହିପରି ସାଖା କେନାଲଗୁଡ଼ିକ ଯଥା- ଉଚ୍ଛୁପୁର, ବାୟାବର, ପାଇକସାହି, ଗଡ଼ତୋରିହଁ ପ୍ରଭୃତି ଅନେକ କେନାଲରେ ପ୍ରାୟତଃ ପାଣି ଆସୁ ନ ଥିବାରୁ ବହୁ ପରିମାଣର ଜମି ପଡ଼ିଆ ପଡୁଛି। ଜଳ ଯୋଗାଣ ସମୟକୁ ତରବରିଆ ଜେସିବି ଦ୍ୱାରା କେବଳ ବଣ ଜଙ୍ଗଲ ସଫା କରି କାର୍ଯ୍ୟ ଶେଷ କରି ଦିଆଯାଉଛି। ବିଲରେ ପାଣି ନ ମାଡ଼ି ମଧ୍ୟ ଚାଷୀ ଜଳକର ଦେବାକୁ ବାଧ୍ୟ ହେଉଛନ୍ତି। ସ୍ଥିତି ସମୀକ୍ଷା ପୂର୍ବକ କେନାଲ ପୁନରୁଦ୍ଧାର ଓ ଜବରଦଖଲ ଉଚ୍ଛେଦ ନିମନ୍ତେ ଗୋପାଳ ଚନ୍ଦ୍ର ରଥ, ପ୍ରବୋଧ ପ୍ରଧାନ, ଦେବେନ୍ଦ୍ର ଦଳାଇ, ରବିନାରାୟଣ ଶତପଥି, ରାକେଶ ରଞ୍ଜନ ଦାଶ ପ୍ରଭୃତି ଶହଶହ ଚାଷୀ ଜିଲ୍ଲାପାଳ ଓ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ବଡ଼ଧରଣର ଚାଷୀ ଆନ୍ଦୋଳନକୁ ଏଡ଼ାଇ ଦିଆଯାଇ ନ ପାରେ।

## ମିଟେଇପୁର ପଞ୍ଚାୟତରେ ଭାଜପାର ସାଂଗଠନିକ ବୈଠକ

ନିମାପଡ଼ା,୩।୬(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ମିଟେଇପୁର ପଞ୍ଚାୟତର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପୂର୍ବତନ ସଭାପତି ଚିତ୍ତରଞ୍ଜନ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶ ଯୋଗଦେଇ କେନ୍ଦ୍ର ସରକାରଙ୍କ ୧୨ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ଶାସନ ସଫଳତାର ବାର୍ତ୍ତା ବାଣ୍ଟିବା ସହ ପଞ୍ଚାୟତରେ ସଂଗଠନକୁ ମଜବୁତ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ବରିଷ୍ଠ ନେତୃତ୍ୱ



ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ୨୩ ଜଣିଆ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଉପଦେଷ୍ଟା ଭାବେ ଚିତ୍ତରଞ୍ଜନ ସେନାପତି, ଅଧ୍ୟକ୍ଷ ଭାବେ ପବିତ୍ର କୁମାର ପ୍ରଧାନ, ଉପାଧ୍ୟକ୍ଷ ଭାବେ ଚିନ୍ମୟ ପରିଜା, ସଞ୍ଜୟ ବାରିକ, କାହ୍ନୁ ଚରଣ ବେହେରା, ସଭ୍ୟଭାବେ ତୋଫାନ ପ୍ରଧାନ, ବିଚିତ୍ର ବେହେରା, ସଚିତ୍ର ସ୍ୱାଇଁ, ମହେନ୍ଦ୍ର ପ୍ରଧାନ, କାଳନ୍ଦୀ ପ୍ରଧାନ, ରତିକାନ୍ତ ନାୟକ, ଗଣେଶ ଜେନା, ମାନସ ସାହୁ, ବାପି ସାମଲ, ସହଦେବ ନାୟକ, ବାବୁ ଦାସ, ରାଜେନ୍ଦ୍ର ନନ୍ଦ, ଅଜୁ ଭୋଇ, ବିବେକାନନ୍ଦ ବେହେରା, ସଞ୍ଜୟ ବାରିକ, ରମେଶ ରଥ, ରତ୍ନାକର ପତି, ନୃସିଂହ ଓଝା, କୈଳାସ ପ୍ରଧାନ, ଗଙ୍ଗାଧର ରଥ, ବୈକୁଣ୍ଠ ସ୍ୱାଇଁ, ସଞ୍ଜୟ ପତି, ବିଭୁତି ନାୟକଙ୍କୁ ମନୋନୀତ କରାଯାଇଛି।

## ପୁଞ୍ଜିବାଦୀ ବ୍ୟବସ୍ଥା ପ୍ରକୃତି ଉପରେ ଅତ୍ୟାଚାର କରୁଛି

ପୁରୀ,୩।୬(ସମିସ): ସମ୍ପ୍ରତି ପୁଞ୍ଜିବାଦୀ ବ୍ୟବସ୍ଥା କେବଳ ଯେ ମଣିଷକୁ ଶୋଷଣ କରୁଛି ତା' ନୁହେଁ, ଏହା ପ୍ରତି ମୁହୂର୍ତ୍ତରେ ପ୍ରକୃତି ଉପରେ ଅତ୍ୟାଚାର କରି ଚାଲିଛି। ଜନଗଣଙ୍କର ବଞ୍ଚି ରହିବାର ସମସ୍ତ ଅଧିକାରକୁ ଏହା ଲୁଣ୍ଠନ କରି ଅନାହାର, ଅଶିକ୍ଷିତ, ବେରୋଜଗାରୀ, ଧର୍ମାନ୍ଧତା ଇତ୍ୟାଦି ନାନା ପ୍ରକାର ଜନବାଦୀ ବିକାଶ ବିରୋଧୀ ଶକ୍ତିକୁ ପ୍ରୋତ୍ସାହିତ କରୁଛି। ମାତ୍ର ଏ ସଙ୍କଟରୁ ମୁକ୍ତିର ମାର୍ଗ ୯୯ ଭାଗ ଲୋକଙ୍କ ପାଖରେ ରହିଛି ବୋଲି ପୁରୀ ସହରର ଅନ୍ୟତମ ବୌଦ୍ଧିକ ଅନୁଷ୍ଠାନ ପ୍ରଗତିଶୀଳ ପାଠଚକ୍ର ତରଫରୁ ଆୟୋଜିତ ଆଲୋଚନାରେ ମତପ୍ରକାଶ ପାଇଛି। 'ସାମ୍ପ୍ରତିକ ଅର୍ଥନୈତିକ ଶୋଷଣ ଓ ସଙ୍କଟ' ଶୀର୍ଷକ ଆଲୋଚନାଚକ୍ରକୁ ସୁରେନ୍ଦ୍ର ତପସୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଦେବଦତ୍ତ ବିଶ୍ୱରଞ୍ଜନ, ଶ୍ରୀମନ୍ତ ମହାନ୍ତି, ଦେବୀ ପ୍ରସନ୍ନ ରଥ, ସୁମିତ୍ରା ବାରିକ୍, ନବଘନ ମହାରଣା, ଦେବଦତ୍ତ ପ୍ରଧାନ, ମିଳନ ସାସମଲ, ଅମୂଲ୍ୟ ରଞ୍ଜନ ଦାସ ପ୍ରମୁଖ ଆଲୋଚନାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ।

## ରେଳଧାରଣାରୁ ଉଦ୍ଧାର ମହିଳାଙ୍କ ଶବ ବ୍ୟବଚ୍ଛେଦ

ପୁରୀ,୩।୬(ସମିସ): ମଙ୍ଗଳବାର ପୁରୀ ହୁଲୁହୁଲିଆ ପୋଲ ନିକଟ ୪୯୬/୧୯ ନମ୍ବର ଖୁଣ୍ଟି ନିକଟସ୍ଥ ରେଳଧାରଣାରୁ ମିଳିଥିବା ବୃଦ୍ଧାଙ୍କ ମୃତଦେହକୁ ପୁରୀ ଜିଆର୍‌ପି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନମ୍ବର ୧୪/୨୬) ରୁଜୁ କରାଯାଇ ବ୍ୟବଚ୍ଛେଦ କରାଯାଇଛି। ବୃଦ୍ଧାଙ୍କର କୌଣସି ପରିଚୟ ନ ମିଳିବାରୁ ତାଙ୍କ ମୃତଦେହକୁ ୯୬ ଘଣ୍ଟା ପାଇଁ ସଂରକ୍ଷିତ ଅବସ୍ଥାରେ ରଖାଯାଇଛି। ତାଙ୍କର ବୟସ ଅନୁମାନ ୬୦ରୁ ୬୫ ବର୍ଷ ହେବ। ସବନା ରଙ୍ଗ ଓ ମାଧ୍ୟମ ଶରୀର। ଉଚ୍ଚତା ୫ ଫୁଟ୍। ମହିଳା ଜଣକ ଏକ ଗୋଲାପି ରଙ୍ଗର ନାଇଟି ପିନ୍ଧିଥିଲେ। ହୁଏତ ସେ କୌଣସି ଚଳନ୍ତା ରେଳ ଗାଡ଼ିରେ ଦୁର୍ଘଟଣା ଘଟି ପ୍ରାଣ ହରାଇଥିବାର ଅନୁମାନ କରାଯାଉଛି।

## ଅବନୀ ବରାଳ ସ୍ମୃତି ପାଠାଗାର ଉନ୍ମୋଚିତ



ନିମାପଡ଼ା,୩।୬(ସମିସ): ନିମାପଡ଼ାସ୍ଥିତ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚ ଏବଂ ବନମାଳୀ ବ୍ରହ୍ମଚାରୀ ସ୍ମୃତିନ୍ୟାସ ମଞ୍ଚ ଦ୍ୱାରା ଆୟୋଜିତ ଶିକ୍ଷକନେତା ଅବନୀ ବରାଳଙ୍କ ୯୨ତମ ଜୟନ୍ତୀ ଅବସରରେ ଅବନୀ ବରାଳ ସ୍ମୃତି ପାଠାଗାର ଉନ୍ମୋଚନ ହୋଇଯାଇଛି। ଏହି ସମାରୋହରେ ରାଜ୍ୟ ଆସୋସିଏସନ ସଭାପତି ଭାଗ୍ୟଧର ପ୍ରଧାନ ଓ ଜିଲ୍ଲା ସଭାପତି ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ ନିମାପଡ଼ା ବ୍ଲକ୍‌ର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ନିର୍ମଳ କୁମାର ମିଶ୍ର ଏବଂ ବ୍ରହ୍ମଗିରି ବ୍ଲକ୍‌ର ଶିକ୍ଷକନେତା ତଥା ଅବସରପ୍ରାପ୍ତ ଶିକ୍ଷକ କୈଳାଶ ଚନ୍ଦ୍ର ପଲେଇଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ନିମାପଡ଼ା ବନମାଳୀ ବ୍ରହ୍ମଚାରୀ ଭବନରେ ଏକ ପାଠାଗାର ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷକନେତା ପ୍ରକାଶ ଚନ୍ଦ୍ର ଜେନା, ସୁବାସ ରଥ, ନିରଞ୍ଜନ ପାତ୍ର, ସାଧୁ ଚରଣ ବିଶ୍ୱାଳ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଚିତ୍ତରଞ୍ଜନ ସ୍ୱାଇଁ, ସୁଶାନ୍ତ ନାୟକ, ପଞ୍ଚାନନ ସ୍ୱାଇଁ, ତପନ ତ୍ରିପାଠୀ, ଅଶୋକ ରାୟ, କଲ୍ୟାଣୀ ନାୟକ, ସୁଧାଂଶୁ ଶେଖର ମହାପାତ୍ର, ଦେବାଶିଷ ପତି, ସୁକାନ୍ତ ଭୂୟାଁ, ସୁଧାଂଶୁ ନାୟକ, ବିରଞ୍ଚି ନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସମେତ ପୁରୀ ଜିଲ୍ଲାର ଶତାଧିକ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକନେତା ମାଧବ ଚନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

## ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପୁରୀ,୩।୬(ସମିସ): ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ନିମନ୍ତେ ତିନିଦିନିଆ 'ବୋଟ୍ ଇଞ୍ଜିନ ତ୍ରୁଟି ସଂଶୋଧନ ଓ ରକ୍ଷଣାବେକ୍ଷଣ' ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ମତ୍ସ୍ୟ ନିର୍ଦ୍ଦେଶାଳୟ ଓଡ଼ିଶା, କଟକ ଓ ବିଶାଖାପାଟଣାସ୍ଥିତ କେନ୍ଦ୍ରୀୟ ମତ୍ସ୍ୟ ନୌଚାଳନା ଓ ଇଞ୍ଜିନିୟରିଂ ପ୍ରଶିକ୍ଷଣ କେନ୍ଦ୍ରର ମିଳିତ ସହଯୋଗରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଗତ ସୋମବାର ଆରମ୍ଭ ହୋଇଥିବା ଏହି ବୈଷୟିକ ପ୍ରଶିକ୍ଷଣ ଶିବିରକୁ ମତ୍ସ୍ୟ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଉଦ୍‌ଘାଟନ କରିଥିଲେ। ଶିବିରରେ ଅସ୍ତରଙ୍ଗ, ଚନ୍ଦ୍ରଭାଗା, ପୁରୀ ଓ ବ୍ରହ୍ମଗିରି ସାମୁଦ୍ରିକ ୟୁନିଟ୍‌ର ୫୦ ଜଣ ଅଗ୍ରଣୀ ମତ୍ସ୍ୟଜୀବୀ ଅଂଶଗ୍ରହଣ କରି ସାମୁଦ୍ରିକ ମାଛଧରା ଡଙ୍ଗାରେ ଉପଯୋଗ ହେଉଥିବା ଇଞ୍ଜିନର ରକ୍ଷଣାବେକ୍ଷଣ ତଥା ତ୍ରୁଟି ସଂଶୋଧନ ଉପରେ ବୈଷୟିକ ଜ୍ଞାନ ଆହରଣ କରିଥିଲେ।

ପ୍ରକାଶଯୋଗ୍ୟ ଯେ, ସାମୁଦ୍ରିକ ମାଛ ଉତ୍ପାଦନ କ୍ଷେତ୍ରରେ ଡଙ୍ଗାରେ ଇଞ୍ଜିନ ସଂଯୋଗ କରାଯାଇ ଅଳ୍ପ ସମୟରେ ସମୁଦ୍ରକୁ ଯିବାଆସିବା ତଥା ମାଛ ଧରିବା କାର୍ଯ୍ୟକୁ ସହଜ କରାଯାଇଥାଏ। ମତ୍ସ୍ୟ ବିଭାଗ ପକ୍ଷରୁ ଇଞ୍ଜିନ ଯୋଗାଣ କ୍ଷେତ୍ରରେ ପ୍ରୋତ୍ସାହନ ପ୍ରଦାନର ମଧ୍ୟ ବ୍ୟବସ୍ଥା ରହିଛି। ଏହି ଉଦ୍‌ଯାପନୀ ସମାରୋହରେ ପୁରୀ ଜିଲ୍ଲା ଜୋନ୍ ଉପ ମତ୍ସ୍ୟ ନିର୍ଦ୍ଦେଶକ ନରସିଂହ ଚରଣ ମୁଣ୍ଡ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ, ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ ପୁରୀ) ରମେଶ ଚନ୍ଦ୍ର ରାଉଳ, ପୂର୍ବତନ ଉପ ମତ୍ସ୍ୟ ନିର୍ଦ୍ଦେଶକ ପ୍ରକାଶ କୁମାର ତ୍ରିପାଠୀ, କେନ୍ଦ୍ରୀୟ ମତ୍ସ୍ୟ ନୌଚାଳନା ଓ ଇଞ୍ଜିନିୟରିଂ ପ୍ରଶିକ୍ଷଣ କେନ୍ଦ୍ର, ବିଶାଖାପାଟଣାର ପ୍ରଶିକ୍ଷକ ଟିଭିଏସ୍‌ବି ହରନାଥ ରାଓ ପ୍ରମୁଖ ଯୋଗଦେଇଥିଲେ। ଏହି ସଫଳ ତାଲିମ ଶିବିରରେ ଯୋଗଦେଇଥିବା ମତ୍ସ୍ୟଜୀବୀଙ୍କୁ ଶେଷରେ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ବ୍ଲକ୍ ପରିସରରେ ସର୍ବସାଧାରଣ ଶୌଚାଳୟ ଉଦ୍‌ଘାଟିତ





କାକଟପୁର,୩।୬(ସମିସ): ବହୁ ବର୍ଷ ପ୍ରତିକ୍ଷାର ଅନ୍ତ ଘଟାଇ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷାଙ୍କ ସମୟରେ ଆରମ୍ଭ କରାଯାଇଥିବା ବ୍ଲକ୍ ପରିସରରେ ଏକ ସର୍ବସାଧାରଣଙ୍କ ଶୌଚାଳୟର ବୁଧବାର ଉଦ୍‌ଘାଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବର୍ତ୍ତମାନର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, ସମ୍ମାନିତ ଅତିଥି କଣ୍ଟାପଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ରୀନା ନାୟକ ଓ କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ ଶୌଚାଳୟଟି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟନ କରିଥିଲେ। ସ୍ୱଚ୍ଛତା ଓ ପରିବେଶ ଉପରେ ପ୍ରାଧାନ୍ୟ ଦେଇ ମଣ୍ଡଳ ଉନ୍ନୟନ ଅଧିକାରୀ କହିଥିଲେ କି ଆଗାମୀ ବର୍ଷା ଋତୁ ପୂର୍ବରୁ ବ୍ଲକ୍ ପରିସରରୁ ଅନାବଶ୍ୟକ ଗୁଳ୍ମଲତା ପରିଷ୍କାର କରାଯିବା ସହ ବ୍ଲକ୍ ପରିସରରେ ପରିବେଶକୁ ସୁହାଉଥିବା କେତେକ ଚାରାରୋପଣ କରାଯିବା ପାଇଁ ସ୍ଥିରୀକୃତ କରାଯାଇଛି। ବହୁ ଦୂରଦୂରାନ୍ତରୁ ଆସୁଥିବା ସର୍ବସାଧାରଣଙ୍କ ପାଇଁ ବ୍ଲକ୍ ପରିସରରେ ଏକ ଶୌଚାଳୟର ଆବଶ୍ୟକତାକୁ ଆମେ ପୂରଣ କରିଥିବା ବ୍ଲକ୍ ଅଧ୍ୟକ୍ଷ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ଧଳଙ୍କ ସମେତ ବ୍ଲକ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଚେସ୍ ଖେଳିଲେ ଶତାଧିକ ଛାତ୍ରଛାତ୍ରୀ

ପୁରୀ,୩।୬(ସମିସ): ପିଲାଙ୍କ ଖବରକାଗଜ ଶିଶୁ ସମାଚାରର ଊନବିଂଶ ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ରବିବାର ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା ଚେସ୍ ପ୍ରଶିକ୍ଷକ ଶ୍ୟାମଲ କୁଣ୍ଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁନି ଚେସ୍ ଖେଳାଳି ପ୍ରତୀକ୍ ସିଂ ଏବଂ ଶିଶୁ ସମାଚାର ପରିବାରର ସଦସ୍ୟ ମନୋଜ କୁମାର ରଥ, ବିଜୟ କୁମାର ବ୍ରହ୍ମା ଓ ଅନାମ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଶିଶୁମାନଙ୍କ ଭିତରେ ଥିବା ଚେସ୍ ଖେଳର ମାନସିକତାକୁ ଶକ୍ତ କରିବା ସହ ଆଗକୁ ବଢ଼ିବାରେ ଶିଶୁ ସମାଚାରର ପ୍ରୟାସ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି କହିଥିଲେ। ଏହି ପ୍ରତିଯୋଗିତାକୁ ସର୍ବଶ୍ରୀ ଶ୍ରବଣ କୁମାର ପ୍ରଧାନ, ଅଶୋକ ନାୟକ, ସ୍ୱରାଜ ମହାନ୍ତି, ଓମ୍ ପ୍ରକାଶ ତ୍ରିପାଠୀ ପରିଚାଳନା କରିଥିଲେ। ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ପୌର ସଦନରେ ଆସନ୍ତା ଅଗଷ୍ଟ ୮ ତାରିଖରେ ହେବାକୁ ଥିବା ସ୍ୱନକ୍ଷତ୍ର ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଆସନ୍ତା ରବିବାର ଦାମୋଦର ରୋଡ୍‌ସ୍ଥିତ ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଅନ୍ୟତମ ପରିବାର ସଦସ୍ୟ ଡ. ଶଶିକାନ୍ତ ରଥ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ପ୍ରକୃତି ବନ୍ଧୁ ରତ୍ନାକରଙ୍କ ପରଲୋକ

ବ୍ରହ୍ମଗିରି,୩।୬(ସମିସ): ବ୍ରହ୍ମଗିରି ବ୍ଲକ୍ ବରୋକୁଦୀ ଗ୍ରାମର ପ୍ରକୃତି ବନ୍ଧୁ ରତ୍ନାକର ବେହେରାଙ୍କର ମଙ୍ଗଳବାର ରାତିରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ରତ୍ନାକର ପେସାରେ ମତ୍ସ୍ୟଜୀବୀ। ଚିଲିକାରେ ବହାଣ କରି ପରିବାର ପ୍ରତିପୋଷଣ କରନ୍ତି। ବେଶି କିଛି ପାଠ ପଢ଼ି ନ ଥିଲେ ମଧ୍ୟ ପରିବେଶ, ପ୍ରକୃତି, ବୃକ୍ଷଲତା, ଚିଲିକାକୁ



ଭଲ ଭାବରେ ପଢ଼ିପାରିଥିଲେ। କହିବାକୁ ଗଲେ ପରିବେଶ, ପ୍ରକୃତି ପାଇଁ ଜଣେ ସମର୍ପିତ ବ୍ୟକ୍ତିତ୍ୱ। ଚିଲିକା ଉପକୂଳରେ ଲୁଣା ପରିବେଶ ଏବଂ ମଇଁଷିଙ୍କ ଚଳପ୍ରଚଳ ହେତୁ ଗଛ ବଞ୍ଚାଇ ବଡ଼ କରିବା କାଠିକର ପାଠ। କିନ୍ତୁ ରତ୍ନାକର ଅନେକ ବରଗଛ ଲଗାଇ ପାଳନ କରି ବଡ଼ କରିଛନ୍ତି। ଏପରିକି ଚିଲିକା ଟାପୁରେ ବରଗଛ ଲଗାଇ ବଡ଼ କରିଛନ୍ତି। ଚିଲିକାର ଜୈବବିବିଧତାର ସୁରକ୍ଷା, ବିଦେଶୀ ବିହଙ୍ଗଙ୍କ ସୁରକ୍ଷା ଆଦି ପାଇଁ କାମ ଜାରି ରଖିଥିଲେ। ଗାଁ ଗାଁ ବୁଲି ବିଦେଶୀ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଲୋକଙ୍କୁ ବୁଝାଉଥିଲେ। ରାଜ୍ୟ ସରକାର ତାଙ୍କର କାମ ପାଇଁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରିଥିଲେ। ସେ ମଧ୍ୟ ବଡ଼ବେଣାକୁଦୀ ମା' କାଳୀକା ଦଣ୍ଡ ନୃତ୍ୟର ସେ ଗୁରୁ ଥିଲେ। ଚିଲିକା ଉପକୂଳ ଅଞ୍ଚଳରେ ଜଣେ ପରିବେଶ ଯୋଦ୍ଧାକୁ ହରାଇଥିବାରୁ ପରିବେଶ ପ୍ରେମୀ କାଶୀନାଥ ନାୟକ ଦୁଃଖ ପ୍ରକାଶ କରିଛନ୍ତି।

## ଛିଣ୍ଡା ପାଲ ତଳେ ଉଲ୍ଲାସଙ୍କ ସଂସାର | ଆବାସ ଯୋଜନା ସାତସପନ

ସାକ୍ଷୀଗୋପାଳ,୩।୬(ସମିସ)

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବୀରରାମଚନ୍ଦ୍ରପୁର ପଞ୍ଚାୟତ ୫ ନମ୍ବର ୱାର୍ଡର ଉଲ୍ଲାସ ସେଠୀଙ୍କ ନିମନ୍ତେ ସରକାରୀ ଯୋଜନା ଓ ସହାୟତା ସାତସପନ ପାଲଟିଛି। ୫ ପ୍ରାଣୀ କୁଟୁମ୍ବଙ୍କ ସହିତ ଛିଣ୍ଡା ଜରିପାଲ ତଳେ କାଳାତିପାତ କରୁଛନ୍ତି। ସରକାରୀ ଯୋଜନାର ରଙ୍ଗୀନ ପୋଷ୍ଟର ଓ ବର୍ଣ୍ଣାଢ୍ୟ ଆୟୋଜନ ଭିତରେ କେଉଁଠି ନା କେଉଁଠି ଲୁଚିଯାଉଛି ଜଣେ ଗରିବର ଲୁହ। ଯେତେବେଳେ ପ୍ରଶାସନିକ ବାବୁ ଓ ନେତାମାନେ ମୁଷ୍ଟିମେୟ ଲୋକଙ୍କୁ ସରକାରୀ ସୁବିଧା ବାଣ୍ଟି କ୍ୟାମେରା ଆଗରେ ବାହାବା ନେଉଛନ୍ତି, ଠିକ୍ ସେତିକିବେଳେ ସତ୍ୟବାଦୀ ବ୍ଲକ୍ ବୀରରାମଚନ୍ଦ୍ରପୁର ପଞ୍ଚାୟତର ୱାର୍ଡ ନମ୍ବର ୫ରୁ ଆସିଛି ଏଭଳି ଏକ ହୃଦୟବିଦାରକ ଚିତ୍ର। ଗତ ୬ ବର୍ଷ ହେଲା ଏକ ଛିଣ୍ଡା ପାଲ ତଳେ ୫ ପ୍ରାଣୀଙ୍କୁ ଧରି ତିଳତିଳ ହୋଇ ଜଳୁଛନ୍ତି ଉଲ୍ଲାସ ସେଠୀ।




ସରକାରୀ ସ୍ୱପ୍ନ ଓ ବାସ୍ତବତାର ଜଟିଳତା ଭିତରେ ଅହରହ ଧନ୍ଦି ହେଉଛନ୍ତି ସେ। ପରିବାର କହିଲେ, ମାନସିକ ବିକାରଗ୍ରସ୍ତ ସ୍ତ୍ରୀ ଓ ଚାରୋଟି ନିଷ୍ପାପ ଶିଶୁ। ଦିନ ମଜୁରିଆ ଭାବେ ଯାହା ମିଳେ, ସେଥିରେ ପେଟକୁ ଦାନା ମୁଠେ ଯୋଗାଇବା ବି ତାଙ୍କ ପାଇଁ ଏକ ଯୁଦ୍ଧ ଜିତିବା ସଦୃଶ। ଏପରି ସ୍ଥିତିରେ ଘର ଖଣ୍ଡେ କରିବା ତାଙ୍କ ପାଇଁ ସାତସପନ। ଅସରାଏ ବର୍ଷା ହେଲେ ପିଲା ଛୁଆ ଧରି ବାରଦୁଆର ହେବାକୁ ପଡ଼େ। ଆଶ୍ଚର୍ଯ୍ୟର କଥା ଆଜିର ଏ ଡିଜିଟାଲ ଯୁଗରେ ତାଙ୍କ ପାଖେ ନା ଅଛି ରାସନ କାର୍ଡ ନା ଅଛି ଅନ୍ତ୍ୟୋଦୟ କାର୍ଡ। ସତେ ଯେମିତି ସରକାରୀ ଖାତାରେ ଉଲ୍ଲାସଙ୍କ ପରିବାରର କୌଣସି ଅସ୍ତିତ୍ୱ ନାହିଁ। ଉଲ୍ଲାସଙ୍କ ଏହି ଅବସ୍ଥା ପାଇଁ ଦାୟୀ କିଏ? ପ୍ରଶାସନିକ ଅଧିକାରୀ, ୱାର୍ଡ ସଭ୍ୟ, ସରପଞ୍ଚ ନା ପଞ୍ଚାୟତସ୍ତରୀୟ ସରକାରୀ ବାବୁମାନେ? କାରଣ ଉଲ୍ଲାସ କୌଣସି ଦୁର୍ଗମ ବା ଉପାନ୍ତ ଅଞ୍ଚଳରେ ରୁହନ୍ତି ନାହିଁ। ସାକ୍ଷୀଗୋପାଳ ବଜାର ସଂଲଗ୍ନ ବୀରରାମଚନ୍ଦ୍ରପୁର ଶାସନ ଗ୍ରାମରେ ତାଙ୍କ ଘର। ପଞ୍ଚାୟତ କାର୍ଯ୍ୟାଳୟର ଅନତୀ ଦୂରରେ ତାଙ୍କ ଘର। ହେଲେ ସରପଞ୍ଚଙ୍କଠାରୁ ଆରମ୍ଭ କରି ୱାର୍ଡ ମେମ୍ବର, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଓ ଜିଆର୍‌ଏସ୍‌ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରି କରି ଉଲ୍ଲାସ ଏବେ କ୍ଳାନ୍ତ। ନିକଟରେ ଆବାସ ପାଇଁ ସତ୍ୟବାଦୀ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି ଉଲ୍ଲାସ।

ନାଗରିକ ଅଧିକାର ସୁରକ୍ଷିତ କରିବାର ସବୁଠାରୁ ଶକ୍ତିଶାଳୀ ବ୍ୟବସ୍ଥା ହେଉଛି ପଲ୍ଲୀସଭା। କିନ୍ତୁ ଅଧିକାରୀମାନେ କାର୍ଯ୍ୟକାରୀ ନ କରିବା ଯୋଗୁଁ ପ୍ରକୃତ ହିତାଧିକାରୀ ସେମାନଙ୍କ ମୌଳିକ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା କହିଛନ୍ତି। "ମୁଁ ଆଉ କାହା ପାଖକୁ ଯିବି? ସମସ୍ତେ ତ ଦେଖୁଛନ୍ତି, ହେଲେ କେହି ଶୁଣୁନାହାନ୍ତି। କ'ଣ ଆମ ଭଳି ଗରିବଙ୍କ ପାଇଁ ସରକାରୀ ଯୋଜନା ନାହିଁ?' ବ୍ୟବସ୍ଥାକୁ ଏମିତି କିଛି ପ୍ରଶ୍ନ କରିଛନ୍ତି ଉଲ୍ଲାସ। ଏ ସମ୍ପର୍କରେ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକଙ୍କୁ ପଚାରିବାରୁ, ଉଲ୍ଲାସ ସେଠୀଙ୍କ ସମ୍ପର୍କରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବାସ ପାଇବା ନିମନ୍ତେ ରହିଥିବା ସରକାରୀ ମାନଦଣ୍ଡ ଅନୁସାରେ ବାସଗୃହ ପ୍ରଦାନ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ୨୪ଟି ପଞ୍ଚାୟତରେ କୌଣସି କାରଣରୁ ରହିଯାଇଥିବା ଯୋଗ୍ୟ ହିତାଧିକାରୀଙ୍କ ତାଲିକା କରିବା ନିମନ୍ତେ ସମସ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୂଚନା ଦେଇଥିଲେ।

# ଶ୍ରୀକ୍ଷେତ୍ର ସିଟି

୩/୬/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୯,୭୧,୦୬୧/- ସୁନା:୦୫.୮୫୦ ଗ୍ରାମ୍ ରୁପା: ୪୧.୪୦୦ ଗ୍ରାମ୍





### ତାଳବଣିଆ ଜଙ୍ଗଲରେ ଅଗ୍ନିକାଣ୍ଡ

## ପହଞ୍ଚିଲେନି ବନ କର୍ମଚାରୀ; ନିଆଁ ଲିଭାଇଲେ ସ୍ୱେଚ୍ଛାସେବୀ

**ପୁରୀ,୩।୬(ସମିସ):** ବୁଧବାର ପୂର୍ବାହ୍ଣ ପ୍ରାୟ ୧୧ଟା ସମୟର ତାଳବଣିଆ ଜଙ୍ଗଲରେ ନିଆଁ ଲାଗିଯାଇଥିଲା। ଇଣ୍ଡୋର ଷ୍ଟାଡିୟମ୍ ପଟୁ ଭୂଦାନ ଆଡ଼କୁ ଯିବା ରାସ୍ତାରେ ପ୍ରାୟ ୨୦୦ ମିଟର ପରେ ବାମପାଶ୍ୱର୍ ଝାଉଁ ଜଙ୍ଗଲ ଭିତରେ ଲାଗିଥିଲା ନିଆଁ। ତଳେ ପଡ଼ିଥିବା ଶୁଖିଲା ଝାଉଁପତ୍ରରେ ନିଆଁ ଅତି କ୍ଷୀପ୍ର ବେଗରେ ବ୍ୟାପିବାକୁ ଲାଗିଥିଲା। ହେଲେ ବନ କର୍ମଚାରୀମାନେ ଠିକଣା ସମୟରେ ପହଞ୍ଚି ପାରି ନ ଥିଲେ। ଭୂଦାନ ଆଡ଼କୁ ଯାଉଥିବା କେତେଜଣ ଯୁବ ସ୍ୱେଚ୍ଛାସେବୀ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ତୁରନ୍ତ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ତାଳବଣିଆ ଜଙ୍ଗଲରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଟଳି ଯାଇଥିଲା। ନିଆଁ ଲିଭାଇଥିବା ସ୍ୱେଚ୍ଛାସେବୀ ଦୁଷ୍ମନ୍ତ ସାହୁ କହିଛନ୍ତି, ଆମେ ୩ ଜଣ ସାଙ୍ଗ ଭୂଦାନ ଆଡ଼କୁ ଯାଉଥିଲୁ। ତାଳବଣିଆ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲୁ। ଯେହେତୁ ଏବେ ଖରା ସମୟ ତେଣୁ ତଳେ ପଡ଼ିଥିବା ଝାଉଁପତ୍ରରେ ନିଆଁ ବ୍ୟାପୁଥିଲା। ହଠାତ୍ କେଉଁଠୁ ପାଣି ଆଣି ନିଆଁ ଲିଭାଇବୁ ଏହି ଚିନ୍ତା ଭିତରେ ଆମେ ଛୋଟ ବାଡ଼ି ସାହାଯ୍ୟ ପ୍ରଥମେ ତଳେ ପଡ଼ିଥିବା ଶୁଖିଲା ଝାଉଁପତ୍ରକୁ



ନିଆଁଠାରୁ ଦୂରେଇ ଦେଇଥିଲୁ। ଅର୍ଥାତ୍ ନିଆଁ ଯେପରି ଆଗକୁ ନ ଯିବ ସେଥିଲାଗି ବାଡ଼ିରେ ଝାଉଁପତ୍ର ସଫା କଲୁ। ଏପରିକି ବାଲି ମଧ୍ୟ ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲୁ। ପ୍ରାୟ ଦେଢ଼ରୁ ଦୁଇଘଣ୍ଟା ପରିଶ୍ରମ କରିବା ପରେ ନିଆଁ ଲିଭିଥିଲା। ତଥାପି ଅଧଏକର ଜଙ୍ଗଲ ଜଳିଯାଇଥିଲା ବୋଲି କହିଛନ୍ତି ଦୁଷ୍ମନ୍ତ। ବଡ଼ କଥା ହେଉଛି ଜଙ୍ଗଲରେ ନିଆଁ ଲାଗିଥିଲେ ମଧ୍ୟ କୌଣସି ବନ କର୍ମଚାରୀ କିମ୍ବା ଅଗ୍ନିଶମ କର୍ମଚାରୀ ପହଞ୍ଚି ନ ଥିଲେ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ତାଳବଣିଆ ଜଙ୍ଗଲ ହେଉ କି ବାଲୁଖଣ୍ଡ ଅଭୟାରଣ୍ୟ ଭିତରେ ବିଭିନ୍ନ ସମୟରେ ନିଆଁ ଲାଗିବାର ନଜିର ରହିଛି। ଏହାଦ୍ୱାରା ବିପୁଳ ପରିମାଣରେ ବନ୍ୟ ସମ୍ପଦ ନଷ୍ଟ ହେଉଥିବା ବେଳେ ବନ୍ୟପ୍ରାଣୀ ବି ପ୍ରଭାବିତ ହୋଇଥା'ନ୍ତି। ଦୁର୍ଘଟଣା ସମୟରେ ବନ କର୍ମଚାରୀ ହୁଅନ୍ତୁ ବା ପରିବେଶ ବିକାଶ ସମିତି(ଇଡିସି) ସଦସ୍ୟ ତତ୍ପର ହୋଇପଡୁଛନ୍ତି। ହେଲେ ପରବର୍ତ୍ତୀ ସମୟରେ ସେମାନେ ପୁଣି ନିରବ ହୋଇଯାଉଛନ୍ତି। ଫଳରେ ବିଗତ ଦିନରେ ବାଲୁଖଣ୍ଡରେ ଅଗ୍ନିକାଣ୍ଡ ଘଟି ଅନେକ ଜଙ୍ଗଲ ସମ୍ପଦ ପୋଡ଼ି ପାଉଁଶ ହୋଇଯାଉଛି। ସୌଭାଗ୍ୟର କଥା ଏହି ନିଆଁ ବ୍ୟାପକ ରୂପ ଧାରଣ କରିବା ପୂର୍ବରୁ ଲିଭାଇ ଦିଆଯାଇଥିଲା। ଫଳରେ ବଡ଼ଧରଣର ଅଘଟଣରୁ ରକ୍ଷା ପାଇଛି ତାଳବଣିଆ ଜଙ୍ଗଲ ଓ ଏଥିରେ ବସବାସ କରୁଥିବା ବନ୍ୟପ୍ରାଣୀ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତାଳବଣିଆରେ ଭୂତଳ ଜଳସ୍ତର ଖସୁଥିବାବେଳେ ଝାଉଁଗଛ ଜଳିଯାଉଛନ୍ତି। ନିକଟସ୍ଥ ୱାଟର ରିଚାର୍ଜ ପୋଖରୀ ଶୁଖିଲା ପଡ଼ିଛି। ଉତ୍ତି ଫାଉଣ୍ଡେସନ ସ୍କୁଲଠାରୁ ତାଳବଣିଆ ଗ୍ରାମ୍ୟ ନ୍ୟାୟାଳୟ ପର୍ଯ୍ୟନ୍ତ ବହୁଳ ମାତ୍ରାରେ ପ୍ଲାଷ୍ଟିକ୍ ଆବର୍ଜନା ଗଦା ହେଉଛି। ଏ ସବୁ ପାଇଁ ଜଙ୍ଗଲ ପ୍ରଭାବିତ ହେଉଥିବାବେଳେ ଅନେକ ସମୟରେ ନିଆଁ ଲାଗିବା ମଧ୍ୟ ପରିଲକ୍ଷିତ ହେଉଛି। ତେବେ ବଡ଼ ପ୍ରଶ୍ନ ହେଉଛି, ଜଙ୍ଗଲରେ ନିଆଁ ଲାଗୁଛି କେମିତି? ଏହାର ମଧ୍ୟ ଅନେକ କାରଣ ରହିଛି। କେହି କେହି ଅଧାପୋଡ଼ା ବିଡ଼ି, ସିଗାରେଟ୍ ଟାଣି ଜଙ୍ଗଲ ଭିତରେ ପକାଇ ଦେଉଥିବାରୁ ଘାଷପତ୍ରରେ ଧୀରେ ଧୀରେ ନିଆଁ ଲାଗି ଏଭଳି ଅଘଟଣ ଘଟୁଥିବା କୁହାଯାଉଛି। ସେହିପରି ଜଙ୍ଗଲ ମଧ୍ୟରେ ଭୋଜିଭାତ ଆସରକୁ ଅନେକ ଦାୟୀ କରିଛନ୍ତି। ଭୋଜି ପରେ ଅନେକ ନିଆଁ ନ ଲିଭାଇ ଚାଲିଯାଉଥିବାରୁ ନିଆଁ ଲାଗୁଥିବା କହୁଛନ୍ତି। ଫଳରେ ଏଭଳି ଅଘଟଣ ବାରମ୍ବାର ଘଟୁଥିବାବେଳେ ବନ୍ୟ ସମ୍ପଦ ନଷ୍ଟ ହେଉଛି ଏବଂ ବନ୍ୟପ୍ରାଣୀଙ୍କ ଜୀବନ ବି ବିପଦକୁ ଠେଲି ହୋଇଯାଉଛି। ଏଥିପ୍ରତି ବିଭାଗ ସଚେତନ ହେବା ଦରକାର ବୋଲି କହିଛନ୍ତି ଦୁଷ୍ମନ୍ତ ସାହୁ।

### ରଥଖଳାରୁ...

## ଦଣ୍ଡାରେ କଣ୍ଟା ବାଡ଼ିଆ ଶେଷ

**ପୁରୀ,୩।୬(ସମିସ):** ଆସନ୍ତା ଜୁଲାଇ ୧୬ରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଭାଇଭଉଣୀଙ୍କୁ ସାଥିରେ ନେଇ ନବଦିନାତ୍ମକ ଯାତ୍ରା କରିବେ ମହାପ୍ରଭୁ। ଏଥିପାଇଁ ତିଆରି ଚାଲିଛି ତିନିରଥ।



ବୁଧବାର ପୂର୍ବାହ୍ଣରେ ଅନୁକୂଳ ପୂଜା ପୂର୍ବକ ତିନିରଥର ମୁଖ୍ୟ କମାର ସେବକ, ମୁଖ୍ୟ ମହାରଣା ଏବଂ ମୁଖ୍ୟ ଭୋଇ ସେବକଙ୍କ ଉପସ୍ଥିତିରେ ତିନିରଥ ଅଖ ଉପରେ ଦଣ୍ଡା ଫ୍ରେମ୍ ମଜଭୁତ୍ ପାଇଁ କଣ୍ଟା ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। କମାର ସେବକମାନେ ଏହି କଣ୍ଟା ବାଡ଼େଇଛନ୍ତି। ତାଳଧ୍ୱଜ ରଥ ଦଣ୍ଡାଗୁଡ଼ିକରେ ୭୪ଟି, ଦର୍ପଦଳନ ରଥ ଦଣ୍ଡାଗୁଡ଼ିକରେ ୫୮ ଏବଂ ନନ୍ଦିଘୋଷ ରଥର ଦଣ୍ଡାଗୁଡ଼ିକରେ ୮୮ଟି ଘଡ଼ିମୁହାଁ ଅଗ ପାତେଳି, ଚଉରସ, ଦଣ୍ଡା ବିଡ଼ିଆ ବା ପୋଖରିଆ କଣ୍ଟା ବାଡ଼ିଆ ଯାଇଛି। ଦଣ୍ଡା ଫ୍ରେମ୍‌ରେ କଣ୍ଟା ବାଡ଼ିଆ କାର୍ଯ୍ୟ ଶେଷ ହେବା ପରେ ଅପରାହ୍ଣରେ ମୁଖ୍ୟ ମହାରଣାଙ୍କ ପରାମର୍ଶ କ୍ରମେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ତିନିରଥର ପାଞ୍ଚ ଦଣ୍ଡା ଉପରକୁ ଦୁଇଟି ଲେଖାଏଁ ଗରଗରା ଉଠାଇଥିଲେ। ଏହାପରେ ମହାରଣା ସେବକମାନେ ମାପ ପ୍ରକାରେ ଗରଗରା ପଛ ଭାଗକୁ ଅର୍ଦ୍ଧ ଚନ୍ଦ୍ରକାର କାପ ଖୋଦେଇ ସହ ଅଗର ବିନ୍ଧ କଲା ପରେ କମାର ସେବକମାନେ ଗରଗରାରେ କଣ୍ଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିସହ ତିନିରଥର ୩୨ଟି ଗୟଳର ଚଉପଟ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ରୂପକାର ସେବକମାନେ ବେଦୀ ସିଂହାସନ ମୁହାଁଟିରେ ଚିତ୍ର ଖୋଦେଇ ସହ ତିନିରଥର ୮ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ପାଇଁ ଚିତ୍ର ଅଙ୍କନ କରିଛନ୍ତି। ଚିତ୍ର ଅଙ୍କନ ଶେଷ ହୋଇଥିବା ନାଟଗୋଡ଼ଗୁଡ଼ିକରେ କନ୍ଦର୍ପ ରୂପ ଖୋଦେଇ କରୁଛନ୍ତି। ପାହି ମହାରଣାମାନେ ଅଣସର ଏବଂ ରଥଯାତ୍ରାରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ କାମ ଜାରି ରଖିଛନ୍ତି।



## ମଦ ସେବା ଯୋଗାଇବାକୁ ଆଗଭର

**ପୁରୀ,୩।୬(ସମିସ):** ପୁରୀ ଜିଲ୍ଲାରେ ମଦ ସେବା ଯୋଗାଇବାକୁ ଲୋକଙ୍କ ଭିତରେ ବିଶେଷ ଆଗ୍ରହ ଦେଖିବାକୁ ମିଳିଛି। ଜିଲ୍ଲାର ମୋଟ୍ ୫୪ଟି ମଦ ଦୋକାନ ପାଇଁ ୧,୭୯୧ ଜଣ ଆବେଦନ କରିବା ଏଭଳି ଆଗ୍ରହକୁ ସ୍ପଷ୍ଟ କରିଛି। ଜିଲ୍ଲାରେ ମଦ ଦୋକାନ ଲାଇସେନ୍ସ ପାଇଁ ଇତିମଧ୍ୟରେ ନିଲାମ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ୩୬ଟି ବିଦେଶୀ ମଦ ଦୋକାନ ପାଇଁ ୧,୨୫୮ ଜଣ ଓ ୧୮ଟି ଦେଶୀ ମଦ ଦୋକାନ ପାଇଁ ୫୩୩ ଜଣ ଆବେଦନ କରିଥିଲେ। ମଙ୍ଗଳବାର ଟାଉନ୍ ହଲ୍ ପରିସରରେ ଲଟେରୀ ମାଧ୍ୟମରେ ଭାଗ୍ୟଶାଳୀଙ୍କୁ ଚୟନ କରାଯାଇଥିଲା। ଆବେଦନକାରୀଙ୍କ ଉପସ୍ଥିତିରେ ଟୋକନଗୁଡ଼ିକୁ ଏକ ଡବାରେ ପକାଯାଇ ଗୋଳାଇ ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଆଖିରେ କଳାପଟି ବାନ୍ଧି ଏହି ଡବାରୁ ଗୋଟିଏ ଗୋଟିଏ ଟୋକନ ଉଠାଇ ଲଟେରୀ ବିଜେତାଙ୍କ କ୍ରମିକ ସଂଖ୍ୟା ଘୋଷଣା କରିଥିଲେ। ପରେ ସେହି କ୍ରମିକ ସଂଖ୍ୟାର ନାମଧାରୀଙ୍କୁ ସମ୍ପୃକ୍ତ ମଦ ଦୋକାନର ବିଜେତା ବୋଲି ଘୋଷଣା କରାଯାଇଥିଲା।

**୫୪ ଦୋକାନ ପାଇଁ ଆଶାୟୀ ଥିଲେ ୧,୭୯୧**

**ସରକାର ପାଇଲେ ୪୮.୪୦ କୋଟି ଟଙ୍କା**

ତେବେ ଜିଲ୍ଲାରେ ମଦ ବ୍ୟବସାୟ କରିବାକୁ ଲୋକଙ୍କ ଭିତରେ ଯଥେଷ୍ଟ ଆଗ୍ରହ ଦେଖିବାକୁ ମିଳିଥିଲା। ଆବେଦନ ପାଇଁ ଦେବାକୁ ପଡୁଥିବା ଲକ୍ଷ ଲକ୍ଷ ଟଙ୍କା ଅର୍ଥରାଶି ଫେରସ୍ତ ନ ଥିବା ସତ୍ତ୍ୱେ ଏଭଳି ଲଟେରୀ ଖେଳିବାକୁ ୧,୭୯୧ ଜଣ ଆଗେଇ ଆସିଥିଲେ। ଏମାନଙ୍କ ଭିତରେ ରାଜ୍ୟ ବାହାରର ବହୁ ଆବେଦନକାରୀ ଥିଲେ। ୫/୭ ଜଣ ରାଜ୍ୟ ବାହାର ବ୍ୟବସାୟୀ ଲଟେରୀ ଜିତି ପୁରୀରେ ମଦ ବ୍ୟବସାୟ ପାଇଁ ଚୟନ ହୋଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦେଶୀ ମଦ ଏବଂ ଠିପି ବନ୍ଦ ବିଦେଶୀ ମଦ ପାଇଁ ନିର୍ଦ୍ଦିଷ୍ଟ ଅଣଫେରସ୍ତ ଯୋଗ୍ୟ ଆବେଦନ ଶୁଳ୍କ ରହିଥିଲା। ଅର୍ଥାତ୍ ବିଦେଶୀ ମଦ ପାଇଁ ୩ ଲକ୍ଷ ଏବଂ ଦେଶୀ ମଦ ପାଇଁ ୨ ଲକ୍ଷ ଟଙ୍କା ଥିଲା। ଏହି ହିସାବକୁ ନେଲେ ଜିଲ୍ଲରେ ୩୬ଟି ବିଦେଶୀ ମଦ ଦୋକାନ ଲାଇସେନ୍ସ ପାଇଁ ୧,୨୮୫ ଜଣ ଆବେଦନ କରିଥିଲେ। ଜଣପିଛା ୩ ଲକ୍ଷ ଟଙ୍କା ଲେଖାଏଁ ହିସାବରେ ମୋଟ୍ ୩୭ କୋଟି ୭୪ ଲକ୍ଷ ଟଙ୍କା ସରକାରଙ୍କ ରାଜକୋଷକୁ ଯାଇଥିଲା। ସେହିପରି ୧୮ଟି ଦେଶୀ ମଦ ଦୋକାନ ଲାଇସେନ୍ସ ପାଇଁ ୫୩୩ ଜଣ ଆବେଦନ କରିଥିଲେ। ଜଣପିଛା ୨ ଲକ୍ଷ ଟଙ୍କା ହିସାବ କଲେ ୧୦ କୋଟି ୬୬ ଲକ୍ଷ ଟଙ୍କା ରାଜ୍ୟ ରାଜକୋଷକୁ ଦେଇଛନ୍ତି। ଏହିଭଳି ମୋଟ୍ ରାଜ୍ୟ ସରକାର ପୁରୀ ଜିଲ୍ଲାରୁ ମଦ ଦୋକାନ ଲାଇସେନ୍ସ ପାଇଁ ୪୮ କୋଟି ୪୦ ଲକ୍ଷ ଟଙ୍କା ପାଇଛନ୍ତି।

### ବାଲିସାହିରେ ଟ୍ରାଫିକ୍ ଜାମ୍ କଲି

## ଅଟୋ ଚାଳକଙ୍କୁ ଚପଲରେ ପିଟିଲେ ମହିଳା

**ପୁରୀ,୩।୬(ସମିସ):** ପୁରୀ ବାଲିସାହି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଟ୍ରାଫିକ୍ ଜାମ୍‌ରୁ ସୃଷ୍ଟି ବଚସାକୁ ନେଇ ଜଣେ ମହିଳା ଅଟୋ ଚାଳକଙ୍କୁ ଚପଲରେ ମାଡ଼ ମାରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବୁଧବାର ଶ୍ରୀମନ୍ଦିର ସମ୍ମୁଖ ବାଲିସାହି ରାସ୍ତାରେ ପ୍ରବଳ ଟ୍ରାଫିକ୍ ଜାମ୍ ହୋଇଥିଲା। ଏହି ଜାମ୍‌ରେ କିଛି ମହିଳା ଓ ଯୁବତୀ ଫସିଯାଇଥିଲେ। ସେହି ସମୟରେ ଏକ ଅଟୋ ସେଠାକୁ ଆସିବାରୁ ଯିବାଆସିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିଲା। ଅଭିଯୋଗ ଅନୁଯାୟୀ, ଅଟୋ ଚାଳକ ଅଯଥା ଯୁକ୍ତି କରିବାରୁ ଜଣେ ମହିଳା ଉତ୍‌କ୍ଷିପ୍ତ ହୋଇ ଅଟୋ ଚାଳକଙ୍କୁ ଚପଲରେ ମାଡ଼ ମାରିଥିଲେ। ଉପସ୍ଥିତ କେହି ଜଣେ ଏହି ଘଟଣାର ଭିଡିଓ କରି ସୋସିଆଲ ମିଡିଆରେ ଛାଡ଼ି ଦେଇଥିଲେ, ଯାହା ଏବେ ଭାଇରାଲ ହେଉଛି। ଖବର ପାଇ ଟ୍ରାଫିକ୍ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଉଭୟ ପକ୍ଷଙ୍କୁ ବୁଝାସୁଝା କରି ଜାମ୍ କ୍ଲିଅର କରାଯାଇଥିଲା। ବାଲିସାହି ରାସ୍ତା ଶ୍ରୀମନ୍ଦିରକୁ ସଂଯୋଗ କରୁଥିବା ଏକ ପ୍ରମୁଖ ରାସ୍ତା। ସଂକୀର୍ଣ୍ଣ ରାସ୍ତା ଓ ଅଟୋର ଅତ୍ୟଧିକ ଚଳାଚଳ ଯୋଗୁଁ ଏଠାରେ ପ୍ରାୟ ଦିନ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ସ୍ଥାନୀୟ ଲୋକେ ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବାକୁ ଦାବି କରିଛନ୍ତି।

## ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ,୩।୬(ସମିସ):** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ୬ଟା ୪୦ରେ ଦ୍ୱିପ୍ରହର ଧୂପ ସରିବା ପରେ ଦକ୍ଷିଣୀ ଘର ଭୋଗ, ମଇଲମ, ତଡ଼ପଲାଗି ହୋଇ ସନ୍ଧ୍ୟା ୭ଟା ୨୦ରେ ପହୁଡ଼ ଆଳତି ବଢ଼ିଥିଲା। ଏହାପରେ ୭ଟା ୩୫ରେ ଦଉମହାପାତ୍ର ସେବକ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦଉମହାପାତ୍ର ସେବକ ଶୁଦ୍ଧପୁତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ଏହି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦଉମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ଗୁଣ୍ଡିଚା ମନ୍ଦିର ଅନୁଧ୍ୟାନ କଲେ ଉଚ୍ଚସ୍ତରୀୟ ଟିମ୍

**ପୁରୀ,୩।୬(ସମିସ):** ଆସନ୍ତା ଜୁଲାଇ ୧୬ରେ ରଥଯାତ୍ରା। ବର୍ତ୍ତମାନ ଗୁଣ୍ଡିଚା ମନ୍ଦିରର ବାହାର ପାର୍ଶ୍ୱ ପାଚେରି ଖଣ୍ଡୋଲାଇଟ୍ ପଥର ଆଚ୍ଛାଦିତ କରାଯାଉଥିବା ବେଳେ ଭିତରେ ବିଭିନ୍ନ ପ୍ରକାର ନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ତେଣୁ ରଥଯାତ୍ରାର ଯଥେଷ୍ଟ ପୂର୍ବରୁ କିଭଳି କାମ ଶେଷ ହେବ ସେ ନେଇ ବୁଧବାର ଗୁଣ୍ଡିଚା ମନ୍ଦିରର ଅନୁଧ୍ୟାନ କରିଛନ୍ତି ଉଚ୍ଚସ୍ତରୀୟ ଟିମ୍। ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଦଇତାପତି ନିଯୋଗ, ଶ୍ରୀମନ୍ଦିର ପରିଚାଳନା କମିଟି ଓ ଅନ୍ୟ ସେବାୟତ ସଦସ୍ୟ ଅନୁଧ୍ୟାନରେ ସାମିଲ୍ ହୋଇଥିଲେ।



ଏହି ଅବସରରେ ସେବାୟତମାନେ କେତେକ ପ୍ରସ୍ତାବ ରଖିଥିଲେ। ଗୁଣ୍ଡିଚା ମନ୍ଦିର ପହଣ୍ଡି ଦର୍ଶନ ଟିକଟ୍ ରଥଯାତ୍ରାର ୭ ଦିନ ପୂର୍ବରୁ ବିକ୍ରି କରିବା ବ୍ୟବସ୍ଥା କରିବାକୁ କହିଛନ୍ତି। ଗୁଣ୍ଡିଚା ମନ୍ଦିର ଉତ୍ତର ଦ୍ୱାର ପଟେ ୩ଟି ସ୍ୱତନ୍ତ୍ର ଲାଇନ୍ ଏବଂ ରୋଷଶାଳା ପାର୍ଶ୍ୱରେ ମଧ୍ୟ ଗୋଟିଏ ସ୍ୱତନ୍ତ୍ର ଲାଇନ୍ କରାଯିବ। ମନ୍ଦିର ଭିତରେ ଓ ବାହାରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ଗୁଣ୍ଡିଚା ମନ୍ଦିରର ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ଜଗମୋହନ, ତୁଣିଆ ଘର ସମେତ ବିଭିନ୍ନ ସ୍ଥାନରେ ପୁରୁଣା ପଥର ବଦଳରେ ନୂଆ ଖଣ୍ଡୋଲାଇଟ୍ ପଥର ଲଗାଯାଉଛି। ରଥଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି ଉଚ୍ଚସ୍ତରୀୟ କମିଟି ଆଶା ରଖିଛି। ଅତିରିକ୍ତ ଡିଜି ଓ କେନ୍ଦ୍ରାଞ୍ଚଳ ଆଇଜି ୯ ଦିନ ଧରି କିଭଳି ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ରହିବ, ଭିଡ଼ ନିୟନ୍ତ୍ରଣ, ଶୃଙ୍ଖଳିତ ଦର୍ଶନ ଓ ଫୋର୍ସ ମୁତୟନର ଟିକିନିଖି ତର୍ଜମା କରିଛନ୍ତି। ଗତବର୍ଷ ଦଳାଚକଟା ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ଯଥେଷ୍ଟ ପୂର୍ବରୁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ ପରେ ରଥ ସ୍ଥାନ ପରିବର୍ତ୍ତନ ନେଇ ଯେଉଁ ପ୍ରସଙ୍ଗ ଉଠିଥିଲା ତାହା ଆଉ ସମ୍ଭବପର ନୁହେଁ ବୋଲି ସେବାୟତ ସ୍ପଷ୍ଟ କରିଛନ୍ତି।



ପୁରୀରେ ଆୟୋଜିତ ଆନ୍ତର୍ଜାତିକ ବ୍ରିକ୍ସ ସମ୍ମିଳନୀରେ ଯୋଗଦେଇଥିବା ରାଷ୍ଟ୍ରମାନଙ୍କ ପ୍ରତିନିଧି ଓ ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞମାନଙ୍କୁ ବେଳାଭୂମିରେ ବାଲୁକା କଳାରେ ସ୍ୱାଗତ।

## ବ୍ଲଡ୍ ବ୍ୟାଙ୍କରେ କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ

**ପୁରୀ,୩।୬(ସମିସ):** ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ବ୍ଲଡ୍ ବ୍ୟାଙ୍କରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କର ଅକାଳ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଗୋପ ଥାନା ଅନ୍ତର୍ଗତ ନୟାହାଟର ବିରଞ୍ଚି ନାରାୟଣ ବିଶ୍ୱାଳ(୫୦)। ସେ ବ୍ଲଡ୍ ବ୍ୟାଙ୍କ ଲାବୋରେଟୋରୀ ଟେକ୍‌ନିସିଆନ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ବ୍ଲଡ୍ ବ୍ୟାଙ୍କରେ ଡ୍ୟୁଟି କରୁଥିବା ସମୟରେ ହଠାତ୍ ତାଙ୍କ ମୁଣ୍ଡ ବୁଲାଇବାରୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱର ଏକ ଘେରାଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ କୁମ୍ଭାରପଡ଼ା ଥାନାଧିକାରୀ ବିଜୟକେତନ ବେହେରା କହିଛନ୍ତି, ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୬) ରୁଜୁ କରାଯାଇଛି। ତେବେ ତାଙ୍କର ମୃତ୍ୟୁ କାହିଁକି ହେଲା ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କହିଛନ୍ତି। ଏହି ଘଟଣା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟ ପ୍ରଣାଳୀ ଉପରେ ପ୍ରଶ୍ନ ଉଠିଛି।

ଅଭିଯୋଗ ଅନୁଯାୟୀ, ବର୍ତ୍ତମାନ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଟି କେବଳ 'ରେଫରାଲ ହସ୍ପିଟାଲ' ପାଲଟିଯାଇଛି। ଗୁରୁତର ରୋଗୀ ଆସିଲେ ତୁରନ୍ତ ଭୁବନେଶ୍ୱର କିମ୍ବା କଟକକୁ ସ୍ଥାନାନ୍ତର କରାଯାଉଛି। ଫଳରେ ଆପାତଃକାଳୀନ ସ୍ଥିତିରେ ରୋଗୀଙ୍କୁ ତୁରନ୍ତ ଆବଶ୍ୟକ ଚିକିତ୍ସା ସେବା ମିଳିପାରୁନାହିଁ। ବ୍ଲଡ୍ ବ୍ୟାଙ୍କରେ କାର୍ଯ୍ୟରତ ଥିବା ନିଜ କର୍ମଚାରୀଙ୍କ ପାଇଁ ମଧ୍ୟ ଚିକିତ୍ସାଳୟ ମଧ୍ୟରେ ଉନ୍ନତ ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ବିରଞ୍ଚିଙ୍କ ଜୀବନ ବଞ୍ଚିପାରି ନ ଥିଲା ବୋଲି ସହକର୍ମୀ ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିରଞ୍ଚି ନାରାୟଣ ବିଶ୍ୱାଳ ଜଣେ ମିଷ୍ଟଭାଷୀ ଓ କର୍ମତତ୍ପର ଭାବେ ପରିଚିତ ଥିଲେ। ବ୍ଲଡ୍ ବ୍ୟାଙ୍କରେ ତାଙ୍କର ଦକ୍ଷତା ଓ ସେବା ପାଇଁ ସମସ୍ତେ ତାଙ୍କୁ ଭଲ ପାଉଥିଲେ। ତାଙ୍କର ଅକସ୍ମାତ୍ ମୃତ୍ୟୁରେ ପରିବାରବର୍ଗ ସମେତ ସମଗ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ମହଲରେ ଶୋକର ଛାୟା ଖେଳିଯାଇଛି।

## ସିପିଏସ୍‌ରେ ବିଦାୟକାଳୀନ ସଭା

**ପୁରୀ,୩।୬(ସମିସ):** ଟାଉନ୍ ହଲ୍ ସଭାକକ୍ଷରେ ବୁଧବାର ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍




(ସିପିଏସ୍) ମହାବିଦ୍ୟାଳୟ ସ୍ନାତକ ବିଭାଗର ଶେଷବର୍ଷ ଫାର୍ମାସୀ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସଭା ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡ. ଆର୍.କେ. ପାଣିଗ୍ରାହୀ ଯୋଗଦେଇ କହିଥିଲେ ଯେ, ଫାର୍ମାସୀ ଛାତ୍ରଛାତ୍ରୀମାନେ ନିଜକୁ ଜଣେ ଭଲ ଫାର୍ମାସିଷ୍ଟ ଭାବେ ପ୍ରତିଷ୍ଠିତ କରି ସମାଜକୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ନିହାତି ଆବଶ୍ୟକ। ମହାବିଦ୍ୟାଳୟର ଚେୟାରପର୍ସନ ଅନିମା ଦାଶ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ଭାବେ ଉପଯୁକ୍ତ ଅଧ୍ୟୟନ କରି ଜଣେ ସୁନାମଧନ୍ୟ ଫାର୍ମାସିଷ୍ଟ ଭାବେ ପରିଚୟ ପାଇବା ସହ ସମାଜର ଅସହାୟ ଗରିବ ରୋଗୀ ସେବାରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଡ. ସଞ୍ଜୟ କୁମାର ନାୟକ, ଡ. ନିକୁଞ୍ଜ କିଶୋର ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର କହିଥିଲେ ଯେ, ଫାର୍ମାସୀ କେବଳ ଏକ ବୃତ୍ତି ନୁହେଁ ମାନବତା ପାଇଁ ଏକ ମହାନ ସେବା। ବିଦାୟୀ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଜଣେ ଜଣେ ଫାର୍ମାସିଷ୍ଟ, ଗବେଷକ, ଶିକ୍ଷାବିତ୍, ଉଦ୍ୟୋଗୀ କିମ୍ବା ସ୍ୱାସ୍ଥ୍ୟସେବାରେ ନିଜର ପରିଚୟ ସୃଷ୍ଟି କରିବେ ଏବଂ ଔଷଧର ନିରାପତ୍ତା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ନିରନ୍ତର ଉତ୍ସର୍ଗୀକୃତ ସେବା ପ୍ରଦାନ କରିବାରେ ସହାୟକ ହେବେ। ଏହି ସଭାକୁ ଅଧ୍ୟାପିକା ସୁନିତା ମିଶ୍ର, ଅଧ୍ୟାପକ ଅସିତ୍ କୁମାର ଷଡ଼ଙ୍ଗୀ ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ କନିଷ୍ଠ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶେଷବର୍ଷର ବିଦାୟୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସୂଚକ ପ୍ରଦାନ କରିବା ସହ ରଙ୍ଗାରଙ୍ଗ ନାଚଗୀତର ଆୟୋଜନ କରାଯାଇଥିଲା।

### ୬୪ ଦିନରେ ପ୍ରତିବାଦ ପଦଯାତ୍ରା

## ନିଜ ହକ୍ ପାଇଁ ଥକିବେନି ପୁରୀବାସୀ

**ପୁରୀ,୩।୬(ସମିସ)**

ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି କରିଆସୁଛନ୍ତି ପୁରୀବାସୀ। ପ୍ରାୟ ବର୍ଷେ ହେବ ଏଭଳି ଦାବି କରୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ନା ସରକାର କେହି ବି ଶୁଣୁନାହାନ୍ତି। ହେଲେ ପୁରୀବାସୀ ସେମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ଏପ୍ରିଲ୍ ପହିଲାରୁ ଆରମ୍ଭ ହୋଇଥିବା ପଦଯାତ୍ରା ବୁଧବାର ୬୪ ଦିନରେ ପହଞ୍ଚିଛି। ହେଲେ ସେମାନଙ୍କ ହକ୍ ପାଇଁ ଥକି ପଡ଼ିନାହାନ୍ତି ପୁରୀବାସୀ। ପ୍ରତିଦିନ ଭଳି ବୁଧବାର ସନ୍ଧ୍ୟାରେ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ



ଦାବି କରିଥିଲେ। ପ୍ରୋଟୋକଲ ଦର୍ଶନ ବନ୍ଦ ହେଉ। ନେତା, ମନ୍ତ୍ରୀ ସମସ୍ତେ ଧାଡ଼ିରେ ଯାଆନ୍ତୁ ବୋଲି ସ୍ଲୋଗାନ ଦେଇଥିଲେ। ଏହି ପଦଯାତ୍ରା ଆଜି ପୁରୀ ସହର ଓ ସଦରବାସୀଙ୍କ ଆତ୍ମାର ସ୍ୱର ହୋଇଉଠିଛି। ଶ୍ରୀଜଗନ୍ନାଥଙ୍କ ପ୍ରତି ଅତଟ ଭକ୍ତି ଏବଂ ସ୍ୱାଭାବିକ ଦର୍ଶନ ଅଧିକାର ପ୍ରତି ଗଭୀର ଆକାଂକ୍ଷା ଏହାକୁ ଏକ ସାମୂହିକ ସଂକଳ୍ପରେ ପରିଣତ କରିଛି। ଏଠାରେ ଭକ୍ତି କେବଳ ଭାବନା ନୁହେଁ, ଏହା ନ୍ୟାୟ ପାଇଁ ଏକ ଶାନ୍ତ କିନ୍ତୁ ଅଦମ୍ୟ ଆନ୍ଦୋଳନ। ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ସୂର୍ଯ୍ୟ ନାରାୟଣ ରଥ, ମନୋରଞ୍ଜନ ରଣସିଂହ, ନୃସିଂହନାଥ ନାୟକ, ଅରୁଣା ପଟ୍ଟନାୟକ, ମମତା ସ୍ୱାଇଁ, ସନ୍ଧ୍ୟାରାଣୀ ମିଶ୍ର, ପବିତ୍ରା ନାୟକ, ଶୁଭଶ୍ରୀ ମହାରଣା, ପ୍ରକାଶ ଚନ୍ଦ୍ର ନାୟକ, ଶିବସୁନ୍ଦର ମିଶ୍ର, ବିଜୟ କୁମାର ମିଶ୍ର, ଅଭିମନ୍ୟୁ ପ୍ରଧାନ, ଯାଦବାନନ୍ଦ ରାୟ, ଅଭିମନ୍ୟୁ ରାୟଗୁରୁ, ପ୍ରଦୀପ୍ତ ମହାନ୍ତି, ନିରଞ୍ଜନ ସାସମଲ, ନେହା ଦାଶ, ବବି ଚୌଧୁରୀ, ଦୀପା ବେହେରା, ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ୍ ଥିଲେ। ସମସ୍ତଙ୍କ ଏକତାବଦ୍ଧ ଅଂଶଗ୍ରହଣ ଏହି ପଦଯାତ୍ରାକୁ ଅଧିକ ଶକ୍ତିଶାଳୀ କରିଥିଲା।

ଆବାହକ ଶ୍ରୀ ପଣ୍ଡା କହିଥିଲେ, ଯେଉଁ ପର୍ଯ୍ୟନ୍ତ ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିରରେ ଦର୍ଶନ ଅଧିକାର ପୁନଃସ୍ଥାପିତ ନ ହୋଇଛି, ସେପର୍ଯ୍ୟନ୍ତ ଏହି ଯାତ୍ରା ଥମିବ ନାହିଁ। ଏହା କେବଳ ଏକ ଦାବି ନୁହେଁ, ଏହା ଆମ ଆସ୍ଥାର ନ୍ୟାୟସଙ୍ଗତ ଅଧିକାର ପାଇଁ ଏକ ଅବିରତ ପ୍ରାର୍ଥନା ଓ ସଂକଳ୍ପ।

ସକାଳ
THE SAKALA

# ସମ୍ପାଦକୀୟ



ମାତାଧିକ ଉତ୍ସାହ ଓ ଅନ୍ଧବିଶ୍ୱାସ ଜନିତ ବିଷର ପ୍ରଭାବକୁ ବିଜ୍ଞାନ ହିଁ ପ୍ରତିହତ କରିପାରିବ।
-ଆଦାମ ସ୍ମିଥ୍

## ଇସିଆଇ ହାତରେ ସିଏଏ!

ବହୁଚର୍ଚ୍ଚିତ ଓ ବିବାଦୀୟ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ(ଏସ୍ଆଇଆର)ର ଯଥାର୍ଥତା ଓ ଯୌକ୍ତିକତା ସମ୍ପର୍କିତ ମାମଲାର ଶୁଣାଣି କରି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ରାୟ ଦେଇଛନ୍ତି ତାହା ବସ୍ତୁତଃ 'ଏସ୍ଆଇଆର' ଏବଂ ଏହାକୁ ପରିଚାଳନା କରୁଥିବା ଭାରତର ମୁଖ୍ୟ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ସପକ୍ଷରେ ଯାଇଛି। ଗତବର୍ଷ ବିହାର ବିଧାନସଭା ନିର୍ବାଚନର ମାତ୍ର କିଛିଦିନ ପୂର୍ବରୁ ସେଠାରେ ଆରମ୍ଭ ହୋଇଥିବା ଏସ୍ଆଇଆର ଏବଂ ଏହାର ସ୍ୱଳ୍ପଅବଧିକୁ ନେଇ ଦେଶରେ ବିରୋଧାଭାସ ସୃଷ୍ଟି ହୋଇଥିଲା। ଉଦ୍ଦେଶ୍ୟମୂଳକ ଭାବେ ନିର୍ଦ୍ଦିଷ୍ଟ ଭୋଟରଙ୍କୁ ଭୋଟଦାନ ଅଧିକାରରୁ ଦୂରେଇ ରଖିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରରୋଚନା ଓ ପ୍ରଚ୍ଛନ୍ନ ଇଙ୍ଗିତରେ ଇସିଆଇଙ୍କ ଏହା ଏକ ଷଡ଼ଯନ୍ତ୍ର ଭାବେ ଅଭିହିତ କରି ବିରୋଧୀଦଳ ସଂସଦର ଶୀତ ଅଧିବେଶନକୁ ଅଚଳ କରିଦେଇଥିଲେ। 'ଏସ୍ଆଇଆର' ସହିତ ଅନେକ ବୈଧାନିକ ଓ ସାମ୍ବିଧାନିକ ପ୍ରଶ୍ନ ଜଡ଼ିତ ଥିବା ଯୋଗୁଁ ଇସିଆଇଙ୍କ କାର୍ଯ୍ୟକଳାପ ସନ୍ଦେହଘେରକୁ ଆସିଯାଇଥିଲା। କିନ୍ତୁ ବିରୋଧକୁ ଖାତିର ନ କରି ଇସିଆଇ 'ଏସ୍ଆଇଆର' ପ୍ରକ୍ରିୟା ଜାରି ରଖିଥିଲେ। ଇତିମଧ୍ୟରେ ଇସିଆଇ ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ 'ଏସ୍ଆଇଆର' ସମ୍ପନ୍ନ କରିଥିବା ବେଳେ ୧୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଗତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମଧ୍ୟ 'ଏସ୍ଆଇଆର' ନିର୍ବାଚନ ଫଳାଫଳରେ ନିର୍ଣ୍ଣାୟକ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ବିତର୍କ ଓ ବିରୋଧାଭାସର ପୃଷ୍ଠଭୂମିରେ ଏଡିଆର(ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମସ୍) ଦ୍ୱାରା ଏସ୍ଆଇଆରକୁ ବିରୋଧ କରି ଦାୟର କରାଯାଇଥିବା ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି।

'ଏସ୍ଆଇଆର ପାଇଁ ଇସିଆଇର କ୍ଷମତା ଅଛି କି?' 'ଇସିଆଇ ତା'ର କ୍ଷମତାର ନିରପେକ୍ଷ ଉପଯୋଗ କରୁଛି କି?' 'ଏସ୍ଆଇଆର ନିର୍ବାଚନ ପ୍ରକ୍ରିୟାର ବୈଧାନିକ ନିୟମ ଉଲ୍ଲଙ୍ଘନ କରୁ ନାହିଁ କି?' ଏବଂ 'ଭୋଟରମାନଙ୍କର ନାଗରିକତ୍ୱର ବୈଧତା ଯାଞ୍ଚ କରିବାର କ୍ଷମତା ଇସିଆଇର ରହିଛି କି?' ମୁଖ୍ୟତଃ ଏହି ଚାରିଟି ପ୍ରସଙ୍ଗ ଉପରେ ଆଧାରିତ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ରାୟରେ ମୋଟାମୋଟି ସବୁ ପ୍ରସଙ୍ଗରେ ଇସିଆଇ ସପକ୍ଷରେ ରାୟ ଦେଇଛନ୍ତି। କିନ୍ତୁ ବିଧାନସଭା ନିର୍ବାଚନର ମାତ୍ର କିଛିଦିନ ପୂର୍ବରୁ ହିଁ 'ଏସ୍ଆଇଆର' ସମ୍ପୃକ୍ତ ରାଜ୍ୟମାନଙ୍କରେ କାହିଁକି ଆରମ୍ଭ ହେଉଛି ଏବଂ ପଶ୍ଚିମବଙ୍ଗରେ ଯେଭଳି ଭାବରେ 'ତାର୍କିକ ବିସଙ୍ଗତି' ଆଧାରରେ ୧.୩୬ କୋଟି ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି ତାହାର ବୈଧାନିକ ଯୁକ୍ତିସଂଗତା ପ୍ରସଙ୍ଗରେ ଅଦାଲତଙ୍କ ରାୟରେ ଉଲ୍ଲେଖ ନାହିଁ। ଅଧିକନ୍ତୁ ପଶ୍ଚିମବଙ୍ଗ ପ୍ରସଙ୍ଗରେ ଭିନ୍ନ ଏକ ମାମଲା ଭିନ୍ନ ଏକ ଖଣ୍ଡପୀଠରେ ବିଚାରାଧୀନ ରହିଛି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ପରେ କିନ୍ତୁ ସମଗ୍ର ଦେଶରେ 'ଏସ୍ଆଇଆର' ପ୍ରକ୍ରିୟା ସମ୍ପନ୍ନ କରିବା ଦିଗରେ ଥିବା ନ୍ୟାୟିକ ପ୍ରତିବନ୍ଧକ ହଟିଯାଇ ଇସିଆଇକୁ ଅପ୍ରତିହତ କରିଦେଇଛି।

ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଚାଲେଞ୍ଜ କରିବାର ଅଧିକାର ଆମର ନାହିଁ। କିନ୍ତୁ ଏହି ରାୟରୁ ଜନ୍ମିତ କେତେକ ଦ୍ୱନ୍ଦ୍ୱକୁ ଉପସ୍ଥାପନ କରିବା ଅନୈତିକ ହେବ ନାହିଁ ବୋଲି ଆଶା କରୁଛୁ। 'ଏସ୍ଆଇଆର' ପ୍ରକ୍ରିୟାରେ ଯଦି ଭୋଟର ତାଲିକାରେ କୌଣସି ଭୋଟରଙ୍କ ଉପସ୍ଥିତି ଇସିଆଇଙ୍କୁ ଅଯୌକ୍ତିକ ମନେ ହୁଏ କିମ୍ବା ତାଲିକାଭୁକ୍ତ ହେବା ପାଇଁ ଭୋଟରଙ୍କ ପ୍ରମାଣପତ୍ର ଇସିଆଇଙ୍କୁ ସନ୍ତୁଷ୍ଟ କରିପାରେ ନାହିଁ ତେବେ ଇସିଆଇ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ହଟାଇ ଦେଇପାରିବେ। ଜନପ୍ରତିନିଧି ଆଇନ ୧୯୫୦ର ଧାରା ୧୬ ଅନୁଯାୟୀ କୌଣସି ଅଣନାଗରିକ ଭୋଟର ଭାବେ ପଞ୍ଜିକୃତ ହୋଇପାରିବେ ନାହିଁ। ଏହି ଧାରାକୁ ଉଲ୍ଲେଖ କରି ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ଯେ ଭୋଟର ତାଲିକାକୁ ସ୍ୱଚ୍ଛ କରିବା ପାଇଁ ଇସିଆଇ ଭୋଟରଙ୍କ ନାଗରିକତ୍ୱ ଯାଞ୍ଚ କରିବା ଅବୈଧ ନୁହେଁ। ତେଣୁ 'ଏସ୍ଆଇଆର' ଆଳରେ ଇସିଆଇ ଜରିଆରେ କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) କାର୍ଯ୍ୟକାରୀ କରୁଛନ୍ତି ବୋଲି ଏବେ ଅଭିଯୋଗମାନ ଆସିବାରେ ଲାଗିଛି। ଅପରପକ୍ଷରେ 'ଭୋଟର ତାଲିକାରୁ ବାଦ୍ ପଡ଼ିବା ଅର୍ଥ ନାଗରିକତ୍ୱରୁ ବାଦ୍ ଦେବା ନୁହେଁ; ଯଦି ଇସିଆଇ ଏଭଳି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ତେବେ ଭାରତୀୟ ନାଗରିକତ୍ୱ ଆଇନ ୧୯୫୫ ଆଧାରରେ କେନ୍ଦ୍ର ସରକାରଙ୍କ ଦୃଷ୍ଟିଆକର୍ଷଣ କରିପାରିବେ' ବୋଲି ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। କିନ୍ତୁ ରାୟର ଦ୍ୱନ୍ଦ୍ୱାତ୍ମକ ତର୍ଜମା କିଭଳି ଜଟିଳତା ସୃଷ୍ଟି କରିବ ଏବଂ ଭାରତର ଭୋଟରମାନେ ନାଗରିକ ଭାବରେ ପାଉଥିବା ସରକାରୀ ସୁବିଧା ସୁଯୋଗକୁ କିପରି ପ୍ରଭାବିତ କରିବ ତାହା ଦେଖାଯାଉ।

ଇତିମଧ୍ୟରେ ବିହାର ଓ ପଶ୍ଚିମବଙ୍ଗର ନବନିର୍ବାଚିତ ସରକାରମାନେ ଘୋଷଣା କରିସାରିଲେଣି ଯେ 'ଏସ୍ଆଇଆର'ରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତି ଓ ତାଙ୍କ ପରିବାର ଆଉ ମାଗଣା କିମ୍ବା ରିହାତି ଯୋଜନାର ହିତାଧିକାରୀ ହୋଇପାରିବେ ନାହିଁ। ହିତାଧିକାରୀ ତାଲିକା ଓ ଭୋଟର ତାଲିକା ସହିତ କୌଣସି ସମ୍ପର୍କ ନାହିଁ। କିନ୍ତୁ ଆସନ୍ତାକାଲି ଯଦି ସମ୍ପୃକ୍ତ ରାଜ୍ୟ ସରକାରମାନେ ଖାଦ୍ୟ ନିରାପତ୍ତା ପରି ଜନକଲ୍ୟାଣକାରୀ ଆଇନମାନଙ୍କରେ ସଂଶୋଧନ କରି ହିତାଧିକାରୀ ତାଲିକା ସହିତ ଭୋଟର ତାଲିକାକୁ ସଂଯୋଗ କରିଦିଅନ୍ତି ତେବେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତି ହିତାଧିକାରରୁ ବଞ୍ଚିତ ହେବା ନିଶ୍ଚିତ। ଏହି ଆଳରେ ଆଉ କିଛିଦିନ ପରେ ସେମାନଙ୍କୁ ଭାରତର ନାଗରିକତ୍ୱ ମଧ୍ୟ ହରାଇବାକୁ ପଡ଼ିପାରେ।

ଆସାମ୍‌ରେ ସଘନ ଭୋଟର ତାଲିକା ସଂଶୋଧନର ଫଳାଫଳ ଓ ପ୍ରଭାବ ଆଧାରରେ ତର୍ଜମା କଲେ ଉପରୋକ୍ତ ଆଶଙ୍କା ଅମୂଳକ ବୋଲି କୁହାଯାଇ ନ ପାରେ। ୧୯୯୭ରେ ସେହି ରାଜ୍ୟରେ ହୋଇଥିବା ଭୋଟର ସଂଶୋଧନ ପ୍ରକ୍ରିୟାରେ ବୈଧପ୍ରମାଣପତ୍ର ଅଭାବରୁ ଭାରତର ଲକ୍ଷ ଲକ୍ଷ ମୂଳ ନାଗରିକ ତାଲିକାରୁ ବାଦ୍ ପଡ଼ିବା ପରେ ସେମାନଙ୍କୁ 'ସନ୍ଦିଗ୍ଧ(ଡାଉଟ୍‌ଫୁଲ୍) ଭୋଟର' ତାଲିକାଭୁକ୍ତ କରିଦିଆଗଲା ଏବଂ ସେମାନଙ୍କ ଆବେଦନଗୁଡ଼ିକ ଅଦ୍ୟାବଧି ଫରେନ୍ ଟ୍ରିବ୍ୟୁନାଲ୍‌ରେ ବିଚାରାଧୀନ ରହିଛି। ସେମାନେ ବିଦେଶୀ ନା ଭାରତୀୟ ସେହି ଦ୍ୱନ୍ଦ୍ୱରେ ରହିଛନ୍ତି। ସମ୍ପ୍ରତି 'ଏସ୍ଆଇଆର'ରେ ଯେଉଁ 'ତାର୍କିକ ବିସଙ୍ଗତି' ସର୍ତ୍ତଟି ଯୋଡ଼ି ଦିଆଯାଇଛି ସେଥିରେ କର୍ମଚାରୀମାନଙ୍କର ସାମାନ୍ୟ ତ୍ରୁଟି ମଧ୍ୟ ଭୋଟରମାନଙ୍କୁ ତାଲିକା ବହିର୍ଭୂତ କରିଦେଇପାରେ। ଏହାପରେ ସେମାନଙ୍କ ମାମଲାକୁ ଫରେନ୍ ଟ୍ରିବ୍ୟୁନାଲ୍‌କୁ ପଠାଇଦିଆଯିବ, ଯାହାର ଫଇସଲା ହେବା ବେଳକୁ ଆବେଦନକାରୀ ଇହଧାମରେ ଥିବେ କି ନାହିଁ ସନ୍ଦେହ। ସେଭଳି କ୍ଷେତ୍ରରେ ଭାରତରେ ଜନ୍ମିତ ଜଣେ ବ୍ୟକ୍ତି ନାଗରିକତ୍ୱର ଦ୍ୱନ୍ଦ୍ୱ ଏବଂ ସରକାରୀ ଯୋଜନାର ହିତାଧିକାରୀ ତାଲିକାରେ ନିଜକୁ ସାମିଲ୍ କରିବାର ସଂଘର୍ଷରେ ବାକି ଜୀବନ କାଟିବା ସାର ହେବ। ସାମାନ୍ୟ ଭୋଟ-ରାଜନୀତିର ସ୍ୱାର୍ଥ ପାଇଁ ରାଜନୈତିକ ଦଳମାନେ ଇସିଆଇ ଜରିଆରେ ସାଧାରଣ ନାଗରିକମାନଙ୍କୁ ମୋହରା କରିବା ପୂର୍ବରୁ ଏ ସମ୍ପର୍କରେ ସର୍ବୋଚ୍ଚ ଅଦାଲତ ପୁନର୍ବିଚାର କରି ରାୟକୁ ଅଧିକ ସ୍ପଷ୍ଟ କରିବାକୁ ନିବେଦନ।

## ରୁବିଓଙ୍କ ଭାରତ ଯାତ୍ରା: କୂଟନୀତି ନା ସ୍ୱାର୍ଥର ରାଜନୀତି?

**ଡ ସୁଶାନ୍ତ କୁମାର ପରିଡ଼ା**

ଆମେରିକାର ବିଦେଶମନ୍ତ୍ରୀ ମାର୍କୋ ରୁବିଓଙ୍କ ଭାରତ ଯାତ୍ରାକୁ କେବଳ ଏକ ସାଧାରଣ କୂଟନୀତିକ ଭ୍ରମଣ ବୋଲି ଦେଖିଲେ ଭୁଲ ହେବ। ଏହା ଆଜିର ବିଶ୍ୱର ଶକ୍ତି ସମୀକରଣ, ଆମେରିକା-ଚୀନ ପ୍ରତିସ୍ପର୍ଦ୍ଧା, ଭାରତ-ପ୍ରଶାନ୍ତ ମହାସାଗରୀୟ ରଣନୀତି ଏବଂ ଭାରତର ବୃଦ୍ଧିଶୀଳ ଭୂରାଜନୈତିକ ମହତ୍ତ୍ୱର ଏକ ଗଭୀର ପ୍ରତିଫଳନ ଏଥିରେ ନିହିତ ରହିଛି। କିନ୍ତୁ ଏହି ଭ୍ରମଣର ଚମକଦାର ଫଟୋ, କରମର୍ଦ୍ଦନ ପଛରେ ଲୁଚିଥିବା କଠୋର ସତ୍ୟକୁ ଅଣଦେଖା କରାଯାଇପାରିବ ନାହିଁ। ଭାରତ-ଆମେରିକା ସମ୍ପର୍କ ଆଜି ଯେତେ ଘନିଷ୍ଠ ଦେଖାଯାଉଛି, ସେତେ ହିଁ ଏହା ସନ୍ଦେହ, ସ୍ୱାର୍ଥ ଓ ରଣନୀତିକ ଅବିଶ୍ୱାସରେ ଘେରି ରହିଛି। ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ଶାସନକାଳରେ ଆମେରିକାର ବୈଦେଶିକ ନୀତିରେ ଯେଉଁ ପରିବର୍ତ୍ତନ ଆସିଛି, ତାହା ଭାରତକୁ ମଧ୍ୟ ଅସ୍ୱସ୍ତ କରିଛି। ଟାରିଫ୍ ବୃଦ୍ଧି, ଚୀନ ପ୍ରତି ଆକସ୍ମିକ ସମ୍ମିଳନମୂଳକ ଭାବ, ପାକିସ୍ତାନ ସହ ନୂତନ ସମ୍ପର୍କ ଗଢ଼ିବାର ଚେଷ୍ଟା ଭାରତ ପାଇଁ ଚିନ୍ତା ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ରୁବିଓଙ୍କ ଭାରତ ଯାତ୍ରା ଏକ 'ଡ୍ୟାମେଜ୍ କଣ୍ଟ୍ରୋଲ୍ ଡିପ୍ଲୋମାସି' ବୋଲି ଅନେକ ବିଶ୍ଳେଷକ ଦେଖୁଛନ୍ତି।

ଆମେରିକା ପାଇଁ ଭାରତ କେବଳ ଏକ ମିତ୍ର ଦେଶ ନୁହେଁ; ଏହା ଚୀନ୍‌କୁ ସମତୁଳିତ କରିବା ପାଇଁ ଏକ ଭୂ-ରାଜନୈତିକ ଆବଶ୍ୟକତା। ଭାରତ-ପ୍ରଶାନ୍ତମହାସାଗରୀୟ ଅଞ୍ଚଳରେ ଚୀନର ଆକ୍ରମଣାତ୍ମକ ବିସ୍ତାର, ଦକ୍ଷିଣ ଚୀନ ସାଗରର ସେନାକରଣ ଓ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ ମାଧ୍ୟମରେ ତାହାର ଆର୍ଥିକ ପ୍ରଭାବ ବୃଦ୍ଧି ପଶ୍ଚିମ ଶକ୍ତିମାନଙ୍କୁ ଚିନ୍ତିତ କରିଛି। ଏହି ପରିସ୍ଥିତିରେ ଭାରତ ଆମେରିକା ପାଇଁ 'ନାଚୁରାଲ୍ ପାର୍ଟନର' ହେବା ସ୍ୱାଭାବିକ। ରୁବିଓଙ୍କ ଭାଷଣରେ ଏହି ବାକ୍ୟ ପୁନରାବୃତ୍ତି ହେବା କୌଣସି ସଂଯୋଗ ନୁହେଁ। କିନ୍ତୁ ପ୍ରଶ୍ନ ହେଉଛି ଭାରତ ଏହି ସମ୍ପର୍କରେ କେତେ ସ୍ୱାଧୀନ? ଆମେରିକା ଭାରତକୁ ସମାନ ଭାଗୀଦାର ଭାବେ ଦେଖୁଛି ନା ଚୀନ ବିରୋଧୀ ଏକ ରଣନୀତିକ ଉପକରଣ ଭାବରେ? ଏହି ପ୍ରଶ୍ନର ଉତ୍ତର ରୁବିଓଙ୍କ ଭ୍ରମଣର ଆଲୋକମୟ ମଞ୍ଚରୁ ମିଳିବ ନାହିଁ; ଏହା ମିଳିବ ଆମେରିକାର ନୀତିର ଅନ୍ତର୍ନିହିତ ସ୍ୱାର୍ଥରେ।

ଭାରତ-ଆମେରିକା ସମ୍ପର୍କର ଇତିହାସରେ ଆମେରିକା ସଦା ନିଜ ସ୍ୱାର୍ଥକୁ ପ୍ରାଥମିକତା ଦେଇଛି। ଶୀତଳ ଯୁଦ୍ଧ ସମୟରେ ସେ ପାକିସ୍ତାନକୁ ସମର୍ଥନ କଲା; ୧୯୭୧ରେ ବାଙ୍ଗଲାଦେଶ ମୁକ୍ତିଯୁଦ୍ଧ ସମୟରେ ସେଭେନ୍ଥ ଫ୍ଲିଟ୍ ପଠାଇଲା; ୧୯୯୮ର ପରମାଣୁ ପରୀକ୍ଷା ପରେ ଭାରତ ଉପରେ ପ୍ରତିବନ୍ଧକ ଲଗାଇଲା। ଆଜି ସେହି ଆମେରିକା ଭାରତ ପ୍ରତି ମିତ୍ରତାର ହାତ ବଢ଼ାଇଛି। ଏହି ପରିବର୍ତ୍ତନ ମୂଲ୍ୟବୋଧରୁ ନୁହେଁ; ଭୂରାଜନୈତିକ ଆବଶ୍ୟକତାରୁ ଜନ୍ମିତ। ରୁବିଓଙ୍କ ଭ୍ରମଣର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି 'କ୍ୱାଡ୍'। ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆକୁ ନେଇ ଗଠିତ ଏହି ମଞ୍ଚକୁ ଆମେରିକା ଭାରତ-ପ୍ରଶାନ୍ତମହାସାଗରୀୟ 'କର୍ଣ୍ଣର ଷ୍ଟୋନ୍' ବୋଲି ବର୍ଣ୍ଣନା କରୁଛି। ରୁବିଓ 'କ୍ୱାଡ୍'କୁ 'ଲିଞ୍ଚପିନ୍' ବୋଲି କହିଥିବାରୁ ଏହାର ଗୁରୁତ୍ୱ ସ୍ପଷ୍ଟ। ଭାରତ ନିଜର ରଣନୀତିକ ସାର୍ବଭୌମତ୍ୱ ରକ୍ଷା କରିବାକୁ ଚାହେଁ। କିନ୍ତୁ ଆମେରିକାର ଦୃଷ୍ଟିକୋଣ ଭିନ୍ନ। ସେ ଚାହୁଁଛି ଭାରତ ଚୀନ ବିରୋଧୀ ଗଠନରେ ଆହୁରି ଗଭୀର ଭାବେ ଜଡ଼ିତ ହେଉ।

ଆମେରିକା ଆଜି ଚୀନ ଉପରେ ନିର୍ଭରତା କମାଇବାକୁ ଚାହୁଁଛି। ଏହିକାରଣରୁ ସେ ଭାରତକୁ ଏକ ବିକଳ୍ପ ଉତ୍ପାଦନ କେନ୍ଦ୍ର ଭାବରେ ଗଢ଼ିବାକୁ ଚେଷ୍ଟା କରୁଛି। କିନ୍ତୁ ଭାରତ ପାଇଁ ଏହା ଏକ ସୁଯୋଗ ହେଲେ ମଧ୍ୟ ଏଥିରେ ଅନେକ ସଙ୍କଟ ରହିଛି। ଆମେରିକୀୟ ପୁଞ୍ଜିବାଦ ସଦା ବଜାର ଖୋଜିଥାଏ। ଭାରତର ବିଶାଳ ବଜାର, ଶସ୍ତା ଶ୍ରମଶକ୍ତି ଏବଂ ବୃଦ୍ଧିଶୀଳ ଡିଜିଟାଲ୍ ଅର୍ଥନୀତି ଆମେରିକା ପାଇଁ ଆକର୍ଷଣୀୟ। କିନ୍ତୁ ଏହି ସମ୍ପର୍କରେ ସମତା କେଉଁଠି? ଆମେରିକୀୟ କମ୍ପାନୀମାନେ ଭାରତର ଡାଟା, ବଜାର ଓ ସମ୍ବଳରୁ ଲାଭ ଉଠାଉଛନ୍ତି, କିନ୍ତୁ ଭାରତୀୟ କମ୍ପାନୀମାନେ ଆମେରିକୀୟ ବଜାରରେ ସେହି ସ୍ୱାଧୀନତା ପାଉଛନ୍ତି କି? ଟାରିଫ୍ ବିବାଦ ଏହାର ସ୍ପଷ୍ଟ ଉଦାହରଣ। ରୁବିଓଙ୍କ ଯାତ୍ରାରେ ପ୍ରତିରକ୍ଷା ସହଯୋଗକୁ ମଧ୍ୟ ବହୁତ ଆଗରେ ରଖାଗଲା। ଆମେରିକା ଚାହୁଁଛି ଭାରତ ଅଧିକ ଆମେରିକୀୟ ଅସ୍ତ୍ର କିଣୁ। କିନ୍ତୁ ଏଠାରେ ମଧ୍ୟ ଏକ ବିପରୀତ ସତ୍ୟ ରହିଛି। ଆମେରିକା ଆଜି ଭାରତକୁ ଡ୍ରୋନ୍, ଫାଇଟର ଜେଟ୍ ଓ କ୍ଷେପଣାସ୍ତ୍ର ବିକ୍ରି କରୁଛି, ସେହି ଆମେରିକା ପାକିସ୍ତାନକୁ ମଧ୍ୟ ବର୍ଷକାଳ ଧରି ସାମରିକ ସାହାଯ୍ୟ ଦେଇଆସିଛି। ଭାରତ ପାଇଁ ଏହା ଏକ ଦ୍ୱିମୁଖୀ ଆହ୍ୱାନ। ଏହା ମଧ୍ୟ ମନେରଖିବା ଦରକାର ଯେ ଆମେରିକାର ବୈଦେଶିକ ନୀତି ସ୍ଥାୟୀ ମିତ୍ରତା ଉପରେ ନୁହେଁ; ସ୍ଥାୟୀ ସ୍ୱାର୍ଥ ଉପରେ ଆଧାରିତ। ଆଜି ଭାରତ ଆବଶ୍ୟକ, କାଲି ପରିସ୍ଥିତି ବଦଳିଗଲେ ଆମେରିକାର ଆଚରଣ ମଧ୍ୟ ବଦଳିଯିବ। ତେଣୁ ଭାରତକୁ କୌଣସି ଭାବପ୍ରବଣ ମିତ୍ରତାର ଭ୍ରମରେ ରହିବା ଉଚିତ୍ ନୁହେଁ।

ରୁବିଓଙ୍କ ଯାତ୍ରାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ପାକିସ୍ତାନ ଓ ଚୀନ ପ୍ରଶ୍ନ। ଟ୍ରମ୍ପ ପ୍ରଶାସନର ଚୀନ ପ୍ରତି କିଛି ସମ୍ମିଳନମୂଳକ ଇଙ୍ଗିତ ଏବଂ ପାକିସ୍ତାନ ସହ ପୁନର୍ବାର ସମ୍ପର୍କ ଗଢ଼ିବାର ଚେଷ୍ଟା ଭାରତରେ ସନ୍ଦେହ ସୃଷ୍ଟି କରିଛି। ରୁବିଓଙ୍କ ଏହି ଭ୍ରମଣ ମୂଳତଃ ସେହି ସନ୍ଦେହ ଦୂର କରିବାର ଏକ ଚେଷ୍ଟା। କିନ୍ତୁ କେବଳ ଉଚ୍ଚସ୍ତରୀୟ ଭାଷଣ ଓ ରାଜନୈତିକ ହସ ଦ୍ୱାରା ବିଶ୍ୱାସ ଫେରାଇଆଣିବା ସମ୍ଭବ ନୁହେଁ। ଭାରତ ଆଜି ବହୁଧ୍ରୁବୀୟ ବିଶ୍ୱ ବ୍ୟବସ୍ଥାରେ ନିଜର ସ୍ୱତନ୍ତ୍ର ସ୍ଥାନ ଗଢ଼ିବାକୁ ଚାହୁଁଛି। ସେ ଏକପଟେ ଆମେରିକା ସହ ସମ୍ପର୍କ ବଢ଼ାଉଛି, ଅନ୍ୟପଟେ ରୁଷ ସହ ରକ୍ଷା ସମ୍ପର୍କ ରଖୁଛି। ବ୍ରିକ୍ସ ଓ ଏସ୍‌ସିଓ ଭଳି ମଞ୍ଚରେ ମଧ୍ୟ ସକ୍ରିୟ ଅଛି। ଏହି ବହୁମୁଖୀ କୂଟନୀତି ଭାରତର ଶକ୍ତି। ରୁବିଓଙ୍କ ଭ୍ରମଣର ଅସଲ ମୂଲ୍ୟାଙ୍କନ ଏଥିରେ ହେବ ଯେ, ଆମେରିକା ଭାରତର ସ୍ୱତନ୍ତ୍ର ବୈଦେଶିକ ନୀତିକୁ ମାନିବ କି ନାହିଁ।

ଏଠାରେ ଆଉ ଏକ ଗଭୀର ପ୍ରଶ୍ନ ଉଠେ। ଭାରତ-ଆମେରିକା ସମ୍ପର୍କ କେବଳ ଶାସକ ଶ୍ରେଣୀ ଓ କର୍ପୋରେଟ୍ ହିତରେ ସୀମିତ? ସାଧାରଣ ଭାରତୀୟଙ୍କ ପାଇଁ ଏହାର ଅର୍ଥ କ'ଣ? ଆମେରିକୀୟ ପୁଞ୍ଜି ଆସିଲେ ଚାକିରି ବଢ଼ିବ ନା ସ୍ଥାନୀୟ ଉଦ୍ୟୋଗ ଚାପରେ ପଡ଼ିବ? ଟେକ୍ନୋଲୋଜି ସହଯୋଗ ସତରେ ଜ୍ଞାନ ହସ୍ତାନ୍ତର କରିବ ନା ଭାରତକୁ କେବଳ ଏକ ବଜାରରେ ପରିଣତ କରିଦେବ? ଏହି ସମ୍ପର୍କର ମାନବିକ ଓ ଲୋକତାନ୍ତ୍ରିକ ପରିମାଣକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ। ଆମେରିକା ସଦା ଲୋକତନ୍ତ୍ର ଓ ମାନବାଧିକାରର କଥା କହେ। କିନ୍ତୁ ଯେତେବେଳେ ତାହାର ରଣନୀତିକ ସ୍ୱାର୍ଥ ଜଡ଼ିତ ଥାଏ ସେହି ମୂଲ୍ୟବୋଧ ଭୁଲିଯାଏ। ସାଉଦି ଆରବ, ପାକିସ୍ତାନ, କିମ୍ବା ଅନ୍ୟାନ୍ୟ ଦେଶ ସହ ଆମେରିକାର ସମ୍ପର୍କ ଏହାର ଉଦାହରଣ। ଭାରତ ମଧ୍ୟ ଏହି ଦ୍ୱି-ମାନଦଣ୍ଡକୁ ଭଲଭାବରେ ବୁଝେ। ରୁବିଓଙ୍କ ଭ୍ରମଣକୁ ଭାରତୀୟ ଗଣମାଧ୍ୟମର ଏକ ଅଂଶ ଅତ୍ୟଧିକ ଉତ୍ସାହ ସହ ପ୍ରଦର୍ଶନ କଲା। କିନ୍ତୁ ଗଣମାଧ୍ୟମର କାମ କେବଳ ଉତ୍ସବ ପାଳନ ନୁହେଁ; ପ୍ରଶ୍ନ କରିବା ମଧ୍ୟ। ଭାରତ-ଆମେରିକା ସମ୍ପର୍କର ଅର୍ଥନୈତିକ, ସାମରିକ ଓ ରାଜନୈତିକ ପରିଣାମ କ'ଣ ହେବ, ସେଥିରେ ଗଭୀର ଚର୍ଚ୍ଚା ଦରକାର।

ଭାରତକୁ ଏହି ସମ୍ପର୍କରେ ଆତ୍ମବିଶ୍ୱାସୀ ହେବାକୁ ପଡ଼ିବ, କିନ୍ତୁ ଅନୁଗତ ନୁହେଁ। ଆମେରିକା ସହ ସହଯୋଗ ଆବଶ୍ୟକ, କିନ୍ତୁ ସ୍ୱାଧୀନତାର ବିନିମୟରେ ନୁହେଁ। ଭାରତର ଶକ୍ତି ତାହାର ସ୍ୱତନ୍ତ୍ର ନୀତିରେ, ନାହିଁ କୌଣସି ଶକ୍ତିଶାଳୀ ଦେଶର ଛାୟାରେ। ରୁବିଓଙ୍କ ଭାରତ ଯାତ୍ରା ଏକ ସନ୍ଦେଶ ଦେଇଛି ବିଶ୍ୱ ରାଜନୀତିରେ ଭାରତକୁ ଅଣଦେଖା କରିବା ଆଉ ସମ୍ଭବ ନୁହେଁ। କିନ୍ତୁ ତା' ସହିତ ଏହା ମଧ୍ୟ ସତ୍ୟ ଯେ ମହାଶକ୍ତିମାନଙ୍କର ଆକର୍ଷଣ ସଦା ସ୍ୱାର୍ଥପୂର୍ଣ୍ଣ। ଭାରତ ପାଇଁ ଆହ୍ୱାନ ହେଉଛି ଏହି ସମ୍ପର୍କକୁ କିପରି ନିଜ ଜାତୀୟ ସ୍ୱାର୍ଥରେ ବ୍ୟବହାର କରିବ ଏବଂ କିପରି ନିଜର ରଣନୀତିକ ସ୍ୱାଧୀନତାକୁ ରକ୍ଷା କରିବ। ଆଜିର ବିଶ୍ୱରେ ମିତ୍ରତା ଅପେକ୍ଷା ସ୍ୱାର୍ଥ ବଡ଼। ରୁବିଓଙ୍କ ଯାତ୍ରା ତାହାର ଆଉ ଏକ ସ୍ପଷ୍ଟ ସ୍ମୃତିଚିହ୍ନ। ଭାରତକୁ ଆମେରିକା ସହ ସମ୍ପର୍କ ରଖିବାକୁ ହେବ; କିନ୍ତୁ ନିଜ ସ୍ୱାଧୀନ ପରିଚୟ ନ ହରାଇ। ସମ୍ପର୍କର ସଫଳତା କରମର୍ଦ୍ଦନ ଫଟୋରେ ନୁହେଁ; ଭାରତ କେତେଦୂର ପର୍ଯ୍ୟନ୍ତ ନିଜ ସ୍ୱାଧୀନ ସ୍ୱରକୁ ରକ୍ଷା କରିପାରିବ, ସେଥିରେ ନିର୍ଭର କରିବ।

(ଅଧ୍ୟାପକ, ଲୋକନାଥ ମହାବିଦ୍ୟାଳୟ, ପାଟକୁରା)
କେନ୍ଦ୍ରାପଡ଼ା, ମୋ: ୯୪୩୭୨୧୦୪୫୮

## ଶିକ୍ଷାର ବଜାର: ଜ୍ଞାନ ବନାମ ସଉଦା?

**ସୌଜନ୍ୟ କୁମାର ପରିଡ଼ା**



ଆଜିର ସମାଜରେ ଶିକ୍ଷା ଆଉ କେବଳ ଜ୍ଞାନାର୍ଜନର ପବିତ୍ର ସାଧନା ହୋଇ ରହିନାହିଁ; ଏହା ଧୀରେ ଧୀରେ ଏକ ବୃହତ୍ ବ୍ୟବସାୟରେ ପରିଣତ ହେଉଛି। ଯେଉଁଠାରେ ଗୁରୁ-ଶିଷ୍ୟ ସମ୍ପର୍କ ଥିଲା ଆଧ୍ୟାତ୍ମିକତା, ଆଦର ଓ ଜ୍ଞାନର ପବିତ୍ର ସେତୁ, ସେଠାରେ ଏବେ ଦେଖାଯାଉଛି ଲାଭ-କ୍ଷତିର ହିସାବକିତାବ। ଶିକ୍ଷାର ମୂଳଉଦ୍ଦେଶ୍ୟ ଅସ୍ପଷ୍ଟ ହୋଇପଡ଼ିଛି ଏବଂ ତାହାର ସ୍ଥାନ ଦଖଲ କରିଛି ନମ୍ବର, ଚାକିରି ଓ ଆର୍ଥିକ ସଫଳତାର ଅନ୍ଧଦୌଡ଼।

ପରୀକ୍ଷା ଋତୁ ଶେଷ ହୋଇଛି; ଆରମ୍ଭ ହୋଇଛି ନୂତନ ଶିକ୍ଷାବର୍ଷର ଋତୁ। କିନ୍ତୁ ଏହି ନୂଆ ଶିକ୍ଷା ଋତୁର ପରିବେଶକୁ ଦେଖିଲେ ମନେ ହୁଏନାହିଁ ଯେ ଏହା ଜ୍ଞାନର ଉତ୍ସବ; ବରଂ ଏକ ବିଶାଳ ବ୍ୟବସାୟିକ ମେଳାର ଚିତ୍ର ଆଖିଆଗରେ ଭାସିଉଠେ। ଯେପରି ଦୋକାନ ବଜାରରେ ରିହାତି ବା ସଉଦା ପାଇଁ ଲୋକଙ୍କର ଅସହ୍ୟ ଭିଡ଼ ଲାଗେ, ସେହିପରି ଏବେ ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନରେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କର ଭିଡ଼ ଦେଖାଯାଉଛି। କେଉଁଠି 'ଶତପ୍ରତିଶତ ରେଜଲ୍ଟ'ର ବିଜ୍ଞାପନ, କେଉଁଠି 'ସ୍ମାର୍ଟ କ୍ଲାସ୍', 'ଏସି କ୍ୟାମ୍ପସ', 'ପ୍ଲେସମେଣ୍ଟ ଗ୍ୟାରେଣ୍ଟି'ର ଆକର୍ଷକ ପ୍ରଲୋଭନ। ଶିକ୍ଷା ପ୍ରତିଷ୍ଠାନମାନେ ନିଜକୁ ଜ୍ଞାନମନ୍ଦିରଠାରୁ ଅଧିକ ଏକ ପ୍ରତିଯୋଗୀ ବ୍ୟବସାୟିକ ସଂସ୍ଥାରେ ପରିଣତ କରିବାରେ ବ୍ୟସ୍ତ।

ଅଭିଭାବକମାନେ ମଧ୍ୟ ଅନିଶ୍ଚିତ ଭବିଷ୍ୟତର ଚିନ୍ତାରେ ଏକ ପ୍ରକାର ଅଣନିଃଶ୍ୱାସୀ ଦୌଡ଼ରେ ସାମିଲ ହେଉଛନ୍ତି। ସନ୍ତାନର ଭବିଷ୍ୟତକୁ ସୁରକ୍ଷିତ କରିବାର ଆତୁରତାରେ ସେମାନେ ବିଭିନ୍ନ ସ୍କୁଲ, କଲେଜ ଓ କୋଚିଂ ସେଣ୍ଟରର ଦ୍ୱାରେ ଦ୍ୱାରରେ ଘୂରୁଛନ୍ତି। କେଉଁଠି 'ଆଡମିସନ ଫି'ର ଚାପ, କେଉଁଠି 'ଡୋନେସନ'ର ଅଲିଖିତ ନିୟମ, କେଉଁଠି ପୁଣି ସଫଳତାର ସ୍ୱପ୍ନ ଦେଖାଇ ଅଭିଭାବକଙ୍କ ଭାବନା ସହ ବ୍ୟବସାୟ। ଏହି ଦୃଶ୍ୟ କେବେ କେବେ ଏମିତି ଲାଗେ, ଯେପରି ଶିକ୍ଷା ନୁହେଁ, ଏକ 'ପ୍ୟାକେଜ୍ଡ ପ୍ରୋଡକ୍ଟ'ର ବଜାର ଚାଲିଛି; ଯେଉଁଠାରେ ଛାତ୍ର ଗ୍ରାହକ ଓ ଶିକ୍ଷା ପ୍ରତିଷ୍ଠାନ ବ୍ୟବସାୟୀ।

ଆଜିର ଛାତ୍ରଛାତ୍ରୀ ଅଧିକାଂଶ ସମୟରେ ଶିକ୍ଷକଙ୍କ ପାଖରୁ ଜ୍ଞାନ କିମ୍ବା ବିଦ୍ୟା ଆଶା କରୁନାହାନ୍ତି। ସେମାନେ ଖୋଜୁଛନ୍ତି ପରୀକ୍ଷାରେ କିପରି ଅଧିକ ନମ୍ବର ଆଣିବେ, କିପରି ସହଜରେ ପାସ୍ କରିବେ, କିପରି ଭଲ ଚାକିରି ପାଇବେ। ସେମାନଙ୍କ ପାଇଁ ଶିକ୍ଷା ହେଉଛି ଜୀବିକାର ଟିକେଟ୍। ଅନ୍ୟପଟେ ଅନେକ ଶିକ୍ଷକଙ୍କର ମଧ୍ୟ ଲକ୍ଷ୍ୟ ରହି ନାହିଁ ଜ୍ଞାନ ବିତରଣର ମହାନ ବ୍ରତ। ଶିକ୍ଷାଦାନ ଏବେ ଅନେକଙ୍କ ପାଇଁ ଏକ ପେସା, ଉପାର୍ଜନର ଉପାୟ ମାତ୍ର। ଫଳସ୍ୱରୂପ ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ ସମ୍ପର୍କ ଧୀରେ ଧୀରେ ବ୍ୟବସାୟୀ ଓ ଗ୍ରାହକର ସମ୍ପର୍କରେ ପରିଣତ ହେଉଛି। ନିଶ୍ଚୟ ଏହାର ବ୍ୟତିକ୍ରମ ଅଛି। ଆଜିମଧ୍ୟ କିଛି ଶିକ୍ଷକ ଅଛନ୍ତି, ଯେଉଁମାନେ ଶିକ୍ଷାକୁ ଏକ ସାଧନା ବୋଲି ମନେ କରନ୍ତି ଏବଂ କିଛି ଛାତ୍ରଛାତ୍ରୀ ଅଛନ୍ତି, ଯେଉଁମାନେ ସତ୍ୟ ଜ୍ଞାନ ପାଇଁ ଆତୁର। କିନ୍ତୁ ସେମାନଙ୍କ ସଂଖ୍ୟା ଅତ୍ୟନ୍ତ ସାମାନ୍ୟ।

ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାକୁ ଗ୍ରାସ କରିଛି ସ୍ଥୂଳ ଉପଯୋଗିତାବାଦ(ୟୁଟିଲିଟାରିଆନିଜମ୍)। ଶିକ୍ଷାର ମୂଲ୍ୟ ଏବେ ମାପାଯାଉଛି କେତେ ଟଙ୍କା ଉପାର୍ଜନ କରାଯିବ, କେତେ ଶୀଘ୍ର ଚାକିରି ମିଳିବ କିମ୍ବା କେତେ ବଡ଼ ପଦ ହାସଲ ହେବ। କିନ୍ତୁ ଶିକ୍ଷାର ପ୍ରକୃତ ଲକ୍ଷ୍ୟ କ'ଣ? ଆମ ଭାରତୀୟ ଦାର୍ଶନିକ ପରମ୍ପରା ଏହାର ଉତ୍ତର ଅନେକ ପୂର୍ବରୁ ଦେଇଛି। ଶାସ୍ତ୍ରରେ କୁହାଯାଇଛି, 'ସା ବିଦ୍ୟା ଯା ବିମୁକ୍ତୟେ'। ଅର୍ଥାତ୍ ଯେଉଁ ବିଦ୍ୟା ମଣିଷକୁ ମୁକ୍ତି ଦିଏ, ତାହା ହିଁ ହେଉଛି ପ୍ରକୃତ ବିଦ୍ୟା। ଏହି ମୁକ୍ତି କେବଳ ଦାରିଦ୍ର୍ୟରୁ ନୁହେଁ; ଅଜ୍ଞାନ, ଅନ୍ଧବିଶ୍ୱାସ, ସଂକୀର୍ଣ୍ଣତା, ଅନୈତିକତା ଓ ମାନସିକ ଅନ୍ଧକାରରୁ ମୁକ୍ତି। ବିଦ୍ୟା ମଣିଷକୁ ମାନବିକ କରେ, ବିବେକୀ କରେ, ସତ୍ୟ ଓ ନ୍ୟାୟର ପଥରେ ଚାଲିବାକୁ ଶିଖାଏ। ଦୁଃଖର ବିଷୟ, ଆଜିର ଶିକ୍ଷା ବ୍ୟବସ୍ଥା ସେହି ମହତ୍ ଲକ୍ଷ୍ୟକୁ ପ୍ରାୟ ବିସ୍ମୃତ କରିଦେଇଛି। ଏବେ ଶିକ୍ଷା ମନୁଷ୍ୟ ଗଢ଼ିବାଠାରୁ ବେଶି ବଜାର ପାଇଁ 'ମାନବ ସମ୍ପଦ' ପ୍ରସ୍ତୁତ କରୁଛି। ନୈତିକତା, ମାନବିକତା, ସାମାଜିକ ଦାୟିତ୍ୱବୋଧ ଓ ଚରିତ୍ର ଗଠନ ପଛକୁ ଚାଲିଯାଇଛି। ଶିକ୍ଷାର ମନ୍ଦିରରେ ଜ୍ଞାନର ଦୀପ ଧୀରେ ଧୀରେ ମ୍ଳାନ ହେଉଛି ଏବଂ ତାହାର ସ୍ଥାନରେ ଜଳୁଛି ବଜାରବାଦର ଚକଚକିଆ ନିଅନ୍ ଆଲୋକ।

ଆମେ ଯଦି ଏହି ପରିସ୍ଥିତିକୁ ଏବେ ମଧ୍ୟ ଅନୁଭବ କରି ନ ଥାଉ, ତେବେ ଆସନ୍ତା ପିଢ଼ି କେବଳ ଡିଗ୍ରୀଧାରୀ ହେବେ। କିନ୍ତୁ ସତ୍ୟ ଅର୍ଥରେ ଶିକ୍ଷିତ ମଣିଷ ହୋଇପାରିବେ ନାହିଁ। ତେଣୁ ଆବଶ୍ୟକ ଶିକ୍ଷାକୁ ପୁଣିଥରେ ତାହାର ମୂଳ ଆଦର୍ଶ ସହ ଯୋଡ଼ିବା। ଶିକ୍ଷା କେବଳ ଜୀବିକା ନୁହେଁ, ଜୀବନର ମାର୍ଗଦର୍ଶନ ହେଉ। ଶିକ୍ଷକ ପୁଣି 'ଗୁରୁ'ର ଆସନକୁ ଫେରନ୍ତୁ ଏବଂ ଛାତ୍ର ପୁଣି ଜ୍ଞାନ ପ୍ରତି ଶ୍ରଦ୍ଧା ଅନୁଭବ କରନ୍ତୁ। ନଚେତ୍ ଏକଦିନ ଏମିତି ଆସିବ, ଯେଉଁଠାରେ ଶିକ୍ଷା ଥିବ, ବିଦ୍ୟାଳୟ ଥିବ, ଡିଗ୍ରୀ ଥିବ; କିନ୍ତୁ ଜ୍ଞାନ, ମୂଲ୍ୟବୋଧ ଓ ମାନବିକତାର ଆଲୋକ ଅନ୍ଧକାରରେ ହଜିଯିବ

ବାରୁଅ(କେନ୍ଦ୍ରାପଡ଼ା),
ମୋ: ୮୨୪୯୯୪୩୨୪୭

## ରେବତୀର ପୁନରୁତ୍ଥାନ : ରେବା ରାୟ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ରେବା ରାୟ ଭକ୍ତକବି ମଧୁସୂଦନ ରାଓଙ୍କ ଭ୍ରାତୃଷ୍ପୁତ୍ରୀ। ଜଗନ୍ନାଥ ରାଓଙ୍କ ସୁକନ୍ୟା। ସେଇ ମହିମାନ୍ୱିତ ପରିଚିତିର ଭିତ୍ତି ଉପରେ ସେ ଦଣ୍ଡାୟମାନ ରହିଛନ୍ତି ଜୀବନବ୍ୟାପୀ। ତାଙ୍କ ସ୍ୱାମୀ ସାଧୁଚରଣ ରାୟ ମଧ୍ୟ ଥିଲେ ସୁଲେଖକ। ତେଣୁ ସ୍ୱାମୀଙ୍କ ନୈତିକ ସମର୍ଥନ ଓ ଦିଗଦର୍ଶନ ରେବାଙ୍କୁ ପ୍ରଦାନ କଲା ଅମିତ ତେଜ। ସେ ଜାଣିଥିଲେ ଯେ କୁସଂସ୍କାରର ରାତ୍ରି ଅତିକ୍ରାନ୍ତ ହୋଇଯାଇଛି ବୋଲି ତାଙ୍କୁ ହିଁ ଘୋଷଣା କରିଦେବାକୁ ପଡ଼ିବ। ଶିଶୁ-ମାନସ ହିଁ ହେଉଛି ସତ୍ୟ ଗ୍ରହଣ ଓ ପ୍ରକାଶ-କ୍ଷମ! ସେମାନେ ହିଁ ନବଯୁଗର ବାର୍ତ୍ତାବହ। ଏହି ଶିଶୁମାନଙ୍କ ସକାଶେ ନବଯୁଗର ସୂତ୍ରପାତ କରିବାକୁ ପଡ଼ିବ।

'ପ୍ରଭାତ' ନାମକ ପ୍ରଥମ ଓଡ଼ିଆ ଶିଶୁପତ୍ରିକା ତାଙ୍କ ସମ୍ପାଦନାରେ ପ୍ରକାଶ କରି ସେ ଏକ ଅଭିନବ ଆଲୋଡ଼ନ ସୃଷ୍ଟି କରିଥିଲେ ସମାଜରେ। ଏହାର ପ୍ରଥମ ସଂଖ୍ୟାରେ ତାଙ୍କ ଭାବାବେଗ କିପରି ଉଚ୍ଛ୍ୱସିତ ଭାବରେ ପ୍ରକାଶିତ ତାହା ଲକ୍ଷ୍ୟ କରିବାର ବିଷୟ। ସେ ଲେଖିଛନ୍ତି : 'ପ୍ରଭାତ' ଯେଉଁ କରୁଣାମୟ ବିଶ୍ୱବିଧାତାଙ୍କ କରୁଣା ଓ ପ୍ରେମର ଜୀବନ୍ତ ମଧୁମୟ ଛବି, ଆମ୍ଭମାନଙ୍କର ଏହି 'ପ୍ରଭାତ'କୁ ତାଙ୍କରି ସ୍ନେହ, ପ୍ରେମର ଗୋଟିଏ କଣିକା ବୋଲି ଜାଣି ଆଜି ଉତ୍କଳର ବାଳକବାଳିକାଙ୍କର ଶ୍ରୀକରରେ ଅର୍ପଣ କରୁଅଛୁ।' ସାମାଜିକ ନାନାବିଧ ଅର୍ଥହୀନ କଟକଣା ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳନ ପାଇଁ ତାଙ୍କ ଅନ୍ତର ଭିତରେ ଭରି ରହିଥିଲା ଯେଉଁ ଉଦବେଳନ ତାହା ମଧ୍ୟ ପ୍ରକାଶିତ ହେବାର ମାର୍ଗ ଅନୁସନ୍ଧାନ କରୁଥାଏ। ଅନ୍ୟକେହି ନାରୀ ମନରେ ଆଶା, ବିଶ୍ୱାସ ଓ ଭରସା ସୃଷ୍ଟି କରିଦେବେ ବୋଲି ଅପେକ୍ଷା କାହିଁକି କରିଥା'ନ୍ତେ ସେ? ପ୍ରଥମ ନାରୀ ପତ୍ରିକା ମଧ୍ୟ ପ୍ରକାଶ କଲେ ସେ 'ଆଶା' ନାମରେ ହିଁ ନାମିତ କରି। ଅନ୍ତର ମଧ୍ୟରୁ ଗିରି ନିର୍ଝରର ଉଦଗୀରଣ ନ ହେଲେ ଏପରି ସୁଦୃଢ଼ ନିଷ୍ପତ୍ତି ଗ୍ରହଣ କି କଠିନ! ରେବା ରାୟଙ୍କ ଅଟଳ, ଅବିଚଳିତ ଅଭୀପସାର ଏଇ କ୍ରାନ୍ତିକାରୀ ଅଭିଯାନ ତେଣୁ ଅବ୍ୟାହତ ରହିଲା ଆଜୀବନ। ଲେଖିକାମାନଙ୍କୁ ସଂଘବଦ୍ଧ କରି ରଖିବାର ସଂକଳ୍ପରେ ସେ ଥିଲେ ସ୍ଥିତପ୍ରଜ୍ଞ। ଗୋଟିଏ ପାଖରେ ନାରୀମୁକ୍ତିର ମନ୍ଦାକିନୀ ହୋଇ ସେ ପ୍ରବାହିତା ହେବା ବେଳେ ଅନ୍ୟ ପାଖରେ ମଧୁସୂଦନ ରାଓଙ୍କ ବ୍ରାହ୍ମ-ପ୍ରଭାରେ ସେ ସମୁଦ୍ଭାସିତା। ରେବା ରାୟଙ୍କ ନାରୀମୁକ୍ତିର ଚେତନା। ତେଣୁ ପାଶ୍ଚାତ୍ୟ ନାରୀବାଦରୁ ବହୁ ଊର୍ଦ୍ଧ୍ୱରେ, ଭାରତୀୟ ସଂସ୍କୃତି-ସ୍ପନ୍ଦିତ ନବୀନ ଦର୍ଶନ ବୋଲି ତାହାକୁ ଅଭିହିତ କରିବା ଯଥାର୍ଥ।

ମାତ୍ର ୧୬ ବର୍ଷ ବୟସରେ ସେ ବିବାହ କରିଥିଲେ ସାଧୁଚରଣ ରାୟଙ୍କୁ। ଅନେକ ସାଧୁଆତ୍ମା ଏ ପୃଥିବୀ ବକ୍ଷରେ କାହିଁକି ସ୍ୱଳ୍ପକାଳ ସକାଶେ ଅବସ୍ଥାନ କରନ୍ତି, ତାହାର ରହସ୍ୟ ଭେଦ କାହାପକ୍ଷରେ ବା ସମ୍ଭବ? ରେବା ରାୟ ମାତ୍ର ୨୨ ବର୍ଷ ବୟସରେ ବୈଧବ୍ୟ ବରଣ କରନ୍ତି। ଅବଶିଷ୍ଟ ଦୀର୍ଘଜୀବନ ତାଙ୍କର ଥିଲା ସାନ୍ନ୍ୟାସିନୀ ପରି ନିଷ୍କାମ। ତାହା ବୋଲି ସମାଜ ଓ ସାହିତ୍ୟଠାରୁ ଯେ ସେ ବିଚ୍ଛିନ୍ନ ରହିଛନ୍ତି, ତାହା ନୁହେଁ। ନାରୀଶିକ୍ଷାର ପ୍ରସାର ପାଇଁ ଆପଣାକୁ ଉତ୍ସର୍ଗ କରିଦେଇଛନ୍ତି। ଜଣେ ଲେଖକ ବା ଲେଖିକାଙ୍କ ସମାଜ ପ୍ରତି ଥିବା ଅବଦାନକୁ ତାଙ୍କ ସାହିତ୍ୟିକ ଅବଦାନର ଅନ୍ତର୍ଭୁକ୍ତ କରିବାର କଳାଟି ଏ ପର୍ଯ୍ୟନ୍ତ ସାହିତ୍ୟ ସମାଲୋଚକମାନେ ହୃଦବୋଧ କରି ନ ପାରିବା ସାହିତ୍ୟ-ବିଚାର କ୍ଷେତ୍ରରେ ସୃଷ୍ଟି କରିଛି ଏକ ଶୂନ୍ୟସ୍ଥାନ।

ଫକୀରମୋହନ ସେନାପତି ଲେଖିଲେ ରେବତୀ ଗଳ୍ପ ୧୮୯୮ ମସିହାରେ। ରେବା ରାୟଙ୍କୁ ସେତେବେଳେ ୨୨ ବର୍ଷ ବୟସ। ରେବତୀ ଗଳ୍ପରେ ଯେଉଁ ସମୟରେ ରେବତୀ ସ୍ୱର୍ଗତା ମାତୃଦେବୀଙ୍କ ଦୁଇ କିରଣହସ୍ତ ଦ୍ୱାରା ପୃଥିବୀରୁ ନେଇଛି ବିଦାୟ, ତହିଁ ପରଦିନ ପ୍ରଭାତରେ ସେ ଯେ ରେବା ରାୟ ଭୂମିକାରେ ଅବତୀର୍ଣ୍ଣ ହୋଇ ନଥିବେ, ଏହା କାହିଁକି ବିଶ୍ୱାସ କରା ନ ଯିବ? ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନାରୀ ଚେତନାର ଜାଗରଣ ସକାଶେ ସେ ଯେଉଁ ନେତୃତ୍ୱ ନେଇପାରିଲେ, ତାହା ସମ୍ଭବ ହେଲା କିପରି? ରେବତୀର ଅତୃପ୍ତି ଏକ ବିଦ୍ୟୁତ ପ୍ରବାହ ପରି ଯେ ତାଙ୍କ ମଧ୍ୟକୁ ପ୍ରବେଶ କରିଯାଇଥିଲା -ଏହି ପ୍ରତ୍ୟୟ ନିଜ ଭିତରେ ଆମେ ପ୍ରତିଷ୍ଠା କରିପାରିବା ହିଁ ହେଲା ପ୍ରକୃତ ସାହିତ୍ୟ। ଭକ୍ତକବି ମଧୁସୂଦନ ରାଓଙ୍କ ଗୀତିକବିତାର ଆତ୍ମା ବି ପ୍ରବେଶ କରିଛି ରେବା ରାୟଙ୍କ ଅନ୍ତରରେ। ସାମାଜିକ ଗଳ୍ପ ରଚନାରେ ତାଙ୍କ ଦକ୍ଷତା ପ୍ରମାଣିତ ହୋଇଛି 'ଶକୁନ୍ତଳା'ରେ। ରେବତୀ ଯେପରି ବିଗଳିତ କଣ୍ଠରେ ଭଜନ ବୋଲିଛି, ରେବା ରାୟ ସେହିପରି ଆନ୍ତରିକତା ସହକାରେ ଭାବ ବିହ୍ୱଳ ହୋଇ ଗାଇଛନ୍ତି କେତେ ମାର୍ମିକ ସଂଗୀତ। ତାଙ୍କର ପ୍ରାୟ ୪୦ଟି କବିତାର ସଂକଳନ 'ଅଞ୍ଜଳି' ନାମରେ ପ୍ରକାଶିତ। ରେବା ରାୟଙ୍କ ଜୀବନ ବିଶ୍ୱବିଧାତାଙ୍କ ପ୍ରତି ଏକ ହୃଦୟସ୍ପର୍ଶୀ ନିବେଦନ, ଯାହା ଭିତରେ ଫକୀରମୋହନଙ୍କ ରେବତୀ ହିଁ ହୋଇ ଉଠିଛି ଦେଦୀପ୍ୟମାନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସରକାରଙ୍କ ଉପରେ ବର୍ଷିଲେ କଂଗ୍ରେସର ଦୁଇ ବରିଷ୍ଠ ନେତା

# ଛତିଶଗଡ଼କୁ ମହାନଦୀ ଜଳ ଦାନ କରି ଉତ୍ସବ ପାଳୁଛି ଓଡ଼ିଶା

ଭୁବନେଶ୍ୱର,୩।୬(ସମିସ): ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ୪୧ ବୃହତ ଓ ମଧ୍ୟମ ଧରଣର ପ୍ରକଳ୍ପ ଏବଂ ୧୮୭୪ ଟି କ୍ଷୁଦ୍ର ଓ ଅନ୍ୟାନ୍ୟ ଜଳ ପ୍ରକଳ୍ପ ନିର୍ମାଣ କରିଛି ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଛନ୍ତି। ଏଥିପାଇଁ ଅଣ ମୌସୁମୀ ସମୟରେ ମହାନଦୀରେ ଜଳ ହ୍ରାସ ପାଉଛି ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି। ମାତ୍ର ଏବେ ମହାନଦୀକୁ ନେଇ ଛତିଶଗଡ଼ ସହ କୌଣସି ବିବାଦ ନାହିଁ ବୋଲି କାହିଁକି ମୁଖ୍ୟମନ୍ତ୍ରୀ କହୁଛନ୍ତି ବୋଲି ପ୍ରଶ୍ନ କରିଛି କଂଗ୍ରେସ। ଏହା ସହ ଛତିଶଗଡ଼କୁ ମହାନଦୀ ଜଳ ଦାନ କରି ଓଡ଼ିଶା ସରକାର ରାଜ୍ୟରେ ଉତ୍ସବ ପାଳୁଛନ୍ତି ବୋଲି କଂଗ୍ରେସ ମଧ୍ୟ କଟାକ୍ଷ କରିଛି।



ବୁଧବାର କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ମହାନଦୀ ଜଳ ଓ ଅନ୍ୟାନ୍ୟ ପ୍ରସଙ୍ଗରେ କଟୁ ସମାଲୋଚନା କରିଛନ୍ତି। ଭକ୍ତଚରଣ କହିଛନ୍ତି ଯେ ରାଜ୍ୟର ବିଭିନ୍ନ ଶିଳ୍ପକୁ ମହାନଦୀର ଜଳ ଯୋଗାଇ ଦିଆ ଯାଉଛି। ପ୍ରତ୍ୟେକ ଶିଳ୍ପ ୫୦ ହଜାରରୁ ଲକ୍ଷେ କ୍ୟୁବିକ ମିଟର ଜଳ ବ୍ୟବହାର କରୁଛନ୍ତି। ବର୍ତ୍ତମାନ ଛତିଶଗଡ ଓ ଓଡିଶାରେ ବିଜେପି ସରକାର ରହିବା ସହ କେନ୍ଦ୍ରରେ ମଧ୍ୟ ବିଜେପି ସରକାର ଅଛି। ଯଦି ପ୍ରଧାନମନ୍ତ୍ରୀ ଚାହିଁବେ ଗୋଟିଏ ଦିନରେ ମହାନଦୀ ଜଳ ବିବାଦର ସମାଧାନ ହୋଇପାରିବ। ମହାନଦୀର ଜଳକୁ ଛତିଶଗଡ ହାତରେ ଟେକି ଦେଇ ରାଜ୍ୟର ବୃହତ ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଉଥିବାବେଳେ ରାଜ୍ୟ ସରକାର ବର୍ଷପୂର୍ତ୍ତି ଉତ୍ସବ ପାଳନ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ କଂଗ୍ରେସ ସ୍ୱାଗତ କରିବ, ମାତ୍ର ମହାନଦୀ ଜଳ ବିବାଦ ସମାଧାନ ନ ହେଲେ ଏହି ଗସ୍ତକୁ ଦଳ ବିରୋଧ କରିବ। ସେହିପରି ଅନୁସୂଚିତ ଜାତି ଜନଜାତି ପାଇଁ ସଂରକ୍ଷଣକୁ ୧୧%ରୁ ୨୨%କୁ ବୃଦ୍ଧି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ମଧ୍ୟ ଏହାକୁ ୨୭ ପ୍ରତିଶତ କାହିଁକି କରାଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ କଂଗ୍ରେସ ସରକାର ସମୟରେ ଜଳ ବିବାଦ ସମସ୍ୟା ଗୁଡିକୁ ଆମେ ସୁଚାରୁ ରୂପେ ସମାଧାନ କରୁଥିଲୁ। ମହାନଦୀ ଜଳ ଓ ବିଦ୍ୟୁତକୁ ନେଇ ତତ୍କାଳୀନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଅର୍ଜୁନ ସିଂହଙ୍କ ସହିତ ଏକ ଚୁକ୍ତି ସ୍ୱାକ୍ଷରିତ ହେଇଥିଲା। ଯାହା ଫଳରେ ଓଡିଶା ଅଧିକ ଲାଭାନ୍ୱିତ ହେଉଥିଲା। ମାଛକୁଣ୍ଡ ଜଳ ବିଦ୍ୟୁତ ଯୋଜନାର ଚୁକ୍ତି ଅନୁଯାଇ ଆନ୍ଧ୍ରପ୍ରଦେଶ ୭୦ ଓ ଓଡିଶା ୩୦ ଭାଗ ବିଦ୍ୟୁତ ବଣ୍ଟନ କରିବାର ନିୟମ ରହିଥିଲା। କଂଗ୍ରେସ ସରକାର ଉଦ୍ୟମରେ ପଚାଶ ପଚାଶ ଭାଗକୁ ତାହା ପରିବର୍ତ୍ତନ ହୋଇଥିଲା। ଏବେ ବୈତରଣୀର ପାଣି ଶୁଖିଗଲାଣି, ନଦୀର ସମସ୍ତ ପାଣିକୁ କମ୍ପାନୀ ମାନଙ୍କୁ ଦାନ କରି ଦିଆଯାଇଛି। ଖଣିଜ ଦ୍ରବ୍ୟ ପଠାଇବା ପାଇଁ ପାଇପ ଯୋଗେ ବୈତରଣୀ ପାଣି ବ୍ୟବହାର କରି ପାରାଦୀପ ପଠାଯାଉଛି। ମହାନଦୀ ଜଳ ବିବାଦ ସମସ୍ୟାର ସମାଧାନ ପାଇଁ ସରକାର ଆଗ୍ରହ ନୁହନ୍ତି। ଦାକ୍ଷିଣାତ୍ୟ ରାଜ୍ୟ ମାନଙ୍କରେ କୌଣସି ଜଳ ବିବାଦ ଦେଖାଗଲେ ସେ ରାଜ୍ୟର ସମସ୍ତ ରାଜନୈତିକ ଦଳ ଏକଜୁଟ ହୋଇ ଯାଆନ୍ତି। ନିଜ ରାଜ୍ୟ ସ୍ୱାର୍ଥ ପାଇଁ ସମସ୍ୱରରେ ଲଢେଇ କରନ୍ତି। କିନ୍ତୁ ଦୁଃଖର କଥା, ଓଡିଶାରେ ରାଜ୍ୟର ସ୍ୱାର୍ଥକୁ ନେଇ ରାଜନୈତିକ ଦଳଙ୍କ ଭିତରେ ଏକତା ନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ମହାନଦୀ ଜଳ ବିବାଦ ଦ୍ୱାରା ରାଜ୍ୟରେ ଉପୁଜିଥିବା ବହୁମୁଖୀ କ୍ଷତି ଉପରେ ଆଲୋକପାତ କରିବା ସହ ମହାନଦୀ ଟ୍ରିବ୍ୟୁନାଲର ଦୋମୁହାଁ ନୀତି ଉପରେ ସୂଚନା ଦେଇଥିଲେ।

### ଖୁବ୍ ଶୀଘ୍ର ରାଜ୍ୟ ଦେଖିବ ବଡ଼ ଧରଣର ଯୁବ ଓ ଛାତ୍ର ବିପ୍ଳବ

## ଇନ୍‌କମ୍ ଟ୍ୟାକ୍ସ ଅଫିସରଙ୍କୁ ମାଡ଼ି ବସିଲା ସିବିଆଇ

ଭଦ୍ରକ,୩।୬(ସମିସ): ଭୁବନେଶ୍ୱର ସିବିଆଇ ଟିମ୍ ହାତରେ ଲାଞ୍ଚୁଆ ଇନ୍‌କମ୍ ଟ୍ୟାକ୍ସ ଅଫିସର। ଅଭିଯୋଗ ଅନୁଯାୟୀ, ଆୟକର ବିଭାଗ କାର୍ଯ୍ୟାଳୟ, ଭଦ୍ରକର ଅଫିସ ସୁପରିଣ୍ଟେଣ୍ଡେଣ୍ଟ ରମେଶ କୁମାର ମହାନ୍ତି ଅଭିଯୋଗକାରୀଙ୍କର ଏକ ନକଲି (ଡୁପ୍ଲିକେଟ୍) ପ୍ୟାନ୍ କାର୍ଡକୁ ବାତିଲ୍/ଡିଲିଟ୍ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଭଦ୍ରକସ୍ଥିତ ଆୟକର ବିଭାଗ କାର୍ଯ୍ୟାଳୟର ଅଫିସ ସୁପରିଣ୍ଟେଣ୍ଡେଣ୍ଟ (କାର୍ଯ୍ୟାଳୟ ଅଧୀକ୍ଷକ) ରମେଶ କୁମାର ମହାନ୍ତିଙ୍କ ବିରୋଧରେ ମାମଲା ନମ୍ବର ଆର୍‌ସି ୦୪(ଏ)/୨୦୨୬-ବିବିଏସ୍ ରୁଜୁ କରାଯାଇଛି। ତଦନ୍ତ ସମୟରେ, ରମେଶ ମହାନ୍ତି ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରିବାକୁ ସହମତି ପ୍ରକାଶ କରିଥିଲେ। ଏହାପରେ ବୁଧବାର ଏକ ଟ୍ରାପ୍ ପ୍ରସ୍ତୁତ କରାଯାଇଥିଲା। ଅଭିଯୋଗକାରୀଙ୍କଠାରୁ ୪ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶ୍ରୀ ମହାନ୍ତିଙ୍କୁ ସିବିଆଇ ଟିମ୍ ରଙ୍ଗେହାତ ଗିରଫ କରିଥିଲା। ତାଙ୍କୁ ଅଟକ ରଖାଯାଇ ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟିଏମ୍‌ସି ଦୁଇଫାଳ...

ରହିବେ। ବାଚସ୍ପତିଙ୍କୁ ଦିଆଯାଇଥିବା ପତ୍ରରେ ଏହା ଉଲ୍ଲେଖ ରହିଛି। ବିଧାୟକ ଦଳର ଉପଦେଷ୍ଟାର ଭୂମିକା ଗ୍ରହଣ କରିବା ଲାଗି ସେ ମମତାଙ୍କୁ ଅନୁରୋଧ କରିଥିଲେ। ସେ କହିଛନ୍ତି ଯେ ତାଙ୍କୁ ଆଉ ଦୁଇ ଜଣ ବିଧାୟକ ମଧ୍ୟ ସମର୍ଥନ ଘୋଷଣା କରିଛନ୍ତି।

ସୂଚନାଯୋଗ୍ୟ ଯେ ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ପରାଜୟ ପରେ ଦଳର ମୋଟ ୮୦ ବିଧାୟକ ଅଛନ୍ତି। ଦଳ ବଦଳ ବିରୋଧୀ ଆଇନରୁ ବର୍ତ୍ତିବା ପାଇଁ ଦୁଇ-ତୃତୀୟାଂଶ ଅର୍ଥାତ୍ ୫୩ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିବା ବେଳେ ବିଦ୍ରୋହୀଙ୍କ ପାଖରେ ୬୦ ଜଣ ବିଧାୟକଙ୍କ ସମର୍ଥନ ରହିଥିବା ବିଦ୍ରୋହୀ ନେତା ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ରତବ୍ରତ ସିପିଏମ୍‌ରୁ ତଡ଼ା ଖାଇବା ପରେ ୨୦୧୭ ରେ ଟିଏମ୍‌ସିରେ ଯୋଗଦେଇଥିଲେ।

ଦଳ ଭିତରେ ବିବାଦର ସୂତ୍ରପାତ ଗତ ମାସରେ ହୋଇଥିଲା, ଯେତେବେଳେ ବିରୋଧୀ ଦଳ ନେତା ଚୟନ ପ୍ରକ୍ରିୟାରେ ବିଧାୟକମାନଙ୍କ ଜାଲ୍ ଦସ୍ତଖତ କରାଯାଇଥିବା ନେଇ ରତବ୍ରତ ଏବଂ ସନ୍ଦୀପନ ଅଭିଯୋଗ ଆଣିଥିଲେ। ଏହାପରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ସେମାନଙ୍କୁ ଟିଏମସିରୁ ବହିଷ୍କାର କରାଯାଇଥିଲା। ବହିଷ୍କାର ପରେ ଦୁଇ ନେତା କୋଲକାତାର ବିଧାୟକ ଆବାସରେ ଏକାଧିକ ବିଧାୟକଙ୍କ ସହ ଗୁପ୍ତ ବୈଠକ କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ରାଜନୈତିକ ସମୀକ୍ଷକଙ୍କ ମତରେ, ଏହି ବିଦ୍ରୋହ ସିଧାସଳଖ ଭାବେ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ସାଂଗଠନିକ କ୍ଷମତା ବିରୋଧରେ କରାଯାଇଛି। ରତବ୍ରତ ଅଭିଷେକଙ୍କ ଉପରେ ଦଳକୁ ଏକ କର୍ପୋରେଟ୍ ସଂସ୍ଥା ଭଳି ଚଳାଇବା ଏବଂ ବାହ୍ୟ ପରିଚାଳନା ସଂସ୍ଥାର ଇଶାରାରେ କାର୍ଯ୍ୟ କରିବା ନେଇ ବାରମ୍ବାର ସଙ୍ଗିନ ଆରୋପ ଆଣିଛନ୍ତି। ଇତିମଧ୍ୟରେ ମମତାଙ୍କ ଖାସ୍ ଲୋକ କୁହାଯାଉଥିବା ପୂର୍ବତନ ମନ୍ତ୍ରୀ ତଥା କୋଲକାତା ମେୟର ଫିରହାଦ ହକିମ୍ ଆଜି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

ଆଜି ଘଟଣା ପରେ ମମତାଙ୍କ ବାସଭବନରେ ଦଳୀୟ ନେତାଙ୍କ ବୈଠକ ଚାଲିଥିବା ବେଳେ ଇଡିର ତିନିଟି ଟିମ୍ ସନ୍ଧ୍ୟାରେ ଅଭିଶେକ ବାନାର୍ଜୀଙ୍କ ଘରେ ଚଢ଼଼ଉ ଚଳାଇଥିବାର ଖବର ମିଳିଛି। ତାଙ୍କୁ ଆସନ୍ତା ୧୫ ତାରିଖରେ ହାଜର ହେବାଲାଗି ଇଡି ନୋଟିସ ଜାରି କରିଛି।

### ରାମେଶ୍ୱର-ପାରାଦ୍ୱୀପ...

କରାଯିବ। ପ୍ୟାକେଜ୍-୨ରେ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ୨ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଘଣ୍ଟା ପ୍ରତି ୧୦୦ କିମି ବେଗରେ ଯାନବାହନ ଚଳାଚଳ ଲାଗି ସଡ଼କର ଡିଜାଇନ୍ ପ୍ରସ୍ତୁତ କରାଯିବ। ଏହାଫଳରେ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା ଏବଂ ଜଗତସିଂହପୁର ଜିଲ୍ଲାରେ ଯାତାୟାତ ବ୍ୟବସ୍ଥା ଅଧିକ ସୁଗମ ହେବ। ଏହି ପ୍ରକଳ୍ପ ଆଞ୍ଚଳିକ ପରିବହନକୁ ଉନ୍ନତ କରିବା ସହିତ ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଗତିଶକ୍ତି ନୀତି ସହିତ ସମନ୍ୱିତ ଏବଂ ୯ ଟି ଆର୍ଥିକ ଏବଂ ୫ଟି ଲଜିଷ୍ଟିକ୍ କେନ୍ଦ୍ରକୁ ପରସ୍ପର ସହିତ ସଂଯୋଗ କରିବ। ଏହି ରାଜପଥ ସମ୍ପୂର୍ଣ୍ଣ ହେବା ପରେ, ରାମେଶ୍ୱର ଏବଂ ପାରାଦୀପ ମଧ୍ୟରେ ଯାତ୍ରା ସମୟ ପ୍ରାୟ ୨ ଘଣ୍ଟା ୩୦ ମିନିଟ୍ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏହା ସହିତ ଯାତ୍ରୀ ଏବଂ ମାଲ ପରିବହନ ପାଇଁ ଏକ ନିରାପଦ, ଦ୍ରୁତ ଏବଂ ନିରବଚ୍ଛିନ୍ନ ଯୋଗାଯୋଗ ସୁବିଧା ମିଳିବ। ଏହି ପ୍ରକଳ୍ପ ଇନ୍ଧନ ବ୍ୟବହାର, ଅଙ୍ଗାରକାମ୍ଳ ନିର୍ଗମନ ଏବଂ ଯାନବାହାନ ପରିଚାଳନା ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିବ ବୋଲି ଆଶା ରହିଛି। ଅନ୍ୟପଟେ ଉପକୂଳ ରାଜପଥ ଫେଜ୍-୨ରେ ପାରାଦୀପଠାରୁ ଦୀଘା ପର୍ଯ୍ୟନ୍ତ ବ୍ୟାପିବ। ଏହି ପ୍ରକଳ୍ପର ବର୍ତ୍ତମାନ ଡିପିଆର୍ ପ୍ରସ୍ତୁତି ଚାଲିଛି।

### ପୁରୀରେ ବ୍ରିକ୍ସ...

ଏହି ବୈଠକରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ବ୍ରାଜିଲ୍, ଚୀନ୍, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ, ରୁଷ୍, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ପାରସ୍ପରିକ ସହଯୋଗକୁ ସୁଦୃଢ଼ କରିବା ନେଇ ମାନସମନ୍ଥନ କରିଛନ୍ତି। ଏଥିରେ ଗୋଷ୍ଠୀଭିତ୍ତିକ ବିପର୍ଯ୍ୟୟ ବିପଦ ହ୍ରାସ, ବିପର୍ଯ୍ୟୟ ପରିଚାଳନା ପାଇଁ ଅର୍ଥ ବ୍ୟବସ୍ଥା, ବହୁମୁଖୀ ବିପଦ ପାଇଁ ପୂର୍ବ ସତର୍କୀକରଣ ବ୍ୟବସ୍ଥା, ବିପର୍ଯ୍ୟୟ ପ୍ରତିରୋଧକ ଭିତ୍ତିଭୂମି, ପ୍ରକୃତିଭିତ୍ତିକ ସମାଧାନ ଏବଂ ବିଜ୍ଞାନ, ପ୍ରଯୁକ୍ତି ଓ ନୂତନ ଜ୍ଞାନକୌଶଳର ବ୍ୟବହାର ମାଧ୍ୟମରେ ବିପର୍ଯ୍ୟୟ ପ୍ରତିରୋଧ କ୍ଷମତା ବୃଦ୍ଧି ଭଳି ପ୍ରମୁଖ ବିଷୟ ଉପରେ ଆଲୋଚନା କରାଯାଉଛି। ସାଧାରଣ ବିପର୍ଯ୍ୟୟଜନିତ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ପାରସ୍ପରିକ ଶିକ୍ଷା, ସହଯୋଗ ଓ ଅନୁଭୂତି ବିନିମୟ ମାଧ୍ୟମରେ ବିପର୍ଯ୍ୟୟ-ପ୍ରତିରୋଧୀ ସମାଜ ଏବଂ ସ୍ଥାୟୀ ବିପର୍ଯ୍ୟୟ ବିପଦ ହ୍ରାସ ଢାଞ୍ଚା ଗଠନ କ୍ଷେତ୍ରରେ ବ୍ରିକ୍ସ ରାଷ୍ଟ୍ରମାନଙ୍କ ମଧ୍ୟରେ ସହଯୋଗକୁ ଏହି ବୈଠକ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ବାତ୍ୟା ପରିଚାଳନା, ପୂର୍ବ ସତର୍କୀକରଣ ପ୍ରସାରଣ, ସ୍ଥାନାନ୍ତରଣ ଯୋଜନା ଏବଂ ଗୋଷ୍ଠୀଭିତ୍ତିକ ପ୍ରତିକ୍ରିୟା ବ୍ୟବସ୍ଥାରେ ଓଡ଼ିଶାର ବିଶ୍ୱସ୍ତରୀୟ ସଫଳତା ଓ ସ୍ୱୀକୃତିକୁ ଦୃଷ୍ଟିରେ ରଖି ରାଜ୍ୟକୁ ଏହି ବୈଠକର ଆୟୋଜକ ରାଜ୍ୟ ଭାବେ ଚୟନ କରାଯାଇଛି। ଗୁରୁବାର ଏଠାରେ ଏକ ତାରକା ହୋଟେଲରେ ଉଦ୍‌ଘାଟନୀ ଅଧିବେଶନ ଏବଂ ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଏନ୍‌ଡିଏମ୍‌ଏର ସଦସ୍ୟ ତଥା ବିଭାଗୀୟ ମୁଖ୍ୟ ଡ. କୃଷ୍ଣ ସ୍ୱରୂପ ବତ୍ସ ଏବଂ ଗୃହ ମନ୍ତ୍ରଣାଳୟ ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ରହିବେ।

### ବ୍ରିକ୍ସ ପ୍ରତିନିଧିଙ୍କୁ...

ହୋଇଆସୁଛି। ଆମର ଶୂନ୍ୟ ମୃତାହତ ମଡେଲ, ରାଜ୍ୟର ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମି ଏବଂ ଗୋଷ୍ଠୀ ସହଭାଗୀତା ଉପରେ ଆଧାରିତ। ଏହା ଓଡ଼ିଶାକୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଆଲୋକବର୍ତ୍ତିକାରେ ପରିଣତ କରିଛି। ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ସମସ୍ତେ ଏକତ୍ରିତ ହୋଇ ଏକ ନିରାପଦ ବିଶ୍ୱ ନିର୍ମାଣ ପାଇଁ ପଥ ପ୍ରସ୍ତୁତ କରିବାକୁ ନବୀନ ଆହ୍ୱାନ ଦେଇଛନ୍ତି।

ବିପର୍ଯ୍ୟୟ ପରିଚାଳନାରେ ସର୍ବୋତ୍କୃଷ୍ଟ ପାରଦର୍ଶିତା ପାଇଁ ଓଡ଼ିଶା ଦେଶରେ ଏବେ ଶ୍ରେଷ୍ଠ ରାଜ୍ୟ ଭାବେ ବିବେଚିତ ହୋଇ ଆସୁଛି। ଜଳବାୟୁ ପରିବର୍ତ୍ତନ ଓ ଓଡ଼ିଶାର ଭୌଗଳିକ ସ୍ଥିତି ପାଇଁ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ଦୃଷ୍ଟିରୁ ସମ୍ବେଦନଶୀଳ ରାଜ୍ୟ ଭାବେ ଗଣାଯାଉଛି। ପ୍ରତି ବର୍ଷ ରାଜ୍ୟ ଏକାଧିକ ଥର ବନ୍ୟା ବାତ୍ୟାର ସମ୍ମୁଖୀନ ହେଉଛି। ଏହି ବିପର୍ଯ୍ୟୟଗୁଡ଼ିକର ମୁକାବିଲା କରି ଏହାର ସଠିକ ପରିଚାଳନା ପାଇଁ ରାଜ୍ୟ ସରକାର ନିଜକୁ ମଜଭୂତ କରିଛନ୍ତି। ୧୯୯୯ ମସିହା ମହାବାତ୍ୟା ପରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘମିଆଦି ଯୋଜନା ଭା।।ବେ 'ଓସଡମା' ପ୍ରତିଷ୍ଠା କରିଛନ୍ତି। ଯାହାକି ଫାଇଲିନ, ହୁଡହୁଡ୍, ଫନି, ଅମ୍ଫନ ଓ ୨୦୨୦ରେ ହୋଇଥିବା ପ୍ରଳୟଙ୍କାରୀ ବନ୍ୟା ମୁକାବିଲାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଅତୀତରେ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ କେରଳ ଭଳି ରାଜ୍ୟ ବିପର୍ଯ୍ୟୟ ସମୟରେ ଓଡ଼ଶାର ସହାୟତା ଲୋଡ଼ିଛନ୍ତି। ଓଡ଼ିଶାର ଏହି ଟିମ୍ ଢାଞ୍ଚାରେ କେନ୍ଦ୍ର ସରକାର ମଧ୍ୟ ପରବର୍ତ୍ତୀ ସମୟରେ 'ଏନ୍‌ଡିଆର୍‌ଏଫ୍' ସ୍ଥାପନ କରିଛନ୍ତି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ନବୀନ ପଟ୍ଟନାୟକ ଜାତିସଂଘ ଦ୍ୱାରା ପୁରସ୍କୃତ ହେବା ସହିତ ଅନେକ ସମୟରେ ଅନ୍ୟ ରାଜ୍ୟ ପାଇଁ ରୋଲ୍‌ମଡେଲ ସାଜିଛନ୍ତି। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୮୭୯ ଟି ବହୁମୁଖୀ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିବା ବେଳେ ରାଜ୍ୟର ୩୮୧ ଟି ଗ୍ରାମରେ ସୁନାମି ମୁକାବିଲା ପାଇଁ ତାଲିମ ପ୍ରଦାନ କରାଯାଇଛି।

### ଜିଲ୍ଲା ପରିଷଦ...

ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଜନପ୍ରତିନିଧିଙ୍କ ପ୍ରତି ପ୍ରଶାସନିକ ଅଧିକାରୀଙ୍କ ଅବହେଳା ନେଇ ଅନ୍ୟ ସଦସ୍ୟମାନେ ପ୍ରତିବାଦ କରିଥିଲେ

ଅଭିଯୋଗ ଅନୁସାରେ ୨୭ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଛୋଟରାୟ ନିଜ ଅଂଚଳରେ ବିଭିନ୍ନ ବିକାଶ ମୁଳକ କାର୍ଯ୍ୟ କରିବା ପାଇଁ ଜିଲ୍ଲପାଳଙ୍କଠାରୁ ଆରମ୍ଭ କରି ବିଡିଓ ଙ୍କ ପର୍ଯ୍ୟନ୍ତ ସବୁଠି ପ୍ରସ୍ତାବ ଦେଇଥାନ୍ତି। ବୋଲଗଡ ବିଡିଓ ସୁମନସୁଧା କୁଣ୍ଡୁଙ୍କ ପାଖରେ ନିଜ ଅଂଚଳର କାମ କରିବା ପାଇଁ ବାରମ୍ବାର ନିବେଦନ କରିଥିଲେ ସୁଦ୍ଧା ତାହା କୌଣସି ଫଳପ୍ରଦ ହେଉନାହିଁ। ବିଡିଓ ଙ୍କ ମନମୁଖୀ ବେଆଇନ କାର୍ଯ୍ୟ ବିରୁଦ୍ଧରେ କେବଳ ପ୍ରଦୀପ୍ତ ନୁହଁନ୍ତି, ସମସ୍ତ ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷ, ଜନ ସାଧାରଣ ସମସ୍ତେ ବିଗତ ଦିନରେ ପ୍ରତିବାଦ କରି ବିଫଳ ହୋଇଛନ୍ତି। ଫଳରେ ନିରାଶାଭାବ ନେଇ ଆଜି ଶ୍ରୀ ଛୋଟରାୟ ଜିଲ୍ଲା ପରିଷଦ ବୈଠକ ରେ ଏହି ଚରମ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏହା ପୂର୍ବରୁ ବିଡ଼ିଓଙ୍କ ବିରୋଧରେ ସ୍ଥାନୀୟ ଜନସାଧାରଣ ଅନେକ ଅଭିଯୋଗ କରିଛନ୍ତି। ଲୋକମାନଙ୍କୁ ଦୁର୍ବ୍ୟବହାର କରିବା ଏବଂ ବିକାଶମୂଳକ କାର୍ଯ୍ୟରେ ବାଧକ ହେବା ନେଇ ଅଭିଯୋଗରେ ଗତ ଜାନୁଆରୀ ମାସରେ ଶହଶହ ଲୋକ ଏକ ଶୋଭାଯାତ୍ରା ବାହାର କରି ତାଙ୍କ ବଦଳି ଦାବି କରିଥିଲେ। ମାତ୍ର ଏଯାଏ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଯୋଗୁଁ ସେ ଅହଂକାରୀ ହୋଇ ପଡ଼ିଛନ୍ତି ଏବଂ ଲୋକପ୍ରତିନିଧି ମାନଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଜିଲ୍ଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ କହିଛନ୍ତି ଯେ ୭ ଦିନ ମଧ୍ୟରେ ଜିଲ୍ଲାପାଳ ଏହି ଘଟଣାର ସମାଧାନ ନ କଲେ ଆନ୍ଦୋଳନ ଆରମ୍ଭ ହେବ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସମସ୍ତ ଜିଲ୍ଲାପରିଷଦ ସଭ୍ୟଭାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଜିଲ୍ଲାପାଳ ଅମ୍ରିତ୍ ରତୁରାଜ ଏହି ଘଟଣା ଉପରେ ହସ୍ତକ୍ଷେପ କରି ୭ଦିନ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଗୁଣିଆକୁ ପିଟିପିଟି...

ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କୁନ୍ଦୁରା ବ୍ଲକ ଅନ୍ତର୍ଗତ ଝଡ଼ିଗୁଡ଼ାର କମଲଚନ କରଲିଆ ଅସୁସ୍ଥ ଥିଲେ। ଗତ ରାତିରେ ଗୁଣିଆ ଭାବେ ଚିକିତ୍ସା ପାଇଁ ନାରାୟଣ ମିନରବାଲିଆ ତାଙ୍କ ଘରକୁ ଯାଇଥିଲେ। ହେଲେ ରାତିରେ କମଲଚନଙ୍କ ହଠାତ୍ ମୃତ୍ୟୁ ହୋଇଥିଲା। କମଲଚନଙ୍କୁ ଗୁଣିଗାରେଡି କରିବା ସହ ତଣ୍ଟି ଚିପି ହତ୍ୟା କରାଯାଇଥିବା ସନ୍ଦେହ କରିଥିଲେ ପରିବାର ଲୋକେ। ଘରକୁ ଆସିଥିବା ଗୁଣିଆ ନାରାୟଣ ମିନରବାଲିଙ୍କ ଉପରେ ସେମାନଙ୍କ ସନ୍ଦେହ ହୋଇଥିଲା। ପୂର୍ବରୁ କମଲଚନ କରଲିଆଙ୍କ ବଡ଼ ପୁଅ ଏବଂ ସାନ ପୁଅର ଏଭଳି ସନ୍ଦେହଜନ ମୃତ୍ୟୁ ଘଟିଥିଲା। ତେଣୁ ପ୍ରତିଶୋଧ ପରାୟଣ ହୋଇ କମଲଚନଙ୍କ ବଡ଼ ଭାଇ ହରିବନ୍ଧୁ କରଲିଆ ନାରାୟଣଙ୍କୁ ଘଟଣା ସ୍ଥଳରେ କାଠ ଫାଳିଆରେ ମୁହଁ ଏବଂ ମୁଣ୍ଡରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟା କରିବା ପରେ ହରିବନ୍ଧୁ ସିଧା ବୈପାରୀଗୁଡା ଥାନାରେ ପହଞ୍ଚି ଆତ୍ମସମର୍ପଣ କରିଛନ୍ତି। ହତ୍ୟାକାରୀଙ୍କୁ ଗିରଫ କରି ଉଚିତ ଦଣ୍ଡ ପ୍ରଦାନ ପାଇଁ ଦାବି କରିଛନ୍ତି ନାରାୟଣଙ୍କ ପରିବାର ଲୋକେ। ପୁଲିସ ଦୁଇଟି ହତ୍ୟା ମାମଲା ରୁଜୁ କରିଛି। ଘଟଣା ସ୍ଥଳରେ ବୈପାରୀଗୁଡା ଥାନା ଅଧିକାରୀ ଡମ୍ବୁରୁ ବର୍ତ୍ତିଆ, ଏସଆଇ ଦେବେନ୍ଦ୍ର ବାରିକ ଏବଂ କୋରାପୁଟ ସାଇଣ୍ଟିଫିକ ଟିମ୍ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ପୁଲିସ ମୃତ କମଲଚନ କରଲିଆ ଏବଂ ନାରାୟଣ ମିନରବାଲିଆଙ୍କ ଶବ ଜବତ କରି ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଦୁର୍ବଳ ମୌସୁମୀ...

ସଂଗଠନର ବୈଜ୍ଞାନିକମାନଙ୍କ ସୂଚନା ଅନୁସାରେ ପ୍ରଶାନ୍ତ ମହାସାଗରର ପୃଷ୍ଠଭାଗର ଜଳ ବର୍ତ୍ତମାନ ସାଧାରଣ ତୁଳନାରେ ପ୍ରାୟ ୬ ଡିଗ୍ରୀ ସେଲସିୟସ୍ ଅଧିକ ଉଷ୍ଣ ରହିଛି। ଏହି ଅତିରିକ୍ତ ଉଷ୍ଣତା ଧୀରେ ଧୀରେ ପୃଷ୍ଠଭାଗକୁ ଆସି ଅଲ୍ ନିନୋକୁ ଆହୁରି ଶକ୍ତିଶାଳୀ କରିଛି। ତେବେ ଦୁଇଟି ବ୍ୟବସ୍ଥା ଦ୍ୱାରା ଅଲ୍ ନିନୋର ଭୟଙ୍କର ପ୍ରଭାବରୁ ଭାରତକୁ କିଛି ଆଶ୍ୱସ୍ତି ମିଳିପାରେ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି। ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପାଣିପାଗ ବ୍ୟବସ୍ଥା ଯଦି ସକ୍ରିୟ ରହେ, ତେବେ ଅଲ୍ ନିନୋ ପ୍ରଭାବ ସତ୍ତ୍ୱେ ଭାରତରେ ଭଲ ବର୍ଷା ହୋଇପାରେ। ଭାରତ ମହାସାଗରର ଅଲ୍ ନିନୋ ବୋଲି କୁହାଯାଉଥିବା ଇଣ୍ଡିଆନ ଓସେନ୍ ଡ଼ାଇପୋଲ (ଆଇଓଡ଼ି)ରେ ସକାରାତ୍ମକ ଫେଜ୍ ସୃଷ୍ଟି ହେଲେ ଏହା ଅଲ୍ ନିନୋର ପ୍ରଭାବକୁ ହ୍ରାସ କରାଇପାରିବ ଓ ଭାରତରେ ଭଲ ବର୍ଷା ହୋଇପାରେ ବୋଲି ଆକଳନ କରାଯାଉଛି। ସେହିପରି ମ୍ୟାଡ଼େନ୍-ଜୁଲିଆନ ଆସିଲେସନ (ଏମ୍‌ଜେଏ) ସକ୍ରିୟ ରହିଲେ ଦୁର୍ବଳ ମୌସୁମୀ ସତ୍ତ୍ୱେ ଭାରତରେ ଅଧିକ ବର୍ଷା ହୋଇପାରିବ ବୋଲି କୁହାଯାଉଛି। ଏମ୍‌ଜେଏ ହେଉଛି ମେଘ ଓ ବାୟୁ ପ୍ରବାହର ଏକ ବିଶ୍ୱବ୍ୟାପୀ ଚକ୍ର, ଯାହା ଭୂମଧ୍ୟ ରେଖା ଚାରିପାଖରେ ଘୂରିଥାଏ। ଏହା ଭାରତ ଉପରେ ସକ୍ରିୟ ହେଲେ ଦୁର୍ବଳ ମନସୁନ ମଧ୍ୟରେ ମଧ୍ୟ ପ୍ରବଳ ବର୍ଷା ଆଣିପାରେ।


**VEHICLE SALE**

MAHINDRA 575 YUVO TRACTOR 2023 Regn No. OD-29-L-7479 in as is where is condition. Contact: M/S Sundaram Finance Limited, PARADIP BRANCH, Ph:0672-2295252 within 7 days

**NOTICE**

By Virtue of an affidavit sworn before Executive Magistrate, Puri, dated-01/06/2026, I, Suryakanta Sahoo (New name), Address: At - Markandeswar Sahi, Mashanichandi Chhak, P.O. Puri-1, P.S. Baseli Sahi, Dist.-Puri (Odisha), Pin-752001 declare that I have changed my name from Sturyakanta Sahoo (old name) to Suryakanta Sahoo (New name). Henceforth, I shall be known as **Suryakanta Sahoo** for all purposes.

Suryakanta Sahoo.

**AFFIDAVIT**

I Sri Hemanta @Hemant Kumar Das, S/o- Sri Purusottam Das, resident of F/210, Trident Galaxy Apartment, Kalinga Nagar, Paikraypur, Bhubaneswar, Pin-751029, Odisha state vide affidavit no.680 dtd. 13.4.2026 before Executive Magistrate, Nabarangpur that, my original name is **Hemanta Kumar Das**. But in my Driving license no. MH02 20062045180 my name has been wrongly mentioned as Hemant Kumar Das. That, **Hemanta Kumar Das** and **Hemant Kumar Das** is one and same person.

**AFFIDAVIT**

By virtue of an affidavit sworn before the executive magistrate Bhubaneswar dated - 02/06/2026, I, Roshni Rachita Behuria resident of plot no. 1074/3412, Jayadurga Nagar, Bomikhal, P.S. Laxmisagar, Bhubaneswar-751006, Dist. Khordha, Odisha, declare that I have changed my name from B. Roshni to Roshni Rachita Behuria. Henceforth, I shall be known as **Roshni Rachita Behuria** for all future purposes.

**AFFIDAVIT**

By virtue of an affidavit (No.98, date: 03/06/2026) sworn before the Executive Magistrate, Nuapada. I, Naresh Kumar Neora, S/o Gangeswar Neora, permanent & current resident of Jamseth, PO: Jamseth,PS : Paikmal ,Dist: Bargarh, State: Odisha, PIN: 768050 declare that I have change my minor son's name from Youhesh Neora to Yogesh Neora. Henceforth, he shall be known as **Yogesh Neora** (new name) for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated 30.04.2026, I Niranjan Nayak, aged about 39 years, S/O: Laxmidhar Nayak, residing at Soran, PO: Soran, PS: Tangi, Dist: Khordha-752027 declare that I have changed the name of my minor daughter from N Shaanvi (old name) to Shanavi Niranjana (New name) and henceforth she shall be known as Shanavi Niranjana for all purpose.

-Niranjan Nayak

**AFFIDAVIT**

By virtue of an affidavit sworn before **Executive Magistrate, Pipili**, AF No. 1479, dated **01/06/2026** I, **Soumya Ranjan Rath S/o Krushna Chandra Rath**, Address **At-Pubasasan Gajapatinagar, Po-Kausalyaganga, Ps-Pipili, Dist-Puri, Pin-751002, Odisha** declare that I have changed the name of my daughter from **Jasaswini Rath** to **Jasaswini Pragya Rath**. Henceforth, **she** shall be known as **Jasaswini Pragya Rath** for all purposes. **Soumya Ranjan Rath**

**AFFIDAVIT**

By virtue of an affidavit no-392 sworn before the Notary Public, Paralakhemundi, Gajapati dt 20.06.2026, I, Prabhamayee Mohanty, W/o- Ramana Mohanty, resident of Guntuwari Street, Paralakhemundi, Dist.-Gajapati, Odisha, hereby declare that my daughter's name has been wrongly recorded as Mahanthi Kushi in Aadhaar records. Her correct name is Gunjan Priyadarshini. Henceforth, she shall be known as **Gunjan Priyadarshini** for all purposes.

**Prabhamayee Mohanty**

**AFFIDAVIT**

By virtue of an affidavit no-1789 sworn before the Executive magistrate, Champua on dt 03/06/2026 , I Saraswati Mahakud, W/o – Late Shankarshan Mahakud resident of At- Chimilla,Po-Kodagadia, Ps-Champua , Dist-Keonjhar, Pin-758041 . I am the deponent. I have changed my minor son's name from Rajesh Mahakud(old name )to Ramesh Mahakud (New name ).Hence forth both name Rajesh Mahakud and Ramesh Mahakud is one & same person she will be known as Ramesh Mahakud for all future purposes.

**SARASWATI MAHAKUD**

**AFFIDAVIT**

I, Rahima Begum, aged about 34 years, W/o- Mustakeem Khan, resident of At-Kantabania, Po-Neulpur, Ps-Dharmasala, Dist-Jajpur, Pin-755024, do hereby declare by this affidavit No.1127, dtd-03/06/2026 ,that now onwards I shall be known as **RAHIMA BEGAM** for all future purposes.

**NOTICE**

It is hereby notified to the public that my client, Smt. Suhasini Kodal, aged about 48 years, W/o Sri Sukanta Kodal, resident of Near GGP Colony, Pandara, P.S. Mancheswar, Bhubaneswar-751025, has lost the original Registered Sale Deed bearing No. 1044/1994 relating to the property situated at Mouza-Pratap Rudrapur, Old Revenue Khata No. 1277, Plot No. 261, Area Ac.0.24 decimals / 0.00971 hectares, Kisam-Gharabari. The above property was purchased by Sri Subash Chandra Tiadi from Sri Indramani Tiadi and others vide Sale Deed No. 1044/1994. If anybody finds the said Sale Deed, he/she is requested to contact LIC HFL, IPICOL House, Bhubaneswar within 15 days from the date of publication of this notice, as the said deed is a vital loan document of my client. If anybody claims any right over the said document thereafter, LIC HFL shall not be held responsible.

**Contact: LIC HFL, IPICOL House, Bhubaneswar**

**B. K. Pattanaik, Advocate**

**Mob-79788 80377**

**Self Realisation Mission**

**Shaktipitha, Trilochanpur, Ghasipura, 758015,Keonjhar**

Self Realisation Mission invites application from eligible candidates for filling up vacant posts

- **Ayah-4**

In its Specialised Adoption Agency Under Mission Vatsalya Scheme. Details available at Website -**www. selfrealisationmission.org** under the caption "Advertisement" & it's office notice board.

Apply **15 days** of this publication through online at office mail id - **srm_keonjhar@rediffmail.com**

**ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: GEM/2026/B/7607041; ତାରିଖ: ୦୨.୦୬.୨୦୨୬; (୧) କାର୍ଯ୍ୟର ନାମ ଏବଂ ସ୍ଥାନ: ରତଲାମ ମଣ୍ଡଳ (ପଶ୍ଚିମ ରେଳବାଇ) ଅଧୀନସ୍ଥ ଇନ୍ଦୋର କୋଚିଂ ଡିପୋର ଟ୍ରେନଗୁଡ଼ିକରେ ୨ ବର୍ଷ ଅବଧି ପାଇଁ ଅନ୍-ବୋର୍ଡ ହାଉସକିପିଂ ସେବା (OBHS) ପ୍ରଦାନ; ସ୍ଥାନ: କୋଚିଂ ଡିପୋ, ଇନ୍ଦୋର; (୨) କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୨୬,୨୮,୪୮,୧୬୨.୬୫/- (ସମସ୍ତ ଟିକସ ଏବଂ GST ସହିତ); (୩) ଜମା କରିବାକୁ ଥିବା ଅମାନତ ଜମା (EMD): ଟ.୧୪,୬୪,୨୪୦/- (୪) କାର୍ଯ୍ୟ ସମାପ୍ତି ଅବଧି: LOA ଜାରି ହେବାର ତାରିଖରୁ ୨୪ ମାସ; (୫) ଟେଣ୍ଡର ଦାଖଲର ଶେଷ ତାରିଖ ଓ ସମୟ: ୨୫.୦୬.୨୦୨୬, ୧୨:୦୦:୦୦ ଘଣ୍ଟା; (୬) ୱେବସାଇଟ୍ ଏବଂ ନୋଟିସ ବୋର୍ଡ ସମ୍ବନ୍ଧୀୟ ସୂଚନା: ଟେଣ୍ଡର ସମ୍ବନ୍ଧୀୟ ଦସ୍ତାବେଜ GeM ୱେବସାଇଟରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ।

V/83

Like us on: facebook.com/WesternRly • Follow us on: x.com/WesternRly

**OFFICE OF THE PANCHAYAT SAMITI : BIJEPUR** 19001/93/2627

AT/P.O. BIJEPUR, DISTRICT-BARGARH-768032, ODISHA

No.: 1592 Date: 30/05/26

**e-Procurement Notice**

Bid Identification No. : BDO/Bijepur/01/2026-27

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt website www.tendersodisha.gov.in

1. **Nature of Work** : Civil Works
2. **No. of Work** : 1 (One)
3. **Estimated Cost** : As per NIT
4. **Period of Completion** : As per NIT
5. **Date and Time of availability of the documents in the portal** : From **04.06.2026, 11.00 AM** to **18.06.2026, 5.00 PM**
6. **Last date/time for receipt of Bids in the portal** : **Dt. 18.06.2026, 5.00 PM**
7. **Bids received online will be opened on** : **Dt. 20.06.2026, 11.00 AM**
8. **Name & Address of the Officer Inviting the Bid** : **Block Development Officer, Bijepur**

Further details can be seen from the procurement portal: www.tendersodisha.gov.in

Block Development Officer
Bijepur

OIPR-19001/19129/1/26-27/0001

13001/744/2627

☎: 06814-295053
(E-mail): dgp_nac@yahoo.com

**NOTIFIED AREA COUNCIL, DIGAPAHANDI**

**GANJAM,ODISHA, PIN-761012**

Letter No. 1778/DIGNAC Date 26.05.2026

**TENDER CALL NOTICE**

The Executive Officer, NAC Digapahandi, Ganjam invites sealed quotation in prescribed form from the Reputed firms / agencies / contractors having experience in stone carving, sculpture installation, temple art work, heritage or cultural structure work for **"Supply, fitting, fixing, installation and Commissioning of EV Charging Station to Digapahandi NAC, Ganjam"**.

| SL NO | NAME AND NATURE OF WORK | COST OF TENDER PAPER | EMD COST |
|---|---|---|---|
| 1 | Supply, fitting, fixing, installation and Commissioning of EV Charging Station to Digapahandi NAC, Ganjam | Rs 10,000/- (by Cash at Counter) | 1% of the Rate Quoted (Through BD / DD in favour of Executive Officer, NAC Digapahandi) |

The quotationers are essentially required to furnish self-attested copies of the **PAN Card, GST Registration Certificate along with copies of previous work experience or work completion certificates (if any)** etc., as per the terms and conditions of the Tender Schedule.

**Important Dates**

1. **Start date for sale of quotation paper:** Dtd.26/05/2026, 07:00 AM onwards (during office hours, except Govt. Holidays)
2. **Last date for sale of quotation paper:** Dtd.06/06/2026 up to 01:00 PM (except Govt. Holidays)
3. **Last date for receipt of quotation paper:** Dtd.06/06/2026 up to 01:00 PM (Through **Speed Post / Drop Box** except Govt. Holidays)
4. **Date of opening of sealed quotations:** Dtd.08/06/2026 at 11:00 AM by the Chairperson, Tender Committee / Undersigned in **NAC, Digapahandi**

Executive Officer
NAC, Digapahandi, Ganjam.

OIPR-13001/13117/1/26-27/0011

**GOVT. OF ODISHA** 32001/320/2627

**DEPARTMENT OF WATER RESOURCES,**

**OFFICE OF THE SUPERINTENDING ENGNEER,**

**RENGALI RIGHT CANAL DIVISION NO-I, KHUNTUNI, DHENKANAL**

**Email Id – eebaghuabol@gmail.com**

**'e' Procurement Notice**

The Superintending Engineer, Rengali Right Canal Division No-I, Khuntuni At/Po-Mahisapat, Dhenkanal, PIN-759001 on behalf of the Governor of Odisha invites **on line percentage rate bid** in single cover system from the eligible manpower service provider for sanitation work as detailed below:

1. Name of the work : Cleaning of small bushes, sweeping of roads, cleaning of Chajjas of both Irrigation Colony, Gardening / Plantation to inside the Administrative Building and premises and cleaning and providing sanitation to Administrative Building of RRIP at Mahisapat, Dhenkanal for the period from 20.06.2026 to 31.03.2027.
2. Tender Cost : Rs. 7.15 lakh
3. Bid Document Cost : Rs. 4,000.00 (on line)
4. Bid Security : Rs 7,200.00
5. Class of Contractor : Human Resources Supply
6. Period of Completion : 09 months 11 days
7. Other details are as follows;

| Procurement Officer | Bid Identification No. | Availability of Tender On- line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, RRC Division No-I, khuntuni | SERRCDI- 05 / 2026-27 | 5.06.2026 10.00 AM | 16.06.2026 5.00 PM | 17.06.2026 11.00 AM |

Further details can be seen from the e-procurement portal https://www.tendersodisha.gov.in Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

**Superintending Engineer**
**Rengali Right Canal Division No-I**
**Khuntuni, Dhenkanal**

OIPR-32001/32510/1/26-27/0001

## ଅସୁରକ୍ଷିତ ସ୍ୱର୍ଣ୍ଣକଳସ କ୍ଷେତ୍ର

# ଦୁଇ କନଷ୍ଟେବଳଙ୍କ ହାତରେ ମନ୍ଦିର ସୁରକ୍ଷା

ଓଡ଼ଗାଁ,୩।୬(ସମିସ)

ସ୍ୱର୍ଣ୍ଣକଳସ କ୍ଷେତ୍ର ଭାବେ ପରିଚତ ଓଡ଼ଗାଁ ଶ୍ରୀ ରଘୁନାଥଜୀଉ ପୀଠ। ମନ୍ଦିର ଚୂଡ଼ାରେ ସ୍ୱର୍ଣ୍ଣକଳସ କାହିଁ କେଉଁ କାଳରୁ ବିଦ୍ୟମାନ। ତେବେ ଜିଲ୍ଲାର ସର୍ବପୁରତାନ ମନ୍ଦିର ମଧ୍ୟରେ ଗଣତି ହେଉଥିବା ଏହି ମନ୍ଦିରର ସ୍ୱର୍ଣ୍ଣକଳସ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ରାଜ୍ୟର ବିଭିନ୍ନ ସ୍ଥାନରେ ମନ୍ଦିର ଚୋରି ବୃଦ୍ଧି ପାଉଥିବା ବେଳେ ନିକଟରେ ବୈଷ୍ଣୋ ଦେବୀ ମନ୍ଦିରୁ ୪୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ଏହି ଘଟଣାରେ ଶରଣକୁଳ ଥାନା ପୁଲିସ ହାତବାନ୍ଧି ବସିଥିବା ବେଳେ ଏବେ ରଘୁନାଥଜୀଉ ମନ୍ଦିର ସୁରକ୍ଷା ନେଇ ଚିନ୍ତା ସୃଷ୍ଟି ହୋଇଛି। ଏ ନେଇ ଶ୍ରୀ ଶ୍ରୀ ରଘୁନାଥଜୀଉ ପୂଜକ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କ ଗୃହ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମନ୍ଦିର ପରିସରରେ ଥିବା ପୁଲିସ ଫାଣ୍ଡିରେ ଜଣେ ନିୟମିତ ଏସ୍‌ଆଇ ରାଙ୍କର ଅଧିକାରୀ ସହ ଆବଶ୍ୟକ ସଂଖ୍ୟକ ପୁଲିସ କର୍ମଚାରୀ ଏବଂ ମହିଳା ହୋମଗାର୍ଡ ନିୟୋଜନ କରିବାକୁ ଅନୁରୋଧ କରାଯାଇଛି।

**ଦାବି ଜଣାଇଲା ପୂଜକ ପରିଷଦ**



ପରିଷଦ ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ୨୦୨୫ରେ ମନ୍ଦିର ପରିସରରେ ଏକ ଫାଣ୍ଡି ସ୍ଥାପନ କରିଥିଲେ। ବର୍ତ୍ତମାନ ଏହି ଫାଣ୍ଡି ଦୁଇ କନଷ୍ଟେବଳଙ୍କ ଦ୍ୱାରା ପରିଚାଳିତ ହେଉଥିବା ମନ୍ଦିର ସୁରକ୍ଷା ବ୍ୟବସ୍ଥା ଯଥେଷ୍ଟ ନୁହେଁ। ମନ୍ଦିରର ଭଣ୍ଡାର ଘରେ ଶ୍ରୀଜୀଉଙ୍କ ବହୁ ମୂଲ୍ୟବାନ ଅଳଙ୍କାର ଓ ବିଭିନ୍ନ ପୂଜା ସାମଗ୍ରୀ ସଂରକ୍ଷିତ ରହିଛି। ଏହାସହ ଦେଶ ତଥା ସାରା ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ବହନ କରୁଥିବା ଏହି ମନ୍ଦିରର ତିନିଟି ଚୂଡ଼ାରେ ତିନିଟି ସୁନା କଳସ ସ୍ଥାପିତ ହୋଇଛି। ଏଠାରେ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ମନ୍ଦିରର ମୂଲ୍ୟବାନ ସମ୍ପତ୍ତି ସୁରକ୍ଷା ଦୃଷ୍ଟିରୁ ଅଧିକ ସୁଦୃଢ଼ ପୁଲିସ ବ୍ୟବସ୍ଥା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ରଘୁନାଥଜୀଉ ପୂଜକ ପରିଷଦ ଗୃହ ବିଭାଗକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଫାଣ୍ଡି ଅଧିକାରୀ ଭାବେ ଜଣେ ଏସ୍‌ଆଇଙ୍କୁ ନିଯୁକ୍ତି, ଅନ୍ୟ କର୍ମଚାରୀ ଓ ମହିଳା ହୋମଗାର୍ଡଙ୍କୁ ନିୟମିତ ନିଯୁକ୍ତି କରିବା ପାଇଁ ନିର୍ଦ୍ଦେଶ ଜାରି କରିବାକୁ ଦାବି କରିଛି। ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର କହିଛନ୍ତି ଯେ ମନ୍ଦିରର ସୁରକ୍ଷା, ଭକ୍ତମାନଙ୍କ ସୁବିଧା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଦିଗରେ ଏହି ପଦକ୍ଷେପ ଅତ୍ୟନ୍ତ ଜରୁରୀ। ଅନ୍ୟପକ୍ଷେ, ଗତ ରାମନବମୀ ସମୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଥାଇ ମଧ୍ୟ ଅନେକ ଭକ୍ତଙ୍କ ସୁନାଅଳଙ୍କାର ଚୋରି ହୋଇଥିଲା। ଓଡ଼ଗାଁ ଆଦର୍ଶ ଥାନାଠାରୁ ମନ୍ଦିର ଦୂରତା ଏକ କିଲୋମିଟରରୁ ଊର୍ଦ୍ଧ୍ୱ ହେବ। ମନ୍ଦିର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ନିହାତି ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବଦଳିର ୧୦ ଦିନ ପରେ ବି ଗାଦି ଛାଡୁନାହାନ୍ତି ବିଇଓ

**ଖଣ୍ଡପଡ଼ା,୩।୬(ସମିସ):** ଗତ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେବ କ୍ରୀଡ଼ା ସାମଗ୍ରୀ ନିମନ୍ତେ ନିର୍ଦ୍ଦିଷ୍ଟ ଦୋକାନୀଙ୍କୁ ଅନୁକମ୍ପା ହେଉ କିମ୍ବା କିଆଝର ଉଚ୍ଚ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ଦୁର୍ନୀତିକୁ ଲୁଚାଇବା, ସବୁଥିରେ ଖଣ୍ଡପଡ଼ା ବିଇଓଙ୍କ ଭୂମିକା ସନ୍ଦେହଜନକ ଥିଲା। ଶେଷରେ ବିଇଓ କୈଳାସ ଚନ୍ଦ୍ର କରଙ୍କୁ ବଦଳି କରିଛି ଶିକ୍ଷା ବିଭାଗ। ତାଙ୍କ ସ୍ଥାନରେ ନୂଆ ବିଇଓ ଭାବେ ପୁରୀ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅମ୍ରିତା ସାହୁଙ୍କୁ ଦାୟିତ୍ୱ ମିଳିଛି। ଏଥିସହ କରଙ୍କୁ ନୟାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ଅନ୍ୟପକ୍ଷରେ ଶିକ୍ଷକମାନଙ୍କ ୩ ପ୍ରଶିକ୍ଷଣ ବାବଦ ଦେୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିଥିବା ବିଇଓ କରଙ୍କ ବଦଳିକୁ ଶିକ୍ଷକ ମହଲରେ ସ୍ୱାଗତ କରାଯାଇଛି। ଗତ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି କରଙ୍କ ଶିକ୍ଷକବିରୋଧୀ ନୀତି ଯୋଗୁଁ ଗଣଶିକ୍ଷା ମନ୍ତ୍ରୀଙ୍କ ସମେତ ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲା ଶିକ୍ଷକ ସଂଘ। ଏପରିକି ଏଭଳି କାର୍ଯ୍ୟରେ ସହଯୋଗ କରୁଥିବା ସିଙ୍ଘାପଡ଼ା ସିଆରସିସି ଗଜପତି ବିଶ୍ୱାଳଙ୍କ ବିରୋଧରେ ଶିକ୍ଷକ ମହଲରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବଦଳିର ୧୦ ଦିନ ପରେ ଗାଦି ଛାଡୁନାହାନ୍ତି ବିଇଓ। ପୁନର୍ବାର ଖଣ୍ଡପଡ଼ାରେ ବିଇଓ ଭାବରେ କାର୍ଯ୍ୟ ତୁଲାଇବାକୁ ନେତାଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପାଖକୁ ଯାଉଥିବା ଚର୍ଚ୍ଚା ହେଉଛି। ସେହିପରି ଖଣ୍ଡପଡ଼ା ବିଇଓଙ୍କ କାର୍ଯ୍ୟାଳୟରେ ଏବିଇଓ ଭାବେ କାର୍ଯ୍ୟରତ ନାରାୟଣ ଦାଶଙ୍କର ନୂଆଗାଁ ବ୍ଲକକୁ ବଦଳି ହୋଇଛି। ସେହିପରି ଏଠାରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରୁଥିବା କଳିଙ୍ଗ ଚନ୍ଦ୍ର ନାୟକଙ୍କ ବଦଳି ହୋଇ ନ ଥିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କାହା ସ୍ୱାର୍ଥରେ ଶିକ୍ଷା ବିଭାଗ ବଦଳି ନୀତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

## ଦିନିକିଆ କ୍ୟାରିୟର ପରାମର୍ଶ କର୍ମଶାଳା




ନୟାଗଡ଼,୩।୬(ସମିସ): ନୟାଗଡ଼ ସଦଭାବନା ସଭାଗୃହରେ ଶିଶୁ ଯତ୍ନ ଆବଶ୍ୟକ କରୁଥିବା ଶିଶୁ ତଥା ପୃଷ୍ଠପୋଷକତା, ଆଶୀର୍ବାଦ, ଯଶୋଦା ଏବଂ ଆନୁଷ୍ଠାନିକ ଯତ୍ନରେ ସ୍ଥାନିତ ଥିବା ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଶିଶୁଙ୍କୁ ନେଇ ସେମାନଙ୍କର ଭବିଷ୍ୟତର ଲକ୍ଷ୍ୟ ସାଧିତ ହେବା ଦିଗରେ ଏକ କ୍ୟାରିୟର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସିବିଆନ୍ ପ୍ରଧାନ, ଅନୁଷ୍ଠାନିକ ଶିଶୁ ଯତ୍ନ ଅଧିକାରୀ ସତ୍ୟ ରଞ୍ଜନ ଦାସ, ଅଣଆନୁଷ୍ଠାନିକ ଶିଶୁ ଯତ୍ନ ଅଧିକାରିଣୀ ଶୈଳବାଳା ଦାସ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ହୋଟେଲ ମ୍ୟାନେଜେମେଣ୍ଟ ଅଧକ୍ଷା ସାରଦା ଘୋଷ, ନୟାଗଡ ଆଇଟିଆଇ ଅଧ୍ୟାପକ ଓ ସହକର୍ମୀ ଯୋଗ ଦେଇଥିଲେ। ବିଷୟ ବିଶାରଦ ଭାବରେ ସଂଯୋର ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟା ସିଂ, ଶିଶୁମାନେ କିଭଳି ଭାବରେ ସେମାନଙ୍କର ଜୀବନର ଲକ୍ଷ୍ୟ ସ୍ଥିର କରିବେ ଏବଂ ଲକ୍ଷ୍ୟ ହାସଲ କରିବା ଦିଗରେ ସେମାନଙ୍କର ପ୍ରସ୍ତୁତି କଣ ରହିବ ତତ ସହିତ ବିଭିନ୍ନ ପ୍ରକାର କ୍ୟାରିୟର ସମ୍ପର୍କରେ ଆଲୋକପତ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ ଶିଶୁମାନେ ଜୀବନର ଲକ୍ଷ୍ୟ ସାଧନ କରିବାକୁ ହେଲେ ପ୍ରତ୍ୟେକ ଦିନ ଦେଶ ବିଦେଶର ଖବର ଜାଣିବା ପାଇଁ ଖବରକାଗଜ ପଢିବାକୁ ଉପଦେଶ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମଧ ତାଲିମ ପ୍ରାପ୍ତ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଣ ଆନୁଷ୍ଠାନିକ ଯତ୍ନ ଅଧିକାରିଣୀ ଶୈଳବାଳା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ଟିକିରିପଡ଼ା ଶାସନରେ ରାବଣପୋଡ଼ି ଉତ୍ସବ



ଭାପୁର,୩।୬(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାସନ ପଞ୍ଚାୟତ ଟିକିରିପଡ଼ା ଶାସନ ଗ୍ରାମରେ ୧୫ ଦିନ ହେବ ଚାଲିଥିବା ପାରମ୍ପରିକ ରାମଲୀଳା ଯାତ୍ରା ଉତ୍ସବର ଶେଷ ଦିନରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଛି। ଦଧିବାବନଜୀଉଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଦୀର୍ଘ ୭୦ ବର୍ଷ ହେଲା ଦଧିବାବନ ଦେବ ରାମଲୀଳା କମିଟି ଓ ଗ୍ରାମବାସୀ ମିଳିତ ଭାବେ ଗ୍ରାମରେ ଏହି ରାମଲୀଳା ନାଟକ ମଞ୍ଚସ୍ଥ କରିଆସୁଛନ୍ତି। ସବୁବର୍ଷ ପରି ଏ ବର୍ଷ ଗ୍ରାମର ଦୁଇ ବରିଷ୍ଠ ବ୍ୟକ୍ତି ଲକ୍ଷ୍ମୀଧର ମହାପାତ୍ର ଓ ସୁନୀଲ ଦାଶ ପୁରାଣ ପଠନ କରିଥିବା ବେଳେ ପଖଜ ବାଦନ କରିଥିଲେ ପ୍ରମୋଦ ଗୋଛି। ଥଳହଟାରି କାର୍ଯ୍ୟ ବାବୁ ପ୍ରଧାନ ଓ ସମୀର ରାଉତ ଓ ନୀତିକାନ୍ତି ବନମାଳୀ ଦାଶ ସମ୍ପାଦନା କରିଥିଲେ। ରାମ ଭାବେ ଆକାଶ ଭୋଳ, ଲକ୍ଷଣ ଭାବେ ଆୟୁଷ୍ମାନ ଗୋଛି, ସୀତା ଭୂମିକାରେ ଜିତୁ ଗୋଛି, ରାବଣ ଭୂମିକାରେ ବାବୁ ମହାନ୍ତି, ହନୁମାନ ଭୂମିକାରେ ଶିବ ଗୋଛି, ପର୍ଶୁରାମ ଓ ଇନ୍ଦ୍ରଜିତ ଭୂମିକାରେ ମଣ୍ଟୁ ମହାନ୍ତି, ମହିରାବଣ ଭୂମିକାରେ କୁଳମଣି ଗୋଛି, ମନ୍ଥରା ଓ ସୁର୍ପଣଖା ଭୂମିକାରେ ମାୟାଧର ଗୋଛି, କୌଶଲ୍ୟା ଭୂମିକାରେ ମାଧବ ମହାପାତ୍ର ଓ ତାଡ଼କା ଭୂମିକାରେ ବିପିନ ଭୋଳ ସୁନ୍ଦର ଭିନନୟ କରିଥିଲେ।

## ● ସମବାୟ ବିଭାଗ ଓ ବ୍ୟାଙ୍କ ମଧ୍ୟରେ ଟଣାଓଟରା

# କୁରାଳ ପ୍ୟାକ୍ସରେ ଅଚଳାବସ୍ଥା, ସମ୍ପାଦକ ପଦ ଖାଲି

ନୟାଗଡ଼/ଓଡ଼ଗାଁ,୩।୬(ସମିସ): ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ କୁରାଳ ପ୍ରାଥମିକ କୃଷି ସମବାୟ ସମିତିରେ ଦୀର୍ଘ ୧ ମାସରୁ ଊର୍ଦ୍ଧ୍ୱ ସମୟ ହେଲାଣି ସମ୍ପାଦକ ପଦ ଖାଲିପଡ଼ିଛି। ପୂର୍ବରୁ ଓଡ଼ଗାଁ ବ୍ୟାଙ୍କ୍ ସୁପରଭାଇଜର ବିଦ୍ୟାଧର ମହାନ୍ତି ସମ୍ପାଦକ ଦାୟିତ୍ୱରେ ଥିଲେ। ଗତ ମେ ୧ରେ ବ୍ୟାଙ୍କ କ୍ୟାସିଅର ରୂପେ ତାଙ୍କ ବଦଳି ପରେ ନୂତନ ସୁପରଭାଇଜର ଭାବେ ଦୀପକ କୁମାର ବେହେରା ଯୋଗ ଦଇଥିଲେ। ଦୀପକଙ୍କୁ ଗତ ୫ ତାରିଖ କୁରାଳ ପ୍ୟାକ୍ସରେ ସମ୍ପାଦକ ଦାୟିତ୍ୱ ନେବା ପାଇଁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଚିଠି କରି ବ୍ୟାଙ୍କରେ କର୍ମଚାରୀ ଅଭାବ ଦର୍ଶାଇ ସେ କୁରାଳ ସମିତି ଦାୟିତ୍ୱ ନେବେ ନାହିଁ ବୋଲି ନୟାଗଡ଼ ସମବାୟ ସମିତି ସମୂହଙ୍କୁ ଚିଠି କରିଥିଲେ। ଚିଠି ଦିଆନିଆ ଟଣାଓଟରା ଭିତରେ ପ୍ରାୟ ୧ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କୌଣସି ସମ୍ପାଦକ କୁରାଳ ପ୍ୟାକ୍ସରେ ଯୋଗଦେଇନାହାନ୍ତି। ଫଳରେ ଶହ ଶହ ଚାଷୀ ଋଣ ଖିଲାପୀ ହୋଇଗଲେଣି, ସାର ବିହନ କାରବାର ହୋଇପାରୁନାହିଁ। ଏ ସମ୍ପର୍କରେ କୁରାଳ ପ୍ରାଥମିକ କୃଷି ସମବାୟ ସମିତି ସଭାପତି କାହ୍ନୁଚରଣ ପଣ୍ଡା କହିଛନ୍ତି, ମୁଁ ସହକାରୀ ନିବନ୍ଧକଙ୍କୁ ବାରମ୍ବାର ଫୋନ କରି ସମ୍ପାଦକ ଦେବା ପାଇଁ ଅନୁରୋଧ କରିଛି। ହେଲେ ସେ ଏବେ ଆଉ ଫୋନ ଉଠାଉ ନାହାନ୍ତି। ବ୍ୟାଙ୍କ ସମ୍ପାଦକଙ୍କୁ କହିଲେ ମୁଁ ବୁଝୁଛି, ଦେଖୁଛି କହୁଛନ୍ତି। କେନ୍ଦ୍ର ସମବାୟ ବ୍ୟାଙ୍କ ଓ ସମବାୟ ବିଭାଗ ମଧ୍ୟରେ ଟଣାଓଟରା ଭିତରେ କୁରାଳ ଚାଷୀ ହତାଶ ହୋଇ ପଡ଼ିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ସମାଧାନ ନ ହେଲେ ବ୍ୟାଙ୍କ ଓ ଏଆରସିଏସ୍ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ସଭାପତି କହିଛନ୍ତି।

## ■ କର୍ମଚାରୀ ଅଭାବ, ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ

# ୫୪ ସ୍ଥାନରେ କାମ କରୁଛନ୍ତି ମାତ୍ର ୧୪

ଓଡ଼ଗାଁ,୩।୬(ସମିସ): ଓଡ଼ଗାଁ ବିଦ୍ୟୁତ୍ ସେକ୍ସନ ଅଞ୍ଚଳରେ କର୍ମଚାରୀ ଅଭାବ ଯୋଗୁଁ ବିଦ୍ୟୁତ୍ ସେବା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ବିଦ୍ୟୁତ୍ ବିଭ୍ରାଟ ପରେ ଯୋଗାଣ ସ୍ୱାଭାବିକ କରିବାକୁ ୧୨ରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ସମୟ ଲାଗୁଥିବାରୁ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳିରେ ଦୀର୍ଘ ସମୟ ବିଦ୍ୟୁତ୍ ବିଚ୍ଛିନ୍ନ ରହିବା ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇଛି। ଉପଭୋକ୍ତାଙ୍କୁ ଉନ୍ନତ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୧୨ରେ ଫେଡକୋ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିଲା। ୨୦୨୦ ଜୁନ୍ ୧ରୁ ଟିପିସିଓଡିଏଲ୍ ଏହି ଦାୟିତ୍ୱ ଗ୍ରହଣ କରିଥିଲା। ଫେଡକୋ ସମୟରୁ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ଟିପିସିଓଡିଏଲ୍ ଗ୍ରହଣ କରି କାର୍ଯ୍ୟରେ ରଖିଥିଲା। ମାତ୍ର ସମ୍ପ୍ରତି ଖର୍ଚ୍ଚକାଟ ନୀତି ଅନୁସାରେ ଆଉଟସୋର୍ସିଂ କର୍ମଚାରୀଙ୍କୁ ଛଟେଇ ପ୍ରକ୍ରିୟା ଆରମ୍ଭ ହେବା ପରେ ସେମାନେ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହାର ପ୍ରଭାବରେ ନିୟମିତ କର୍ମଚାରୀଙ୍କ ଉପରେ କାମ ଚାପ ବଢ଼ିବା ସହ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ଅନ୍ୟପଟେ, ନିୟମିତ କର୍ମଚାରୀ ସଂଘର ଆହ୍ୱାନ କ୍ରମେ କର୍ମଚାରୀମାନେ ୮ ଘଣ୍ଟାରୁ ଅଧିକ ସମୟ କାମ କରିବାକୁ ମନା କରିଥିବାରୁ ପରିସ୍ଥିତି ଆହୁରି ଜଟିଳ ହୋଇଛି। ଓଡ଼ଗାଁ ବିଦ୍ୟୁତ୍ ସେକ୍ସନ ଅଧୀନରେ ପୂର୍ବରୁ ୫୪ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ବର୍ତ୍ତମାନ କେବଳ ୧୪ ଜଣ ନିୟମିତ କର୍ମଚାରୀ ସମସ୍ତ ଦାୟିତ୍ୱ ସମ୍ଭାଳୁଛନ୍ତି। ସୀମିତ ମାନବସମ୍ବଳ ଯୋଗୁଁ ବିଦ୍ୟୁତ୍ ତ୍ରୁଟି ମରାମତ ଓ ଯୋଗାଣ ପୁନରୁଦ୍ଧାରରେ ବିଳମ୍ବ ଘଟୁଛି। ଏହାସହ କାଳବୈଶାଖୀ ପବନ ଓ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ ପଡ଼ି ବିଦ୍ୟୁତ୍ ତାର ଛିଣ୍ଡିଯାଉଥିବାରୁ ସମସ୍ୟା ଗୁରୁତର ହୋଇଛି। ଏକାଧିକ ସ୍ଥାନରେ ତ୍ରୁଟି ସୃଷ୍ଟି ହେବାରୁ ମରାମତି କାର୍ଯ୍ୟରେ ବିଳମ୍ବ ଘଟି ଉପଭୋକ୍ତାଙ୍କ ଅସନ୍ତୋଷ ବଢ଼ିଚାଲିଛି। ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେବାରୁ ରୋହିବାଙ୍କ ଗ୍ରାମର ବାଘୁଆ ଛକରେ ଉପଭୋକ୍ତାମାନେ ରାତି ପ୍ରାୟ ୯ଟାରେ ଭୁବନେଶ୍ୱର-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଗ୍ରାମାଞ୍ଚଳରେ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣର ସରକାରୀ ଦାବି ବାସ୍ତବରେ କେବଳ ସ୍ଲୋଗାନରେ ସୀମିତ ରହିଥିବା ଅଭିଯୋଗ ଉଠିଛି। ଶୀଘ୍ର କର୍ମଚାରୀ ସଂଖ୍ୟା ବୃଦ୍ଧି ସହ ବିଦ୍ୟୁତ୍ ସେବାରେ ସୁଧାର ଆଣିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ● ସ୍ୱର୍ଗତ ଭାଗବତ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ

# ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ରୋଗୀଙ୍କୁ ଫଳ ବଣ୍ଟନ

ନୟାଗଡ଼,୩।୬(ସମିସ): ନୟାଗଡ଼ର ଜନମାନ୍ୟ ନେତା, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ନୟାଗଡ଼ ଜିଲ୍ଲା ଗଠନଠାରୁ ଆରମ୍ଭ କରି ବିକଶିତ ନୟାଗଡ଼ର ମୂଳଦୁଆ ପକାଇଥିବା ନେତା ସ୍ୱର୍ଗତ ବେହେରାଙ୍କ ଉଦ୍ଦେଶ୍ୟରେ ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବ୍ଲକ୍ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଯୋଗଦେଇଥିଲେ। ନୟାଗଡ଼ ଗୋଲେଇ ଛକରେ ଅବସ୍ଥିତ ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ବ୍ଲକ୍ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର କହଁର, ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ମହାପାତ୍ରଙ୍କ ସମେତ ବହୁ କାଉନସିଲର, ସରପଞ୍ଚ, ସମିତି ସଭ୍ୟ ଯୋଗଦେଇଥିଲେ।




# ବିପର୍ଯ୍ୟସ୍ତ ହେଲାଣି ନୀଳମାଧବ ବିକାଶ ପ୍ରକଳ୍ପ

ନୟାଗଡ଼/କଣ୍ଟିଲୋ,୩।୬(ସମିସ): ମହାପ୍ରଭୁ ଜଗନ୍ନାଥଙ୍କ ଆଦିପୀଠ ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ପୀଠର ବିକାଶ ପାଇଁ ପୂର୍ବ ସରକାର ଯୋଜନା ପ୍ରସ୍ତୁତ କରିଥିଲେ। ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅର୍ଥ ବ୍ୟୟକରି ଅନେକ ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲା। ତେବେ ୨୦୨୪ ସାଧାରଣ ନିର୍ବାଚନ ପରଠାରୁ ଏହି କାର୍ଯ୍ୟ ଧୀରେ ଧୀରେ ଧିମା ହୋଇ ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯେତିକି ବିକାଶ କାର୍ଯ୍ୟ କରାଯାଇଛି, ତାହାର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ବିପର୍ଯ୍ୟସ୍ତ ହୋଇସାରିଲାଣି।



ନୀଳମାଧବ ପୀଠ ବିକାଶ ପାଇଁ ସମ୍ପୂର୍ଣ୍ଣ ମନ୍ଦିରକୁ ସ୍ୱଚ୍ଛ ଧଳା ରଙ୍ଗ କରାଯାଇଥିଲା। ଭକ୍ତଙ୍କ ସଚେତନତା ଅଭାବରୁ ମନ୍ଦିର କାନ୍ଥ ସାରା ସିନ୍ଦୂର ଦାଗ ଜଳଜଳ ଦେଖାଯାଉଛି। ମନ୍ଦିର ପରିସରରେ ସ୍ୱଚ୍ଛତା ପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ। ମନ୍ଦିର ବେଢ଼ାରେ ଦୀପ, ଭୋଗ, ଖେଳନା ଓ ଆଇସ୍କ୍ରିମ ଦୋକାନ ଖୋଲାଯାଇଛି। କୋଟି କୋଟି ଟଙ୍କା ବ୍ୟୟରେ ହୋଇଥିବା ରୂପାନ୍ତରଣ କାର୍ଯ୍ୟର ଅବସ୍ଥା ଦେଖିଲେ ରାଜ୍ୟ ତଥା ଦେଶ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ନାକ ଟେକୁଛନ୍ତି। ଭକ୍ତଙ୍କ ପାଇଁ ନିର୍ମାଣ ହୋଇଥିବା ଲିଫ୍ଟ ଆଦୌ ବ୍ୟବହାର ହେଉନାହିଁ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଦିନଟିଏ ଲିଫ୍ଟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏବେ ତାହା ବନ୍ଦ ରହିଛି। ମନ୍ଦିର ଆଲୋକୀକରଣ ବ୍ୟବସ୍ଥା ଫେଲ୍ ମାରିଛି। ପାର୍କିଂଠାରୁ ଆରମ୍ଭ କରି ଦୟଣାଚୋରି ବଗିଚା ପର୍ଯ୍ୟନ୍ତ ସବୁଠି ବିପର୍ଯ୍ୟସ୍ତ ଅବସ୍ଥା କଣ୍ଟିଲୋବାସୀଙ୍କୁ ମର୍ମାହତ କରିଛି। ଦୟଣାଚୋରି ବଗିଚାରେ ଲାଜକୁଳି ଲତା ମାଡ଼ି ଯାଇଥିବା ବେଳେ ସେଥିରେ ତାଲା ଝୁଲୁଛି। ପାର୍କିଂରେ ଲାଇଟ୍ ବ୍ୟବସ୍ଥା ସଠିକ ନ ଥିବା ଦେଖିବାକୁ ମିଳିଛି। ଏହାସହ ପୁନରୁଦ୍ଧାର ହୋଇଥିବା ଚାପ ପୋଖରୀ ଭିତର ଓ ବାହାରେ କୁଢ଼କୁଢ଼ ଆବର୍ଜନା ପଡ଼ିଛି। ନୀଳମାଧବ ବିକାଶ ପ୍ରକଳ୍ପରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିବା ବେଳେ ତାହା ଅବ୍ୟବହୃତ ହୋଇ ପଡ଼ିରହିଛି। ନୀଳମାଧବ କ୍ଷେତ୍ରକୁ ପ୍ରତ୍ୟେକ ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁ ଆସୁଥିବା ବେଳେ ଏସବୁ ବିପର୍ଯ୍ୟସ୍ତ ଅବସ୍ଥା ଦେଖି ସ୍ଥାନୀୟ ଲୋକଙ୍କୁ ପ୍ରଶ୍ନ କରୁଛନ୍ତି। ନୀଳମାଧବ ବିକାଶ ପ୍ରକଳ୍ପରେ ଅନେକ ଯୋଜନା ଥିବା ବେଳେ ଏଥିପ୍ରତି ସରକାର ଆଦୌ ଧ୍ୟାନ ନ ଦେବା, ହୋଇଥିବା କାମର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରା ନ ଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଧ୍ୟାନ ଦେଉନି ପ୍ରଶାସନ**

ମନ୍ଦିର ପରିକ୍ରମା ପାଇଁ ରହିଥିବା ଯୋଜନା କେବେ କାର୍ଯ୍ୟକାରୀ ହେବ ବୋଲି ସ୍ଥାନୀୟବାସିନ୍ଦା ପ୍ରଶ୍ନ କରୁଛନ୍ତି। ମନ୍ଦିର ଚାରିପାଖରେ ଘର କରି ରହିଥିବା ସେବାୟତଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି, ପାହାଡ଼ ଚାରିପାଖରେ ପରିକ୍ରମା ରାସ୍ତା ନିର୍ମାଣ କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ। ପୀଠର ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେବାକୁ ବସିଥିବା ବେଳେ ଜିଲ୍ଲା ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗ ଏଥିପ୍ରତି ଆଡ଼ ଆଖିରେ ଦେଖୁନାହିଁ। ମନ୍ଦିର ନିକଟରେ ଆବଶ୍ୟକ ଶୌଚାଳୟ ସୁବିଧା ନାହିଁ। ବ୍ରହ୍ମାଦୀ ପାହାଡ଼ ଉପରେ ଅବସ୍ଥିତ ନୀଳମାଧବ ପୀଠ ପୁରୀ ଶ୍ରୀମନ୍ଦିର ଭଳି ରୂପାନ୍ତରିତ ହେବ ବୋଲି ଜିଲ୍ଲାବାସୀ ଆଶା ରଖିଥିଲେ। ସେହି ଆଶା ଧୂଳିସାତ ହୋଇଥିବା ବେଳେ ସ୍ଥାନୀୟ ବିଧାୟକ ମଧ୍ୟ ଏଥିପ୍ରତି ଧ୍ୟାନ ଦେଉ ନ ଥିବା କଣ୍ଟିଲୋବାସୀ ଅଭିଯୋଗ କରିଛନ୍ତି।

# ୪ ହାଇସ୍କୁଲକୁ ଆସିଲେ ନୂଆ ପ୍ରଧାନଶିକ୍ଷକ

**ଗଣିଆ,୩।୬(ସମିସ):** ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କୁ ପଦୋନ୍ନତି ପ୍ରଦାନ କରିଛନ୍ତି। ପଦୋନ୍ନତି ପାଇ ଶିକ୍ଷକମାନେ ପ୍ରଧାନଶିକ୍ଷକ ଭାବେ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ଗଣିଆ ବ୍ଲକର ବିଭିନ୍ନ ହାଇସ୍କୁଲରେ ନୂଆ ପ୍ରଧାନଶିକ୍ଷକ ଯୋଗଦେବେ ବୋଲି ଜଣାପଡ଼ିଛି। ବ୍ଲକର ଛାମୁଣ୍ଡିଆ ଗୁପ୍ତେଶ୍ୱର ବିଦ୍ୟାପୀଠକୁ ପଦୋନ୍ନତି ପାଇ ନୟାଗଡ଼ ଏନଏସି ହାଇସ୍କୁଲର ରସିଦା ଖାତୁନ, ରାସଙ୍ଗ ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାପୀଠକୁ ପଦୋନ୍ନତି ପାଇ ପିଏମ୍‌ଶ୍ରୀ କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠର ସାରସ ପ୍ରଧାନ, ନାରାୟଣ ପ୍ରସାଦ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ କୁହୁରୀ ଜନତା ସରକାରୀ ହାଇସ୍କୁଲର ଅରୁନ୍ଧତୀ ଓଝା ଏବଂ ବଡସିଲିଙ୍ଗା ସରକାରୀ ଯୁଜି ହାଇସ୍କୁଲରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଶଲ୍ୟ କୁମାର ଭୋଇ ପଦୋନ୍ନତି ପାଇ ସେହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଯୋଗଦେବେ। ଏ ନେଇ ରାଜ୍ୟ ସରକାରଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀର୍ଘଦିନ ହେବ ଉପରୋକ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଧାନଶିକ୍ଷକ ପଦ ଖାଲି ଥିବା ବେଳେ ନୂଆ ପ୍ରଧାନଶିକ୍ଷକ ନିଯୁକ୍ତି ପରେ ଛାତ୍ରଛାତ୍ରୀ, ଅଭିଭାବକ ମହଲରେ ସନ୍ତୋଷ ପ୍ରକାଶ ପାଇଛି।

## ସାନତାମନାଡୁ ଆଶ୍ରମ ବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣ

# ବାଲି ବଦଳରେ ମାଟି ପୋତୁଛି ଠିକାଦାର

ନୂଆଗାଁ,୩।୬(ସମିସ)



ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତ ସାନତାମନାଡୁ ଆଶ୍ରମ ବିଦ୍ୟାଳୟରେ ଠିକାଦାର ନିଜକୁ ସୁହାଇଲା ଭଳି ସରକାରୀ ନିୟମକୁ ଗୋଡ଼ରେ ଆଡ଼େଇ କାର୍ଯ୍ୟ କରୁଛନ୍ତି। ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟରେ ବାଲି ପୋତିବା ବଦଳରେ ମାଟି ପୋତାଯାଉଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହା କେବଳ ନିମ୍ନମାନର କାମ ନା ଏହା ପଛରେ ସରକାରୀ ଅର୍ଥ ହଡ଼ପ କରିବାର ସୁପରିକଳ୍ପିତ ଯୋଜନା ରହିଛି, ତାହାକୁ ନେଇ ପ୍ରଶ୍ନ ଉଠୁଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ନିର୍ମାଣ ସ୍ଥଳରେ ବ୍ୟବହାର ହେଉଥିବା ସାମଗ୍ରୀ ମାନ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ନିୟମ ଅନୁସାରେ ବାଲି ବ୍ୟବହାର ହେବା କଥା। କିନ୍ତୁ ମାଟି ପକାଯାଉଥିଲା। ଗ୍ରାମବାସୀ ବିରୋଧ କରିବା ପରେ ଠିକାଦାରଙ୍କ ପକ୍ଷରୁ ସ୍ପଷ୍ଟ ଉତ୍ତର ମିଳୁନାହିଁ। ସବୁଠାରୁ ବଡ଼ କଥା ଯନ୍ତ୍ରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ଜେସିବି ଲଗାଇ ତରବରିଆ ଭାବେ କାମ ସାରିବାକୁ ଉଦ୍ୟମ କରୁଛନ୍ତି। ଯଦି କାମ ନିୟମ ଅନୁଯାୟୀ ହେଉଥିଲା, ତେବେ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଏତେ ତରବରିଆ ଭାବେ କାମ କରିବାର ଆବଶ୍ୟକତା କାହିଁକି ପଡ଼ିଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। କାହା ଛତ୍ରଛାୟାରେ ଏଭଳି କାମ ଚାଲିଥିଲା? ବିଭାଗୀୟ ଅଧିକାରୀ ଏ ସମ୍ପର୍କରେ ଅବଗତ ଥିଲେ କି ନାହିଁ? ଅବଗତ ହେବା ପରେ, କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ଏମିତି ଅନେକ ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଏବଂ ନୂଆଗାଁ ବିଡିଓ ଡ. ଅମୃତ କୁମାର ରାଉଳଙ୍କୁ ପଚାରିବାରେ ସେମାନେ କହିଛନ୍ତି ଯେ କୌଣସି ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛନ୍ତି।

**ଯନ୍ତ୍ରୀଙ୍କ ଆଖିରେ ଅନ୍ଧପୁଟୁଳି, ଠିକାଦାର ସର୍ବେସର୍ବା**

## ଶ୍ରେଣୀ ଗୃହ ନାହିଁ, ମାଳ ମାଳ ଶୌଚାଳୟ



ନୂଆଗାଁ,୩।୬(ସମିସ): ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ କାପ୍ତାପଲ୍ଲୀ ପଞ୍ଚାୟତ ସାନତାମନାଡୁ ସେବାଶ୍ରମ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଥିବା ବେଳେ ସଂଖ୍ୟାଧିକ ଶୌଚାଳୟ ନିର୍ମାଣ ହୋଇଛି। ଦିନକ ପାଇଁ ବ୍ୟବହୃତ ହୋଇ ନ ଥିବା ଏହି ଶୌଚାଳୟର କବାଟ ଝରକା ଭାଙ୍ଗି ପଡ଼ିଥିବା ଦେଖାଯାଇଛି। ବିଦ୍ୟାଳୟରେ ଦୁଇଟି ଶୌଚାଳୟ ନିର୍ମାଣରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉ ନ ଥିବା ବେଳେ ଠିକାଦାର ପୋଷିବା ନୀତି ଆପଣାଯାଇଛି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ଲୋକଙ୍କୁ ଭୁଆଁ ବୁଲାଇ ସରକାରୀ ଅର୍ଥ ଅପବ୍ୟୟ କରାଯାଉଥିବା ଅଭିଯୋଗ ହେଉଛି।

# ଗୁଳୁଗୁଳିରୁ ବର୍ଷା ଦେଲା ଆଶ୍ୱସ୍ତି

ବାଲୁଗାଁ, ୩।୬ (ସମିସ) : ବାଣପୁର ଓ ବାଲୁଗାଁ ଅଞ୍ଚଳରେ ତାପମାତ୍ରା ୪୨ ଡ଼ିଗ୍ରୀ ଛୁଇଁ ପ୍ରବଳ ଗରମ ଅନୁଭୂତି ହୋଇଥିବା ସହ ଅସହ୍ୟ ଗୁଳୁଗୁଳି ଲୋକଙ୍କୁ ହନ୍ତସନ୍ତ କରିପକାଉଛି । କିଛି ଦିନ ପୂର୍ବେ କାଳ ବୈଶାଖି ପ୍ରଭାବରେ ବାଲୁଗାଁ ବାଣପୁର ଅଞ୍ଚଳରେ ଅସରାଏ ବର୍ଷା ହୋଇଥିବା ବେଳେ ଲୋକେ ସାମାନ୍ୟ ଆଶ୍ୱସ୍ତି ଲାଭ କରିଥିଲେ । ହେଲେ କିଛି ଦିନ ହେବ ବର୍ଷା କୁଆଡେ ଉଭେଇ ଯାଇଥିବା ସ୍ଥଳେ ଉକ୍ତ ଦିନ ଠାରୁ ପ୍ରଚଣ୍ଡ ରୌଦ୍ରତାପ ସହ ଅସହ ଗୁଳୁଗୁଳି ଅନୁଭୂତି ହେଉଥିଲା । ଫଳରେ ସମଗ୍ର ଚିଲିକା ନିର୍ବାଚନ ମଣ୍ଡଳୀ ତଥା ବାଲୁଗାଁ ବାଣପୁର ଅଞ୍ଚଳରେ ବର୍ତ୍ତମାନ ପ୍ରାୟ ଦୁଇ ସପ୍ତାହ ହେବ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଅନୁଭୂତ ହେବାରେ ଲୋକେ ଗରମରେ ତହଳ ବିକଳ ହୋଇ ପଡିଥିଲେ । ହେଲେ ଦୀର୍ଘ ୧୫ ଦିନ ଅପେକ୍ଷା ପରେ ବୁଧବାର ଅପରାହ୍ନରେ ପ୍ରାୟ ଘଣ୍ଟାଏ ହେବ ଅସରାଏ ବର୍ଷା ହେବାରେ ସମସ୍ତ ଜନସାଧାରଣ ଗରମରୁ ସାମାନ୍ୟ ଆଶ୍ୱସ୍ତି ଲାଭ କରିଥିବା ବେଳେ ଚାଷୀ ଖୁସିବ୍ୟକ୍ତ କରିଛନ୍ତି ।

# ବାଲିପାଟପୁର ପଞ୍ଚାୟତ ସାହି ରାସ୍ତା ଶୋଚନୀୟ



ଭୂଷଣ୍ଡପୁର,୩।୬ (ସମିସ): ଟାଙ୍ଗୀ ବ୍ଲକର ବାଲିପାଟପୁର ଗ୍ରାମପଂଚାୟତର ଚନ୍ଦନ ସାହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ପଂଚାୟତର ଅଧିକାଂଶ ଲୋକ ଏହି ରାସ୍ତା ଦେଇ ପ୍ରତିଦିନ ପୋଖରୀକୁ ଯାଇଥାନ୍ତି । କିନ୍ତୁ ଡ୍ରେନର ବ୍ୟବସ୍ଥା ନଥିବାରୁ ଏହି ଛକରେ ପାଣି ଜମାହୋଇ ଯିବା ଆସିବାରେ ଘୋର ଅସୁବିଧା ହେଉଛି । ସ୍ଥାନୀୟ ସରପଂଚଙ୍କ ପ୍ରତିନିଧି ଭୀମ ସେନ ବେହେରା ଆଜି ପ୍ରତ୍ୟକ୍ଷ ଅନୁସନ୍ଧାନ କରି ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେବାରୁ ଉପସ୍ଥିତ ଗ୍ରାମବାସୀ ସନ୍ତୋଷ ପ୍ରକାଶ କରିଥିଲେ ।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା



ଜଟଣୀ, ୩।୬ (ସମିସ): ଜଟଣୀ ରାଜାବଜାର ଅଞ୍ଚଳର ମହିଳା ସମାଜସେବୀ ସ୍ୱର୍ଗତା ପ୍ରଭାସ ନଳିନୀ ସୁନ୍ଦରାୟଙ୍କର ଏକାଦଶ କ୍ରିୟା ଅବସରରେ ଏକ ସ୍ମୃତି ଚାରଣ ସଭା ଆୟୋଜିତ ହୋଇଯାଇଛି । ଏଥିରେ ବିଭିନ୍ନ ବର୍ଗର ବିଶିଷ୍ଟ ମାନ୍ୟଗଣ ବ୍ୟକ୍ତିମାନେ ଉପସ୍ଥିତ ରହି ସ୍ୱର୍ଗତା ପ୍ରଭାସ ନଳିନୀଙ୍କ ସମାଜସେବା ତଥା ପରୋପକାରୀ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏହି ସଭା ତାଙ୍କ ପୁତ୍ର ଶଶୀକାନ୍ତ ସୁନ୍ଦରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏହି କ୍ରିୟାରେ ଭ୍ୱାଇଁ ବାୟୁସେନା ବୟୋଜ୍ୟେଷ୍ଠ ଗଦାଧର ଗୁମାନସିଂହ, ସରୋଜଶ୍ରୀ ସୁନ୍ଦରାୟ, ସୋନାଲ, ସୋନିଆ, ସାହିତ୍ୟିକା ଦାସ ଗୁମାନସିଂହ, ପ୍ରଜ୍ଞାଜ୍ୟୋତି, ମୀନକେତନ, ନିନି ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ଥିଲେ ।

# ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ବୈଠକ



ଖୋର୍ଦ୍ଧା,୩।୬ (ସମିସ):

ଜିଲ୍ଲାପରିଷଦ କାର୍ଯ୍ୟାଳୟ ସଭାଗୃହ ପରିସରରେ ଷଷ୍ଠ ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ବିଧାୟକ ଜଗଦେବ କହିଥିଲେ ସମସ୍ତ ଅଧିକାରୀ ବିଭିନ ପ୍ରକଳ୍ପ ପ୍ରସ୍ତାବ ସୁପାରିସ ସମୟରେ ଜନ ପ୍ରତିନିଧି ମାନଙ୍କ ସହ ଆଲୋଚନା କରନ୍ତୁ ଏବଂ ବିଧିବଦ୍ଧ ସରକାରଙ୍କ ନିୟମ ଅନୁସାରେ ତ୍ୱରାନ୍ୱିତ ଭାବେ କାର୍ଯ୍ୟ କରନ୍ତୁ । ବେଗୁନିଆ ବିଧାୟକ ଶ୍ରୀ ସାହୁ ସରକାରୀ ଅଧିକାରୀ ଓ ଜନପ୍ରତିନିଧି ପରସ୍ପର ସମନ୍ୱୟ ରକ୍ଷା କରି ଜିଲ୍ଲାର ବିକାଶ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଖୋର୍ଦ୍ଧା ଜିଲ୍ଲାର ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ସାହୁ ନିଜ ଅଞ୍ଚଳର ଲୋ ଭୋଲଟେଜ, ବିଦ୍ୟୁତ କାଟ ଏବଂ ନଳକୂପ ଖନନ ଦିଗରେ ଗୁରୁତ୍ୱାରୋପ କରିଥିଲେ ।

ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ପଂଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା ଏବଂ ଜିଲ୍ଲା ପରିଷଦ ସଦସ୍ୟ, ସଦସ୍ୟା ନିଜ ନିଜ ଅଂଚଳରେ ଥିବା ସମସ୍ୟା ଉପରେ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟ କରିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ । ଉକ୍ତ ପରାମର୍ଶ ଗୁଡିକୁ ସମ୍ପୃକ୍ତ ବିଡ଼ିଓ ଓ ସମ୍ପୃକ୍ତ ଅଧିକାରୀ ପ୍ରସ୍ତାବ ଗୁଡିକର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରି ଅନୁମୋଦନ ନିମନ୍ତେ ଜିଲ୍ଲା ପରିଷଦକୁ ପଠାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପଂଚାୟତ ମାନଙ୍କରେ କେତେକ ସୋଲାର ଲାଇଟ ନ ଜଳିବା ଓ ଏହାର ସମାଧାନ ଉପରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସାହୁ ସ୍ପଷ୍ଟି କରଣ ରଖିଥିଲେ ।

ବେଗୁନିଆ ବ୍ଲକ ୨୪ ନମ୍ବର ଜୋନ୍ ରେ ସଦଶ୍ୟାଙ୍କ ପ୍ରସ୍ତାବ ହାତି ଉପଦ୍ରବ ଓ ଏହାର ସମାଧାନ ଉପରେ ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିସହ ବିଧାୟକ ଖୋର୍ଦ୍ଧା ଜୟଦେବ ନିର୍ବାଚନ ମଣ୍ଡଳୀରେ ଗ୍ରାମ୍ୟ ଉନୟନ ରାସ୍ତା ଅଗ୍ରଗତି, ୨୦୨୫ -୨୬ ରାସ୍ତା ଟେଣ୍ଡର କାର୍ଯ୍ୟର ଅଗ୍ରଗତି, ଗ୍ରାମ୍ୟ ଉନୟନ ଡିଭିଜନ ଖୋର୍ଦ୍ଧା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଡିଭିଜନ ଖୋର୍ଦ୍ଧା ଏବଂ ୱାଟକୋ ଡିଭିଜନ, ଖୋର୍ଦ୍ଧା ଅତିରିକ୍ତ କାର୍ଯ୍ୟାଳୟ କାର୍ଯ୍ୟକାରିତା, ବାଣପୁର ବରଡିହ ବିଜୁ ସେତୁ ଯୋଜନା, ୩୦ ନମ୍ବର ଜୋନ୍ ଗ୍ରାମ୍ୟ ଉନ୍ନୟନ ରାସ୍ତା ଅଗ୍ରଗତି, ହଂସପାଳରୁ ଅଭୟମୁଖି ପୂର୍ତ୍ତ ବିଭାଗ ରାସ୍ତା ମରାମତି, ଟଙ୍କ ପାଣି ପୂର୍ତ୍ତ ବିଭାଗ ରାସ୍ତା ମରମତି, ଜଟଣୀ ବ୍ଲକ ର ସିଙ୍ଗିପୁର ହରିପୁର ଗ୍ରାମ୍ୟ ରାସ୍ତା ର ମରାମତି, ଅତିଥି ଶିକ୍ଷକ ନିଯୁକ୍ତି ପ୍ରଭୃତି ବିଷୟରେ ବୈଠକରେ ଆଲୋନା କରାଯାଇଥିଲା । ଶେଷରେ ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ବୈଠକରେ ଆଇନ ମନ୍ତ୍ରୀଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ଭୋଳ ଏବଂ ସତନ୍ତ୍ର ଅଧିକାରୀ ରୋଷନ ଶତପଥୀ, ପୁରୀ ସାଂସଦଙ୍କ ପ୍ରତିନିଧି ଦିଲୀପ ମହାନ୍ତି, ଜଟଣୀ ବିଧାୟକଙ୍କ ପ୍ରତିନିଧି ମଂଚାସୀନ ଥିବାବେଳେ ସମସ୍ତ ଜିଲ୍ଲା ପରିଷଦ ଜୋନ୍ ସଦସ୍ୟା, ସଦସ୍ୟ, ପଂଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାର, ବିଡିଓ, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବାଇକ୍ ଦୁର୍ଘଟଣାରେ ବୃଦ୍ଧ ମୃତ, ଉତ୍ତ୍ୟକ୍ତଙ୍କ ରାସ୍ତାରୋକ

ଜଟଣୀ, ୩।୬ (ସମିସ): ଜଟଣୀ ତିରିମଲ୍ଲ ମୁଖ୍ୟ ରାସ୍ତା ରାଣିପୁରଠାରେ ବାଇକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ରାଣିପୁର ଗ୍ରାମର ଗଜ ଚଣ୍ଡ (୭୦) । ଆଜି ରାତି ପ୍ରାୟ ୮. ୩୦ରେ ୩ଜଣ ଯୁବକ ଗୋଟିଏ ବାଇକରେ ତିରିମଲ୍ଲ ପଟରୁ ଜଟଣୀ ଆଡକୁ ଦ୍ରୁତ ଗତିରେ ଯାଉଥିବାବେଳେ ବୃଦ୍ଧ ଜଣକ ରାସ୍ତା ପାର ହୋଇ ଯାଉଥିବା ସମୟରେ ତାଙ୍କୁ ପଛପଟୁ ବାଇକ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ହିଁ ବୃଦ୍ଧ ଜଣକ ମୃତ୍ୟୁବରଣ କରିଥିଲେ । କିଛି ସମୟ ପାଇଁ ସେଠାରେ ଉତ୍ତେଜନା ଦେଖା ଯାଇଥିବା ବେଳେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା । ଜଟଣୀ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଆୟତ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ବାଇକ ଆରୋହୀଙ୍କ ମଧ୍ୟରୁ ଜଣେ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ଅନ୍ୟ ୨ ଯୁବକଙ୍କୁ ଅଟକ ରଖାଯାଇ ତଦନ୍ତ ହେଉଥିବା ପୁଲିସ ସୂଚନା ଦେଇଛି ।

## ଚୋରା ମାଙ୍କଡ଼ା ବୋଝେଇ ୨ ଟ୍ରକ ଜବତ

ନିରାକାରପୁର, ୩।୬ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅଞ୍ଚଳରେ ଚୋରା ମାଙ୍କଡା ପଥର ଚୋରା ଚାଲାଣବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦେଖି ପୁଲିସ ଗତ ମଙ୍ଗଳବାର ଦିନ ଚଢ଼ାଉ କରି ଖଜୁରୀଆ ରାସ୍ତାରୁ ଓ ପଦ୍ମପୁରସ୍ଥିତ ନୂଆ ଜଗନ୍ନାଥ ସଡ଼କରୁ ଦୁଇଟି ମିନି ଟ୍ରକକୁ ଜବତ କରିଛି । ଚାଳକ ଦ୍ୱୟ କୌଶଳକ୍ରମେ ଖସି ପଳାଇ ଥିବା ଜଣାଯାଇଛି । ଏହି ୨ଟି ଜବତ ଟ୍ରକ ବେଆଇନ ଭାବେ ମାଙ୍କଡା ପଥର ବୋଝେଇ କରି ନେଇ ଯାଉଥିବାରୁ ଉଭୟଙ୍କ ନାମରେ ୨୦୧ ଓ ୨୦୨ରେ ଦୁଇଟି ମାମଲା ରୁଜୁ ହୋଇଛି । ଗାଡି ଦୁଇଟି ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ସୂଚନା ଦେଇଛନ୍ତି ।

■ କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ପ୍ରାଣେଶ୍ୱର ଜୟସିଂହଙ୍କ ଦାୟିତ୍ୱ ଗ୍ରହଣ



ନିରାକାରପୁର, ୩।୬ (ସମିସ) : ଖୋର୍ଦ୍ଧା ଜିଲ୍ଲା ମଳିପଡ଼ାସ୍ଥିତ କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ମିହିର ଚନ୍ଦ୍ର ମହାପାତ୍ର ଗତ ମେ' ୩୧ ତାରିଖରେ ବୟସ ସୀମା ଜନିତ କାରଣରୁ ସେବା ନିବୃତ୍ତ (ସୁପରଆନୁଏସନ) ହୋଇଛନ୍ତି । ତାଙ୍କ ଅବସର ପରେ ଏହି ପଦବୀ ଖାଲି ପଡ଼ିଥିଲା । ଖୋର୍ଦ୍ଧା ଉପ-ଜିଲ୍ଲାପାଳ ତଥା କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତିଙ୍କ ସୁପାରିସ କ୍ରମେ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଚିଠି ସଂଖ୍ୟା ୬୧୧୪ / ତା- ୦୩.୦୬.୨୦୨୬ ଅନୁଯାୟୀ ଶ୍ରୀ ଜୟସିଂହଙ୍କୁ ନିଜର ସ୍ୱାଭାବିକ ଶିକ୍ଷାଦାନ ଦାୟିତ୍ୱ ସହିତ ଏହି ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି । ଶ୍ରୀ ପ୍ରାଣେଶ୍ୱର ଜୟସିଂହ ଏହି ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ବିଦ୍ୟାଳୟର ଶିକ୍ଷାଗତ ବାତାବରଣ ଓ ପ୍ରଶାସନିକ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ସଂକଳ୍ପ ପ୍ରକାଶ କରିଛନ୍ତି ।

## ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଟାଙ୍ଗୀ, ୩।୬ (ସମିସ) : ଟାଙ୍ଗୀ ବ୍ଲକ ମୁକ୍ତେଶ୍ୱର ଦେବ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ସୁନ୍ଦରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟମ୍ବଦା ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସଭାରେ ଟାଙ୍ଗୀ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲିଳ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ଟାଙ୍ଗୀ ମଣ୍ଡଳ ଶିକ୍ଷାଧିକାରୀ ପ୍ରଦୀପ ସାହୁ ମୁଖ୍ୟ ଅତିଥି ଓ ପ୍ରାଥମିକ ଶିକ୍ଷକ ସଂଘ ଉପଦେଷ୍ଟା ସଙ୍ଗୀତା ଦାଶ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଟାଙ୍ଗୀ ବ୍ଲକ୍ ସହ ଶିକ୍ଷାଧିକାରୀ ନିରୁପମା ମହାପାତ୍ର, ସୁନ୍ଦରପୁର ସରପଞ୍ଚ ସୁଜିତ୍ ହାଲଦାର, ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ସଂଗଠକ ସମ୍ପାଦକ ସମରେଶ ବେହେରା, ଟାଙ୍ଗୀ ବ୍ଲକ୍ ଶିକ୍ଷକ ସଂଘ ସମ୍ପାଦକ ସନ୍ତୋଷ କୁମାର ବେହେରା, ପିସ୍ତା ର ରାଜ୍ୟ କୋଷାଧ୍ୟକ୍ଷ ଗୋପାଳ ସେନ୍, ଶିକ୍ଷକ ନେତା ଅମର ଜୟସିଂ, ଆସାର ସଭାପତି ସୁକାନ୍ତ ରାଉତ, ଡକ୍ଟର ବନମାଳୀ ଜେନା, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ସଭାପତି ଭାଗିରଥି ଛୋଟରାୟ, ବିଦ୍ୟାଳୟ ସଭାପତି ପରମାନନ୍ଦ ପ୍ରଧାନ,ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ଉପଦେଷ୍ଟା ମଞ୍ଜୁଶ୍ରୀ ପଟ୍ଟନାୟକ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ପ୍ରସନ୍ନ କୁମାର ମଙ୍ଗରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଅମିତ୍ କୁମାର ଚକ୍ରବର୍ତ୍ତୀ ଧନ୍ୟବାଦ ଦେଇଥିଲେ ।

## ବ୍ରାଉନସୁଗର ଜବତ, ୩ ଗିରଫ

ଜଟଣୀ, ୩।୬ (ସମିସ): ଜଟଣୀ ଥାନା ଅନ୍ତର୍ଗତ ବଡ଼ ନୂଆଗାଁ ଗାନ୍ଧୀନଗର ଅଞ୍ଚଳରୁ ଜଟଣୀ ପୁଲିସ ଚଢ଼ାଉ କରି ବ୍ରାଉନ ସୁଗାର ଜବତ କରିବା ସହ ଜଣେ ମହିଳା ସମେତ ୩ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଜଟଣୀ ଥାନା ବଡ଼ ନୂଆଗାଁ ଗାନ୍ଧୀ ନଗରର ରୀନା ନାୟକ, ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଗମ୍ଭାରୀଡ଼ିହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାହାକ ଓ ଜଟଣୀ ରାଜା ବଜାର ବିବେକାନନ୍ଦ ସାହିର ଗୁଡୁ ଓରଫ ଏସ କେ ମୁଦ୍ଦିନ । ପୁଲିସ ଏମାନଙ୍କ ଠାରୁ ମୋଟ ୨୮ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ଆଜି କୋର୍ଟ ଚାଲାଣ କରିଛି । ଏମାନେ ଦୀର୍ଘ ଦିନ ହେଲା ଖୋର୍ଦ୍ଧା ଓ ନୟାଗଡ ଅଞ୍ଚଳରୁ ବ୍ରାଉନ ସୁଗାର ଆଣି ଜଟଣୀ ଅଞ୍ଚଳରେ ବେପାର କରୁଥିବା ପୁଲିସ ସୂତ୍ରରୁ ପ୍ରକାଶ ।

## ୧୦ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ

ବାଲୁଗାଁ, ୩।୬ (ସମିସ) : ବାଲୁଗାଁ ଏସଡିପିଓ ସଂଜୟ କୁମାର ପଟ୍ଟନାୟକ ଏବଂ ବାଲୁଗାଁ ଥାନା ଅଧିକାରିଣୀ ଶ୍ରଦ୍ଧା ନାୟକଙ୍କ ତତ୍ତ୍ୱାବଧାନରେ ଏସଆଇ ରସ୍ମା ସାହୁଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ବୁଧବାର ପୂର୍ବାହ୍ନରେ ବାଲୁଗାଁ ଥାନା ଅଞ୍ଚଳରେ ଚଢାଉ କରି ଜଣେ ଧଳାଜହର ବେପାରୀକୁ ଗିରଫ କରି ତାନିକଟରୁ ୧୦.୬ ଗ୍ରାମର ଧଳାଜହର ଜବତ କରିବାରେ ସଫଳ ହୋଇଥିଲେ । ଜାହାର ଅନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବାଲୁଗାଁ ଥାନା ଅଧିନ ଗୋପିନାଥପୁର ନୂଆ ସାହିର ସୁନିଲ ପାଡି ଓରଫ ନଣ୍ଡା (୩୧) ବୋଲି ଜଣା ପଡିଛି । ଅଭିଯୁକ୍ତଠୁ ଧଳା ଜହର ସହ ଏକ ମୋବାଇଲ ଫୋନ ଓ ୯ ୯୦ଟଙ୍କା ଜବତ କରିବାରେ ସକ୍ଷମ ହୋଇଥିଲେ । ପୁଲିସ ଏ ସଂକ୍ରାନ୍ତରେ ବାଲୁଗାଁ ଥାନା କେସ ନଂ ୨୫୧/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନଣ୍ଡାକୁ କୋର୍ଟ .ଲାଣ କରାଯାଇଥିବା ସୂଚନା ମିଳିଛି ।

## ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ !

ଖୋର୍ଦ୍ଧା, ୩।୬ (ସମିସ): ପ୍ରଚଣ୍ଡ ରୌଦ୍ରତାପ ଓ ଅଂଶୁଘାତର ଶିକାର ହୋଇ ଜଣେ ୫୬ ବର୍ଷୀୟ ଚାଷୀଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ମୃତ ଚାଷୀଜଣକ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବ୍ରଜମୋହନପୁର ଗ୍ରାମର ଅର୍ଜୁନ ବେହେରା । ଆଜି ସକାଳ ପ୍ରାୟ ୯ .୩୦ ମିନିଟ୍ ସମୟରେ ଅର୍ଜୁନ ନିଜ ବିଲକୁ ଧାନ ବୁଣିବା ପାଇଁ ଯାଇଥିଲେ । ମାତ୍ର ଦୀର୍ଘ ସମୟ ଧରି ସେ ଘରକୁ ନଫେରିବାରୁ ପରିବାର ଲୋକଙ୍କ ମନରେ ସନ୍ଦେହ ଜାତ ହୋଇଥିଲା । ଏହାପରେ ପରିବାର ସଦସ୍ୟ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ବିଲଠାରୁ କିଛି ଦୂରରେ ଅର୍ଜୁନ ଅଚେତ ଅବସ୍ଥାରେ ପଡ଼ିଥିବାର ଦେଖିବାକୁ ପାଇଥିଲେ । ଶରୀରର ବିଭିନ୍ନ ସ୍ଥାନରେ ଫୋଟକା ହୋଇଥିବା ଦେଖାଯାଇଛି । ଆଜି ସକାଳୁ ଅତ୍ୟଧିକ ଖରା ଓ ଗୁଳୁଗୁଳି ହେଉଥିବାରୁ, ପ୍ରଖର ଉତ୍ତାପ ସହ୍ୟ ନ କରିପାରି ସେ ଅଂଶୁଘାତର ଶିକାର ହୋଇ ପ୍ରାଣ ହରାଇଥିବା ସ୍ଥାନୀୟ ଅଞ୍ଚଳରେ ସନ୍ଦେହ କରାଯାଉଛି । ଏହି ଘଟଣା ପରେ ବ୍ରଜମୋହନପୁର ଗ୍ରାମ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏହି ରିପୋର୍ଟ ଲେଖାହେବା ସୁଦ୍ଧା ସଦର ଥାନାରେ ଏ ନେଇ କୌଣସି ଆନୁଷ୍ଠାନିକ ଅଭିଯୋଗ କିମ୍ବା ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି ।

## କାଳବୈଶାଖୀ; ଉପୁଡ଼ିଲା ଗଛ ଓ ବିଦ୍ୟୁତ୍ ଖୁଣ୍ଟ, ଭାଙ୍ଗିଲା ଘର



ବେଗୁନିଆ, ୩।୬ (ସମିସ): ବେଗୁନିଆ ବ୍ଲକ ସିମୋର୍ ପଞ୍ଚାୟତ ଅନ୍ତର୍ଗତ ଗଁପୁର-କଣ୍ଟାମଳିମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଅପରାହ୍ନରେ କାଳ ବୈଶାଖୀ ପବନ ଯୋଗୁଁ ଏକ ବରଗଛ ଉପୁଡ଼ି ଯାଇଥିଲା । ଫଳରେ ବିଦ୍ୟାଳୟରେ ନବନିର୍ମିତ ପାଇଖାନା ଟାଙ୍କି ଉପରେ ବରଗଛଟି ପଡ଼ି ଯାଇ ଭାଙ୍ଗି ଦେଇଥିବାର ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସୂଚନା ଦେଇଛନ୍ତି । ଏପରିକି ସିମୋର୍ କଣ୍ଟାମଳିମ ନିକଟରେ ୩୩ କେଭି ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ କେହି ଆହତ ହୋଇ ନାହାନ୍ତି ବୋଲି ସୂଚନା ମିଳିଛି ।

## ଖୋର୍ଦ୍ଧାରୋଡ ଷ୍ଟେସନ ଇନ୍‌ଚାର୍ଜ ହେଲେ ଏଲ୍‌ଡି ମହାନ୍ତି



ଜଟଣୀ, ୩।୬ (ସମିସ) : ସ୍ଥାନୀୟ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଅନ୍ତର୍ଗତ ଖୋର୍ଦ୍ଧାରୋଡ଼ ଷ୍ଟେସନ ଇନଚାର୍ଜ ଭାବେ ଯୋଗଦେଲେ ଏଲ ଡ଼ି ମହାନ୍ତି, ଶ୍ରମିକ କଂଗ୍ରେସ ମଣ୍ଡଳ ସହ ସଂଯୋଜକ ନିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖୋର୍ଦ୍ଧାରୋଡ ଷ୍ଟେସନରେ ପହଞ୍ଚି ଶ୍ରୀ ମହାନ୍ତିଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ । କର୍ମଚାରୀଙ୍କ ପ୍ରତି ବିନା ଭେଦବାଦରେ କାର୍ଯ୍ୟକାରିବାକୁ ପରାମର୍ଶ ଦେଇଥିଲେ । ପରେ ବର୍ତ୍ତମାନର ଷ୍ଟେସନ ଇନଚାର୍ଜ ଚିତ୍ତରଞ୍ଜନ ମହାପାତ୍ର ଓ ଅନ୍ୟ ସହକର୍ମୀ ମାନେ ଶ୍ରୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଆଗାମୀ ଦିନରେ ଖୋର୍ଦ୍ଧାରୋଡ କୁ ଏକନମ୍ବର କରିବାପାଇଁ ଯେକୌଣସି ପଦକ୍ଷପ ଆବଶ୍ୟକ ଆପଣାଯିବ ବୋଲି ଶ୍ରୀ ମହାନ୍ତି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ ସାହାଣୀ,. ଏମ ଜି କେ ରାଓ , ସଭାପତି ମୁସ୍ତାକ ଅଲ୍ଲୀ , ତ୍ରିଲୋଚନ ମହାନ୍ତି, ସୁନୀଲ ପରିଡା ସମେତ ବହୁ କର୍ମୀ ଯୋଗଦେଇଥିଲେ ।

## ରେଳ ଷ୍ଟେସନରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ, ୩।୬ (ସମିସ): ଖୋର୍ଦ୍ଧା ରୋଡ଼ ରେଳ ଡ଼ିଭିଜନ ଅନ୍ତର୍ଗତ ଗଙ୍ଗାଧରପୁର ରେଳ ଷ୍ଟେସନର ଦୁଇ ନମ୍ବର ପ୍ଲାଟଫର୍ମରୁ ବୁଧବାର ସକାଳେ ଜଣେ ଅଜଣା ଯୁବକଙ୍କ ମୃତଦେହକୁ ଜବତ କରିଛି ରେଳବାଇ ପୁଲିସ । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ମୃତ ଯୁବକଙ୍କ ପରିଚୟ ମିଳି ପାରି ନାହିଁ । ମୃତ ଯୁବକଙ୍କର ବୟସ ୩୨ରୁ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ସ୍ଥଳେ ସେ ଏକ କଳା ରଂଗର ଗଞ୍ଜି ଓ ବ୍ଲୁ ରଂଗର ଜିନ୍ସ ପ୍ୟାଣ୍ଟ ପିନ୍ଧି ଥିବା ଦେଖିବାକୁ ମିଳିଛି । ଗଙ୍ଗାଧରପୁର ରେଳ ଷ୍ଟେସନର ଦୁଇ ନମ୍ବର ପ୍ଲାଟଫର୍ମରେ ମଙ୍ଗଳବାର ରାତ୍ରରେ ଜଣେ ଅଜଣା ଯୁବକ କୌଣସି ଟ୍ରେନରୁ ଖସି ପଡି କିମ୍ବା ଅନ୍ୟ କିଏ ତାଙ୍କୁ ଧକ୍କା ଦେବାରେ କିମ୍ବା କିଏ ତାଙ୍କୁ ମାରି ସେଠାରେ ପକାଇ ଦେଇଥିବା ବେଳେ ମୃତ ଦେହ ପଡିଥିବାର ବୁଧବାର ସକାଳେ ଦେଖି ଗଙ୍ଗାଧରପୁର ରେଳ ରେଳ ଷ୍ଟେସନ ମାଷ୍ଟର ଜିଆରପିକୁ ସୁଚନା ଦେଇଥିଲେ । ଖବର ପାଇ ନିରାକାରପୁର ରେଳବାଇ ଜିଆରପି ଅଧିକାରୀ ଦିଲ୍ଲୀପ କୁମାର ସାହୁ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବେଛେଦ ପାଇଁ ପଠାଇ ତଦନ୍ତ ଅବ୍ୟାହତ ରଖିଛନ୍ତି ।

### ଜଙ୍ଗଲ ପାଲଟିଲାଣି ଗ୍ରାମ ଶ୍ମଶାନ

# ଶବଦାହ ପାଇଁ ହନ୍ତସନ୍ତ ହେଉଛନ୍ତି ଅଞ୍ଚଳବାସୀ



ଜଟଣୀ, ୩।୬ (ସମିସ): ସହରାଞ୍ଚଳରେ କାହାର ମୃତ୍ୟୁ ହେଲେ ଶବଦାହ ପାଇଁ ପ୍ରଥମେ ଶ୍ମଶାନ ଖୋଜାହୁଏ । ଆଉ ଶ୍ମଶାନ ଗୁଡ଼ିକରେ ସମସ୍ତ ମୌଳିକ ସୁବିଧା ସୁଯୋଗ ଆଦି ବନ୍ଦୋବସ୍ତ କରାଯାଇଥାଏ । ବର୍ତ୍ତମାନ ସମୟରେ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତଠାରୁ ଆରମ୍ଭ କରି ସହରାଞ୍ଚଳରେ ପ୍ରତି ଶ୍ମଶାନକୁ ପୁନରୁଦ୍ଧାର କରାଯାଉଥିଲେ ମଧ୍ୟ ଏବେବି ଅନେକ ସ୍ଥାନରେ ଶ୍ମଶାନ ଅବହେଳିତ ଅବସ୍ଥାରେ ପଡ଼ିରହିଛି । ପ୍ରଶାସନର ଅଣଦେଖା ହେଉ କିମ୍ବା ଲୋକ ପ୍ରତନିଧିଙ୍କ ଅବହେଳା ପାଇଁ ସାଧାରଣ ଲୋକମାନେ ଶବଦାହ କରିବା ବେଳେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ଶ୍ମଶାନ ଏବେ ଜଙ୍ଗଲ ପାଲଟିଲାଣି । ବ୍ରିଟିଶ୍ ଅମଳରୁ ତିଆରି ହୋଇଥିବା ଶ୍ମଶାନର ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଗଛଲତାରେ ଭର୍ତ୍ତି ହୋଇ ଶ୍ମଶାନ ଘର ଅଦୃଶ୍ୟ ହୋଇଗଲାଣି । ଆଉ ଏହି ଜଙ୍ଗଲ ଭିତରେ ହେଉଛି ଶବଦାହ କାର୍ଯ୍ୟ । ଅନେକ ସମୟରେ ଲୋକମାନେ ଭୟଭୀତ ଅବସ୍ଥାରେ ଶବଦାହ କରୁଥିବା ବେଳେ ବିଶେଷ କରି ରାତି ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ଅବହେଳିତ ଅବସ୍ଥାରେ ପଡ଼ିଥିବା ଏହି ଶ୍ମଶାନର ଉନ୍ନତିକରଣ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କୌଣସି ପକ୍ଷକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି । ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୧୧ନଂ ୱାର୍ଡରେ ରାମଚନ୍ଦ୍ରପୁର ଗ୍ରାମ ଶ୍ମଶାନ ରହିଛି । ଏହା ଉପରେ ୯, ୧୦ ଓ ୧୧ନମ୍ବର ୱାର୍ଡର ଅଞ୍ଚଳବାସୀ ନିର୍ଭର କରନ୍ତି । ନୂଆଗାଁ, ରାମଚନ୍ଦ୍ରପୁର, ବିକାଶନଗର, ପାଇକରାପୁର, ଭୋଇସାହି, ତେଲି ସାହି, ବ୍ରାହ୍ମଣ ସାହି ସହ ଅନ୍ୟ କିଛି ଅଞ୍ଚଳର ଲୋକ ଏଠାରେ ଶବଦାହ କରି ଆସୁଛନ୍ତି । କୁହାଯାଏ, ଏହି ଶ୍ମଶାନ ବ୍ରିଟିସ୍ ଅମଳରେ ଗ୍ରାମବାସୀମାନେ ବ୍ୟକ୍ତିଗତ ଜାଗାରେ ଟଙ୍କା ଆଦାୟ କରି ନିର୍ମାଣ କରିଥିଲେ । ସେବେଠୁ ଅଞ୍ଚଳବାସୀ ଶବଦାହ କାର୍ଯ୍ୟ କରି ଆସୁଥିଲେ । ହେଲେ ବିଗତ କିଛି ବର୍ଷ ହେଲା ଶ୍ମଶାନର ରକ୍ଷଣାବେକ୍ଷଣ ଅଭାବରୁ ଏବେ ସଂପୂର୍ଣ୍ଣ ଅବହେଳିତ ଅବସ୍ଥାରେ ପଡ଼ିରହିଛି । ଶ୍ମଶାନ ପରିସରରେ ଅନାବନା ଗଛଲତା ସବୁ ଉଠି ଜଙ୍ଗଲ ପାଲଟିଗଲାଣି । ଫଳରେ ଶବଦାହ ଗୃହ ପର୍ଯ୍ୟନ୍ତ ଶବ ନେବା କଷ୍ଟକର ହେଉଛି । ଭିତରକୁ ଯିବା ଲାଗି ରାସ୍ତା ମଧ୍ୟ ନାହିଁ । ବଣ ଭର୍ତ୍ତି ଶ୍ମଶାନ ପରିସରରେ ଉଇ ହୁଙ୍କା ସୃଷ୍ଟି ହୋଇଛି । ଶ୍ମଶାନରେ ସରୀସୃପ ଭୟରେ ଲୋକମାନେ ଶ୍ମଶାନ ଭିତରକୁ ଯିବା ପାଇଁ ଡରୁଛନ୍ତି । ସେହିପରି ଦିନ ବେଳା କଷ୍ଟେ ମଷ୍ଟେ କାମ ଚଳି ଯାଉଥିବାବେଳେ ରାତିରେ ଶବଦାହ କରିବାରେ ବହୁ ସମସ୍ୟା ଦେଖାଦେଉଛି । ମୌଳିକ ସୁବିଧା ଲାଇଟ୍, ପାଣିର ବ୍ୟବସ୍ଥା ନଥିବାରୁ ଲୋକେ ବହୁ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି । ଅନ୍ୟପଟେ ଗୋଟିଏ ଶବଦାହ ଗୃହର ଛାତରେ ନିଆଁର ଉତ୍ତାପ ବାହାରିବା ଲାଗି ଅନ୍ୟ ଏକ ଛାତ ନଥିବା କାରଣରୁ ଲୋକମାନେ ତଳେ ମାଙ୍କଡ଼ା ପଥର ପକାଇ ଶବଦାହ କରୁଥିବା ଦେଖିବାକୁ ମିଳିଛି । ତୁରନ୍ତ ଏକ ଶବଦାହ ଘର କରିବାକୁ ଦାବି ହୋଇଛି । ଏ ନେଇ ଅଞ୍ଚଳର ମାନସ ବେହେରା କହିଛନ୍ତି ଯେ, ଏହି ଶ୍ମଶାନ ଆମ ବାପା, ଜେଜେବାପା ଅମଳରୁ ନିର୍ମାଣ ହୋଇଛି । ପରେ ଟଙ୍କା ଆଦାୟ କରି ଏହାର ରକ୍ଷଣାବେକ୍ଷଣ କରି ଆସୁଥିଲୁ । କିନ୍ତୁ ଏବେ ତାହା କୃତ୍ରିମ ଜଙ୍ଗଲ ପାଲଟି ଗଲାଣି । ଏଠାରେ ଶବଦାହ ସମୟରେ ଲୋକଙ୍କୁ ମୌଳିକ ସୁବିଧା ମିଳୁନାହିଁ । ଫଳରେ ଲୋକେ ବହୁ ହଇରାଣ ହେବାକୁ ପଡୁଛି । ଏଥିସହ ଶ୍ମଶାନକୁ ଲାଗିକି ରହିଥିବା ଖେଳ ପଡ଼ିଆକୁ ଗୋଟିଏ ମିନି ପାର୍କ କିମ୍ବା ମିନି ଷ୍ଟାଡିୟମ୍ କରିବାକୁ ସେ ଦାବି କରିଛନ୍ତି ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୦୦ ● ପାଉଣ୍ଡ ୧୨୮.୪୫
- ୟୁରୋ ୧୧୦.୯୫ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୨୦୦ (ଭୁବନେଶ୍ୱର)
- ରୁପା : ୨,୯୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୪,୩୪୬.୦୦
- ନିଫ୍ଟି ୨୩,୪୦୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## ଇରାନ୍ ଯୁଦ୍ଧ ଜଲ୍‌ଦି ଶେଷ ନ ହେଲେ

# ଭୋକରେ ମରିବେ ଦୁନିଆର ଅଧା ଲୋକ



ନୂଆଦିଲ୍ଲୀ,୩।୬(ଏଜେନ୍ସି): ଇତି ମଧ୍ୟରେ ଇରାନ ଯୁଦ୍ଧ ତିନି ମାସରୁ ଅଧିକ ସମୟ ଧରି ଜାରି ରହିଛି । ଏହାର ଅନ୍ତ ହେବାର କୌଣସି ଆଶା ଦେଖାଯାଉନାହିଁ। ଆମେରିକା ଅଭିଯୋଗ କରିଛି ଯେ ଇରାନ ହର୍ମୁଜ ପ୍ରଣାଳୀର ଅଧିକାଂଶ ସ୍ଥାନରେ ମାଇନ୍ସ ବିଛାଇ ଜାହାଜ ଚଳାଚଳକୁ ଅବରୋଧ କରିଛି। ଇରାନ ବାବ୍ ଅଲ୍-ମାଣ୍ଡେବକୁ ବନ୍ଦ କରିବାକୁ ମଧ୍ୟ ଧମକ ଦେଇଛି, ଯାହା ଲୋହିତ ସାଗରକୁ ଆଡେନ୍ ଉପସାଗର ସହିତ ସଂଯୋଗ କରେ। ଏହା ୟୁରୋପ ଏବଂ ଏସିଆ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ପଥ। ଇରାନ ଯୁଦ୍ଧ ଯୋଗୁଁ ତୈଳ, ଗ୍ୟାସ୍ ଏବଂ ସାର ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଛି। ଏହା ବିଶ୍ୱ ଯୋଗାଣକୁ ପ୍ରଭାବିତ କରିଛି। ଏଥିଯୋଗୁ ବିଶ୍ୱରେ ବଡ଼ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଛି । ଅପରପକ୍ଷେ ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ବଜାରରେ ସାର ମୂଲ୍ୟ ୫୦% ବୃଦ୍ଧି ପାଇଛି। ସାରା ଅଭାବ ସିଧାସଳଖ ଭାବେ ଚାଉଳ ମୂଲ୍ୟରେ ବୃଦ୍ଧି ଘଟାଇଛି। ଫଳରେ ଗତ ଦୁଇ ମାସ ମଧ୍ୟରେ ଚାଉଳ ମୂଲ୍ୟ ପ୍ରାୟ ୨୬% ବୃଦ୍ଧି ପାଇଛି। ଚାଉଳ ହେଉଛି ବିଶ୍ୱର ଅଧା ଜନସଂଖ୍ୟା ଅର୍ଥାତ୍ ୪୦୦ କୋଟି ଲୋକଙ୍କର ମୁଖ୍ୟ ଆହାର। ଯଦି ଇରାନ ଯୁଦ୍ଧ ଶୀଘ୍ର ବନ୍ଦ ନ ହୁଏ, ତେବେ ବଡ଼ ବିଶୃଙ୍ଖଳା ସୃଷ୍ଟି ହେବ। ବିଶ୍ୱର ଅଧା ଲୋକ ଭୋକ ଉପାସର ସମ୍ମୁଖୀନ ହେବେ।

ବିଶ୍ୱର ଅଧା ଜନସଂଖ୍ୟା, ଅର୍ଥାତ୍ ୩୫୦ ରୁ ୪୦୦ କୋଟି ଲୋକଙ୍କ ପାଇଁ ଚାଉଳ ହେଉଛି ମୁଖ୍ୟ ଖାଦ୍ୟ। ଧାନ ଚାଷରେ ସାର ବହୁଳ ଭାବରେ ବ୍ୟବହୃତ ହୁଏ। ମଧ୍ୟ ପ୍ରାଚ୍ୟ ଯୁଦ୍ଧରେ ଆଗକୁ ସାର ମୂଲ୍ୟ ଆହୁରି ବୃଦ୍ଧି ପାଇବାର ଆଶା କରାଯାଉଛି। ଫେବୃଆରୀ ୨୮ରେ ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଥାଇଲ୍ୟାଣ୍ଡ, କାମ୍ବୋଡିଆ ଏବଂ ଫିଲିପାଇନ୍ସରେ ନାଇଟ୍ରୋଜେନ୍ ସାର ମୂଲ୍ୟ

### ଚାଉଳ ଦର ୨୬% ବଢ଼ିଛି
### ସାର ଦରରେ ୫୦% ବୃଦ୍ଧି

୫୦% ବୃଦ୍ଧି ପାଇଛି। ଏପରିକି ଆମେରିକା ଭଳି ଦେଶ ମଧ୍ୟ ଭେନେଜୁଏଲାରୁ ସାର ଆମଦାନୀ କରିବାକୁ ବାଧ୍ୟ ହେଉଛନ୍ତି କାରଣ ଇରାନ ଯୁଦ୍ଧ ଯୋଗୁଁ ଏହାର ମୂଲ୍ୟ ତୀବ୍ର ଭାବରେ ବୃଦ୍ଧି ପାଇଛି। ଆମେରିକା ଭେନେଜୁଏଲାରୁ ତେଲ ଏବଂ ଗ୍ୟାସ ସହିତ ୟୁରିଆ ଏବଂ ଫସଫେଟ୍ ଭଳି ସାର ଆମଦାନୀ କରିବା ପାଇଁ ନୂତନ ଲାଇସେନ୍ସ ଜାରି କରିଛି। ଭାରତକୁ ସାର ନେଇ ଯାଉଥିବା ୧୭ଟି ଜାହାଜ ମଧ୍ୟ ପାରସ୍ୟ ଉପସାଗରରେ ଫସିରହିଛି। ଖରିଫ ଫସଲ ପାଇଁ ସାର ଚାହିଦା ଆଗାମୀ କିଛି ଦିନରେ ଶୀର୍ଷରେ ପହଞ୍ଚିବ। ସରକାର ଏବେ ଏହାକୁ ଭାରତ ଆଣିବା ପାଇଁ ବିକଳ୍ପ ବ୍ୟବସ୍ଥା ଉପରେ ବିଚାର କରୁଛନ୍ତି।

ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ କେବଳ ସାର ନୁହେଁ, ବିଶେଷକରି ଚାଉଳ ମୂଲ୍ୟ ଉଲ୍ଲେଖନୀୟ ବୃଦ୍ଧି ପାଇଛି।ଭାରତ ହେଉଛି ବିଶ୍ୱର ସର୍ବବୃହତ ଚାଉଳ ରପ୍ତାନିକାରୀ, ଯେ କି ବାର୍ଷିକ ୨୧ ରୁ ୨୨ ନିୟୁତ ଟନ୍ ଚାଉଳ ରପ୍ତାନି କରିଥାଏ। ଭାରତ ପଛକୁ ଥାଇଲ୍ୟାଣ୍ଡ, ଭିଏତନାମ, ପାକିସ୍ତାନ ଏବଂ ଯୁକ୍ତରାଷ୍ଟ୍ର ପ୍ରମୁଖ ଚାଉଳ ରପ୍ତାନିକାରୀ। ଏସିଆ, ପଶ୍ଚିମ ଆଫ୍ରିକା ଏବଂ ଲାଟିନ୍ ଆମେରିକାର ଅନେକ ଦେଶରେ ଚାଉଳ ଏକ ମୁଖ୍ୟ ଖାଦ୍ୟ। ବିଶ୍ୱ ଚାଉଳ ବ୍ୟବହାରର ୯୦ ପ୍ରତିଶତ ଏସିଆରୁ ହିଁ ଆସିଥାଏ। ଚୀନ ହେଉଛି ବିଶ୍ୱର ସର୍ବବୃହତ ଚାଉଳ ଉତ୍ପାଦକ ଏବଂ ଗ୍ରାହକ।

## ଜେଟ୍ ଇନ୍ଧନ ମୂଲ୍ୟ ନିୟନ୍ତ୍ରଣ ପାଇଁ ୧୦ ହଜାର କୋଟିର ପାଣ୍ଠି

ନୂଆଦିଲ୍ଲୀଲ,୩।୬(ଏଜେନ୍ସି): ମଧ୍ୟପ୍ରାଚ୍ୟ ବିବାଦ ମଧ୍ୟରେ କେନ୍ଦ୍ର ସରକାର ବିମାନ କମ୍ପାନୀ, ତୈଳ ବିପଣନ କମ୍ପାନୀ ଏବଂ ବିମାନ ଯାତ୍ରୀମାନଙ୍କୁ ଆଶ୍ୱସ୍ତି ପ୍ରଦାନ



### ଏଟିଏଫ୍ ମୂଲ୍ୟ ପ୍ରତି ଲିଟର ୭୫.୬୦ ଟଙ୍କାରେ ସୀମିତ

କରିବା ପାଇଁ ୧୦,୦୦୦ କୋଟି ଟଙ୍କାର ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟ ସ୍ଥିରୀକରଣ ପାଣ୍ଠିକୁ ଅନୁମୋଦନ ଦେଇଛନ୍ତି। ଏହାବ୍ୟତୀତ, ସରକାର ଘରୋଇ ବିମାନ ପାଇଁ ଏଟିଏଫ୍ ମୂଲ୍ୟ ପ୍ରତି ଲିଟର ୭୫.୬୦ ଟଙ୍କାରେ ସ୍ଥିର (ସୀମିତ) କରିଛନ୍ତି। ବର୍ଦ୍ଧିତ ଏଟିଏଫ୍ ମୂଲ୍ୟ ସ୍ଥିର କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ବୁଧବାର ନୂଆଦିଲ୍ଲୀରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ପାଣ୍ଠିକୁ ଅନୁମୋଦନ କରାଯାଇଛି। ଏହି ପାଣ୍ଠି ଏଟିଏଫ୍ ମୂଲ୍ୟରେ ଉତ୍ଥାନ-ପତନକୁ ନିୟନ୍ତ୍ରଣ କରିବ। ଏହି ପାଣ୍ଠି ଘରୋଇ ଏବଂ ଆନ୍ତର୍ଜାତୀୟ ବିମାନ ପରିଚାଳନା ପାଇଁ ବ୍ୟବହାର କରାଯିବ। ସରକାରଙ୍କ ଅନୁଯାୟୀ, ମଧ୍ୟପ୍ରାଚ୍ୟ ସଙ୍କଟ ଆନ୍ତର୍ଜାତୀୟ ବଜାରରେ ବିମାନ ଇନ୍ଧନ (ଏଟିଏଫ୍) ମୂଲ୍ୟରେ ତୀବ୍ର ବୃଦ୍ଧି ପାଇଛି। ଏଟିଏଫ୍ ମୂଲ୍ୟ, ଯାହା ମାର୍ଚ୍ଚ ୨୦୨୬ ରେ ପ୍ରତି ଲିଟର ୬୦.୫ ଟଙ୍କା ଥିଲା, ତାହା ମେ ୨୦୨୬ ରେ ଦୁଇଗୁଣରୁ ଅଧିକ ହୋଇ ୧୪୨ ଟଙ୍କାରେ ପହଞ୍ଚିଛି। ବର୍ଦ୍ଧିତ ମୂଲ୍ୟରୁ ମୁକ୍ତି ପାଇବା ପାଇଁ, ସରକାର ଘରୋଇ ବିମାନ ପାଇଁ ଏଟିଏଫ୍‌ମୂଲ୍ୟକୁ ୭୫.୬୦ ପ୍ରତି ଲିଟରରେ ସୀମିତ କରିଛନ୍ତି। କେବଳ ଏଟିଏଫ୍ ବିମାନ କମ୍ପାନୀଗୁଡ଼ିକର ମୋଟ ପରିଚାଳନା ଖର୍ଚ୍ଚର ପ୍ରାୟ ୪୦%। ମୂଲ୍ୟରେ ଏହି ତୀବ୍ର ବୃଦ୍ଧି ବିମାନ କମ୍ପାନୀ ଏବଂ ତୈଳ କମ୍ପାନୀ ଉଭୟ ଉପରେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଚାପ ପକାଇଛି।

**ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି**

# ୯୯% ଶେଷ, ୧% ବାକି

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଭାରତ ଏବଂ ଆମେରିକା ମଧ୍ୟରେ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ଖବର ଆସିଛି। ଭାରତରେ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗର୍ ଘୋଷଣା କରିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତି ୯୯% ଶେଷ ହୋଇଛି। ଉଭୟ ପକ୍ଷ ବର୍ତ୍ତମାନ ଚୂଡ଼ାନ୍ତ ୧% ବୈଷୟିକ ଏବଂ ଆଇନଗତ ବାଧା ସମାଧାନ କରିବା ପାଇଁ କାମ କରୁଛନ୍ତି। ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ଗୁରୁବାର ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ସହ ଆମେରିକାର ରାଷ୍ଟ୍ରଦୂତ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

ମୁମ୍ବାଇରେ ସିଟି ଇଣ୍ଡିଆ ନିବେଶକ ସମ୍ମିଳନୀରେ, ସର୍ଗିଓ ଗର୍ ସ୍ପଷ୍ଟ କରିଛନ୍ତି ଯେ ବାକି ୧% ପ୍ରସଙ୍ଗ ଏକ ପ୍ରମୁଖ ବିବାଦ କିମ୍ବା ମତଭେଦ ନୁହେଁ। ଚୁକ୍ତିନାମାର ସର୍ତ୍ତାବଳୀ କେବେ କାର୍ଯ୍ୟକାରୀ ହେବ, ଏହାର ଆଇନଗତ ଢାଞ୍ଚା ଏବଂ ଦଲିଲର ଭାଷା ସେ ବିଷୟରେ ଏବେ ଆଲୋଚନା ଚାଲିଛି। ଉଭୟ ଦେଶ ଏବେ ଚୁକ୍ତିର ସୂକ୍ଷ୍ମ ମୁଦ୍ରଣକୁ ଚୂଡ଼ାନ୍ତ କରୁଛନ୍ତି। ସେ ବୁଝାଇଥିଲେ ଯେ



### ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗର୍ ଦେଲେ ସୂଚନା

ଚୁକ୍ତିନାମା ଅତ୍ୟନ୍ତ ଜଟିଳ, ହଜାର ହଜାର ଉତ୍ପାଦ ଏବଂ ଅନେକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରୁଛି। ତେଣୁ, ବୈଷୟିକ ବିନ୍ଦୁ ଉପରେ ଚୂଡ଼ାନ୍ତ ପର୍ଯ୍ୟାୟ ସତର୍କତାର ସହ କାର୍ଯ୍ୟ କରାଯାଉଛି।

ଗୋର କହିଛନ୍ତି ଯେ ସେ ଗୁରୁବାର କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ଭେଟିବେ। ସେ ଆଶା ପ୍ରକାଶ କରିଥିଲେ ଯେ ଆଗାମୀ ସପ୍ତାହ ମଧ୍ୟରେ ଏକ ଚୁକ୍ତିନାମା ହୋଇପାରିବ। ସେ ଏହା ମଧ୍ୟ ସୂଚାଇଛନ୍ତି ଯେ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା ଅଧୀନରେ ଭାରତ ଏହାର ପଡ଼ୋଶୀମାନଙ୍କ ତୁଳନାରେ ଅଧିକ ଅନୁକୂଳ ଟାରିଫ୍ ହାର ପାଇଛି। ସେ ଭାରତୀୟ ଆଲୋଚନାକାରୀଙ୍କୁ ପ୍ରଶଂସା କରି କହିଛନ୍ତି ଯେ ଭାରତରେ ଏକ ଅତ୍ୟନ୍ତ ଦୃଢ଼ ଏବଂ ଦକ୍ଷ ଆଲୋଚନାକାରୀ ଦଳ ଅଛି ଯେଉଁମାନେ ଏହାର ସ୍ୱାର୍ଥକୁ ଦୃଢ଼ ଭାବରେ ରକ୍ଷା କରିଛନ୍ତି। ଗୋର କହିଛନ୍ତି ଯେ ବାଣିଜ୍ୟ ଚୁକ୍ତି ବ୍ୟତୀତ, ଦୁଇ ଦେଶ ମଧ୍ୟରେ ପ୍ରଯୁକ୍ତିବିଦ୍ୟା, ଯୋଗାଣ ଶୃଙ୍ଖଳା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ମଧ୍ୟ ସହଯୋଗ ଦ୍ରୁତ ଗତିରେ ବିସ୍ତାର ହେଉଛି। ସେ ସଦ୍ୟ ଘୋଷିତ ଆମେରିକା-ଭାରତ ଗୁରୁତ୍ୱପୂର୍ଣ୍ଣ ଖଣିଜ ଢାଞ୍ଚାକୁ ଏକ ପ୍ରମୁଖ ସଫଳତା ଭାବରେ ବର୍ଣ୍ଣନା କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଆମେରିକା ସମର୍ଥିତ ପାକ୍ସ ସିଲିକା ପଦକ୍ଷେପରେ ଭାରତର ସାମିଲ ହେବା ଦ୍ୱାରା ଏଆଇ, ସେମିକଣ୍ଡକ୍ଟର ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଭଳି ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ସହଭାଗୀତା ସୁଦୃଢ଼ ହେବ। ଗୋରଙ୍କ ଅନୁଯାୟୀ, ଆମାଜନ ୨୦୩୦ ସୁଦ୍ଧା ଭାରତରେ ୩୫ ବିଲିୟନ ଡଲାର ନିବେଶ କରିବାକୁ ଯୋଜନା କରିଛି।

## ଭାରତ-ଆମେରିକା କୃଷି ସହଯୋଗ ଆଲୋଚନା

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଭାରତ ଏବଂ ଆମେରିକା ମଧ୍ୟରେ କୃଷି ସହଯୋଗକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଇଫକୋ ଅଧ୍ୟକ୍ଷ ଦିଲୀପ ସଂଘାନୀଙ୍କ ନେତୃତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ୱାଶିଂଟନ ଡିସି ସ୍ଥିତ ୟୁଏସ-ଇଣ୍ଡିଆ ବିଜନେସ୍ କାଉନସିଲ (ୟୁଏସ୍‌ଆଇବିସି), ଇଫ୍‌କୋ ଅଧ୍ୟକ୍ଷଙ୍କ ନେତୃତ୍ୱରେ ଆସିଥିବା ଏକ ପିଏଚ୍‌ଡିସିସିଆଇ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲା। ଏହି ଆଲୋଚନା ଭାରତ ଏବଂ ଆମେରିକା ମଧ୍ୟରେ କୃଷି ସହଯୋଗକୁ ଏକ ନୂତନ ଗତିଶୀଳତା ପ୍ରଦାନ କରିବ। ଏହି ବୈଠକ ଇଫକୋର ବଢୁଥିବା ଆନ୍ତର୍ଜାତୀୟ ପ୍ରତିଷ୍ଠା ଏବଂ ବିଶ୍ୱସ୍ତରୀୟ ମଞ୍ଚରେ ଭାରତୀୟ ଚାଷୀଙ୍କ ସ୍ୱାର୍ଥର ସଫଳ ପ୍ରତିନିଧିତ୍ୱ କରିବାରେ ଶ୍ରୀ ସଂଘାନୀଙ୍କ ପ୍ରଭାବଶାଳୀ ନେତୃତ୍ୱକୁ



ପ୍ରତିଫଳିତ କରୁଛି। ୟୁଏସ୍‌ଆଇବିସି ଏହାର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହି

### ଇଫ୍‌କୋ ଅଧ୍ୟକ୍ଷ ନେଲେ ନେତୃତ୍ୱ

ଆଲୋଚନାକୁ ଭାରତ-ଆମେରିକା କୃଷି ସହଯୋଗକୁ ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିହିତ କରିଛି। ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ଶ୍ରୀ ସଂଘାନୀଙ୍କ ନେତୃତ୍ୱରେ ହୋଇଥିବା ଏହି ଆଲୋଚନା ଉଭୟ ଦେଶ ମଧ୍ୟରେ କୃଷି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା, ମିଳିତ ଆହ୍ୱାନଗୁଡ଼ିକର ସମାଧାନ ଖୋଜିବା ଏବଂ ନୂତନ ସୁଯୋଗର ସନ୍ଧାନ କରିବା ପାଇଁ ପଥ ପ୍ରଶସ୍ତ କରିଛି। କାଉନସିଲ୍ ପକ୍ଷରୁ ନବସୃଜନ-ଭିତ୍ତିକ କୃଷି ନୀତି, ସ୍ଥାୟୀ କୃଷି ବିକାଶ, ଖାଦ୍ୟ ସୁରକ୍ଷା ଏବଂ ଚାଷୀଙ୍କ ସମୃଦ୍ଧି ଭଳି କ୍ଷେତ୍ରରେ ଭାରତ ଓ ଆମେରିକା ମଧ୍ୟରେ ଅଧିକ ମଜବୁତ ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି।

## ପୁଣି ବଢ଼ିବ ପେଟ୍ରୋଲ, ଡିଜେଲ ଦର

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଦେଶରେ ଖାଉଟିଙ୍କୁ ଲାଗିବାକୁ ଯାଉଛି ଆଉ ଏକ ଝଟ୍‌କା। କାରଣ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ଦର ବୃଦ୍ଧି ମଧ୍ୟରେ, ଭାରତରେ ତେଲ କମ୍ପାନୀଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ୨.୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିପାରନ୍ତି। ବର୍ତ୍ତମାନ, ମେ ୧୫ଠାରୁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ପ୍ରାୟ ୭.୫ ଟଙ୍କା ପ୍ରତି ଲିଟର ବୃଦ୍ଧି ପାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ପାଉଥିବାରୁ, ଭାରତର ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ୨.୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିପାରନ୍ତି ବୋଲି କୁହାଯାଉଛି। ବର୍ତ୍ତମାନ, ମେ' ୧୫ ପରଠାରୁ ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ପ୍ରାୟ ୭.୫ ଟଙ୍କା ବୃଦ୍ଧି ପାଇଛି। ରେଟିଂ ଏଜେନ୍ସି କ୍ରିସିଲ୍ ମଙ୍ଗଳବାର ଏହାର ରିପୋର୍ଟରେ ଦାବି କରିଛି ଯେ ଯଦି ବିଶ୍ୱ ବଜାରରେ ଅଶୋଧିତ ତୈଳର ମୂଲ୍ୟ ଏହିପରି ବୃଦ୍ଧି ପାଇବା ଜାରି ରହେ, ତେବେ କ୍ଷତି କମାଇବା ପାଇଁ ତେଲ କମ୍ପାନୀଗୁଡ଼ିକ ଲିଟର ପିଛା ଦର ଆହୁରି ୧୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିପାରନ୍ତି।

## ଦିଲ୍ଲୀ-ଏନ୍‌ସିଆରରେ ପୁରୁଣା ଯାନ ପରିବର୍ତ୍ତନ ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୩।୬(ଏଜେନ୍ସି): ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଦିଲ୍ଲୀ-ଏନ୍‌ସିଆର. ଅଞ୍ଚଳରେ ବାୟୁ ପ୍ରଦୂଷଣ ହ୍ରାସ କରିବା ଏବଂ ସ୍ୱଚ୍ଛ ଗମନାଗମନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ଦୁଇ ବର୍ଷିଆ ଯୋଜନାକୁ ଅନୁମୋଦନ କରିଛି। ଏହି ଯୋଜନାକୁ ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ବୋର୍ଡ ମାଧ୍ୟମରେ ଅର୍ଥ ଯୋଗାଇ ଦିଆଯିବ। ଏହା କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଏବଂ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯିବ। ଅଂଶଗ୍ରହଣକାରୀ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଯଥା ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଏବଂ ଉତ୍ତରପ୍ରଦେଶର ସହଯୋଗରେ ଏହାକୁ କାର୍ଯ୍ୟକାରୀ କରାଯିବ। କେନ୍ଦ୍ର ସରକାରଙ୍କ ଠାରୁ ୫୦୪୧ କୋଟି ଟଙ୍କା ଏବଂ ଅଂଶଗ୍ରହଣକାରୀ ରାଜ୍ୟମାନଙ୍କଠାରୁ ଟିକସ ରିଆତି ସମେତ ମୋଟ ୯୫୮୫ କୋଟି ଟଙ୍କାର ଆର୍ଥିକ ବ୍ୟୟ ସହିତ, ଏହି ଯୋଜନା ଦିଲ୍ଲୀ-ଏନସିଆର ଅଞ୍ଚଳରେ ପଞ୍ଜୀକୃତ ଟ୍ରକ୍ ଏବଂ ବସ୍ ମାଲିକମାନଙ୍କୁ ପ୍ରୋତ୍ସାହିତ କରିବାକୁ ଚାହୁଁଛି ଯେଉଁମାନେ ବିଏସ-୪ କିମ୍ବା ପୂର୍ବ ନିର୍ଗମନ ନିୟମ ପାଳନ କରନ୍ତି ଏବଂ ସେମାନଙ୍କୁ ବିଏସ-୬ କିମ୍ବା କଠୋର ନିର୍ଗମନ-ଅନୁପାଳନକାରୀ ଯାନ କିମ୍ବା ବୈଦ୍ୟୁତିକ ଯାନ (ଇଭି) ସହିତ ବଦଳାଇବାକୁ ଚାହୁଁଛନ୍ତି। ସ୍ୱଚ୍ଛ ପରିବହନ ପ୍ରଯୁକ୍ତିବିଦ୍ୟାକୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରି, ଏହି ଯୋଜନା ଯାନବାହନ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବ ଏବଂ ସମଗ୍ର ଦିଲ୍ଲୀ-ଏନସିଆର ଅଞ୍ଚଳରେ ବାୟୁର ଗୁଣବତ୍ତାରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି। ଏହି ଯୋଜନା ଦ୍ୱାରା ଦିଲ୍ଲୀ-ଏନସିଆର (ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶକୁ ନେଇ ଗଠିତ) ର ପାଖାପାଖି ୨.୦୭ ଲକ୍ଷ (୧.୯୧ ଲକ୍ଷ ଟ୍ରକ ଏବଂ ୧୬,୩୨୯ ବସ୍) ମାଲିକ ଉପକୃତ ହେବେ। ବିଏସ୍-୩ କିମ୍ବା ପୁରୁଣା ଯାନଗୁଡ଼ିକ ପାଇଁ, ପଞ୍ଜୀକୃତ ଯାନ ସ୍କ୍ରାପିଂ ସୁବିଧାଗୁଡ଼ିକରେ ସ୍କ୍ରାପିଂ ବାଧ୍ୟତାମୂଳକ ହୋଇଥିବାବେଳେ ବିଏସ୍-୪ ଯାନଗୁଡିକ ଅଣ-ଏନସିଏପି ସହର/ସହରରେ ଏନସିଆର ବାହାରେ ସ୍କ୍ରାପ କିମ୍ବା ବିକ୍ରି ହୋଇପାରେ । ତା 'ପରେ ମାଲିକମାନେ ଏନ୍. ସି. ଆର୍. ମଧ୍ୟରେ ଏକ ବି. ଏସ୍.-୬ କିମ୍ବା କଠୋର ନିୟମ ଅନୁପାଳନକାରୀ କିମ୍ବା ବୈଦ୍ୟୁତିକ ଯାନ କ୍ରୟ ଏବଂ ପଞ୍ଜିକରଣ କରିବା ଆବଶ୍ୟକ।

## ଫସଲ ସୁରକ୍ଷା ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ଗ୍ଲୋବାଲ ଷ୍ଟାଣ୍ଡାର୍ଡ ପ୍ରଶିକ୍ଷଣ

ଭୁବନେଶ୍ୱର,୩।୬(ସମିସ): ଆଗାମୀ ବର୍ଷା ଋତୁ ପୂର୍ବରୁ ବିପର୍ଯ୍ୟୟ ସମୟରେ ଫସଲ ସୁରକ୍ଷା ପାଇଁ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ବିଶ୍ୱସ୍ତରୀୟ ମାନକ ଆଧାରିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଭାରତରେ ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଏହାର ଆୟୋଜନ କରାଯାଇଛି। ଆପାତକାଳରେ ଫସଲ ଉପରେ ନିର୍ଭରଶୀଳ ଅଜୀବିକାର ସୁରକ୍ଷା ଉପରେ ପର୍ଯ୍ୟବେସିତ ପେସାଦାରମାନଙ୍କ ଏହି ପାଞ୍ଚ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଷୀଙ୍କୁ ସହାୟତା କରିବା ପାଇଁ ବିଭିନ୍ନ ଅନ୍ତର୍ଦୃଷ୍ଟି ଏବଂ ଦକ୍ଷତାକୁ ଏକତ୍ର କରିଛି। ଭାରତରେ ପ୍ରାକୃତିକ ବିପର୍ଯ୍ୟୟ ସାଧାରଣ କଥା ହୋଇଥିବାବେଳେ ଚାଷୀଙ୍କ ସୁରକ୍ଷା ଏବଂ ସ୍ଥିରତା ବଜାୟ ରଖିବା ପାଇଁ ଫସଲ ସୁରକ୍ଷାକୁ ପ୍ରାଥମିକତା ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦ ଷ୍ଟାଣ୍ଡାର୍ଡସ ଫର ସପୋର୍ଟିଂ କ୍ରପ୍ ରିଲେଟେଡ ଲାଇଭ୍‌ଲିହୁଡ଼ସ ଇନ୍ ଏମେର୍ଜେନସିଜ (ସିଡ୍ସ) ହେଉଛି ଆନ୍ତର୍ଜାତୀୟ, ପ୍ରମାଣ-ଆଧାରିତ ନ୍ୟୁନତମ ମାନଦଣ୍ଡ। ରିଲାଏନ୍ସ ଫାଉଣ୍ଡେସନର ବିପର୍ଯ୍ୟୟ ପରିଚାଳନା ମୁଖ୍ୟ ଅନିମେଶ ପ୍ରକାଶ କହିଛନ୍ତି ବ୍ୟବହାରିକ ଏବଂ କ୍ଷେତ୍ର ପାଇଁ ପ୍ରସ୍ତୁତ (ଫିଲଡ ରେଡି)



ଦୃଷ୍ଟିକୋଣ ରଖିଥିବା ପ୍ରଶିକ୍ଷିତ ପେସାଦାରଙ୍କ ଏକ ମଜଭୁତ ନେଟୱାର୍କ ଆପାତ ସ୍ଥିତିରେ ଫସଲ ଆଧାରିତ ଆଜୀବିକାକୁ ସୁରକ୍ଷା ଦେବେ। ଆଗାମୀ ୫ ବର୍ଷ ମଧ୍ୟରେ ପ୍ରାୟ ଏକ ଲକ୍ଷ ଚାଷୀଙ୍କ ପାଖରେ ପହଞ୍ଚି ଉନ୍ନତ ପ୍ରସ୍ତୁତି ଏବଂ ରେଶ୍ୱନ୍ସ କ୍ଷମତା ସହିତ ଆପାତକାଳୀନ ସ୍ଥିତିରେ ଫସଲ ନିର୍ଭରଶୀଳ ଜୀବିକାକୁ ସୁରକ୍ଷିତ ରଖାଯିବ।

## ଭାରତରେ ମାଭିଲନର କୋର୍ଟେଭା ଆଗ୍ରିସାଇନ୍ସ

ଭୁବନେଶ୍ୱର,୩।୬(ସମିସ): ଭାରତର କୃଷି ଅର୍ଥନୀତି କ୍ଷେତ୍ରରେ ଧାନ ଏକ ମୁଖ୍ୟ ଖାଦ୍ୟ। ତଥାପି ଧାନ ଚାଷ କରାଯାଉଥିବା ରାଜ୍ୟଗୁଡିକରେ କୃଷକମାନେ ଏକ ସ୍ଥାୟୀ ଓ ବ୍ୟୟବହୁଳ ବିପଦର ସମ୍ମୁଖୀନ ହେଉଛନ୍ତି। ବ୍ରାଉନ ପ୍ଲାଣ୍ଟୋପର (ବିପିଏଚ) ଓ ଷ୍ଟେମ୍ ବୋରର ଭଳି କୀଟଗୁଡିକ ଫସଲ ଚାପ, ଅମଳ କ୍ଷତି ଓ ନିମ୍ନମାନର ଶସ୍ୟ ଗୁଣବତା ପାଇଁ ଦାୟୀ ଅଟନ୍ତି। ଅଧିକାଂଶ କୃଷକ ଏଭଳି କୀଟଗୁଡିକୁ ପ୍ରତିକ୍ରିୟାଶୀଳ ଭାବେ ପରିଚାଳନା କରିଥାନ୍ତି, କୀଟ ବ୍ୟାପିବାର ଦେଖିବା ପରେ ହିଁ କୀଟନାଶକ ସିଂଚନ କରିଥାନ୍ତି। ଧାନ ଫସଲରେ କୀଟର ଏଭଳି ପରିଚାଳନାକୁ ପରିବର୍ତନ କରିବା ପାଇଁ କୋର୍ଟେଭା ଆଗ୍ରିସାଇନ୍ସ ପକ୍ଷରୁ ହାଇଦ୍ରାବାଦରେ ଏକ କାର୍ଯ୍ୟକ୍ରମରେ ମାଭିଲନର ଶୁଭାରମ୍ଭ କରାଯାଇଛି। ଯେଉଁଠାରେ ଏହାର ସିଇଓ, ଚକ୍ ମାଗ୍ରୋ ମଧ୍ୟ ଉପସ୍ଥିତ ଥିଲେ। ଏହା ହେଉଛି ଏକ ଅତ୍ୟାଧୁନିକ ଗ୍ରାନୁଲାର ଇନ୍‌ସେକ୍ଟିସାଇଡ ଯାହାକୁ ଧାନ କୀଟ ପରିଚାଳନାକୁ ପ୍ରତିକ୍ରିୟାଶୀଳତାରୁ ସକ୍ରିୟତା ଆଡକୁ ସ୍ଥାନାନ୍ତର ହେବା ପାଇଁ ଡିଜାଇନ କରାଯାଇଛି। ପ୍ରତିରୋପଣର ୩୦ରୁ ୩୫ ଦିନ ପରେ ଥରେ ପ୍ରୟୋଗ କରାଗଲେ ମାଭିଲନ ଦୃଶ୍ୟମାନ କ୍ଷତି ସୃଷ୍ଟି ହେବା ପୂର୍ବରୁ ଫସଲକୁ ସୁରକ୍ଷା ଦେବା ଆରମ୍ଭ କରିଥାଏ।

# ଭାରତକୁ ଟ୍ରମ୍ପଙ୍କ ପୁଣି ଟାରିଫ୍ ଧମକ

### ଆମଦାନୀ ଉପରେ ୧୨.୫% ଯାଏ ଅତିରିକ୍ତ ଟାରିଫ୍ ଲଗାଇବାକୁ ପ୍ରସ୍ତାବ

ନୂଆଦିଲ୍ଲୀ, ୩।୬(ଏଜେନ୍ସି): ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କରେ ସୁଧାର ଆସିଥିବାବେଳେ ଏବେ ପୁଣି ନୂଆ ଗୋଟି ଚାଳନା ଆରମ୍ଭ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଦୁଇ ଦେଶ ମଧ୍ୟରେ ଚାଲିଥିବା ବ୍ୟବସାୟିକ ବୁଝାବଣା ମଧ୍ୟରେ ୟୁଏସ୍ ଟ୍ରେଡ୍ ରିପ୍ରେଜେଣ୍ଟେଟିଭ୍ ବା ୟୁଏସଟିଆର ଭାରତକୁ ତ୍ରୁଟିପୂର୍ଣ୍ଣ ବ୍ୟବସାୟ କରୁଥିବା ଦେଶ ତାଲିକାରେ ସାମିଲ କରିଛି। ଫଳରେ ଏହି ତାଲିକାରେ ଥିବା ଦେଶରୁ ଆମଦାନୀ ଉପରେ ୧୦ରୁ ୧୨.୫ ପ୍ରତିଶତ ଯାଏ ଅତିରିକ୍ତ ଟାରିଫ୍ ଲଗାଇବାକୁ ପ୍ରସ୍ତାବ ଦିଆଯାଇଛି ।

ୟୁଏସଟିଆର ସେକ୍ସନ ୩୦୧ ଆଧାରରେ ତାଲିକା ପ୍ରକାଶ କରିଛି। ଭାରତକୁ ଅନ୍ୟ ୫୪ ଅର୍ଥ ବ୍ୟବସ୍ଥା ବିଶିଷ୍ଟ ତାଲିକାରେ ସାମିଲ କରାଯାଇଛି। ଏହି ସବୁ ଦେଶ ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ଆମଦାନୀ କରିଥାନ୍ତି। ଯାହାର ସଠିକ କାରଣ ସେମାନେ ଦର୍ଶାଇ ପାରନ୍ତିନାହିଁ। ଏପରିକି ଅଧିକ ମାତ୍ରାରେ ଆମଦାନୀ କରିବା ପାଇଁ ବଳପୂର୍ବକ ଶ୍ରମ ଶକ୍ତିକୁ ବ୍ୟବହାର କରାଯାଏ ।ଏହାକୁ ରୋକିବା ପାଇଁ ଦେଶଗୁଡିକ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିନାହାଁନ୍ତି। ୟୁଏସଟିଆର ଟେକ୍ସଟାଇଲ୍ ଏବଂ ପୋଷାକ ପାଇଁ ଭିନ୍ନ ଭିନ୍ନ




ବ୍ୟବସ୍ଥା ବାବଦରେ ପରାମର୍ଶ ଦେଇଛି। ଫଳରେ କିଛି ବଛାବଛା ଦେଶ ଉପରେ ଧାରା-୩୦୧ ଆଧାରରେ ଆମଦାନୀ ହେଉଥିବା ବସ୍ତୁ ଉପରେ ଟାରିଫ୍ ଲାଗିବ। ଆମେରିକୀୟ ଅଧିକାରୀ ଜେମିସନ୍ ଗ୍ରୀର୍ କହିଛନ୍ତି ଯେ, ଅନେକ ଦେଶ ଆମେରିକା ସହ ବାଣିଜ୍ୟ କାରବାର ନେଇ ରହିଥିବା ସର୍ତ୍ତର ଉଲ୍ଲଙ୍ଘନ କରୁଛନ୍ତି। ତାଲିକାରେ ଭାରତ ସମେତ ଆଲଜେରିଆ, ଆଙ୍ଗୋଲା, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବାହମସ, ବାଂଲାଦେଶ, ବ୍ରାଜିଲ, କମ୍ବୋଡିଆ, ମିଶର, ଗୁଏନା, ଚୀନ୍, ହଂକଂ, ଜାପାନ, ଜୋର୍ଡାନ, କୁଏତ, ଓମାନ ଓ ପେରୁ ଭଳି ଅନେକ ଦେଶ ରହିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ନାଇଜେରିଆ, ତାଇଓ୍ୱାନ, ଥାଇଲାଣ୍ଡ ଭଳି ପ୍ରମୁଖ ଦେଶ ମଧ୍ୟ ୟୁଏସଟିଆରର ସ୍କାନରରେ ରହିଛି ।

### ଧାରା-୩୦୧ କ'ଣ?

ଧାରା ୩୦୧ ୟୁଏସ ଟ୍ରେଡ୍ ଆକ୍ଟ ୧୯୭୪ର ଏକ ପ୍ରାବଧାନ। ଏହା ୟୁଏସଟିଆରକୁ ଅନ୍ୟ ଦେଶର ବାଣିଜ୍ୟ ବ୍ୟବସ୍ଥାର ଯାଞ୍ଚ କରିବାକୁ ଅଧିକାର ପ୍ରଦାନ କରିଥାଏ। ଅନ୍ୟ ଦେଶର ଆମେରିକା ସହ ବ୍ୟବସାୟ ୟୁଏସର ନିଜସ୍ୱ ବାଣିଜ୍ୟ କରାବାର ଉପରେ କିଭଳି ପ୍ରଭାବ ପକାଉଛି ଏହା ଦର୍ଶାଇଥାଏ।

**ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

-: ଆବିର୍ଭାବ :-
୦୩.୦୪.୧୯୫୭

-: ତିରୋଧାନ :-
୦୪.୦୬.୨୦୨୫



✓ ଦୁର୍ଗାଚରଣ ଦଳେଇ
ପୂର୍ବତନ ପୌର ଉପାଧ୍ୟକ୍ଷ

ହଠାତ୍ ଆମ ସମସ୍ତଙ୍କୁ ଛାଡ଼ି କେଉଁ ଅଫେରା ରାଇଜକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଅମରଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ତାରିଣୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।

ଶୋକସନ୍ତପ୍ତ : ପତ୍ନୀ - ପ୍ରତିଭା ବେହେରା, ପୁତ୍ର- ରାଜା, ବିଲ୍ଲୁ, ବୋହୂ- ଅନୁ ଓ ନୂପୁର, ନାତି-ତିରୁଣ, ଶାଳୀ-ସ୍ୱର୍ଣ୍ଣପ୍ରଭା, ରେତପ୍ରଭା, ଶଳା- ନାରାୟଣ ବେହେରା, ଶଳାଭାଉଜ-ହେମଲତା, ଭାଣିଜୀ-ଲିସା, ଅଞ୍ଜୁ, ସୋନାଲି, ରୂପାଲି,ଭାଇ- ଅନିଲ, ସୁନିଲ, ଶଳୁ- ବାପି, ଅମୂଲ୍ୟ, ପୁତୁରା- ହୃଦା, ଗୁଡୁ, ଲୁଲୁ, ଆଦିତ୍ୟ, ଦଳେଇ ପରିବାର ଓ ବନ୍ଧୁବର୍ଗ

## ଆଜିର ରାଶିଫଳ

**ମେଷ:** ଆୟ ବୃଦ୍ଧି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ବୃଷ:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଧାର୍ମିକ କାର୍ଯ୍ୟରେ ମନ ଦେବେ। ବ୍ୟବସାୟରୁ କ୍ଷତି ସହିପାରନ୍ତି।

**କର୍କଟ:** ମନ ପ୍ରସନ୍ନ ରହିବ। ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ନିଜ କାମକୁ ଗୁରୁତ୍ୱ ଦିଅନ୍ତୁ। ଅତିଥି ସତ୍କାର କରିପାରନ୍ତି।

**ସିଂହ:** ବନ୍ଧୁଙ୍କ ସାହାଯ୍ୟରେ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ପୂର୍ବ ଶତ୍ରୁତାକୁ ନେଇ ଚିନ୍ତିତ ରହିପାରନ୍ତି। ଖର୍ଚ୍ଚାନ୍ତ ହୋଇପାରନ୍ତି।

**କନ୍ୟା:** ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ବ୍ୟବସାୟରେ ଲାଭ ମିଳିବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନ ସମ୍ମାନ ବୃଦ୍ଧି ପାଇବ। ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ କ୍ଷତି ସହି ପାରନ୍ତି ।

**ଧନୁ:** ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ଯୋଜନା ମୁତାବକ କାମ କରନ୍ତୁ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଦୀର୍ଘ ଦିନର ଆଶା ପୂରଣ ହେବ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ନୂତନ ଯାନବାହନ କ୍ରୟ କରିପାରନ୍ତି। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ମୀନ:** ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ପୁରୁଣା ନିବେଶରୁ ଲାଭ ମିଳିପାରେ।

## ଆଜିର ଇତିହାସ

- ୧୮୪୬- ମେକ୍ସିକୋ- ଆମେରିକା ଯୁଦ୍ଧ ଆରମ୍ଭ ହେଲା।
- ୧୯୧୯- ଆମେରିକାର ନୌସେନା କୋଷ୍ଟାରିକା ଉପରେ ଆକ୍ରମଣ କଲା।
- ୧୯୫୯- ସି.ରାଜଗୋପାଳଚାରୀ ସ୍ୱତନ୍ତ୍ର ପାର୍ଟି ନିର୍ମାଣ ପାଇଁ ଘୋଷଣା କଲେ।
- ୧୯୮୨- ଇସ୍ରାଏଲ୍ ଦକ୍ଷିଣ ଲେବାନନ୍ ଉପରେ ଆକ୍ରମଣ କଲା।
- ୨୦୧୫- ଘାନାର ଏକ ପେଟ୍ରୋଲ୍ ପମ୍ପରେ ଅଗ୍ନିକାଣ୍ଡ ଯୋଗୁଁ ୨୦୦ରୁ ଅଧିକ ଲୋକ ମୃତ।


## ଅଜବ ଉତ୍ସବ

### ଲାଲ୍ କେଶ ଯୁକ୍ତ ଲୋକଙ୍କୁ ପ୍ରବେଶ ଅନୁମତି

ପ୍ରତିବର୍ଷ ଆୟରଲ୍ୟାଣ୍ଡରେ ଏକ ଅଜବ ଉତ୍ସବ ଆୟୋଜିତ ହୋଇଥାଏ। ତେବେ ଏହି ଉତ୍ସବକୁ ସମସ୍ତେ ଆସିପାରିବେ ନାହିଁ। କେବଳ ଲାଲ୍ ରଙ୍ଗର କେଶ ଯୁକ୍ତ ଲୋକଙ୍କୁ ଏଠାରେ ପ୍ରବେଶ ପାଇଁ ଅନୁମତି ମିଳିଥାଏ। 'ଆଇରିସ୍ ରେଡ୍‌ହେଡ୍ କନ୍‌ଭେନ୍‌ସନ୍'ରେ ସାମିଲ ହେବାକୁ ଦୁନିଆର କୋଣ ଅନୁକୋଣରେ ଥିବା ଲାଲ୍ କେଶ ଯୁକ୍ତ ଲୋକେ ପହଞ୍ଚିଥାନ୍ତି। ଏହା ମୁଖ୍ୟତଃ ଗ୍ରୀଷ୍ମ ଋତୁରେ ଆୟୋଜିତ ହୋଇଥାଏ। ଏଠାକୁ ଆସୁଥିବା ଲୋକେ ଲାଲ୍ କେଶର ବିରଳତା ଏବଂ ସୌନ୍ଦର୍ଯ୍ୟକୁ ଏଠାରେ ସେଲିବ୍ରେଟ୍ କରନ୍ତି। ଏଥିରେ କନସର୍ଟ, ଡ୍ୟାନ୍ସ,ରେଡ୍‌ହେଡ୍ ବିଉଟି କଣ୍ଟେଷ୍ଟ, ଫନି ଗେମ୍ସ, ଫଟୋସୁଟ୍ ଆଦି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏଥିରେ ଅଂଶଗ୍ରହଣ କରୁଥିବା ଲୋକେ ସେମାନଙ୍କର ଲାଲ୍ କେଶକୁ ନେଇ ଗର୍ବ ଅନୁଭବ କରିବା ସହ ଏଠାରେ ସେମାନଙ୍କୁ ନୂଆ ନୂଆ ବନ୍ଧୁ ମିଳିଯାନ୍ତି। ତେବେ ଲାଲ୍ କେଶ ବହୁତ ଦୁର୍ଲଭ ବୋଲି କୁହାଯାଏ। ବିଶ୍ୱର ମାତ୍ର ୧ରୁ ୨ପ୍ରତିଶତ ଲୋକଙ୍କର ଲାଲ୍ କେଶ ହୋଇଥାଏ। ଆୟରଲ୍ୟାଣ୍ଡରେ ବିଶ୍ୱର ସବୁଠୁ ଅଧିକ ଲାଲ୍ କେଶ ଯୁକ୍ତ ଲୋକେ ଅଛନ୍ତି। ସେଥିପାଇଁ ଏଠାରେ ଏଭଳି ଉତ୍ସବର ଆୟୋଜନ କରାଯାଏ। ଏଠାକୁ ଆସୁଥିବା ଲୋକେ ସେମାନଙ୍କର ଭିନ୍ନ କେଶ ଯୋଗୁ ସମାଜ କିପରି ତାଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିଥାଏ ତାହା ସେୟାର୍ କରିଥାନ୍ତି।




## ଶାହାରୁଖଙ୍କ କ୍ୟାରିୟରର ସବୁଠୁ ବଡ଼ ମ୍ୟୁଜିକ୍ ଡିଲ୍



ବଲିଉଡ୍ ବାଦଶାହ ଶାହରୁଖ୍ ଖାନ୍‌ଙ୍କ ଅଭିନୀତ ଫିଲ୍ମ 'କିଙ୍ଗ୍' ଉପରେ ରିଲିଜ୍ ପୂର୍ବରୁ ହିଁ ଟଙ୍କାର ବର୍ଷା ଆରମ୍ଭ ହୋଇଗଲାଣି। ପ୍ରଥମେ ଫିଲ୍ମକୁ ସବୁଠୁ ମହଙ୍ଗା ଥିଏଟ୍ରିକାଲ୍ ଡିଲ୍ ମିଳିଥିଲା। ଏବେ ଫିଲ୍ମର ମ୍ୟୁଜିକ୍ ରାଇଟ୍ସ ମଧ୍ୟ ବହୁତ ଚଢ଼ା ଦରରେ ବିକ୍ରି ହୋଇଥିବା ଖବର ଆସିଛି। ଏହାକୁ ଶାହରୁଖ୍‌ଙ୍କ କ୍ୟାରିୟରର ସବୁଠାରୁ ମହଙ୍ଗା ମ୍ୟୁଜିକ୍ ଡିଲ୍ ବୋଲି କୁହାଯାଉଛି। 'କିଙ୍ଗ୍' ରିଲିଜ୍ ହେବାକୁ ଆଉ ଛଅମାସ ବାକିଥିବାବେଳେ ନିକଟରେ ଜି ମ୍ୟୁଜିକ୍ ୪୫ କୋଟି ଟଙ୍କା ଦେଇ ଏହାର ସମସ୍ତ ଗୀତର ରାଇଟ୍ସ କିଣି ନେଇଛି। ଶାହରୁଖ୍‌ଙ୍କ ସାଢ଼େ ତିନି ଦଶନ୍ଧିର ଦୀର୍ଘ କ୍ୟାରିୟରରେ ଅନେକ ସୁପରହିଟ୍ ଗୀତ ସାମିଲ ରହିଛି, କିନ୍ତୁ ଏତେ ଟଙ୍କା ତାଙ୍କର କୌଣସି ବି ଚଳଚ୍ଚିତ୍ରକୁ ମ୍ୟୁଜିକ୍ ରାଇଟ୍ସ ପାଇଁ ମିଳି ନ ଥିଲା। ବିଶେଷ କଥା ଏହା ଯେ, ଏହି ଡିଲ୍ ପରେ 'କିଙ୍ଗ୍' ଭାରତୀୟ ସିନେମାର ତୃତୀୟ ସବୁଠାରୁ ବଡ଼ ମ୍ୟୁଜିକ୍ ଡିଲ୍ ପାଇଥିବା ଫିଲ୍ମ ହୋଇଯାଇଛି। ଏହି ଡିଲ୍ ପରେ 'କିଙ୍ଗ୍' ତୃତୀୟ ସ୍ଥାନରେ ଥିବା ଥଲାପତି ବିଜୟଙ୍କ 'ଜନ ନାୟଗନ'କୁ ପଛରେ ପକାଇ ଦେଇଛି। 'ଜୟ ନାୟଗନ'ର ମ୍ୟୁଜିକ୍ ରାଇଟ୍ସ ୩୬ କୋଟି ଟଙ୍କାରେ ବିକ୍ରି ହୋଇଥିଲା। ଶାହରୁଖ୍‌ଙ୍କ ଏଣ୍ଟ୍ରି ପରେ ତାହା ଟପ୍ ୩ରୁ ବାହାରି ଯାଇଛି। ଏବେ 'କିଙ୍ଗ୍' ଉପରେ କେବଳ ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା ୨' ଏବଂ ରଣବୀର ସିଂହଙ୍କ 'ଧୁରନ୍ଧର ୨' ରହିଛି। 'ପୁଷ୍ପା ୨' ପାଇଁ ଏହାର ନିର୍ମାତାଙ୍କୁ ଟି-ସିରିଜ୍‌ରୁ ୬୫ କୋଟି ଟଙ୍କା ମିଳିଥିଲା। ଅନ୍ୟପଟେ 'ଧୁରନ୍ଧର ୨' ପାଇଁ ଏହାର ନିର୍ମାତାଙ୍କୁ ଟି-ସିରିଜ୍ ୫୮ କୋଟି ଟଙ୍କା ପ୍ରଦାନ କରିଥିଲା। ତେବେ 'କିଙ୍ଗ୍'ର ମ୍ୟୁଜିକ୍ ଏତେ ଦରରେ କିଣାଯିବା ପରେ ଫିଲ୍ମର ମ୍ୟୁଜିକ୍ କମ୍ପୋଜର ସଚିନ-ଜିଗରଙ୍କ ଉପରେ ଚାର୍ଟବଷ୍ଟର୍ ମ୍ୟୁଜିକ୍ ଦେବା ପାଇଁ ଚାପ ରହିବ।

## ପ୍ରକୃତି କୋଳରେ ଶିକ୍ଷାଦାନ

ଭାରତରେ କିଛି ସ୍କୁଲ ଏବେ ପାରମ୍ପରିକ ଶ୍ରେଣୀଗୃହ ପରିବର୍ତ୍ତେ ଜଙ୍ଗଲ, କ୍ଷେତ ଏବଂ ପ୍ରକୃତି ମଧ୍ୟରେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଏଠାରେ ପିଲା ଖୋଲା ଆକାଶ ତଳେ, ନଦୀ କୂଳରେ, ଜଙ୍ଗଲ ମଧ୍ୟରେ ପାଠ ପଢ଼ନ୍ତି। ଗଛଲତା, ମାଟି, ପ୍ରକୃତି ହିଁ ପିଲାଙ୍କର ପୁସ୍ତକ ସାଜିଥାଏ। ପିଲାମାନେ ଚାଷବାସକୁ ବିଜ୍ଞାନ ମାଧ୍ୟମରେ ବୁଝୁଛନ୍ତି, ଗଣିତକୁ ଚାଷ ସହିତ ଯୋଡ଼ୁଛନ୍ତି ଏବଂ ପରିବେଶକୁ ସେମାନେ ପୁସ୍ତକରୁ ନୁହେଁ, ବରଂ ସିଧାସଳଖ ପ୍ରକୃତି କୋଳରେ ରହି ଜାଣୁଛନ୍ତି। ସେଥିପାଇଁ ଏଭଳି ବିଦ୍ୟାଳୟ ସାରା ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ବିଶେଷଜ୍ଞମାନେ ଏହାକୁ ଭବିଷ୍ୟତ ଶିକ୍ଷାର ଏକ ନୂତନ ମଡେଲ ଭାବେ ବିବେଚନା କରୁଛନ୍ତି। ଆମ ଦେଶର ଅନେକ ରାଜ୍ୟରେ ଏଭଳି ସ୍କୁଲ ଚାଲିଛି। ଯେଉଁଠାରେ ପିଲାଙ୍କୁ ପ୍ରକୃତି ମଧ୍ୟରେ ଶିକ୍ଷାଦାନ କରାଯାଉଛି। ଉତ୍ତରାଖଣ୍ଡ, କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର ଭଳି ରାଜ୍ୟରେ କିଛି ସ୍କୁଲ ଜଙ୍ଗଲ ଏବଂ କ୍ଷେତ ମଧ୍ୟରେ ତିଆରି କରାଯାଇଛି। ଏଠାରେ ବହି ପଢ଼ା ଉପରେ ଗୁରୁତ୍ୱ ବେଶି ଦିଆଯାଉ ନାହିଁ, ବରଂ ପିଲାମାନଙ୍କୁ ଜିନିଷକୁ ଦେଖାଇ ଅନୁଭବ କରାଇ ବୁଝାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ପିଲା ଗଛର ପ୍ରଜାତି ଚିହ୍ନଟ କରନ୍ତି, ମାଟିର ପ୍ରକାର ବୁଝନ୍ତି ଏବଂ କୃଷି ମାଧ୍ୟମରେ ବିଜ୍ଞାନକୁ ବୁଝନ୍ତି। ଏଥିପାଇଁ ଏଠାରେ ପଢୁଥିବା ପିଲାଙ୍କଠାରେ ସୃଜନାତ୍ମକ ଚିନ୍ତାଧାରା ଏବଂ ଆତ୍ମବିଶ୍ୱାସ ଅଧିକ ଦେଖିବାକୁ ମିଳେ। କେବଳ ସେତିକି ନୁହେଁ, ବିହନ ବୁଣିବା ଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ,ପାଣିପାଗ, ଜଳ ଏବଂ ଜୈବିକ କୃଷି ବିଷୟରେ ଏଠାରେ ଶିକ୍ଷା ଦିଆଯାଏ। କିଛି ସ୍କୁଲରେ ପିଲା ନିଜେ ଗଛ ଲଗାନ୍ତି ଏବଂ ତା'ର ଦେଖାଶୁଣା କରନ୍ତି। ଏହାଦ୍ୱାରା ସେମାନଙ୍କଠାରେ ଦାୟିତ୍ୱବୋଧର ଭାବନା ବିକଶିତ ହୁଏ। ସେହିପରି ନୂଆ ଶିକ୍ଷା ନୀତି ଆସିବା ପରେ ଏକ୍ସପେରିମେଣ୍ଟାଲ ଲର୍ଣ୍ଣିଂ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ବିଶେଷଜ୍ଞଙ୍କ ମତରେ, ଏଭଳି ପାଠପଢ଼ା ପିଲାଙ୍କୁ କେବଳ ପରୀକ୍ଷା ପାଇଁ ନୁହେଁ ଜୀବନ ପାଇଁ ପ୍ରସ୍ତୁତ କରିଥାଏ। ଜଙ୍ଗଲ ଏବଂ କ୍ଷେତରେ ପଢ଼ିବା ଦ୍ୱାରା ପିଲାଙ୍କ ମାନସିକ ଚାପ କମ୍ ହୋଇଥାଏ ଏବଂ ପ୍ରକୃତି ସହିତ ସେମାନେ ଅଧିକ ଜଡ଼ିତ ହୁଅନ୍ତି। ଅନେକ ଗବେଷଣାରୁ ଏକଥା ସାମ୍ନାକୁ ଆସିଛି ଯେ, ଖୋଲା ପରିବେଶରେ ପଢୁଥିବା ପିଲାଙ୍କ ଏକାଗ୍ରତା ଏବଂ ଶିଖିବା କ୍ଷମତା ବେଶ୍ ଭଲ ହୋଇଥାଏ। ତେଣୁ ଏହି ମଡେଲକୁ ଭବିଷ୍ୟତର ଆଧୁନିକ ଶିକ୍ଷା ବୋଲି କୁହାଯାଉଛି। ଶିକ୍ଷା ବିଶେଷଜ୍ଞଙ୍କ କହିବା କଥା, ଆଗାମୀ ଦିନରେ ଭାରତରେ ଏଭଳି ସ୍କୁଲର ସଂଖ୍ୟା ବଢ଼ିପାରେ। ଡିଜିଟାଲ ଯୁଗରେ ପିଲାମାନେ ଯେଉଁଠି ମୋବାଇଲ ଏବଂ ସ୍କ୍ରିନ୍ ପର୍ଯ୍ୟନ୍ତ ସୀମିତ ଅଛନ୍ତି, ଏଭଳି ସ୍କୁଲରେ ପ୍ରକୃତି ଆଧାରିତ ଶିକ୍ଷା ସେମାନଙ୍କୁ ବାସ୍ତବିକ ଦୁନିଆ ସହ ଯୋଡ଼ିବା କାମ କରେ। ଏଭଳି ସ୍କୁଲରେ ପିଲା କେବଳ ପଢ଼ି ନ ଥାନ୍ତି, ଜୀବନ ଜିଇଁବାର କଳା ମଧ୍ୟ ଶିଖନ୍ତି। ଏହି କାରଣ ଯୋଗୁଁ ଅନେକ ଅଭିଭାବକ ପାରମ୍ପରିକ ସ୍କୁଲ ପରିବର୍ତ୍ତେ ଏଭଳି ସ୍କୁଲରେ ପାଠ ପଢ଼ାଇବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି।



## ପରିବେଶ ପ୍ରହରୀ

**ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲାରେ ମହିଳାମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପ୍ରକୃତିର ରକ୍ଷକ ସାଜି, ପରିବେଶ ସଂରକ୍ଷଣ ପାଇଁ ସେମାନେ ଅଣ୍ଟା ଭିଡ଼ିଛନ୍ତି। ପ୍ରାଚୀନ କାଳରୁ ଅଦ୍ୟାବଧି ଜଳ, ଜଙ୍ଗଲ ଜମି ପାଇଁ ବହୁ ପ୍ରଶଂସନୀୟ କାର୍ଯ୍ୟ କରିଆସିଛନ୍ତି। ତେବେ ପରିବେଶ ସଂରକ୍ଷଣରେ ନିଜକୁ ସମର୍ପି ଦେଇଥିବା କିଛି ପ୍ରେରଣାଦାୟୀ ମହିଳାଙ୍କୁ ନେଇ ଏହି ଉପସ୍ଥାପନା।**



### ତୁଳସୀ ଗୌଡ଼ା

ପରିବେଶବିତ ଏବଂ ସମାଜସେବୀ ଭାବେ ତୁଳସୀ ଗୌଡ଼ା ବେଶ୍ ପରିଚିତ। ପରିବେଶ ସଂରକ୍ଷଣ ଦିଗରେ ତାଙ୍କର ଅତୁଳନୀୟ ଅବଦାନ ରହିଛି। ସେ ନିଜ ଜୀବନକାଳ ମଧ୍ୟରେ ୩୦,୦୦୦ ରୁ ଅଧିକ ଗଛ ଲଗାଇ ଏହାର ରକ୍ଷାଣାବେକ୍ଷାଣ କରିଥିଲେ। ଏଥିସହ ସମ୍ପୂର୍ଣ୍ଣ ଜୀବନ ଜଙ୍ଗଲ, ପରିବେଶ ସୁରକ୍ଷା ପାଇଁ ଉତ୍ସର୍ଗ କରିଛନ୍ତି। ବିଭିନ୍ନ ପ୍ରଜାତିର ବୃକ୍ଷଲତା ଏବଂ ଏହାର ଔଷଧୀୟ ଗୁଣ ବିଷୟରେ ତାଙ୍କର ଅସୀମ ଜ୍ଞାନ ରହିଥିଲା। ଏଥିପାଇଁ ତାଙ୍କୁ 'ଜଙ୍ଗଲ ଏନ୍‌ସାଇକ୍ଲୋପିଡିଆ' କୁହାଯାଏ। କର୍ଣ୍ଣାଟକ ଆଦିବାସୀ ପରିବାରରେ ଜନ୍ମ ତୁଳସୀ ପିଲାବେଳୁ ପ୍ରକୃତିର ବେଶ୍ ନିକଟତର ଥିଲେ। ମାଆଙ୍କ ସହ ଜଙ୍ଗଲ ଯାଉଥିଲେ। ସେଠାରେ ବୁଲି ବିଭିନ୍ନ ବିରଳ ଉଦ୍ଭିଦ, ବୃକ୍ଷଲତା, ଚେରମୂଳି ଔଷଧବୃକ୍ଷ ଆଦି ବିଷୟରେ ଜାଣୁଥିଲେ। ଏହା ତାଙ୍କୁ ଧୀରେ ଧୀରେ ପରିବେଶ ସୁରକ୍ଷା ଏବଂ ବୃକ୍ଷରୋପଣ ପ୍ରତି ଉତ୍ସାହିତ କରିଥିଲା।



### ସାଲୁମରଦା ଥିମ୍ମକ୍କା

ପରିବେଶବିତ୍, ବୃକ୍ଷ ମାତା, ଟ୍ରି - ଓମେନ୍ ଭାବେ ସାଲୁମରଦା ଥିମ୍ମକ୍କା ବେଶ୍ ଜଣାଶୁଣା। ସେ ରାସ୍ତାକଡ଼ରେ ୩୮୫ଟି ବରଗଛ ଲଗାଇ ପ୍ରସିଦ୍ଧି ଲାଭ କରିଥିଲେ। ନିସନ୍ତାନ ଥିବାରୁ ସେ ଗଛଗୁଡ଼ିକୁ ନିଜ ସନ୍ତାନ ଭଳି ଭଲ ପାଉଥିଲେ ଏବଂ ଲାଳନପାଳନ କରୁଥିଲେ। ୧୯୧୧ ମସିହାରେ ସେ କର୍ଣ୍ଣାଟକର ଏକ ଗରିବ ପରିବାରରେ ଜନ୍ମ ହୋଇଥିଲେ। ଦୁଃଖକଷ୍ଟରେ ବଢ଼ିଥିବା ସାଲୁମରଦାଙ୍କ ବିବାହ ବହୁଦିନ ସତ୍ତ୍ୱେ କୌଣସି ସନ୍ତାନ ହେଉ ନଥିଲା। ଏଥିପାଇଁ ତାଙ୍କୁ ନାନା ନିର୍ଯ୍ୟାତନା ଶୁଣିବାକୁ ପଡୁଥିଲା। ଫଳରେ ୪୦ ବର୍ଷ ବୟସରେ ସେ ଓ ତାଙ୍କ ସ୍ୱାମୀ କର୍ଣ୍ଣାଟକର ଶୁଖିଲା ରାସ୍ତାକଡ଼ରେ ଗଛ ଲଗାଇବା ଆରମ୍ଭ କରିଥିଲେ। ଶହ ଶହ ବରଗଛ ଲଗାଇ ରାସ୍ତାକୁ ସବୁଜ ସୁନ୍ଦର କରିଥିଲେ। ଏଥିସହ ସେ ଅନ୍ୟାନ୍ୟ ବୃକ୍ଷରୋପଣ କରିଥିଲେ। ପରିବେଶ ପ୍ରତି ତାଙ୍କର ଏହି ମହାନ କାର୍ଯ୍ୟ ପାଇଁ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।



### ବନ୍ଦନା ଶିବା

ମହିଳା ପରିବେଶବିତ୍ ଭାବେ ଡ. ବନ୍ଦନା ଶିବା ବେଶ୍ ପରିଚିତ। ଜୈବିକ କୃଷି, ବିହନ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷାରେ ତାଙ୍କର ଅତୁଳନୀୟ ଅବଦାନ ରହିଛି। ଏଥିପାଇଁ ତାଙ୍କୁ 'ଅନାଜ୍ କି ଗାନ୍ଧୀ' ବୋଲି କୁହାଯାଏ। ୧୯୫୨ ମସିହାରେ ଉତ୍ତରାଖଣ୍ଡ ଡେରାଡୁନରେ ସେ ଜନ୍ମ ହୋଇଥିଲେ। ତାଙ୍କ ପିତା ଜଣେ ବନ ଅଧିକାରୀ ଥିବାବେଳେ ମାଆ କୃଷିକାର୍ଯ୍ୟ କରୁଥିଲେ। ପ୍ରକୃତି କୋଳରେ ବଢ଼ିଥିବା ବନ୍ଦନାଙ୍କର ପିଲାବେଳୁ ପରିବେଶ ପ୍ରତି ଖୁବ୍ ଭଲପାଇବା ଥିଲା। ସେ ପଦାର୍ଥ ବିଜ୍ଞାନରେ ସ୍ନାତକ ଶିକ୍ଷା କରି ଉଚ୍ଚଶିକ୍ଷା ପାଇଁ କାନାଡ଼ା ଯାଇଥିଲେ। ୧୯୭୦ ଦଶକରେ ଗଛ କଟାକୁ ବିରୋଧ କରି ହୋଇଥିବା 'ଚିପ୍‌କୋ ଆନ୍ଦୋଳନ'ରେ ସେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହିପରି ପରିବେଶ ସଂରକ୍ଷଣରେ ବହୁବିଧ ଯୋଗଦାନ ପାଇଁ ସେ ଅନେକ ପୁରସ୍କାର ମଧ୍ୟ ପାଇଛନ୍ତି।



## ଓଡ଼ିଆଙ୍କ ପ୍ରିୟ ପିଠା

### ରୁକା ପିଠା



**ଆବଶ୍ୟକ ସାମଗ୍ରୀ**

ଅରୁଆ ଚାଉଳ– ଏକ କପ୍, ଉଷୁନା ଚାଉଳ– ଏକ କପ୍, ଗୁଜୁରାତି ଗୁଣ୍ଡ- ଅଧା ଚାମଚ, ଛେଚା ଅଦା- ଅଧା ଚାମଚ, ଗୋଲମରିଚ ଗୁଣ୍ଡ – ଏକ ଚୁଟ୍‌କି, ଘିଅ - ଏକ ଚାମଚ ତେଲ – ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ସମାନ ପରିମାଣର ଅରୁଆ ଏବଂ ଉଷୁନା ଚାଉଳ ନେଇ ପାଣିରେ ବତୁରାଇ ଚାରି ପାଞ୍ଚଘଣ୍ଟା ରଖନ୍ତୁ। ଏହାପରେ ପାଣିରୁ ଛାଣି ଏହାକୁ ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ। ଏଥିରେ ଲୁଣ, ଗୁଜୁରାତି ଗୁଣ୍ଡ, ଅଦା ଛେଚା, ଗୋଲମରିଚ ଗୁଣ୍ଡ, ଗୁଡ଼ ସମେତ ଘିଅ ମିଶାଇ ଭଲରେ ଗୋଳାଇ ରଖନ୍ତୁ। ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଗଲେ ଚାଉଳ ବଟାକୁ ଦେଇ ଛାଣନ୍ତୁ। ଦୁଇପାଖ ନାଲି ରଙ୍ଗ ହୋଇଗଲେ ଏହାକୁ କାଢ଼ି ଗରମ କ୍ଷୀରରେ ପକାନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ରୁକା ପିଠା'।

## ସୁଶ୍ରୀ

### ଖରାଦିନିଆ ଟ୍ୟାଙ୍କ ଟପ୍

**ଟାଣଖରା, ଝାଳ, ଗୁଳୁଗୁଳିରୁ ସୁରକ୍ଷା ପାଇଁ ମହିଳାମାନେ ଆରାମଦାୟକ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। ତେଣୁ ଖରାଦିନେ ଆକର୍ଷଣୀୟ ଏବଂ ସୁନ୍ଦର ଦିଶିବାକୁ ଚାହୁଁଥିଲେ, ଟ୍ୟାଙ୍କ ଟପ୍ ପିନ୍ଧିପାରିବେ। ଏହା ଆରାମଦାୟକ ହେବା ସହ ସୁନ୍ଦର ଦିଶିଥାଏ।**



**ଡେନିମ୍ ସହ ଟ୍ୟାଙ୍କ**

ଅଫିସ୍,ଆଉଟିଙ୍ଗ୍‌ରେ ଯାଉଥିଲେ ଡେନିମ୍ ଜିନ୍ସ ଏହି ଟପ୍ ପିନ୍ଧିପାରିବେ। ଏହା ଷ୍ଟାଇଲିଶ୍ ସହ ଖୁବ୍ ଆକର୍ଷଣୀୟ ଦିଶିଥାଏ।

**ସ୍କର୍ଟ୍**

ଖରାଦିନେ ବାହାରକୁ ବୁଲି ଯାଉଥିଲେ, ସ୍କର୍ଟ୍ ସହ ଟ୍ୟାଙ୍କ ଟପ୍ ପିନ୍ଧିପାରିବେ। ସେହିପରି ଚାହିଁଲେ ଫ୍ଲୋରାଲ୍ ପ୍ରିଣ୍ଟ ମ୍ୟାକ୍ସି ସ୍କର୍ଟ୍ ଏବଂ ମିଡିସ୍କର୍ଟ୍ ମଧ୍ୟ ପିନ୍ଧିପାରିବେ। ସମୁଦ୍ରକୂଳ, ଜନ୍ମଉତ୍ସବ କିମ୍ବା ବନ୍ଧୁଙ୍କ ସହ ସାକ୍ଷାତକାରରେ ଯାଉଥିଲେ ଏହା ପିନ୍ଧିପାରିବେ।

**ସ୍ରଗ୍ ସହ ଟ୍ୟାଙ୍କ ଟପ୍**

ଷ୍ଟାଇଲ୍‌କୁ ନେଇ ପରୀକ୍ଷାନିରୀକ୍ଷା କରିବାକୁ ଚାହୁଁଥିଲେ, ଟ୍ୟାଙ୍କ ଟପ୍‌ରେ ନିଜକୁ ଇଣ୍ଡୋ-ୱେଷ୍ଟର୍ଣ୍ଣ ଲୁକ୍ ଦେଇପାରିବେ। ଏଥିପାଇଁ ଏହାକୁ କୌଣସି ଲମ୍ବା ପ୍ରିଣ୍ଟେଡ୍ ସ୍ରଗ୍, ଟୋପି ସହ ପିନ୍ଧିପାରିବେ। ଏହା ସୁନ୍ଦର ଦିଶିବା ସହ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ।

### ନେଲ୍ ଆର୍ଟ ଷ୍ଟିକର୍



**ନେଲ୍‌ଆର୍ଟ ନଖକୁ ସୁନ୍ଦର ଏବଂ ଆକର୍ଷଣୀୟ କରିଥାଏ। କମ୍ ସମୟରେ ନଖକୁ ସଜାଇବାକୁ ଚାହୁଁଥିଲେ ଷ୍ଟିକର୍ ଲଗାଇପାରିବେ।**

**ଥ୍ରୀଡି ନେଲ୍ ଆର୍ଟ**

ନ୍ୟୁଡ୍ ଥ୍ରୀଡି ଷ୍ଟିକର୍‌ରେ ଫୁଲ ,ମାଳି ଏବଂ ଗ୍ଲିଟର୍ ଲାଗିଥାଏ। ଏଥିରୁ ଏକ ଆକର୍ଷଣୀୟ ପାର୍ଟି ଲୁକ୍ ମିଳିଥାଏ।

**ରଙ୍ଗିନ**

ନାଲି, ଗୋଲାପୀ ରଙ୍ଗର ଏହି ଷ୍ଟିକର୍ ନଖକୁ ସମର୍ ଲୁକ୍ ଦେବା ସହ ଆକର୍ଷଣୀୟ କରିଥାଏ। ତେଣୁ ଖରାଦିନେ ନିୟନ ରଙ୍ଗ, ନଚେଡ୍ ଗ୍ଲାମ୍ ରୋଜ୍ ଡିଜାଇନ୍ କରିପାରିବେ।

**ଫ୍ଲାୱାର୍ ଡିଜାଇନ୍**

ସବୁଜ ପତ୍ରର ଏହି ଡିଜାଇନ୍ ନଖକୁ ସୁନ୍ଦର ଏବଂ ଆକର୍ଷଣୀୟ କରିଥାଏ। ଏଥିରୁ ଫର୍ମାଲ୍ ଏବଂ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ। ସେହିପରି ବିବାହରେ ଚମକଯୁକ୍ତ ଗ୍ଲିଟର୍ ଷ୍ଟିକର୍ ଲଗାଇପାରିବେ।

**ଗୋଲ୍‌ଡେନ୍**

ସିମ୍ପଲ୍ ଏବଂ ରୟାଲ୍ ଲୁକ୍ ଚାହୁଁଥିଲେ, ବିବାହ କିମ୍ବା ପାର୍ଟି ଫଙ୍କ୍‌ସନ୍‌ରେ ଗୋଲ୍‌ଡେନ୍ ଗ୍ଲିଟର୍ ଷ୍ଟିକର ଲଗାଇପାରିବେ।

### ଆଇସ୍ ମସାଜ୍ କରୁଥିଲେ...

**ସାଧାରଣତଃ ଖରାଦିନେ ତ୍ୱଚାଜନିତ ନାନା ସମସ୍ୟା ଦେଖିବାକୁ ମିଳିଥାଏ। ଏପରି ସ୍ଥଳେ ତ୍ୱଚାକୁ ସୁସ୍ଥ ରଖିବା ପାଇଁ ଆଇସ୍ ମସାଜ୍ କରିପାରିବେ। ଏଥିରୁ ଅନେକ ସୁଫଳ ମିଳିଥାଏ।**

- ଦୈନିକ ତ୍ୱଚାରେ ଆଇସ୍ ମସାଜ୍ କଲେ ତ୍ୱଚାରେ ସୃଜନ କମିଥାଏ।
- ସେହିପରି ଦୈନିକ ତ୍ୱଚାରେ ଆଇସ୍ ମସାଜ୍ କଲେ କୋଲାଜନ୍ ମାତ୍ରା କମିଥାଏ। ଏଥିରେ ସ୍କିନ୍ ସତେଜ ଏବଂ ଯୁବା ଦେଖାଯାଏ।
- ମେକ୍‌ଅପ୍ ପୂର୍ବରୁ ତ୍ୱଚାରେ ବରଫ ଲଗାଇଲେ ଏହା ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିଥାଏ।

ଫିଫା ବିଶ୍ୱକପ୍
ଆଉ ୭ ଦିନ

# କିଂବଦନ୍ତୀ ମେସି, ରୋନାଲ୍ଡୋଙ୍କ ଶେଷ ଚମକ

ୱାସିଂଟନ୍,୩।୬(ଏଜେନ୍ସି):

ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଏବଂ ମେକ୍ସିକୋରେ ଆୟୋଜିତ ହେବାକୁ ଥିବା ୨୦୨୬ ଫିଫା ବିଶ୍ୱକପ୍ କେବଳ ୪୮ଟି ଦଳକୁ ନେଇ ସବୁଠାରୁ ବଡ଼ ପ୍ରତିଯୋଗିତା ହେବ ସେତିକି ନୁହେଁ, ବରଂ ଏହା ବିଶ୍ୱ ଫୁଟବଲ୍‌ର ଏକ ସ୍ୱର୍ଣ୍ଣିମ ଯୁଗର ଅବସାନ ଆଡ଼କୁ ମଧ୍ୟ ଇଶାରା କରୁଛି। ଚଳିତ ବର୍ଷର ଏହି ମହାକୁମ୍ଭ ଅନେକ ବିଶ୍ୱପ୍ରସିଦ୍ଧ ତାରକା ଖେଳାଳିଙ୍କ ପାଇଁ ଶେଷ ବିଶ୍ୱକପ୍ ସାବ୍ୟସ୍ତ ହୋଇପାରେ। ଏହି ସଂକ୍ଷିପ୍ତ ତାଲିକାରେ ବିଶ୍ୱର ୧୩ ଜଣ ମହାନ ଫୁଟବଲ୍‌ର ସାମିଲ ଅଛନ୍ତି, ଯେଉଁମାନେ ନିଜ ନିଜ ଦେଶ ପକ୍ଷରୁ ଶେଷଥର ପାଇଁ ବିଶ୍ୱକପ୍ ମଇଦାନକୁ ଓହ୍ଲାଇବାକୁ ଯାଉଛନ୍ତି। ଏହି ମହାନ ଖେଳାଳିଙ୍କ ସମ୍ପର୍କରେ ସଂକ୍ଷେପରେ ସୂଚନା ପ୍ରଦାନ କରାଗଲା।

**ଲିଓନେଲ୍ ମେସି (ଆର୍ଜେଣ୍ଟିନା ୩୯ ବର୍ଷ)**
ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଣ୍ଟିନା ଦଳର ଅଧିନାୟକ ମେସି ନିଜର ରେକର୍ଡ-ସମାନ ଷଷ୍ଠ ବିଶ୍ୱକପ୍ ଖେଳିବାକୁ ଆମେରିକାରେ ପହଞ୍ଚିଛନ୍ତି। ତାଙ୍କ ନେତୃତ୍ୱରେ ଦଳ ଗତଥର ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଏଥର ସେ ଶେଷଥର ବିଶ୍ୱକପ୍‌ରେ ଭାଗନେବେ।

**କ୍ରିଷ୍ଟିଆନୋ ରୋନାଲ୍‌ଡୋ (ପର୍ତ୍ତୁଗାଲ୍, ୪୧ ବର୍ଷ)**
ଅଲ୍-ନାସରର ଏହି ଷ୍ଟାର୍ ଖେଳାଳି ମଧ୍ୟ ନିଜର ଷଷ୍ଠ ବିଶ୍ୱକପ୍ ଏବଂ ତ୍ରୟୋଦଶ ମେଜର ଫୁଟବଲ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯାଉଥିବା ବେଳେ ତାଙ୍କ କ୍ୟାରିୟରର ଏହି ଏକମାତ୍ର ବଡ଼ ଟ୍ରଫି ଜିତିବାକୁ ଶେଷ ପ୍ରୟାସ କରିବେ।

**ଲୁକା ମୋଡ୍‌କ୍ (କ୍ରୋଏସିଆ, ୪୦ ବର୍ଷ)**
ଏସି ମିଲାନର ଏହି ଅଭିଜ୍ଞ ମିଡ୍‌ଫିଲ୍ଡର ବିଶ୍ୱକପ୍ ପରେ ଆନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ନେବା ନେଇ ସୂଚନା ମିଳିଛି। ଏକାଧିକ




ଟ୍ରଫି ଜିତିଥିବା ଏହି ବରିଷ୍ଠ ଖେଳାଳି କିଛି ସ୍ମରଣୀୟ ପ୍ରଦର୍ଶନ କରିବାକୁ ଆଶା ରଖିଛନ୍ତି।

**ମାନୁଏଲ୍ ନୁଏର (ଜର୍ମାନୀ, ୪୦ ବର୍ଷ)**
ଅନ୍ତର୍ଜାତୀୟ ଅବସର ନିଷ୍ପତ୍ତି ବଦଳାଇ ଦଳକୁ ଫେରିଥିବା ଏହି କିମ୍ବଦନ୍ତୀ ଗୋଲ୍‌କିପରଙ୍କର ଏହା ଶେଷ ବିଶ୍ୱକପ୍ ହେବ। ତାଙ୍କ ନେତୃତ୍ୱରେ ଜର୍ମାନୀକୁ ଅନେକ ସଫଳତା ମିଳିଛି।

**ନେମାର ଜୁନିଅର୍ (ବ୍ରାଜିଲ୍, ୩୪ ବର୍ଷ)**
ଆହତ ସମସ୍ୟା ସତ୍ତ୍ୱେ ବ୍ରାଜିଲ୍ ଦଳରେ ସାମିଲ ହୋଇଥିବା ନେମାରଙ୍କ ପାଇଁ ଏହା ଅନ୍ତର୍ଜାତୀୟ ମଇଦାନରେ "ଲାଷ୍ଟ ଡାନ୍ସ' ହୋଇପାରେ।

**ମହମ୍ମଦ ସଲାହ (ଇଜିପ୍ଟ, ୩୩ ବର୍ଷ)**
ଇଜିପ୍ଟ ଫୁଟବଲ୍‌ର ପ୍ରଧାନ ଚେହେରା ସଲାହଙ୍କ ପାଇଁ ବୟସ ଏବଂ ଆଗାମୀ ବିଶ୍ୱକପ୍ ଚକ୍ରକୁ



ଦେଖିଲେ ୨୦୨୬ ହିଁ ଶେଷ ସୁଯୋଗ। କ୍ଲବ୍ ଫୁଟବଲରେ ସୁପରଷ୍ଟାର ସଲାହ ବିଶ୍ୱକପ୍‌ରେ ଚମକ ଦେଖାଇବେ ବୋଲି ଆଶା।


ଏମାନଙ୍କ ବ୍ୟତୀତ ମେକ୍ସିକୋର ବିଶ୍ୱକପ୍ ସ୍ପେଶାଲିଷ୍ଟ ଗୋଲକିପର ଗୁଇଲେରମୋ ଓଚୋଆ (୪୦), ବୋସନିଆର ଏଡିନ ଜେକୋ (୪୦), ଆର୍ଜେଣ୍ଟିନାର ବିଶ୍ୱବିଜୟୀ ଡିଫେଣ୍ଡର ନିକୋଲାସ ଓଟାମେଣ୍ଡି (୩୮), ବ୍ରାଜିଲର କାସେମିରୋ (୩୪), ନେଦରଲ୍ୟାଣ୍ଡସର ଅଧିନାୟକ ଭିର୍ଜିଲ୍ ଭାନ୍ ଡାଇକ୍ (୩୪), କଲମ୍ବିଆର ଷ୍ଟାର୍ ଜେମ୍ସ ରୋଡ୍ରିଗେଜ୍ (୩୪) ଏବଂ ଦକ୍ଷିଣ କୋରିଆର ଅଧିନାୟକ ସନ୍ ହେଉଙ୍ଗ-ମିନ୍ (୩୩) ଚଳିତ ବିଶ୍ୱକପ୍ ପରେ ବିଶ୍ୱମଞ୍ଚରୁ ବିଦାୟ ନେଇପାରନ୍ତି। ଫୁଟବଲ୍ ପ୍ରେମୀଙ୍କ ପାଇଁ ଏହି ୨୦୨୬ ବିଶ୍ୱକପ୍ କେବଳ ଏକ ନୂଆ ଚାମ୍ପିଅନ୍ ବାଛିବ ନାହିଁ, ବରଂ ବିଶ୍ୱ ଫୁଟବଲ୍ ଇତିହାସର ସବୁଠାରୁ ସଫଳ ଏବଂ ସ୍ମରଣୀୟ ପିଢ଼ିକୁ ଶେଷ ଥର ପାଇଁ ବିଶ୍ୱକପ୍‌ରେ ଏକାଠି ଦେଖିବାର ସୁଯୋଗ ଆଣିଦେବ।

# କ୍ୱାର୍ଟର ଫାଇନାଲ୍‌ରୁ ସାବାଲେଙ୍କା ବିଦା

## ପୁରୁଷ ଯୁଗଳ କ୍ୱାର୍ଟରରେ ହାରିଲେ ବାଲାଜୀ

**ପ୍ୟାରିସ୍,୩।୬(ଏଜେନ୍ସି):** ଚଳିତ ଫ୍ରେଞ୍ଚ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବିଶ୍ୱର ଏକ ନମ୍ବର ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା କ୍ୱାର୍ଟରଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେ ଚମତ୍କାର ଆରମ୍ଭ କରି ପ୍ରଥମ ସେଟ୍ ଜିତିବା ସହ ଦ୍ୱିତୀୟ ସେଟ୍‌ରେ ମଧ୍ୟ ଆଗୁଆ ଥିଲେ। ହେଲେ ପରବର୍ତ୍ତୀ ସମୟରେ ଋଷର ୨୫ତମ ସୀଡ୍ ଡାଏନା ସ୍ନାଇଡର୍ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ସାବାଲେଙ୍କାଙ୍କୁ ୩-୬, ୭-୫, ୬-୦ ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ହେବାକୁ ଥିବା ସେମିଫାଇନାଲ୍ ମୁକାବିଲାରେ ଶ୍ନାଇଡର୍ ପୋଲାଣ୍ଡର କ୍ୱାଲିଫାୟର୍ ମାୟା ଚ୍ୱାଲିନ୍ସକାଙ୍କୁ ଭେଟିବେ। ଅଣସିଡ୍ ଚ୍ୱାଲିନ୍ସକା ଅନ୍ୟ ଏକ କ୍ୱାର୍ଟରରେ ୨୨ତମ ସିଡ୍ ରୁଷିଆର ଆନ୍ନା କାଲିନସ୍କାୟାଙ୍କୁ ୭-୬, ୬-୩ ସେଟ୍‌ରେ ପରାସ୍ତ କରି ସେମିକୁ ଉଠିଛନ୍ତି। ଅପରପକ୍ଷରେ ପୁରୁଷ ଏକକରେ ଚେକ ଗଣରାଜ୍ୟର ଜାକୁବ ମେନସିକ କ୍ୱାର୍ଟରରେ ୬-୪,୬-୩,୭-୬ ସେଟ୍‌ରେ ବ୍ରାଜିଲର ଜୋଆଓ ଫୋନସେକାଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି। ସେମିରେ ସେ ଏବେ ଦ୍ୱିତୀୟ ସିଡ୍ ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭଙ୍କୁ ଭେଟିବେ। ଅନ୍ୟପଟେ ପୁରୁଷ ଡବଲ୍ସରେ ଭାରତୀୟ ଆଶା

ଫ୍ରେଞ୍ଚ ଓପନ୍ ଟେନିସ୍



ମଉଳିଯାଇଛି। ଭାରତର ଏନ୍ ଶ୍ରୀରାମ ବାଲାଜୀ ଏବଂ ତାଙ୍କ ବ୍ରାଜିଲ୍ ସହଯୋଗୀ ମାର୍ସେଲୋ ଡେମୋଲିନରଙ୍କ ଚମତ୍କାର ଅଭିଯାନ କ୍ୱାର୍ଟର ଫାଇନାଲ୍‌ରେ ଶେଷ ହୋଇଛି। ବୁଧବାର ଅନୁଷ୍ଠିତ ମୁକାବିଲାରେ ଏହି ଯୋଡ଼ି ଦ୍ୱିତୀୟ ସୀଡ୍ ପ୍ରତିଦ୍ୱନ୍ଦ୍ୱୀ ହାରି ହେଲିଓଭାରା ଏବଂ ହେନେରୀ ପାଟେନ୍‌ଙ୍କଠାରୁ ୩-୬, ୪-୬ ସେଟ୍‌ରେ ସିଧାସଳଖ ପରାଜିତ ହୋଇଛନ୍ତି। ୧ ଘଣ୍ଟା ୧୭ ମିନିଟ୍ ଧରି ଚାଲିଥିବା ଏହି ମ୍ୟାଚ୍‌ରେ ପରାଜୟ ସତ୍ତ୍ୱେ ବାଲାଜୀଙ୍କ କ୍ୟାରିୟରର ଏହା ଅନ୍ୟତମ ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ ପ୍ରଦର୍ଶନ ଥିଲା। ଏହାପୂର୍ବରୁ ସେମାନେ ଷଷ୍ଠ ସୀଡ୍ ଜର୍ମାନ ଯୋଡ଼ିଙ୍କୁ ହରାଇ ସମସ୍ତଙ୍କୁ ଚକିତ କରିଥିଲେ।

## ସିରିଜ୍ ହାରିଲେ ଭାରତୀୟ ମହିଳା

**ଟାଉଣ୍ଟନ,୩।୬(ଏଜେନ୍ସି):** ଏଠାରେ ମଙ୍ଗଳବାର ଖେଳାଯାଇଥିବା ତୃତୀୟ ତଥା ଟେଷ୍ଟ ଟି-୨୦ରେ ଇଂଲଣ୍ଡ ୬ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଇଂଲଣ୍ଡ ୨-୧ରେ ଜିତିନେଇଛି। ଏହି ମ୍ୟାଚ୍‌ରେ ୮୨ ରନ୍ କରିଥିବା ଇଂଲଣ୍ଡର ଆଲିସ୍ କାପ୍‌ସୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଥିଲା। ଏହା ପୂର୍ବରୁ ଚେମ୍‌ସଫୋର୍ଡରେ ଖେଳାଯାଇଥିବା ପ୍ରଥମ ଟି-୨୦କୁ ଭାରତ ୩୮ ରନ୍‌ରେ ଓ ବ୍ରିଷ୍ଟଲରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦କୁ ଇଂଲଣ୍ଡ ୨୬ ରନ୍‌ରେ ଜିତିଥିଲା। ତୃତୀୟ ଟି-୨୦ରେ ଭାରତ ପକ୍ଷରୁ ହରମନ୍‌ପ୍ରୀତ୍ କୌର ୫୬ ରନ୍‌ରେ ଅପରାଜିତ ରହିଥିଲେ ମଧ୍ୟ ଦଳ ଜିତିପାରି ନ ଥିଲା।

# ସିଙ୍ଗାପୁରକୁ ୨୫-୦ ଗୋଲ୍‌ରେ ହରାଇଲା ଭାରତ


ଏସିଆ କପ୍ ମହିଳା ହକି

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ଜାପାନରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ମହିଳା ହକି ପ୍ରତିଯୋଗିତାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୨୫-୦ ଗୋଲରେ ସିଙ୍ଗାପୁରକୁ ପରାସ୍ତ କରିଛି। ଏହି ବିଜୟ ଫଳରେ ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରିଥିବା ଭାରତ ଗ୍ରୁପ୍‌ରେ ୩ଟି ମୁକାବିଲାରୁ ୩ଟିରେ ବିଜୟ ହାସଲ କରି ଶୀର୍ଷସ୍ଥାନ ହାସଲ କରିଛି। ଆଜିର ମୁକାବିଲାରେ ଭାରତ ପକ୍ଷରୁ ୧୦ଜଣ ଖେଳାଳି ଗୋଲ ସ୍କୋର କରିଥିଲେ। ସେମାନଙ୍କ ମଧ୍ୟରେ ନୌସିନ୍ ନାଜ ସର୍ବାଧିକ ୭ଟି ଗୋଲ ଦେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ଗୀତାଶ୍ରୀ ନାମି ୫ଟି, ସ୍ୱିଟି କୁଜୁର ୪ଟି ଓ ପ୍ରିୟଙ୍କା ମିଞ୍ଜ୍ ୩ଟି ଗୋଲ ସ୍କୋର କରିଥିଲେ। ଭାରତ ସେମିଫାଇନାଲରେ ଚୀନ୍‌କୁ ଆସନ୍ତା ୫ରେ ଖେଳିବ।

### ସେମିଫାଇନାଲରେ ପୁରୁଷ ଟିମ୍

ପୁରୁଷ ବିଭାଗରେ ଚାଇନିଜ୍ ତାଇପେକୁ ୧୩-୧ ଗୋଲରେ ପରାସ୍ତ କରି ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ଆଶିଷ ତାନି ହ୍ୟାଟ୍ରିକ୍ ସହ ୩ଟି, ଗାଜୀ ଖାନ୍, ସିଦ୍ଧାର୍ଥ ବେକ୍ ଓ ରାହୁଲ ଯାଦବ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଶୁକ୍ରବାର ଖେଳାଯିବାକୁ ଥିବା ସେମିଫାଇନାଲରେ ଭାରତ ପ୍ରବେଶ କରିଛି। ପୁଲ୍-ଏ'ରେ ଜାପାନ ଓ କାଜାଖସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତା ସହ ଭାରତ ସେମିଫାଇନାଲ ଖେଳିବ।

■ ସୂର୍ଯ୍ୟବଂଶୀଙ୍କ ଲୋକପ୍ରିୟତା

## ସୋନି ନେଟ୍‌ୱର୍କରେ ତ୍ରିରାଷ୍ଟ୍ରୀୟ ସିରିଜ୍

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ଲୋକପ୍ରିୟତା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଆସନ୍ତା ୯ ତାରିଖରୁ କଲମ୍ବୋରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ 'ଏ' ସିରିଜ୍ ଲାଗି ସୂର୍ଯ୍ୟବଂଶୀଙ୍କୁ ଭାରତୀୟ ଦଳରେ ସାମିଲ କରାଯିବା ପରେ ଏହି ଟୁର୍ଣ୍ଣାମେଣ୍ଟର ସିଧାସଳଖ ପ୍ରସାରଣ କରିବାକୁ ସୋନି ଟିଭି ନେଟ୍‌ୱର୍କ ଘୋଷଣା କରିଛି। ତିଳକ ବର୍ମାଙ୍କ ନେତୃତ୍ୱରେ ଭାରତ-ଏ' ଦଳରେ ସୂର୍ଯ୍ୟବଂଶୀଙ୍କ ସମେତ ଆଇପିଏଲ୍ ତାରକାମାନେ ସ୍ଥାନ ପାଇଛନ୍ତି। ଫଳରେ ଶ୍ରୀଲଙ୍କାରେ କ୍ରିକେଟ ପ୍ରସାରଣ ଅଧିକାର ହାସଲ କରିଥିବା ସୋନି ଟିଭିର ଏହି ୟୁ ଟର୍ଣ୍ଣ ସମସ୍ତଙ୍କୁ ବିସ୍ମିତ କରିଛି। ଏହି ନେଟ୍‌ୱର୍କ କୌଣସି 'ଏ' ସିରିଜ୍ ପ୍ରସାରଣ କରିବାକୁ ଚୁକ୍ତିବଦ୍ଧ ହୋଇ ନ ଥିଲା। ଖାସ୍ ସୂର୍ଯ୍ୟବଂଶୀଙ୍କ ଲୋକପ୍ରିୟତା ଯୋଗୁ ସୋନି ନେଟ୍‌ୱର୍କ ତାହାର ନିଷ୍ପତ୍ତିରେ ପରିବର୍ତ୍ତନ କରିଛି। ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚ୍ ଗୁଡ଼ିକ କେବଳ ସୋନି ସ୍ପୋର୍ଟ୍ସ ଚ୍ୟାନେଲ ଓ ସୋନି ଲାଇଭ୍ ଆପ୍‌ରେ ସିଧାସଳଖ ପ୍ରସାରଣ ହେବ।

## ବିଦା ହେବେ ସୂର୍ଯ୍ୟକୁମାର

**ମୁମ୍ବାଇ,୩।୬(ଏଜେନ୍ସି):** ଭାରତୀୟ ଟି-୨୦ ଅଧିନାୟକ ପଦରୁ ସୂର୍ଯ୍ୟକୁମାର ବିଦା ହେବେ। ଏପରିକି ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତରେ ଖେଳିବାକୁ ଯିବାକୁ ଥିବା ଭାରତୀୟ ଦଳରେ ତାଙ୍କୁ ସ୍ଥାନ ମିଳିବ ନାହିଁ ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ସୂର୍ଯ୍ୟକୁମାର ଭାରତ ପକ୍ଷରୁ ଖେଳନ୍ତୁ କିମ୍ବା ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଗତ ଦୁଇବର୍ଷ ହେଲା ଫର୍ମରେ ନାହାନ୍ତି। ଭାରତୀୟ ଅଧିନାୟକ ପଦ ଦୌଡ଼ରେ ସଞ୍ଜୁ ସାମସନ ଓ ଶ୍ରେୟସ ଆୟର ଆଗରେ ରହିଛନ୍ତି।

## ଆଇପିଏଲ୍ ଖେଳିବେନି କମିନ୍ସ

**ସିଡ୍‌ନୀ,୩।୬(ଏଜେନ୍ସି):** ଅଷ୍ଟ୍ରେଲିଆର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଥିବାରୁ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ପ୍ୟାଟ କମିନ୍ସ ୨୦୨୭ରେ ଆଇପିଏଲ୍ ଖେଳିବେ ନାହିଁ ବୋଲି ସୂଚନା ଦେଇଛନ୍ତି। କମିନ୍ସ ଏବେ ସନ୍‌ରାଇଜର୍ସ ହାଇଦରାବାଦ୍‌ର ନେତୃତ୍ୱ ନେଉଛନ୍ତି।

## ସୁପର ଲିଗ୍‌ରେ ଆଳି ମହିଳା ଫୁଟବଲ କ୍ଲବ୍

**ଭୁବନେଶ୍ୱର,୩।୬ (ସମିସ):** ଆଳି ମହିଳା ଫୁଟବଲ କ୍ଲବ୍ ସହ ଓଡ଼ିଶା ପୁଲିସ୍, ନିତା ଫୁଟବଲ ଏକାଡେମୀ, ତାରିଣୀ ଫୁଟବଲ ଏକାଡେମୀ, କିଟ୍/କିସ୍, ସ୍ପୋର୍ଟ୍ସ ଓଡ଼ିଶା ଏଠାରେ ଚାଲିଥିବା ଓଡ଼ିଶା ୱିମେନ୍ସ ଫୁଟବଲ ଲିଗ୍‌ର ସୁପରଲିଗ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଆସନ୍ତାକାଲିଠାରୁ ସୁପର ଲିଗ ପର୍ଯ୍ୟାୟ ଆରମ୍ଭ ହେବ।

ଜାତୀୟ ଜୁନିଅର କିକ୍ ବକ୍ସିଂ ଚାମ୍ପିଅନସିପ୍ ଉଦ୍‌ଯାପିତ

## ପଞ୍ଜାବ ଚାମ୍ପିଅନ, ମହାରାଷ୍ଟ୍ର ରନର୍ସଅପ୍



**ଖୋର୍ଦ୍ଧା,୩।୬ (ସମିସ):** ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଗତ ୫ ଦିନ ଧରି ଚାଲିଥିବା ଜାତୀୟ ଜୁନିଅର କିକ୍ ବକ୍ସିଂ ଚାମ୍ପିଅନସିପ୍ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ୱାକୋ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି ଚାମ୍ପିଅନସିପ୍‌ରେ ପଞ୍ଜାବ ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ମହାରାଷ୍ଟ୍ର ରନର୍ସଅପ୍ ହୋଇଥିଲାବେଳେ ତାମିଲନାଡୁ ତୃତୀୟସ୍ଥାନ ଅଧିକାର କରିଥିଲା। ପ୍ରତିଯୋଗିତା ଶେଷରେ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଓବିସି ମୋର୍ଚ୍ଚା ସଂଯୋଜକ ଚନ୍ଦ୍ରଗୁପ୍ତ ପ୍ରସାଦ, କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଓଏସ୍‌ଡି ଧୀରଜ କୁମାର ପଟ୍ଟନାୟକ, କେଟି ଗ୍ଲୋବାଲର କ୍ରୀଡ଼ା ନିର୍ଦ୍ଦେଶକ ଜ୍ୟୋତିଶଙ୍କର ନନ୍ଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୱାକୋ ଓଡ଼ିଶା ସଭାପତି କାର୍ତ୍ତିକ ଡାକୁଆ, ସନ୍ତୋଷ କୁମାର ଅଗରୱାଲ, ସମ୍ପାଦକ ବିଚିତ୍ର ନାରାୟଣ ଜେନା, ମିଡିଆ ସଂଯୋଜକ ରଞ୍ଜନ କୁମାର ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

ଅକ୍ଟୋବରରେ ନ୍ୟୁଜିଲାଣ୍ଡ ଯିବ ଭାରତୀୟ କ୍ରିକେଟ୍ ଦଳ

## ୪୦ ଦିନରେ ଖେଳିବ ୧୨ ମ୍ୟାଚ୍

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ଭାରତୀୟ କ୍ରିକେଟ୍ ଦଳ ଚଳିତ ବର୍ଷ ଅକ୍ଟୋବର ମାସରେ ନ୍ୟୁଜିଲାଣ୍ଡ ଗସ୍ତ କରିବ। ଏହି ଦ୍ୱିପାକ୍ଷିକ ସିରିଜ୍ ନ୍ୟୁଜିଲାଣ୍ଡ କ୍ରିକେଟ୍ ଇତିହାସରେ ସବୁଠାରୁ ବଡ଼ ଗସ୍ତ ହେବାକୁ ଯାଉଛି, ଯେଉଁଥିରେ ୪୦ ଦିନ ମଧ୍ୟରେ ମୋଟ ୧୨ଟି ଆନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ଅଲ୍-ଫର୍ମାଟ୍ ସିରିଜ୍‌ରେ ୫ଟି ଟି-୨୦, ୫ଟି ଦିନିକିଆ ଏବଂ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ସିରିଜ୍ ଶେଷ ହେବା ପରେ ଅକ୍ଟୋବର ୨୨ରୁ ଟି-୨୦ ସିରିଜ୍ ଜରିଆରେ ଏହି ଗସ୍ତ ଆରମ୍ଭ ହେବ। ୨୦୨୭ ଦିନିକିଆ ବିଶ୍ୱକପ୍ ପ୍ରସ୍ତୁତି ସ୍ୱରୂପ ନଭେମ୍ବର ୪ରୁ ୧୫ ମଧ୍ୟରେ ୫ଟି ଦିନିକିଆ ମ୍ୟାଚ୍ ଖେଳାଯିବ। ଶେଷରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ର ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ୨ଟି ଟେଷ୍ଟ ମ୍ୟାଚ୍ ଖେଳାଯିବ। ୨୦୧୯ ପରେ ଭାରତ ପ୍ରଥମ ଥର ପାଇଁ ନ୍ୟୁଜିଲାଣ୍ଡରେ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯାଉଛି। ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ ଟିମ୍ ଇଣ୍ଡିଆ ଆଫଗାନିସ୍ତାନ, ଆୟରଲ୍ୟାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷରେ ମଧ୍ୟ କ୍ରିକେଟ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

### ଭାରତର ନ୍ୟୁଜିଲାଣ୍ଡ ଗସ୍ତସୂଚୀ

୫ ଟି-୨୦, ୫ ଦିନିକିଆ, ୨ ଟେଷ୍ଟ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ଅକ୍ଟୋବର ୨୨ | ପ୍ରଥମ ଟି-୨୦ | ଖ୍ରୀଷ୍ଟଚର୍ଚ୍ଚ |
| ଅକ୍ଟୋବର ୨୪ | ଦ୍ୱିତୀୟ ଟି-୨୦ | ଖ୍ରୀଷ୍ଟଚର୍ଚ୍ଚ |
| ଅକ୍ଟୋବର ୨୭ | ତୃତୀୟ ଟି-୨୦ | ୱେଲିଂଟନ |
| ଅକ୍ଟୋବର ୩୦ | ଚତୁର୍ଥ ଟି-୨୦ | ଅକ୍‌ଲାଣ୍ଡ |
| ନଭେମ୍ବର ୦୧ | ପଞ୍ଚମ ଟି-୨୦ | ହାମିଲଟନ |
| ଦିନିକିଆ ସିରିଜ୍ (୫) | | |
| ନଭେମ୍ବର ୦୪ | ପ୍ରଥମ ଦିନିକିଆ | ଅକ୍‌ଲାଣ୍ଡ |
| ନଭେମ୍ବର ୦୭ | ଦ୍ୱିତୀୟ ଦିନିକିଆ | ୱେଲିଂଟନ |
| ନଭେମ୍ବର ୧୦ | ତୃତୀୟ ଦିନିକିଆ | ହାମିଲଟନ |
| ନଭେମ୍ବର ୧୩ | ଚତୁର୍ଥ ଦିନିକିଆ | ମାଉଣ୍ଟ ମାଉଙ୍ଗାନୁଇ |
| ନଭେମ୍ବର ୧୫ | ପଞ୍ଚମ ଦିନିକିଆ | ମାଉଣ୍ଟ ମାଉଙ୍ଗାନୁଇ |
| ଟେଷ୍ଟ ସିରିଜ୍ (୨) | | |
| ୧୯ରୁ ୨୩।୧୧ | ପ୍ରଥମ ଟେଷ୍ଟ | ୱେଲିଂଟନ |
| ୨୭।୧୧ରୁ ୧।୧୨ | ଦ୍ୱିତୀୟ ଟେଷ୍ଟ | ଖ୍ରୀଷ୍ଟଚର୍ଚ୍ଚ |

୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

# ରାଉରକେଲାକୁ ହରାଇ ଭୁବନେଶ୍ୱର-ଏ ଚାମ୍ପିଅନ

ଭୁବନେଶ୍ୱର,୩।୬(ସମିସ):

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର-ଏ' ଟିମ୍ ମାତ୍ର ୬ରନ୍‌ରେ ରାଉରକେଲାକୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବିଜୟୀ ଦଳର ସୋହମ ପଟ୍ଟନାୟକଙ୍କୁ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଖେଳ ଶେଷରେ ଆୟୋଜିତ ପୁରସ୍କାର ଉତ୍ସବରେ ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଅତିଥିଭାବେ ଯୋଗଦେଇ




ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ୧ଲକ୍ଷ ଓ ରନର୍ସ ଅପ୍ ଦଳକୁ କପ୍‌ସହ ୫୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ଏ' ୩୫ଓଭରରେ ୯ ୱିକେଟ ହରାଇ ୧୭୯ ରନ୍ କରିଥିଲା। ଦଳ ପକ୍ଷରୁ କ୍ରିଷ୍ଣା ସାସ୍ମଲ ୪୪ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ମହେଶ କୁମାର ସାହୁଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ କୌସ୍ତିକ ମହାନ୍ତିଙ୍କ ୭୬ରନ୍ ସତ୍ତ୍ୱେ ରାଉରକେଲା ୩୫ଓଭରରେ ୧୭୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଭୁବନେଶ୍ୱର-ଏ'ର ଶୋହମ ପଟ୍ଟନାୟକ ୩୭ରନ୍‌ରେ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ମେ' ୧୧ରୁ ଆରମ୍ଭ ହୋଇ ୧୦୦ଟି ମ୍ୟାଚ୍ ଆୟୋଜିତ ହୋଇଥିଲା।

## ବିନୋଦ ଦାଶ ଜିମ୍ନାଷ୍ଟିକ୍ ଆଡହକ୍ କମିଟି ଅଧ୍ୟକ୍ଷ

**ଭୁବନେଶ୍ୱର, ୩।୬ (ସମିସ):** ଓଡ଼ିଶାରେ ଜିମ୍‌ନାଷ୍ଟିକ୍ କ୍ରୀଡ଼ାର ଦୈନନ୍ଦିନ କାର୍ଯ୍ୟକଳାପ ଲାଗି ଓଡ଼ିଶା ଅଲିମ୍ପିକ୍ ସଂଘ ପକ୍ଷରୁ ଏକ ଆଡହକ୍ କମିଟି ଗଠନ କରାଯାଇଛି। ଓଡ଼ିଶା ଅଲିମ୍ପିକ୍ ସଂଘ ଉପସଭାପତି ବିନୋଦ ଦାଶଙ୍କୁ ଏହି କମିଟିର ଅଧ୍ୟକ୍ଷ ମନୋନୀତ କରାଯାଇଛି। ଏହି କମିଟିରେ ଅନ୍ୟ ୪ଜଣ ସଦସ୍ୟଙ୍କୁ ନିଆଯାଇଛି। ସେମାନେ ହେଲେ ଓଡ଼ିଶା ଅଲିମ୍ପିକ୍ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଭୁବନେଶ୍ୱର ଆଥଲେଟିକ୍ ସଂଘର ସମ୍ପାଦକ ଏସ୍ଆର୍ ପରିଜା, ପୂର୍ବତନ ଅନ୍ତର୍ଜାତୀୟ ଜିମ୍ନାଷ୍ଟ ରମେଶ ଚନ୍ଦ୍ର ବେହେରା ଓ ଜିମ୍ନାଷ୍ଟିକ୍ସରେ ଅନ୍ତର୍ଜାତୀୟ ଜଜ୍ ପ୍ରଦୀପ କୁମାର ସାହୁ। ଜାତୀୟ ଜୁନିଅର ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍‌ରେ ଅନିୟମିତତା ଯୋଗୁଁ ମୃତ ସଭାପତିଙ୍କ ନାମରେ ପାଖାପାଖି ୧ କୋଟି ଟଙ୍କା ସଂଘ ଉଠାଇନେଇଥିବାର ଅଭିଯୋଗ ହୋଇଥିଲା। ଏହି କେଳେଙ୍କାରୀରୁ ମୁକୁଳିବା ଲାଗି ଓଡ଼ିଶା ଜିମ୍ନାଷ୍ଟିକ୍ ସଂଘର ସମ୍ପାଦକ ଅଶୋକ ସାହୁ ଓଡ଼ିଶା ଅଲିମ୍ପିକ୍ ସଂଘର ଶରଣ ପଶିଥିଲେ। ଅଶୋକ ସାହୁଙ୍କ ଅନୁରୋଧକୁ ଭିତ୍ତି କରି ଅଲିମ୍ପିକ୍ ସଂଘ ଏହି ଆଡହକ୍ କମିଟି ଗଠନ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS